# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୧/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, December 31/2025 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 38 | ମୂଲ୍ୟ ₹୭/-






MARUTI SUZUKI ARENA
VICTORIS
HYBRID
VICTORIS
VICTORIS
GOT IT ALL
SCAN AND CONNECT TO
A SHOWROOM NEAR YOU
E-BOOK TODAY AT
WWW.MARUTISUZUKI.COM
CONTACT US AT 1800-102-1800
Applicable T&C available at your nearest dealership. Creative visualization. Car colour may vary due to printing on paper. Images used are for illustration purposes only. Features may vary by model/conditions.
VICTORIS

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୧/୨୦୨୫ | Bhubaneswar, Wednesday, December 31/2025 | ପୃଷ୍ଠା-୧




## ଦୀପ୍ତି ଶର୍ମା ନମ୍ବର ୧

ଆଇସିସି ମହିଳା ଟି୨୦ ବୋଲର ର୍‍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା।

୧୪ ୧୦

## ବିବାହ ପାଇଁ ସଜବାଜ ରଶ୍ମିକା

ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବଂ ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡା ଫେବୃଆରୀ ୨୬ରେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି।



# ପିକ୍‌ନିକ୍: ପ୍ରଦୂଷଣ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ପିକ୍‌ନିକ୍ ଋତୁ ଚାଲିଛି। ନୂଆବର୍ଷ ପାଳନ ପାଇଁ ସାଧାରଣରେ ବଣଭୋଜି କରିବାର ଆଗ୍ରହ ବଢ଼ୁଥିବାବେଳେ ତଜ୍ଜନିତ ପର୍ଯ୍ୟଟନସ୍ଥଳଗୁଡ଼ିକରେ ପ୍ରଦୂଷଣ ଉଦ୍‌ବେଗଜନକ ମଧ୍ୟ ରହୁଛି। ମଉଜ ମଜ୍‌ଲିସ୍‌କୁ ଅନେକ ଗୁରୁତ୍ୱ ଦେଉଥିବାବେଳେ ପ୍ରଦୂଷଣ ଯେଭଳି ନ ହେବ, ସେଥିପ୍ରତି ପ୍ରାୟତଃ କାହାରି ଆନ୍ତରିକତା ରହୁନାହିଁ। ଏଭଳି ଆଭିମୁଖ୍ୟକୁ ଶୂନ୍ୟ ସହନଶୀଳ ନୀତି ଭାବେ ଗ୍ରହଣ କରି ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୌଣସି ପରିସ୍ଥିତିରେ ପର୍ଯ୍ୟଟନସ୍ଥଳଗୁଡ଼ିକର ପରିବେଶ ଯେଭଳି ଦୂଷିତ ନ ହେବ ସେଥିପାଇଁ ସରକାର ଚିନ୍ତା କରିଛନ୍ତି। ପର୍ଯ୍ୟଟନସ୍ଥଳରେ ପ୍ରଦୂଷଣ ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ନଜର ରଖିବ। ପ୍ରଦୂଷଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ୟବସ୍ଥା ହୋଇଥିବା ଜଙ୍ଗଲ, ପରିବେଶ ଓ ଶ୍ରମ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ କହିଛନ୍ତି। ରାଜ୍ୟର ବିଭିନ୍ନ ସହରରେ ପ୍ରଦୂଷଣ ମାତ୍ରା ବିପଦସ୍ତରରେ ରହୁଥିବା କାରଣରୁ ପରିବେଶ କ୍ଷତିକୁ ରୋକିବା ଉଦ୍ଦେଶ୍ୟରେ ସରକାର ଏନେଇ ଏକ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ମଧ୍ୟ ଜାରି କରିଛନ୍ତି।

### ପର୍ଯ୍ୟଟନ ସ୍ଥଳରେ ତୀକ୍ଷ୍ଣ ନଜର ରଖିବ ଏସ୍‌ପିସିବି

ଭୁବନେଶ୍ୱର,୩୦।୧୨
(ରବିନାରାୟଣ ଜେନା)

ରାଜ୍ୟରେ ବାୟୁପ୍ରଦୂଷଣ ବିପଦସ୍ତର ଆଡ଼କୁ ଗତି କରୁଛି। ଏହା କେବଳ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିମ୍ବା ସରକାରଙ୍କ ପାଇଁ ଚିନ୍ତାର କାରଣ ତାହା ନୁହେଁ, ଏଥିପାଇଁ ସମସ୍ତେ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଲୋକସେବାଭବନରେ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ବଣଭୋଜିକୁ ମନା ନାହିଁ। ହେଲେ ବଣଭୋଜି ନାଁରେ ପ୍ରଦୂଷଣ କଲେ କିମ୍ବା ଜଙ୍ଗଲରେ ନିଆଁ ଲଗାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ କହିଛନ୍ତି, ଅନୁଗୋଳ, ବାଲେଶ୍ୱର, ତାଳଚେର, ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ସହରରେ ଏକ୍ୟୁଆଇ ଅଧିକ ରହୁଛି। ଭୁବନେଶ୍ୱର ଅବସ୍ଥା ବିପଜ୍ଜନକ ଆଡ଼କୁ ଗତି କରୁଛି। ଲୋକେ ଏଥିପାଇଁ ସଚେତନ ହେବା ଆବଶ୍ୟକ।

☞ପୃଷ୍ଠା-୨

## ସରକାରୀ କାର୍ଯ୍ୟାଳୟରେ ଆସର କରନାହିଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨
(ରବିନାରାୟଣ ଜେନା)

ଇଂଲିଶ ନୂଆବର୍ଷ ୨୦୨୬ ଗୁରୁବାର ସରକାରୀ କାର୍ଯ୍ୟଦିବସ ରହୁଥିବାରୁ ଉକ୍ତଦିନ ସରକାରୀ କାର୍ଯ୍ୟାଳୟରେ କୌଣସି ପ୍ରକାର ଆସର ନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନବବର୍ଷ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ଏହି ଦିନଟି ସରକାରୀ କାର୍ଯ୍ୟ ଦିବସରେ ପଡୁଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ସାଧାରଣ କାର୍ଯ୍ୟଦିବସ ଭାବେ ଚାଲିବ। ମୁଖ୍ୟମନ୍ତ୍ରୀଙ୍କୁ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଇଂଲିଶ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାକୁ କେହି ବ୍ୟକ୍ତିଗତ ଭାବେ ଆସନ୍ତୁ ନାହିଁ। ମୁଖ୍ୟମନ୍ତ୍ରୀ ଆହୁରି ପୁଣି କହିଛନ୍ତି, ଏହିଦିନ ସରକାରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ରଙ୍ଗ ବଦଳୁଛି**

## ଦୁର୍ନୀତି କରି ଗଣମାଧ୍ୟମର ଖବର ହୁଅନି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨(ସୁନିତ୍ ମିଶ୍ର)

### ୧୧ ବିଭାଗର ୧୫୪୩ଙ୍କୁ ମିଳିଲା ନିଯୁକ୍ତିପତ୍ର

ଦୁର୍ନୀତିକରି ସରକାରୀ କର୍ମଚାରୀମାନେ ବିଭିନ୍ନ ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ୁଛନ୍ତି। ବିପୁଳ ପରିମାଣର ଟଙ୍କା, ସମ୍ପତ୍ତି, ସୁନା ମହଜୁଦକରି ରଖୁଥିବା ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ମଙ୍ଗଳବାର ଜଣେ ଅତିରିକ୍ତ ତହସିଲଦାରଙ୍କ ଘରୁ ୭୫ ଲକ୍ଷର ନଗଦ ଟଙ୍କା ଠୁଳ କରାଯାଇଛି। ୭୫ ଲକ୍ଷ ଟଙ୍କା ସାଇତି ରଖାଯାଇଥିବାର ଫଟୋ ବର୍ତ୍ତମାନ ସମସ୍ତେ ଦେଖୁଛନ୍ତି। ସମସ୍ତେ ଜାଣନ୍ତି ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗ କେତେ ତତ୍ପରତାର ☞ପୃଷ୍ଠା-୨





# ଖାଲେଦା ଜିଆଙ୍କ ପରଲୋକ

**ଢାକା,୩୦।୧୨:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କର ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ ଢାକାର ଏଭରକେୟାର ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ସକାଳ ୬ଟାରେ ଆଖି ବୁଜିଥିବା ତାଙ୍କ ବ୍ୟକ୍ତିଗତ ଡାକ୍ତର ଏ.ଜେଡ୍.ଏମ୍. ଜାହିଦ ହୋସେନ୍ କହିଛନ୍ତି। ମୃତ୍ୟୁ ସମୟରେ ପାଖରେ ବଡ଼ ପୁଅ ତାରିକ୍ ରହମାନ, ☞ପୃଷ୍ଠା-୨


ଓଡ଼ିଶା ସରକାର

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୦୫।୦୧।୨୦୨୬ରିଖ ସୋମବାର ଦିନ ସକାଳ ୧୦.୦୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)**ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ **ତା୩୧।୧୨।୨୦୨୫ରିଖ ଦିବା ୧୧ଘଟିକାରୁ** ଆରମ୍ଭ ହୋଇ **ସର୍ବାଧିକ ୧୦୦୦ ଜଣ** ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ୍ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚି ପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0216/2526



DSPL-444



# ଶ୍ରୀ ଅନ୍ନ ଅଭିଯାନ

## ସରକାର ମଣ୍ଡି ମାଧ୍ୟମରେ ଚାଷୀମାନଙ୍କ ଠାରୁ କିଣୁଛନ୍ତି ମାଣ୍ଡିଆ

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ଓ କ୍ରୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ**

- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ **୧ ଜାନୁଆରୀ ୨୦୨୬** ଠାରୁ ଆରମ୍ଭ ହୋଇ **୩୧ ମାର୍ଚ୍ଚ ୨୦୨୬** ପର୍ଯ୍ୟନ୍ତ ଚାଲିବ
- ଚାଷୀମାନେ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା ମାଧ୍ୟମରେ ନିଜର ପ୍ରାପ୍ୟ ପାଇପାରିବେ
- ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ୍ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ



ସର୍ବନିମ୍ନ ସହାୟକ ମୂଲ୍ୟ
**₹୪,୮୮୬/-**
କୁଇଣ୍ଟାଲ ପ୍ରତି
(୨୦୨୫-୨୬ ଖରିଫ ଋତୁ ପାଇଁ)

**ମାଣ୍ଡିଆର ଏଫ୍.ଏ.କ୍ୟୁ. ମାନ :**

| କ୍ରମ | ପରିମାପକ | ସର୍ବାଧିକ ପରିମାଣ (%) |
| --- | --- | --- |
| ୧ | ବାହ୍ୟ ପଦାର୍ଥ ଯଥା: ମାଟି, ଗୋଡ଼ି, ଧୂଳି-ବାଲି ଇତ୍ୟାଦି | ୧% |
| ୨ | ଅନ୍ୟାନ୍ୟ ଖାଦ୍ୟଶସ୍ୟ | ୧% |
| ୩ | କ୍ଷତିଗ୍ରସ୍ତ / ଭଗ୍ନ ମାଣ୍ଡିଆ ଶସ୍ୟ | ୧% |
| ୪ | ଆଂଶିକ-ଭଗ୍ନ ମାଣ୍ଡିଆ ଶସ୍ୟ | ୨% |
| ୫ | ଆର୍ଦ୍ରତା | ୧୨% |

**ବିଶେଷ ଦ୍ରଷ୍ଟବ୍ୟ :**

- ବାହ୍ୟ ପଦାର୍ଥ ମଧ୍ୟରେ ସହଣୀୟ ସର୍ବାଧିକ ପରିମାଣ : **0.୨୫%** ରୁ କମ୍ ପରିମାଣର ଖଣିଜ ପଦାର୍ଥ ତଥା **0.୧0%** ରୁ କମ୍ ପ୍ରାଣିଭିତ୍ତିକ ଅଶୁଦ୍ଧତା
- ଅନ୍ୟାନ୍ୟ ଖାଦ୍ୟଶସ୍ୟ ମଧ୍ୟରେ ସର୍ବାଧିକ **୧%** ସୀମାରେ କୌଣସି ପରିସ୍ଥିତିରେ ଦୁଦୁରା ମଞ୍ଜି **0.0୨୫%** ଏବଂ ଅରଖ ମଞ୍ଜି **0.୨%** ରୁ ଅଧିକ ରହିବା ଅନୁଚିତ୍
- ମାଣ୍ଡିଆ ଚାଷ ସମୟରେ ଜମିରେ ଦେଖାଯାଇଥିବା ଅନାବନା, ଜଙ୍ଗଲି ଘାସ-ଲତା, ଗୁଳ୍ମ ଇତ୍ୟାଦି ଯଥା ସମ୍ଭବ ବାଛି ବାହାର କରିଦିଅନ୍ତୁ ଏବଂ ଅମଳ ସମୟରେ ଶୁଖିଲା ଓ ସଫା ଖଳା ବା ଟାରପୋଲିନ ବ୍ୟବହାର କରି ମାଣ୍ଡିଆକୁ ଖରାରେ ଭଲଭାବରେ ଶୁଖାଇ ସଫାକରି ନିକଟତମ ମାଣ୍ଡିଆ ମଣ୍ଡିରେ ବିକ୍ରୟର ସୁଯୋଗ ନିଅନ୍ତୁ

**ଅଧିକ ସୂଚନା ପାଇଁ ସ୍ଥାନୀୟ କୃଷି ଅଧିକାରୀଙ୍କ ସହ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନିଃଶୁଳ୍କ ନମ୍ବର - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ**

OIPR-01034/13/0014/2526

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।

**କଟକ**
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠ ଓ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ମା' ଦୁର୍ଗା ମନ୍ଦିର, ଚୌଧୁରୀ ବଜାର, ସମୟ: ଅପରାହ୍ନ ୪ଟା।

**ଖୋର୍ଦ୍ଧା**
- ସୋଟ୍ ଅନୁଷ୍ଠାନର ୧୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ସୋଟ୍ ଅନୁଷ୍ଠାନ ପରିସର, ଗୋପୀନାଥପୁର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ (ବେଗୁନିଆ), ସମୟ: ପୂର୍ବାହ୍ନ ୧୧ଟା।
- ୫୦ତମ ଶାମ୍ବଦଶମୀ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ମା'ଜଟିଆଣୀ ମନ୍ଦିର ପରିସର, ପାତ୍ରପଡ଼ା, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।
- ଜଟଣୀ ଗୋସେବା ଶିବିର ପକ୍ଷରୁ ନାମ ସଂକୀର୍ତ୍ତନ ଓ ହନୁମାନ ଚାଳିଶା ପାଠ, ସ୍ଥାନ: ଜଟଣୀ ଗୋଶାଳା, ସେଞ୍ଚୁରିଅନ କଲେଜ ନିକଟ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ସବ ଉତ୍ତର ଓଡ଼ିଶା ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- କବିତା ଆସର 'ଶବ୍ଦରେ ଶିଶିର', ସ୍ଥାନ: ପିସିଏମ କଲ୍ୟାଣ ମଣ୍ଡପ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁମିଳନ ଏବଂ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ:ଦେଉଳି ଡ୍ୟାମ୍‌ସ୍ଥିତ ଇକୋ ପାର୍କ କୁଳିଅଣା ବ୍ଲକ୍,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ମହାମାୟୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ ଟା ୩୦।

**ଗଞ୍ଜାମ**
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ୍ କଲବୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ଢେଙ୍କାନାଳ**
- ତ୍ରିରଙ୍ଗା–ସୁପ୍ରଭାତ ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।

**ଅନୁଗୋଳ**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମଣିକୁଣ୍ଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ବାଦୀପାଲା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଲାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ନଳିନୀକାନ୍ତ ଫାଉଣ୍ଡେଶନର ବାର୍ଷିକ ଉତ୍ସବ, ସ୍ଥାନ:ଆନନ୍ଦପୁର ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ଦୋଷିଆ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୫ଟା।
- ଅନନ୍ତ ଓଝା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ରାମଚଣ୍ଡୀ ପୀଠ, ବୀରନୀଳକଣ୍ଠପୁର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ବିଡିଓମାନଙ୍କୁ ନେଇ ବୈଠକ ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମଶାଳା ମହୋତ୍ସବର ୭ମ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- କୁଆଖିଆ ମହୋତ୍ସବ, ସ୍ଥାନ: କୁଆଖିଆ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ:ଭାପୁର ବ୍ଲକ ଉପର ଓ ତଳ ବାଉଁଶବାଟ, ଆଡିପଡା, ରାକମା, ସୁନାଖଳା, ବିଜିପୁର, ସମୟ:ସକାଳ ୬ରୁ ସନ୍ଧ୍ୟା ୬ଟା
- ଘୋଡଲାଗି ପର୍ବର ୩୫ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ୩୫ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜୟ ଶ୍ରୀରାମ ସେବା ସମିତି ପକ୍ଷରୁ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କର ରାମ ତାରକ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ:ଓଡଗାଁ ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ରାମଚରିତ ମାନସର ଷଷ୍ଠ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ, ସ୍ଥାନ: ସୁବର୍ଣ୍ଣଦେଇପୁରସ୍ଥ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ: ପୂର୍ବାହ୍ନ ୧୦ ଟା।
- ଖଣ୍ଡପଡା ମହୋତ୍ସବର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ମଧୁବନ କ୍ରୀଡାଙ୍ଗନ, ସମୟ: ପୂର୍ବାହ୍ନ ୧୧ରୁ ରାତି ୧୦ଟା।
- ମା' ବାଟପଣ୍ଡେଇଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ମା' ବାଟପଣ୍ଡେଇଙ୍କ ପୀଠ, ସମୟ: ଅପରାହ୍ନ ୨ଟା।
- ବିଶ୍ୱ ଛେନାପୋଡ଼ ଦିବସ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୫ ଟା।

**କୋରାପୁଟ**
- ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ପଟ୍ଟାଙ୍ଗି, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ସକାଳ ୭ଟା ୩୦।
- ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପୁଣ୍ୟତିଥିରେ ସାହିତ୍ୟ କାର୍ଯ୍ୟକ୍ରମ, ସ୍ଥାନ: ବୁର୍ଲା ସ୍ଥିତ ଭାରତୀ କଳାବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ଫାସକୁଦା, ସମୟ ଅପରାହ୍ନ ୪ଟା୩୦।
- ଜିଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୂଲ୍ୟରେ ବୀରତା ଦିବସ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ ଟା୩୦।
- ଲୋକ ମହୋତ୍ସବ ଆୟୋଜନ କମିଟି ବୈଠକ, ସ୍ଥାନ: ବୀର୍ସା ମୁଣ୍ଡା ମଇଦାନ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା୩୦।

**ବଲାଙ୍ଗୀର**
- ଶ୍ରୀମଦ୍ ଭଗବଦ୍ ସପ୍ତାହ ଭକ୍ତି ଜ୍ଞାନଯଜ୍ଞ ଉଦ୍‌ଯାପନୀ ଦିବସ, କଣ୍ଟାବାଞ୍ଜି ମାତା ମନ୍ଦିର, ସମୟ: ଅପରାହ୍ନ ୫ଟା।

**ରାଉରକେଲା**
- କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: କଲଚରାଲ ଏକାଡେମୀ, ସେକ୍ଟର–୫, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ଜିଲାସ୍ତରୀୟ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ସାଧାରଣତନ୍ତ୍ର ଦିବସରେ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ଅପରାହ୍ନ ୪ଟା।
- ରାଜାରାଣୀ ପୂଜା କମିଟି ପକ୍ଷରୁ ମାଲିଚଗା ପର୍ବ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କୋଷାବରା, ହେଲୋ ପଏଣ୍ଟ, ସମୟ: ସକାଳ ୭ଟା ୩୦।

**ସୁବର୍ଣ୍ଣପୁର**
- ତୁଳସୀ ରାମାୟଣ ପାରାୟଣ, ସ୍ଥାନ: ମୁର୍ଷୁଣ୍ଡୀ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ଲୋକ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ବ୍ରଜେଶ୍ୱରୀ କଳାକୁଞ୍ଜ ଯୁବ କଳାକାର ମଣ୍ଡପ, ଡୁଙ୍ଗୁରିପାଲି ସମଲେଇଟୁଆ, ସମୟ: ରାତି ୧୦ଟା।

**ନୂଆପଡ଼ା**
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ଫାଇନାଲ ମ୍ୟାଚ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଷଷ୍ଠ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଡୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଜନ୍ମ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟୁଷ ଯାତ୍ରାରେ ସମସ୍ୟାର ସମ୍ମୁଖୀନ ହେବେ। ଉତ୍ତମ ବୁଝାମଣା ଏବଂ ଉତ୍ସାହଜନିତ ପାରିବାରିକ ଜୀବନ ସୁମଧୁର ହେବ। କାର୍ଯ୍ୟକୁଶଳତା କାରଣରୁ ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଲାଭ ଯୋଗ ରହିଛି। ସାହିତ୍ୟଚର୍ଚ୍ଚା, ବନ୍ଧୁସମ୍ପର୍କ ଏବଂ ବ୍ୟବସାୟିକ ସ୍ଥିତିରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ।

**ବୃଷ**
ଅଟକି ରହିଥିବା କାମ ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**ମିଥୁନ**
ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ କାମ କଲେ ଅନୁତାପ କରିବାକୁ ପଡ଼ିପାରେ। ଆଜି ଆନୁଷ୍ଠାନିକ କାମରେ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ମୃଗଶିରା ନକ୍ଷତ୍ର ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପରିଶ୍ରମ ମୁତାବକ ଫଳ ନ ପାଇବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ।

**କର୍କଟ**
କର୍ମକ୍ଷେତ୍ରରେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି କାମ କଲେ ମଧ୍ୟ ପ୍ରଶଂସା ଟିକେ ମିଳିବ ନାହିଁ। ମତ ପାର୍ଥକ୍ୟ ଯୋଗୁ ଘରୋଇ କଥାରେ କୌଣସି ନିର୍ଣ୍ଣାୟକ ସିଦ୍ଧାନ୍ତ ନେଇପାରିବେ ନାହିଁ। ଉପରିସ୍ଥଙ୍କ ଶୁଭଦୃଷ୍ଟିରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଅଶ୍ଳେଷା ନକ୍ଷତ୍ର ଆନୁଷ୍ଠାନିକ କାମରେ ତତ୍ପରତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ସିଂହ**
ପରିସ୍ଥିତି ବଶତଃ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ପୃଷ୍ଠପୋଷକତା ଅଭାବରୁ କାମଗୁଡିକ ସୁବିଧାରେ ହେବା କଷ୍ଟକର ହୋଇପଡିବ। ପଦାଧିକାରୀଙ୍କ ଚାପର ପ୍ରଭାବରୁ ଯୁଦ୍ଧକାଳୀନ ଭିତିରେ କାମ କରିବାକୁ ବାଧ୍ୟ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ଆବଶ୍ୟକତା ବୃଦ୍ଧି ପାଉଥିବାରୁ ଅର୍ଥାଭାବ ପ୍ରତ୍ୟେକ କାମକୁ ବିଳମ୍ବିତ କରିବ।

**କନ୍ୟା**
କଠିନଶ୍ରମଜନିତ ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ଆଉ ରହି ନ ପାରେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାରୁ ବିଚଳିତ ଅନୁଭବ କରିବେ । ବ୍ୟବସାୟ ଅଥବା କିଣାବିକାର ଚୁକ୍ତି କ୍ଷେତ୍ରରେ ସଫଳତା ପାଇବେ। ହସ୍ତା ନକ୍ଷତ୍ର ସକାଶେ କଚେରି ମାମଲା ସମାଧାନର ଆଶା ମାନସିକ ଦୁଶ୍ଚିନ୍ତା ଲାଘବ କରିବ।

**ତୁଳା**
ସମ୍ପର୍କୀୟଙ୍କଠାରୁ ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି ମିଳାଇ ଯାଇପାରେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ସକାଶେ ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ସନ୍ତୋଷଜନକ ରହିବ।

**ବିଛା**
ଭଲ ସମ୍ପର୍କ ଥିବା ବନ୍ଧୁ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ସକାଳୁ ସକଳୁ ବନ୍ଧୁ ମିଳନ ସଙ୍ଗକୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ ହୋଇପାରନ୍ତି। ବିଶାଖା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବା ସକାଶେ ଅର୍ଥସଙ୍କଟକୁ ବନ୍ଧୁ ଦୂରେଇ ନେବେ।

**ଧନୁ**
ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପରିବାରରେ ଅପ୍ରିୟସତ୍ୟ ଭାଷଣଜନିତ ମତାନ୍ତର ଆଶଙ୍କା ରହିଛି। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରି କିଛି ଲାଭ ପାଇବେ ନାହିଁ। ଦୀର୍ଘ ଦିନରୁ କୁହୁଳୁଥିବା ପାରିବାରିକ ସମସ୍ୟାର ସମାଧାନ କରିବେ। ହିତୈଷୀଙ୍କ ପରାମର୍ଶରେ ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ମନ ବଳାଇପାରନ୍ତି।

**ମକର**
କାର୍ଯ୍ୟଦକ୍ଷତାଜନିତ ଅଭିଳାଷ ପୂରଣ କରି ପ୍ରଶଂସା ଓ ପ୍ରୋତ୍ସାହନ ପାଇବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ବନ୍ଧୁଙ୍କ ନିମନ୍ତ୍ରଣ ପାଇପାରନ୍ତି। ପ୍ରତ୍ୟୁଷରୁ ମନଟା ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। ଶ୍ରବଣା ନକ୍ଷତ୍ରକଳା, ସାହିତ୍ୟ ରଚନା ଓ ସଙ୍ଗୀତ ସାଧନା କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

**କୁମ୍ଭ**
କର୍ମକ୍ଷେତ୍ରରେ, ମାଙ୍ଗଳିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ସୂଚନା ରହିଛି। ପୂର୍ବଭାଦ୍ର ନକ୍ଷତ୍ର ପାରିବାରିକ ଜୀବନରେ ଉଚିତ ବୁଝାମଣାଜନିତ ଶାନ୍ତି ଫେରି ଆସିବ। ନୂତନ ଗୃହନିର୍ମାଣ, ଦୂରଯାତ୍ରା ଓ ବନ୍ଧୁସମ୍ପର୍କରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ**
ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଜବାଟ ଘଟିବାର ଆଶଙ୍କା ରହିଛି। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପରିସ୍ଥିତି ପ୍ରତି ସତର୍କ ରହି କାମ କଲେ ଉପକୃତ ହୋଇପାରିବେ। ସ୍ୱାସ୍ଥ୍ୟସମସ୍ୟା କେତେକାଂଶରେ ନିୟନ୍ତ୍ରଣାଧୀନ ରହିବାର ସୂଚନା ରହିଛି।

ଆଜି ଡିସେମ୍ବର ୩୧ ତାରିଖ। ଖ୍ରୀଷ୍ଟୀୟ ବର୍ଷ ଶେଷ, ପୌଷ ଶୁକ୍ଳ ଦ୍ୱାଦଶୀ ବୁଧବାର। ରାଶି ନକ୍ଷତ୍ର–କୃତ୍ତିକା/ମେଷ, ଦିବା ଘ.୯.୨୨ମି. ଗତେ ରୋହିଣୀ ନକ୍ଷତ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୪ମି. ଗତେ ଘ.୦୮.୩୪ମି. ମଧ୍ୟେ, ଘ.୧୦.୪୪ମି. ଗତେ ଘ.୧୧.୪୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୧୦ମି. ମଧ୍ୟେ ରାହୁ କାଳ।

## ସରକାରୀ କାର୍ଯ୍ୟାଳୟରେ...

ପ୍ରଥମ ପୃଷ୍ଠାରୁ...

କାର୍ଯ୍ୟଦିବସ ରହୁଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂଲିଶ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ପରାମର୍ଶ ଦିଆଯାଇଛି। କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟ୍‌ଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଉଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ପିକ୍‌ନିକ୍: ପ୍ରଦୂଷଣ...

ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ରୋକିବାକୁ ସରକାରଙ୍କ ପକ୍ଷରୁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଉଛି ବା କରାଯିବାକୁ ରହିଛି ତାହା ଯଥେଷ୍ଟ ନୁହେଁ। ବାସ୍ତବରେ ଲୋକେ ସତର୍କ ରହିବାକୁ ପଡ଼ିବ। ଖୁବ୍‌ଶୀଘ୍ର ନଗର ଉନ୍ନୟନ, ଶିଳ୍ପ, ପରିବହନ ବିଭାଗର ଏକ ସମନ୍ୱୟ ବୈଠକ ହେବ। ଖଣିଜ ଅଞ୍ଚଳରେ ୱାଟର ସ୍ପ୍ରିଙ୍କଲର ଠିକ୍ ଭାବେ ବ୍ୟବହାର ହେଉଛି କି ନାହିଁ ତାହା କଡ଼ାକଡ଼ି ଭାବେ ପାଳନ କରାଯିବ।

ପର୍ଯ୍ୟଟନସ୍ଥଳୀରେ ପିକ୍‌ନିକ୍ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଏବଂ ପରିବହନ ବିଭାଗ ମିଳିତ ଭାବେ ଚେକିଂ ଉପରେ ଗୁରୁତ୍ୱ ଦେବେ। ପିକ୍‌ନିକ୍/ତୀର୍ଥଯାତ୍ରା ପାଇଁ ବାହାରୁଥିବା ଗାଡ଼ିଗୁଡିକ ଆର୍‌ଟିଓଙ୍କ ଠାରୁ ପରମିଟ୍ ନେବା ବାଧ୍ୟତାମୂଳକ। ଅଧିକ ଭିଡ଼ ଥିବା ସ୍ଥାନରେ ଏମରଜେନ୍ସି କେୟାର ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ଗୋଲ୍‌ଡେନ ଆୱାରରେ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯିବ। ସ୍କୁଲ୍ ଏବଂ କଲେଜ ଛାତ୍ରୀଛାତ୍ର ପିକ୍‌ନିକ୍ ଯିବା ପୂର୍ବରୁ ଶିକ୍ଷାନୁଷ୍ଠାନ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବେ। ପିକ୍‌ନିକ୍ ଯାଉଥିବା ଗାଡ଼ିରେ ସମସ୍ତ ଡକ୍ୟୁମେଣ୍ଟ ରହିବା ଜରୁରୀ ଏବଂ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସ୍କୁଲର ଶିକ୍ଷକ ଏବଂ କଲେଜ ଅଧ୍ୟାପକ ମଧ୍ୟ ରହିବେ। ପର୍ଯ୍ୟଟନ ବିଭାଗ ପାର୍କିଂ, ସାଇନ୍‌ଏଜ୍ ଓ ଯାତ୍ରୀ ସଂଖ୍ୟା ରେକର୍ଡ ରଖିବେ। ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକ ରାସ୍ତା ମରାମତି କରିବେ। ସାଇନ୍‌ଏଜ୍, ହାଜାର୍ଡ ମାର୍କର ଓ ବ୍ୟାରିକେଡ୍ ବ୍ୟବସ୍ଥା କରିବେ। ଏହି ସମୟରେ ଦ୍ରୁତଗତି, ଓଭରଲୋଡିଂ, ହେଲ୍‌ମେଟ୍/ସିଟ୍ ବେଲ୍ଟ ପିନ୍ଧିବା ଉପରେ ମଧ୍ୟ ସଚେତନ କରାଯିବ। ସେହିଭଳି କୁହୁଡ଼ିକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ସଚେତନତା ଗ୍ରହଣ କରାଯିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ ପକ୍ଷରୁ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପିକ୍‌ନିକ୍ ଋତୁରେ ହେଉଥିବା ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଅନୁପାଳନ କରାଯିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ଆର୍‌ଟିଓ ଏବଂ ଏଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେଥିରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରିବାପାଇଁ କୁହାଯାଇଛି। ବିଶେଷକରି ମଦ ପିଇ ଗାଡ଼ି ଚଳାଇବା ଉପରେ ସତର୍କ ଦୃଷ୍ଟି ରଖାଯିବ। ଏହାସହିତ ଗୋଟିଏ ବାଇକ୍‌ରେ ତିନିଜଣ ବସି ଯାତାୟାତ କରିବା ଏବଂ ଦ୍ରୁତଗତିରେ ଗାଡ଼ି ଚଳାଇବା ଉପରେ ଗୁରୁତ୍ୱ ଦିଆଯିବ। ପିକ୍‌ନିକ୍ ଯୋଗୁ ଯୁବବର୍ଗମାନେ ଏସବୁ ନିୟମର ଅନୁପାଳନ କରି ନ ଥାନ୍ତି, ଯେଉଁଥିପାଇଁ ସଡ଼କ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଜଣାଇଛନ୍ତି।

## ଖାଲେଦା ଜିଆଙ୍କ...

ତାଙ୍କ ସ୍ତ୍ରୀ ଜୁବୈଦା ରହମାନ ଓ ଝିଅ ଜାଇମା ରହମାନ, ସାନପୁଅଙ୍କ ସ୍ତ୍ରୀ ଆରାଫତ ରହମାନ କୋକୋ, ତାଙ୍କ ୨ ଝିଅ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଖାଲେଦା ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଏବଂ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ଅଧ୍ୟକ୍ଷା ଥିଲେ। ବାଂଲା ରାଜନୀତିରେ ସେ ଜଣେ ଉତ୍ତୁଙ୍ଗ ନେତ୍ରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ତୀବ୍ର ବିରୋଧୀ ଥିଲେ। ଖାଲେଦା ବହୁ ଦଶନ୍ଧି ଧରି ଦେଶର ରାଜନୀତିକୁ ନୂଆ ମୋଡ଼ ଦେଇଥିଲେ। ଦୀର୍ଘବର୍ଷର ସାମରିକ ଶାସନ ପରେ ବାଂଲାଦେଶରେ ଗଣତନ୍ତ୍ର ଫେରାଇ ଆଣିବାରେ ଖାଲେଦାଙ୍କର ପ୍ରମୁଖ ଭୂମିକା ଥିଲା। ଦୀର୍ଘଦିନ ଅସୁସ୍ଥ ରହିବା ସତ୍ତ୍ୱେ ଜାତୀୟ ଜୀବନରେ ସେ ପ୍ରମୁଖ ଶକ୍ତି ହୋଇ ରହିଥିଲେ। ତାଙ୍କ ଶେଷକୃତ୍ୟ ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସ ସମ୍ମୁଖ ଢାକା ମାନିକ ମିଆ ଆଭେନ୍ୟୁରେ ହେବ ବୋଲି ଦଳୀୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଖାଲେଦାଙ୍କ ପରଲୋକରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବାଂଲାଦେଶର ବିକାଶ ଏବଂ ଭାରତ–ବାଂଲାଦେଶ ସମ୍ପର୍କରେ ଖାଲେଦାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ସବୁଦିନ ପାଇଁ ମନେରହିବ ବୋଲି ମୋଦି କହିଛନ୍ତି। ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଖାଲେଦାଙ୍କ ପରଲୋକରେ ସେ ଅତ୍ୟନ୍ତ ମର୍ମାହତ। ଦେଶ କେବଳ ଜଣେ ରାଜନେତାଙ୍କୁ ନୁହେଁ ବରଂ ଜଣେ ଉତ୍ତୁଙ୍ଗ ରାଷ୍ଟ୍ରନେତ୍ରୀଙ୍କୁ ହରାଇଲା, ଯିଏ କି ଦେଶ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ପ୍ରତିନିଧିତ୍ୱ କରିଥିଲେ ବୋଲି ୟୁନୁସ୍ କହିଛନ୍ତି। ପାକିସ୍ତାନ ଏବଂ ଚାଇନା ମଧ୍ୟ ଖାଲେଦାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।

ନଭେମ୍ବର ୨୩ରେ ଖାଲେଦା ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଏଭରକେୟାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଛାତିରେ ସଂକ୍ରମଣ ହୋଇଥିବା ଜଣାପଡ଼ିବାରୁ ଅବଜରଭେଶନରେ ରଖାଯାଇଥିଲା। ନଭେମ୍ବର ୨୭ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ କରୋନାରି କେୟାର ୟୁନିଟ୍‌ରେ ରଖାଯାଇଥିଲା। ତାଙ୍କ ଲିଭର ଓ କିଡ୍‌ନୀରେ ସମସ୍ୟା ସାଙ୍ଗକୁ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଡାଇବେଟିସ୍, ଆଥ୍ରାଇଟିସ୍ ଏବଂ ସଂକ୍ରମଣଜନିତ ସମସ୍ୟା ରହିଥିଲା।

୧୯୪୫ ଅଗଷ୍ଟ ୧୫ରେ ଖାଲେଦାଙ୍କ ଜନ୍ମ ତତ୍କାଳୀନ ବ୍ରିଟିଶ ଇଣ୍ଡିଆର ବଙ୍ଗ ପ୍ରଦେଶ ଅନ୍ତର୍ଗତ ଜଲପାଇଗୁଡ଼ି (ବର୍ତ୍ତମାନର ପଶ୍ଚିମବଙ୍ଗ)ରେ ଏକ ବେଙ୍ଗଲୀ ମୁସଲମାନ ପରିବାରରେ ହୋଇଥିଲା। ତାଙ୍କ ପିଲାଦିନର ନାମ ପୁତୁଲ। ୧୯୪୭ରେ ଦେଶ ବିଭାଜନ ବେଳେ ତାଙ୍କ ପରିବାର ପୂର୍ବବଙ୍ଗର ଦିନାଜପୁର ଚାଲିଯାଇଥିଲେ। ସେ ପାକ୍ ସେନାର ତତ୍କାଳୀନ କ୍ୟାପ୍‌ଟେନ ଜିଆଉର ରହମାନଙ୍କୁ ବିବାହକରି ନିଜ ନାମକୁ ଖାଲେଦା ଜିଆରେ ପରିବର୍ତ୍ତନ କରିଥିଲେ। ଖାଲେଦା ୩ ଥର ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ସହ ବିଏନ୍‌ପିର ଅଧ୍ୟକ୍ଷା ରହିଥିଲେ। ତେବେ ତାଙ୍କୁ କେତେକ ଦୁର୍ନୀତି ମାମଲାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଯାହାକୁ ସେ ରାଜନୈତିକ ଉଦ୍ଦେଶ୍ୟମୂଳକ ବୋଲି କହିଥିଲେ। ଗତ ଜାନୁଆରୀରେ ସୁପ୍ରିମକୋର୍ଟ ତାଙ୍କୁ ଶେଷ ଦୁର୍ନୀତି ମାମଲାରୁ ଦୋଷମୁକ୍ତ କରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୨୦ରେ ଜେଲରୁ ମୁକ୍ତ ହୋଇଥିଲେ। ତେବେ ବିଦେଶରେ ଚିକିତ୍ସା ପାଇଁ ତାଙ୍କ ପରିବାର ପୂର୍ବତନ ପ୍ରଧାନମନ୍ତ୍ରୀ ହାସିନାଙ୍କୁ ୧୮ ଥର ଅନୁରୋଧ କରିଥିଲେ ମଧ୍ୟ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ତେବେ ଗତବର୍ଷ ହାସିନା କ୍ଷମତାଚ୍ୟୁତ ହେବା ପରେ ଅନ୍ତରୀଣ ସରକାର ତାଙ୍କୁ ବିଦେଶ ଯିବାକୁ ଅନୁମତି ଦେବାରୁ ଗତ ଜାନୁଆରୀରେ ସେ ଲଣ୍ଡନ ଯାଇ ମେ'ରେ ବାଂଲାଦେଶ ଫେରିଥିଲେ।




ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଙ୍କ ଗହଣରେ ନିଯୁକ୍ତି ପତ୍ର ପାଇଥିବା ଯୁବତୀଯୁବକ।

## ଦୁର୍ନୀତି କରି...

ସହ ଲାଗିଛି। ତେଣୁ ଦୁର୍ନୀତି କରି ଗଣମାଧ୍ୟମର ଖବର ହୁଅନାହିଁ ବୋଲି ୧୧ଟି ବିଭାଗର ୧,୫୪୩ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମଠାରେ ମଙ୍ଗଳବାର ୧୪ତମ ନିଯୁକ୍ତିମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୧ ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତୀକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଅର୍ଥ ବିଭାଗର ୬୫ ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ ଏବଂ ୫୬ ଜଣ ଓଡ଼ିଶା ଅର୍ଥସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେହିପରି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡ଼ିଶା ଶ୍ରମସେବା ଅଧିକାରୀ ଏବଂ ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡ଼ିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡ଼ିଶା କର୍ମ ନିୟୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତିପତ୍ର ପାଇଛନ୍ତି। ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ କଠିନ ପରିଶ୍ରମ, ଘାତ ପ୍ରତିଘାତ ଦେଇ ଏଠାରେ ପହଞ୍ଚିଛନ୍ତି। ଏହି ନିଯୁକ୍ତିପତ୍ର ହେଉଛି ବିଶ୍ୱାସ ଓ ସଫଳତାର ପ୍ରତୀକ। ଭାଜପା ସରକାର ଆସିବାର ମାତ୍ର ୧୮ ମାସ ହୋଇଛି, ଏହି ସ୍ୱଳ୍ପ ସମୟରେ ସରକାରୀ ସ୍ତରରେ ଆମେ ୩୯,୪୫୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ତୃଣମୂଳ ସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ସବୁ ନବନିଯୁକ୍ତଙ୍କ କର୍ମମୟ ଜୀବନର ମୂଳ ଲକ୍ଷ୍ୟ ହେବ। ନିଜେ ଦୁର୍ନୀତିମୁକ୍ତ ରହିବା ସହ ବ୍ୟବସ୍ଥାକୁ ଦୁର୍ନୀତିରୁ ମୁକ୍ତ ରଖିବା ପାଇଁ ସବୁବେଳେ ପ୍ରତିବଦ୍ଧ ରହି ରାଜ୍ୟବାସୀଙ୍କୁ ଉତ୍ତମ ସେବା ପ୍ରଦାନ କରିବେ। ଜନସାଧାରଣଙ୍କ ପ୍ରତି ଆପଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱକୁ କେବେହେଲେ ଭୁଲିବେ ନାହିଁ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲାରୁ ଜଣେ ଲେଖାଏ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ମାଲକାନଗିରି ଜିଲାର ବସନ୍ତ କୁମାର ରଣା ଓ କୋରାପୁଟ ଜିଲାର ତରୁଣ କୁମାର ଦାସଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ୨୦୩୬ ସୁଦ୍ଧା ଓଡ଼ିଶାରୁ ଅତି କମ୍‌ରେ ୧୦ଜଣ ଅଲିମ୍ପିଆଡ୍ ସୃଷ୍ଟିକରିବା ପାଇଁ ନବନିଯୁକ୍ତ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ୨୦୩୬ ପାଇଁ ଆପଣମାନେ ସ୍ୱପ୍ନଠାରୁ ସଂକଳ୍ପ ବଡ଼ ରଖନ୍ତୁ। ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସାଧାରଣ ଜନତାଙ୍କ ସ୍ୱୀକୃତି ଅନ୍ୟ ସମସ୍ତ ସାର୍ଟିଫିକେଟ୍‌ଠାରୁ ବହୁ ଊର୍ଦ୍ଧ୍ୱରେ ରହିବ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବନିଯୁକ୍ତଙ୍କୁ ସତ୍ୟ, ନିଷ୍ଠା ଓ କର୍ତ୍ତବ୍ୟ ପରାଣୟତାର ସହ ଦାୟିତ୍ୱ ସମ୍ପାଦନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଳିକି ଗୋସେଇଁ ଓଳିକି**
**ବାପ! ଭାତ ନାହିଁ ଆଉ ଓଳିକି।**

ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ଅତି ଦୁଃଖେ କଷ୍ଟେ ଜୀବନଯାପନ କରିଥାନ୍ତି। ଗରିବ ବ୍ୟକ୍ତି ଦିନକୁ ଦି' ଓଳି ଦି' ମୁଠେ ଖାଇବାକୁ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଷ୍ଠ ପତର ଫରଫର**
**ଟିକିଏ କଥାରେ ଗରଗର।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଟିକେଟିକେ କଥାରେ ରାଗିକି ଥରି ଯାଉଥିବାର ଦେଖିବାକୁ ମିଳିଥାଏ। ଏପରିକି କାହାର ଟିକିଏ ଭୁଲ୍ ହେବାର ଦେଖିଲେ ତାକୁ ସହ୍ୟ କରି ନ ପାରି ମନକୁ ଯାହା ଆସେ ତାହା କହି ଦେଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଧୈର୍ଯ୍ୟଶକ୍ତି ଖୁବ୍ କମ୍ ରହୁଥିବାର ଜଣାଯାଇଥାଏ। କ୍ରୋଧୀ ସ୍ୱଭାବ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ କରିବେ ସରକାର

**ଭୁବନେଶ୍ୱର, ୩୦।୧୨ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ କରିପାରନ୍ତି। ଦୀର୍ଘବର୍ଷ ହେଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ହଜାର ହଜାର ଏକର ଜମି ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥିତ ଢଙ୍ଗରେ ପଡ଼ିରହିଛି। ଠିକ୍ ପରିଚାଳନା ଅଭାବରୁ ଅନେକ ଜମି ଜବରଦଖଲରେ ରହିଛି। ଫଳରେ ଏଥିରୁ ଶ୍ରୀମନ୍ଦିରର କିଛି ଆୟ ଆସୁନାହିଁ। ଅନେକ ସ୍ଥଳରେ ଗରିବ ତଥା ଭୂମିହୀନ ସେବାୟତମାନେ ଦୀର୍ଘବର୍ଷ ହେବ ଏହି ଜମିରେ ବସବାସ କରୁଛନ୍ତି। ହେଲେ ଉକ୍ତ ଜମି ଉପରେ ସେମାନେ କୌଣସି ଅଧିକାର ସାବ୍ୟସ୍ତ କରିପାରୁନାହାନ୍ତି। ଏହିସବୁ ସମସ୍ୟାର ସମାଧାନ ନେଇ ଆସିଥିବା ପ୍ରସ୍ତାବ ଉପରେ ମଙ୍ଗଳବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିର ଠିକ୍ ବନ୍ଦୋବସ୍ତ, ଦୀର୍ଘଦିନ ହେବ ସ୍ଥାୟୀଭାବେ ବସବାସ କରୁଥିବା ଦଇତାପତି, ନିଯୋଗ,

- **ପରିଚାଳନା ଅଭାବରୁ ଜବରଦଖଲରେ ଶ୍ରୀଜଗନ୍ନାଥଙ୍କ ଅନେକ ଜମି**
- **ଜଗନ୍ନାଥଙ୍କ ସଂସ୍କୃତି ନେଇ ଭୁଲ୍ ସୂଚନା ଦେଲେ କାର୍ଯ୍ୟାନୁଷ୍ଠାନ**

ସେବାୟତ ଓ ମଠଗୁଡ଼ିକୁ ଜମି ପ୍ରଦାନ ନେଇ ଥିବା ନୀତିରେ ସଂଶୋଧନ କରାଯିବା ଉପରେ ଆଲୋଚନା ହୋଇଛି। ଏହି ସଂଶୋଧିତ ନୀତି ବଳରେ ଦୀର୍ଘଦିନ ହେବ ବସବାସ କରୁଥିବା ସେବାୟତ ଓ ଅଣସେବାୟତମାନେ ସୁଫଳ ପାଇପାରିବେ। ଏହା ସହ ଶ୍ରୀମନ୍ଦିର ରାଜସ୍ୱ ଆଦାୟ ମଧ୍ୟ ସୁଗମ ହୋଇପାରିବ। ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ବହୁ ମୂଲ୍ୟବାନ୍ ସମ୍ପତ୍ତିକୁ ଜବରଦଖଲମୁକ୍ତକରି ସର୍ବୋଚ୍ଚ ମୂଲ୍ୟରେ ଆବଣ୍ଟନ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଛି। ଏହି ଅବସରରେ ଶୃଙ୍ଖଳିତ ନୀତିକାନ୍ତି, ସେବାପୂଜା ଓ ପରିଚାଳନା ଥିବା ଶ୍ରୀମନ୍ଦିର ଆଇନରେ ଆବଶ୍ୟକ ସଂଶୋଧନ ଉପରେ ଆଲୋଚନା ହୋଇଛି। ବହୁ ପୁରାତନ ଏହି ଆଇନରେ ଆବଶ୍ୟକ ସଂଶୋଧନ କରି ବିଭିନ୍ନ ସବ୍ କମିଟି ଗଠନ ସହ ଶୃଙ୍ଖଳିତ ରୀତିନୀତି, ବିଶୃଙ୍ଖଳ ଆଚରଣକୁ ରୋକିବା ଏବଂ ନିଷେଧ ବସ୍ତୁ ଶ୍ରୀମନ୍ଦିର ଭିତରକୁ ବାରଣ ନେଇ ଆଇନରେ ସଂସ୍କାର ଅଣାଯିବା ସହ ଦଣ୍ଡବିଧାନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏଥିସହ ମନ୍ଦିର ପରିସର ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶାଳୀନତା ରକ୍ଷା କରିବା ଭଳି ଭାରତୀୟ ପୋଷାକ ପରିଧାନ ଉପରେ ସଚେତନତା ସୃଷ୍ଟି କରାଯିବ। ଏହାସହ ଶ୍ରୀଜଗନ୍ନାଥ ସଂସ୍କୃତି ନେଇ ଭୁଲ୍ ସୂଚନା ପ୍ରଦାନ ଏବଂ ସାମାଜିକ ଗଣମାଧ୍ୟମରେ ଅପପ୍ରଚାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇନରେ ପ୍ରାବଧାନ କରାଯିବା ନେଇ ଆଲୋଚନା ହୋଇଛି। ଏହି ଅବସରରେ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ଡାଏରୀକୁ ମନ୍ତ୍ରୀ ହରିଚନ୍ଦନ ଉନ୍ମୋଚନ କରିଛନ୍ତି। ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର, ଯୁଗ୍ମ ଶାସନ ସଚିବ ଅଂଶୁମାନ ମହାନ୍ତି, ରାଜସ୍ୱ ବିଭାଗ ଅତିରିକ୍ତ ଶାସନ ସଚିବ ଅମିୟ କୁମାର ଓ ଯୁଗ୍ମ ଶାସନ ସଚିବ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କଲେ ଗାୟିକା ଅର୍ପିତା ଚୌଧୁରୀ

**କଟକ,୩୦।୧୨(କାର୍ତ୍ତିକ ସାହୁ)**

ଓଡ଼ିଆ ସଙ୍ଗୀତ ଜଗତର ପ୍ରତିଷ୍ଠିତ ଗାୟକ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ଓଲିଉଡ ଗାୟିକା ଅର୍ପିତା ଚୌଧୁରୀ ମଙ୍ଗଳବାର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଅନୁରୂପ ଭାବେ ସଙ୍ଗୀତକାର ସୋମେଶ ଶତପଥୀ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ସୂଚନାନୁସାରେ, ଗତ କିଛି ଦିନ ତଳେ ହ୍ୟୁମାନ ସାଗରଙ୍କ ମା' ଶେଫାଳୀ ସୁନା ତାଙ୍କ ପୁଅ ମୃତ୍ୟୁକୁ ନେଇ ମର୍କତନଗର ଥାନାରେ ୯ଜଣଙ୍କ ନାମରେ ଏତଲା ଦେଇଥିଲେ। ଉକ୍ତ ଏତଲାରେ ଗତ ୩ରୁ ୪ ବର୍ଷ ମଧ୍ୟରେ ହ୍ୟୁମାନଙ୍କ ନିକଟତର ହୋଇଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଥିଲେ। ହ୍ୟୁମାନଙ୍କ ସ୍ତ୍ରୀ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର ସଦସ୍ୟ, ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସୋମେଶ ଶତପଥୀ, ଦିନେଶ ବେହେରା, ମହମ୍ମଦ ଅବିତ(ବବଲୁ), ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଏତଲାରେ ଦର୍ଶାଇଥିଲେ। ଏଥିସହ ଅର୍ପିତା ନିକଟରେ ଅଧିଗ୍ରହଣ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଅର୍ପିତାଙ୍କ ସହିତ ସୋମେଶଙ୍କ ସମ୍ପର୍କ, ଭୁବନେଶ୍ୱରରେ ଥିବା ଅଡିଓ ଷ୍ଟୁଡିଓର ଆର୍ଥିକ କାରବାର ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ଏସବୁ

## ହ୍ୟୁମାନ ସାଗର ମୃତ୍ୟୁ ମାମଲା

ଦିଗକୁ ତଦନ୍ତ ପରିସରଭୁକ୍ତ କରିବା ସହିତ ପ୍ରମାଣ ନଷ୍ଟ ହେବା ପୂର୍ବରୁ ଏହାକୁ ରୋକିବାକୁ ହ୍ୟୁମାନଙ୍କ ମା' ଶେଫାଳି ଏତଲାରେ ଉଲ୍ଲେଖ କରିଥିଲେ। ସେ ଏତଲାର ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ପଠାଇଥିଲେ। ତେବେ ପୋଲିସ ତାଙ୍କ ଏତଲାକ୍ରମେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ତଦନ୍ତ ସମୟରେ ସମ୍ଭାବ୍ୟ ଗିରଫଦାରିକୁ ଏଡାଇବା ପାଇଁ ଅର୍ପିତା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ଜଣାଯାଇଛି।










ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। -ଶ୍ରୀମା

# ରଙ୍ଗ ବଦଳୁଛି

ନିଶ୍ଚିତ ଭାବେ କୁହାଯାଇପାରେ, ପରିବେଶ ଓ ପରିସଂସ୍ଥାନ ବିଗିଡ଼ିଗଲେ ତାହାର ପ୍ରଭାବ ପ୍ରାଣୀ ଓ ଉଦ୍ଭିଦଜଗତ ଉପରେ ପଡ଼ିବ। ନିଜର ସ୍ୱାର୍ଥ ସାଧନ ପାଇଁ ପ୍ରକୃତିର ବଡ଼ କ୍ଷତି ହେଉଥିଲେ ମଧ୍ୟ ଅନେକେ ସେଥିପ୍ରତି ଧ୍ୟାନ ଦେଇ ନ ଥାଆନ୍ତି। ଯେତେବେଳେ କ୍ଷତି କରୁଥିବା ବର୍ଗଙ୍କ କାର୍ଯ୍ୟକୁ ବିରୋଧ କରାଯାଏ, ସେଥିରୁ ସେମାନେ ଗଳାବାଟ ବାହାର କରିଥାଆନ୍ତି। ଏଇ ଯେମିତି ଜଙ୍ଗଲ ଅଞ୍ଚଳରେ ଖଣି ଖନନକୁ ବୈଧ କରିବା ଲାଗି କାନକୁ ସୁନ୍ଦର ଶୁଭୁଥିବା ବାକ୍ୟାଂଶ 'ସସ୍ଟେନେବଲ ମାଇନିଂ ପ୍ଲାନ' ବା ସହନୀୟ ଖଣିଜ ପଦାର୍ଥ ଉତ୍ତୋଳନ ପ୍ରକ୍ରିୟା ଯୋଜନାର ସାହାରା ନିଆଯାଉଛି। ଦେଖିବାକୁ ଗଲେ କିଛି ଧୁରନ୍ଧର ଅଛନ୍ତି, ଯେଉଁମାନେ କୌଶଳ କରି ପ୍ରକୃତିକୁ ଧ୍ୱଂସ କରିବାରେ ଏଭଳି ତରିକା ଆପଣାଇଥାଆନ୍ତି। ଏହି ପରିପ୍ରେକ୍ଷୀରେ ଆରାବଳୀ ପର୍ବତମାଳାର ପରିବର୍ତ୍ତିତ ପରିଭାଷାକୁ ଆଲୋଚନାକୁ ନିଆଯାଇପାରେ। ଏ ସଂକ୍ରାନ୍ତ ପୂର୍ବ ରାୟ ଉପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ପୀଠ ୨୯ ଡିସେମ୍ବରରେ ସ୍ଥଗିତାଦେଶ ଜାରି କରିଛନ୍ତି। ମାସକ ତଳର ପୁରୁଣା ସେହି ନିର୍ଦ୍ଦେଶକୁ ପରିବେଶବିତ୍‌ଙ୍କ ସମେତ ଚାରିଆଡ଼େ ଘୋର ବିରୋଧ ହେବା ପରେ ସୁପ୍ରିମକୋର୍ଟ ନିଜ ଆଡ଼ୁ ମାମଲା ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଏବର ପଦକ୍ଷେପ ଚାପରୁ ଜନ୍ମିତ ଭଳି ମନେହେଉଛି। ପୂର୍ବରୁ ରାସ୍ତାଘାଟରେ ବିକ୍ଷୋଭ କରିବାକୁ ପଡୁଥିଲା। ଅଧିକ ଲୋକଙ୍କୁ ସଙ୍ଗଠିତ କରି ନିଜର ଶକ୍ତି ପ୍ରଦର୍ଶନ ସହିତ ବିକ୍ଷୋଭକାରୀଙ୍କୁ ରାଜନୈତିକ ଦଳଗୁଡ଼ିକର ପରୋକ୍ଷ ସମର୍ଥନ ଲୋଡ଼ା ଯାଉଥିଲା। ଏହା ପରେ ରାସ୍ତାରେ ଗଣ୍ଡଗୋଳ ଓ ପୋଡ଼ାଜଳା କରିବାରୁ ଦାବି ପ୍ରତି କର୍ତ୍ତୃପକ୍ଷମାନେ ଧ୍ୟାନ ଦେଉଥିଲେ। ସୁପ୍ରିମକୋର୍ଟଙ୍କ ଆରାବଳୀର ନୂତନ ପରିଭାଷା ପ୍ରସଙ୍ଗ ଓ ଉନ୍ନାଓ ବଳାତ୍କାରୀ କୁଲ୍‌ଦୀପ ସିଂ ସେନ୍‌ଗରଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଜାମିନ ମିଳିବା ମାମଲାରେ ସେଭଳି ହିଂସାତ୍ମକ ପଦକ୍ଷେପ ଗ୍ରହଣ କରିବାର ପ୍ରୟୋଜନ ପଡ଼ିଲା ନାହିଁ। ଆଜିର ଯୁଗରେ ଘରେ ବସି ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ମାଧ୍ୟମରେ ଅଧିକରୁ ଅଧିକ ନାଗରିକ ନିଜର କ୍ରୋଧ ଦର୍ଶାଇପାରୁଛନ୍ତି। ତାହାର ପରିଣାମ ଉପରଲିଖିତ ଦୁଇ ଘଟଣାରେ ଦେଖିବାକୁ ମିଳିଛି।

ପ୍ରଥମ ଘଟଣାକୁ ଗଲେ ସୁପ୍ରିମକୋର୍ଟ କହିଛନ୍ତି ଆରାବଳୀକୁ ନେଇ ଦେଖାଦେଇଥିବା ନିୟମଗତ ପାର୍ଥକ୍ୟ ଦୂର ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଦ୍ୱାରା ଏହାର ସମୀକ୍ଷା କରାଯିବା ସହ ଏ ସଂକ୍ରାନ୍ତ କେନ୍ଦ୍ର, ସମ୍ପୃକ୍ତ ରାଜ୍ୟ ସରକାର ଓ ଅନ୍ୟ ପକ୍ଷଙ୍କୁ ନୋଟିସ ଜାରି କରାଯାଇଛି। ଏଥିସହିତ ଦିଲ୍ଲୀରୁ ଆରମ୍ଭ ହୋଇ ଦକ୍ଷିଣ ହରିୟାଣା, ରାଜସ୍ଥାନ ଦେଇ ଗୁଜରାଟଯାଏ ଲମ୍ବିଥିବା ଆରାବଳୀ ପର୍ବତମାଳାରେ ଖଣିକାର୍ଯ୍ୟକୁ ସର୍ବୋଚ୍ଚ ଅଦାଲତ ବନ୍ଦ କରିଛନ୍ତି। ଦେଶର ଶୀର୍ଷ କୋର୍ଟ ଏହି ମାମଲା ଉପରେ ସ୍ଥଗିତାଦେଶ ଆଣିବା ପରେ ପରିବେଶ ବିଶେଷଜ୍ଞମାନେ ତତ୍‌କ୍ଷଣାତ୍ କୌଣସି ମତ ରଖିନାହାନ୍ତି। ଚଞ୍ଚଳ ମତ ରଖିବା କଥା ମଧ୍ୟ ନୁହେଁ। ସର୍ବୋଚ୍ଚ ଅଦାଲତଙ୍କ ଉକ୍ତ ରାୟକୁ ତର୍ଜମା କରିବା ପରେ କିଛି ଚିତ୍ର ସ୍ପଷ୍ଟ ହୋଇପାରେ। ଏଠାରେ କହିବା ଠିକ୍ ହେବ ଯେ, ଅଦାଲତଙ୍କ ଅନେକ ରାୟରେ ଆଇନଗତ ଭାଷାକୁ ଜନସାଧାରଣ ବୁଝିବା କଷ୍ଟକର। ନଭେମ୍ବର ୨୦ରେ ଆରାବଳୀର ନୂତନ ପରିଭାଷା ସୃଷ୍ଟି କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ, ୧୦୦ ମିଟର ଊର୍ଦ୍ଧ୍ୱ ଅଞ୍ଚଳକୁ ଆରାବଳୀ ପର୍ବତମାଳା ଭାବେ ଅଭିହିତ କରାଯିବ। ଦେଖିବାକୁ ଗଲେ ଆରାବଳୀ ପର୍ବତମାଳାର ୯୦ ପ୍ରତିଶତରୁ ଅଧିକ ପାହାଡ଼ ୧୦୦ ମିଟରଠାରୁ କମ୍ ଉଚ୍ଚତାରେ ଅଛି। ନୂତନ ପରିଭାଷା ଅନୁଯାୟୀ ଆରାବଳୀର ପ୍ରାୟ ୯୦ ପ୍ରତିଶତ ଧ୍ୱଂସ ପାଇଯିବ। ସୂଚନାଯୋଗ୍ୟ, ଅବସର ପୂର୍ବରୁ ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ବି.ଆର୍. ଗବଇ ଆରାବଳୀ ସମ୍ପର୍କିତ ନୂଆ ପରିଭାଷା ସଂକ୍ରାନ୍ତରେ ରାୟ ଦେଇଥିଲେ।

ଉନ୍ନାଓ ବଳାତ୍କାର ମାମଲାରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ଉପରେ ୨୯ ଡିସେମ୍ବରରେ ସର୍ବୋଚ୍ଚ ଅଦାଲତ ମଧ୍ୟ ସ୍ଥଗିତାଦେଶ ଜାରି କରିଛନ୍ତି। ଉତ୍ତର ପ୍ରଦେଶ ଭାଜପାର ପୂର୍ବତନ ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗରଙ୍କୁ ଉକ୍ତ ବଳାତ୍କାର ମାମଲାରେ ଗତ ୨୩ ଡିସେମ୍ବରରେ ଦିଲ୍ଲୀ ହାଇକୋର୍ଟ ସେ ପାଇଥିବା ଆଜୀବନ କାରାଦଣ୍ଡାଦେଶକୁ ସ୍ଥଗିତ କରି ଜାମିନ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ରାୟକୁ ପୀଡ଼ିତା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ପୀଠ ପୀଡ଼ିତାଙ୍କ ଆବେଦନର ଶୁଣାଣି କରି ସେନ୍‌ଗରଙ୍କୁ ମିଳିଥିବା ଆଶ୍ୱସ୍ତି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଅର୍ଥାତ୍ ଶୁଣାଣି ଶେଷ ପର୍ଯ୍ୟନ୍ତ ତାଙ୍କ ଦଣ୍ଡ ବଳବତ୍ତର ରହିବ ଓ ମିଳିଥିବା ଜାମିନ ଉପରେ ସ୍ଥଗିତାଦେଶ ରହିବ। ସର୍ବୋଚ୍ଚ ଅଦାଲତ କହିଛନ୍ତି, ଜଘନ୍ୟ ଅପରାଧ ମାମଲାରେ ଅଦାଲତଗୁଡ଼ିକ ଆଇନଗତ ବୈଷୟିକତା ଆଳରେ ପୀଡ଼ିତାଙ୍କ ପ୍ରାପ୍ୟ ନ୍ୟାୟକୁ ଅଣଦେଖା କରିପାରିବେ ନାହିଁ। ସୂଚନା ଦିଆଯାଇପାରେ ଯେ, ୨୦୧୭ ଜୁନ୍ ୪ରେ ଉତ୍ତର ପ୍ରଦେଶ ଉନ୍ନାଓରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସେନ୍‌ଗରଙ୍କୁ ବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଥିଲା। ଆରାବଳୀ ଭଳି ଉନ୍ନାଓ ବଳାତ୍କାର ଘଟଣାକୁ ମଧ୍ୟ ସୁପ୍ରିମକୋର୍ଟ ନିଜ ଆଡ଼ୁ କଗ୍‌ନିଜେନ୍ସ ବା ସଜ୍ଞାନ ନେବାର ଉଚିତ ଥିଲା। ଏହା ଅତ୍ୟନ୍ତ ଦୁଃଖଦ ଘଟଣା ଯେ, ପୀଡ଼ିତାଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ବିରୋଧରେ ନିଜ ଆଡ଼ୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ପଡ଼ିଲା। ସେଥିପାଇଁ ସେ ଓକିଲ ନିଯୁକ୍ତ କରିବା ସହିତ ଅର୍ଥ ମଧ୍ୟ ଖର୍ଚ୍ଚ କରିଥିବେ। ଏହା ଭାରତୀୟ ନ୍ୟାୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଉଛି।

ଏସବୁ କ୍ଷେତ୍ରରେ ନିମ୍ନ ଅଦାଲତ ବା ହାଇକୋର୍ଟ ଏପରିକି ନିଜ ରାୟକୁ ବଦଳାଇ ସୁପ୍ରିମକୋର୍ଟ ଶୁଣାଣି କରିବା ସାଧାରଣରେ ଉଚ୍ଚକୋଟୀର ବିରୋଧ ପ୍ରଦର୍ଶନ ଯୋଗୁ ସମ୍ଭବ ହୋଇଛି। ବୀରତ୍ୱର ସହ କୋର୍ଟ ପକ୍ଷରୁ ଦିଆଯାଇଥିବା ରାୟକୁ ବଦଳାଇ ଦେବା ସମାଜକୁ ଏକ ଭିନ୍ନ ବାର୍ତ୍ତା ଦେଇଛି। ଉପରୋକ୍ତ ଦୁଇଟି ଘଟଣାରେ ଗୋଟେ ନକାରାତ୍ମକ ଦିଗ ଦର୍ଶାଇଛି ଯେ, ନ୍ୟାୟ ସୁରକ୍ଷା ବା ଉଚିତ ନ୍ୟାୟ ପରିବର୍ତ୍ତେ ରାଜନୈତିକ ଉଦ୍ଦେଶ୍ୟ ଅଧିକ ଗୁରୁତ୍ୱ ବହନ କରୁଛି। ଅନ୍ୟପକ୍ଷରେ ସକାରାତ୍ମକ ଦିଗ ହେଲା ଯେ, ଭାରତର ଜନସାଧାରଣ ବୁଝିସାରିଲେଣି ଯେତେବେଳେ ସୋସିଆଲ ମିଡିଆର ଚାପ ବଢୁଛି ଏବଂ ଏବକାର ଅର୍ନବ ଗୋସ୍ୱାମୀଙ୍କ ଭଳି କେତେକ ଟେଲିଭିଜନ ବ୍ୟକ୍ତିତ୍ୱ ପରିବର୍ତ୍ତିତ ପରିସ୍ଥିତିରେ ସରକାରୀ ଅନ୍ଧ ଭକ୍ତଙ୍କୁ ସମର୍ଥନ ନ କରି ସତ କଥା ଲୋକଲୋଚନକୁ ଆଣିବାକୁ ଚାହିଁଲେଣି। ଅନେକ ବୁଝିଲେଣି ଯେ ଅସତ୍ୟ ଓ ଅନ୍ୟାୟକୁ ବେଶି ଦିନ ଚାପି ଦେଇ ହେବନାହିଁ। ଏଥିରୁ ରୂପ ରଙ୍ଗ ବଦଳିଯାଉଥିବା ଭଳି ପ୍ରତୀୟମାନ ହେଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 1 | | |
| | 3 | 6 | | | | | 8 | |
| 1 | | | | | | | | |
| | | | | 5 | 7 | | | 3 |
| | | | 2 | | | 9 | | 6 |
| 6 | | | | | | | 5 | |
| 7 | 2 | | 8 | | | | | 9 |
| | 5 | | | 3 | | 6 | | 4 |
| | | 9 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 2 | 7 | 8 | 6 | 4 | 9 | 5 |
| 5 | 6 | 9 | 1 | 3 | 4 | 2 | 8 | 7 |
| 8 | 7 | 4 | 9 | 5 | 2 | 1 | 3 | 6 |
| 1 | 2 | 7 | 8 | 4 | 9 | 6 | 5 | 3 |
| 6 | 9 | 8 | 3 | 1 | 5 | 7 | 4 | 2 |
| 4 | 3 | 5 | 6 | 2 | 7 | 9 | 1 | 8 |
| 2 | 5 | 1 | 4 | 6 | 8 | 3 | 7 | 9 |
| 9 | 8 | 3 | 2 | 7 | 1 | 5 | 6 | 4 |
| 7 | 4 | 6 | 5 | 9 | 3 | 8 | 2 | 1 |

ଗତକାଲିର ଉତ୍ତର

# ୨୦୨୫-ସଂସ୍କାରର ବର୍ଷ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଆମ ଲୋକଙ୍କର ଅଭିନବ ଚିନ୍ତାଧାରା କାରଣରୁ ଏହା ସମ୍ଭବ ହୋଇପାରିଛି। ଆଜି ଦୁନିଆ ଭାରତକୁ ଆଶା ଓ ଭରସାପୂର୍ଣ୍ଣ ଦୃଷ୍ଟିରେ ଦେଖୁଛି। ପରବର୍ତ୍ତୀ ପିଢ଼ିର ସଂସ୍କାରକୁ ନେଇ ଭାରତର ଦ୍ରୁତ ପ୍ରଗତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ପ୍ରତ୍ୟେକ କ୍ଷେତ୍ରରେ ଏଭଳି ପ୍ରଗତି ଦେଖିବାକୁ ମିଳିଛି ଓ ଦେଶର ଅଭିବୃଦ୍ଧି କ୍ଷମତା ମଧ୍ୟ ବଢୁଛି।

ଭାରତ ସଂସ୍କାର ଏକ୍ସପ୍ରେସ୍‌ରେ ସବାର ହୋଇସାରିଛି ବୋଲି ମୁଁ ଅନେକ ଲୋକଙ୍କୁ କହିଆସୁଛି। ଏହି ସଂସ୍କାର ବା ରିଫର୍ମ ଏକ୍ସପ୍ରେସ୍‌ର ମୁଖ୍ୟ ଇଞ୍ଜିନ ହେଉଛି ଭାରତର ଜନସଂଖ୍ୟା, ଆମର ଯୁବପିଢ଼ି ଏବଂ ଆମ ନାଗରିକମାନଙ୍କର ଅଦମ୍ୟ ସାହସ। ୨୦୨୫ ବର୍ଷ ଭାରତ ପାଇଁ ସଂସ୍କାରର ବର୍ଷ ରୂପେ ସ୍ମରଣୀୟ ହୋଇରହିବ। ଗତ ୧୧ ବର୍ଷ ମଧ୍ୟରେ ହାସଲ କରାଯାଇଥିବା ପ୍ରଗତିକୁ ଆଧାର କରି କ୍ରମାଗତ ସଂସ୍କାରର ଏକ ଜାତୀୟ ମିଶନକୁ ଏହି ବର୍ଷ ଦେଶ ଗ୍ରହଣ କରିଥିଲା। ଆମେ ପ୍ରତିଷ୍ଠାନଗୁଡ଼ିକୁ ଆଧୁନିକ ରୂପ ଦେଇଥିଲୁ। ପ୍ରଶାସନକୁ ସହଜ କରିଥିଲୁ ଏବଂ ଦୀର୍ଘସ୍ଥାୟୀ ତଥା ସମାବେଶୀ ବିକାଶର ମୂଳଦୁଆକୁ ଅଧିକ ମଜଭୁତ କରିଥିଲୁ। ଆମେ ନିର୍ଣ୍ଣାୟକ ଢଙ୍ଗରେ ଆଗକୁ ବଢ଼ିଛୁ... ଅଧିକ ଉଚ୍ଚାକାଂକ୍ଷା, ଦ୍ରୁତ କାର୍ଯ୍ୟକାରିତା ଏବଂ ଗଭୀର ରୂପାନ୍ତରଣ ଆମ ପ୍ରଗତିର ବାହକ ହୋଇଆସିଛି। ନାଗରିକଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଯୋଗାଇ ଦେବା, ଉଦ୍ୟୋଗୀଙ୍କୁ ଆତ୍ମବିଶ୍ୱାସର ସହିତ ଅଭିନବ ପଦକ୍ଷେପ ନେବାକୁ ସୁଯୋଗ ଦେବା ଏବଂ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଚ୍ଛତା ଓ ଭରସା ସହିତ କାମ କରିବା ଲାଗି ସକ୍ଷମ କରିବା ଆମ ସଂସ୍କାରର ଉଦ୍ଦେଶ୍ୟ। ମୁଁ ଏଠାରେ କେତେକ ସଂସ୍କାରର ଉଦାହରଣ ଦେବାକୁ ଚାହୁଁଛି।

**ଜିଏସଟି ସଂସ୍କାର:**

* ୫% ଓ ୧୮%ର ଏକ ସ୍ପଷ୍ଟ ଦୁଇଟିକିଆ ସ୍ଲାବ୍ ଢାଞ୍ଚା କାର୍ଯ୍ୟକାରୀ ହୋଇଛି। * ସାଧାରଣ ପରିବାର, ଏମଏସ୍ଏମ୍ଇ, ଚାଷୀ ଓ ଶ୍ରମିକ ସଘନ କ୍ଷେତ୍ର ଉପରେ ବୋଝ ହ୍ରାସ କରାଯାଇଛି। * ଆମର ଉଦ୍ଦେଶ୍ୟ ହେଉଛି ବିବାଦ ହ୍ରାସ କରିବା ଏବଂ ଉନ୍ନତ ଅନୁପାଳନ ସୁନିଶ୍ଚିତ କରିବା। * ଏହି ସଂସ୍କାର ଉପଭୋକ୍ତାଙ୍କ ଭାବନାକୁ ପ୍ରୋତ୍ସାହିତ କରିଛି। ପାର୍ବଣ ଋତୁରେ ବିକ୍ରି ବୃଦ୍ଧି ପାଇଛି।

**ମଧ୍ୟବିତ୍ତଙ୍କ ପାଇଁ ଅତୁଳନୀୟ ଆଶ୍ୱସ୍ତି:**

* ପ୍ରଥମତଃ, ଗୋଟିଏ ବର୍ଷରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଆଦୌ ଆୟକର ଦେବାକୁ ପଡ଼ିବ ନାହିଁ। * ୧୯୬୧ର ପୁରୁଣା ଆୟକର ଆଇନ ସ୍ଥାନରେ ଆଧୁନିକ ଏବଂ ସହଜ ଆୟକର ଆଇନ, ୨୦୨୫ କାର୍ଯ୍ୟକାରୀ ହୋଇଛି। * ଏସବୁ ସଂସ୍କାର ଭାରତକୁ ଏକ ସ୍ୱଚ୍ଛ, ପ୍ରଯୁକ୍ତି ଆଧାରିତ ଟିକସ ପ୍ରଶାସନ ଦିଗରେ ନେଇଯାଉଛି।

**କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟକୁ ପ୍ରୋତ୍ସାହନ:**

* 'କ୍ଷୁଦ୍ର କମ୍ପାନୀ'ର ପରିଭାଷାକୁ ବଦଳାଇ ସେଥିରେ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ଥିବା କମ୍ପାନୀଗୁଡ଼ିକୁ ସାମିଲ କରାଯାଇଛି। * ହଜାର ହଜାର କମ୍ପାନୀଙ୍କ ପାଇଁ ଅନୁପାଳନ ବୋଝ ଏବଂ ଏହା ସହିତ ଜଡ଼ିତ ଖର୍ଚ୍ଚ ହ୍ରାସ ପାଇବ।

**୧୦୦% ଏଫ୍‌ଡିଆଇ ବୀମା ସଂସ୍କାର:**

* ଭାରତୀୟ ବୀମା କମ୍ପାନୀରେ ୧୦୦% ଏଫ୍‌ଡିଆଇକୁ ମଞ୍ଜୁରୀ ମିଳିଛି। * ଏହାଦ୍ୱାରା ବୀମାର ପ୍ରସାର ବଢ଼ିବ ଏବଂ ଲୋକଙ୍କୁ ସୁରକ୍ଷା ମିଳିପାରିବ। * ବର୍ଦ୍ଧିତ ପ୍ରତିଦ୍ୱନ୍ଦ୍ୱିତା ବ୍ୟତୀତ ଏହା ଲୋକଙ୍କୁ ଉନ୍ନତ ବୀମା ବିକଳ୍ପ ଏବଂ ଉନ୍ନତ ସେବା ବିତରଣ ପ୍ରଦାନ କରିବ।

**ପ୍ରତିଭୂତି ବଜାରରେ ସଂସ୍କାର:**

* ସିକ୍ୟୁରିଟିଜ୍ ବା ପ୍ରତିଭୂତି ସଂହିତା ବିଲ୍ ସଂସଦରେ ଉପସ୍ଥାପନ କରାଯାଇଛି। ଏହା ସେବିରେ ପ୍ରଶାସନିକ ନିୟମକୁ ଉନ୍ନତ କରିବା ସହିତ ନିବେଶକଙ୍କ ସୁରକ୍ଷା ବଢ଼ାଇବ, ଅନୁପାଳନ ବୋଝକୁ ହ୍ରାସ କରିବ ଏବଂ ବିକଶିତ ଭାରତ ପାଇଁ ପ୍ରଯୁକ୍ତି ଆଧାରିତ ସିକ୍ୟୁରିଟିଜ ମାର୍କେଟ ବା ପ୍ରତିଭୂତି ବଜାରକୁ ସକ୍ଷମ କରିବ। * ସଂସ୍କାର ଦ୍ୱାରା ଅନୁପାଳନ ଓ ଅନ୍ୟାନ୍ୟ ବୋଝ ହ୍ରାସ ପାଇବା ଫଳରେ ସଞ୍ଚୟ ସୁନିଶ୍ଚିତ ହେବ।

**ସାମୁଦ୍ରିକ ଓ ନୀଳ ଅର୍ଥବ୍ୟବସ୍ଥା ଦିଗରେ ସଂସ୍କାର:**

* ସଂସଦର ଗୋଟିଏ ଅଧିବେଶନ, ମୌସୁମୀ ଅଧିବେଶନରେ, ପାଞ୍ଚଟି ଐତିହାସିକ ସାମୁଦ୍ରିକ ଆଇନ ଗୃହୀତ ହୋଇଛି: ଦ ବିଲ୍ସ ଅଫ୍ ଲ୍ୟାଡିଂ ଆଇନ, ୨୦୨୫; ଉପକୂଳ ଜାହାଜ ଚଳାଚଳ ବିଲ୍, ୨୦୨୫; ଦ ମର୍ଚ୍ଚାଣ୍ଟ ଶିପିଂ ବିଲ୍, ୨୦୨୫ ଏବଂ ଦ ଇଣ୍ଡିଆନ ପୋର୍ଟସ ବିଲ, ୨୦୨୫। * ଏସବୁ ସଂସ୍କାର କାଗଜପତ୍ର କାମକୁ ସରଳ କରିବ, ବିବାଦ ସମାଧାନକୁ ସହଜ କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ। *୧୯୦୮, ୧୯୨୫ ଏବଂ ୧୯୫୮ର ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି।

**ଜନ ବିଶ୍ୱାସ... ଅପରାଧୀକରଣର ଯୁଗ ଶେଷ:**

* ଶତାଧିକ ପୁରୁଣା ଆଇନକୁ ଉଚ୍ଛେଦ କରାଯାଇଛି। * ଉଚ୍ଛେଦ ଏବଂ ସଂଶୋଧନ ବିଲ୍ ୨୦୨୫ ମାଧ୍ୟମରେ ୭୧ଟି ପୁରୁଣା ଆଇନ ଉଚ୍ଛେଦ କରାଯାଇଛି।

**ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ:**

* ସିନ୍ଥେଟିକ ଫାଇବର, ୟାର୍ନ, ପ୍ଲାଷ୍ଟିକ୍, ପଲିମର ଏବଂ ବେସ୍ ମେଟାଲରେ ମୋଟ ୨୨ଟି କ୍ୟୁସିଓକୁ ରଦ୍ଦ କରାଯାଇଛି। ଅନ୍ୟପଟେ ବିଭିନ୍ନ ଷ୍ଟିଲ, ଇଞ୍ଜିନିୟର୍ଡ, ଇଲେକ୍ଟ୍ରିକାଲ, ଆଲଏ ଏବଂ ଉପଭୋକ୍ତା ଉତ୍ପାଦ ବର୍ଗରେ ୫୩ଟି କ୍ୟୁସିଓକୁ ବାତିଲ କରାଯାଇଛି। ଏଥିରେ ବହୁସଂଖ୍ୟାରେ ଶିଳ୍ପ ଓ ଉପଭୋକ୍ତା ସାମଗ୍ରୀ ସାମିଲ ରହିଛି। ଏହାଦ୍ୱାରା ଭାରତର ପୋଷାକ ରପ୍ତାନି ବୃଦ୍ଧି ପାଇବ; ଜୋତା, ଅଟୋମୋବାଇଲ ଭଳି ଭିନ୍ନ ଭିନ୍ନ ଶିଳ୍ପରେ ଉତ୍ପାଦନ ଖର୍ଚ୍ଚ କମିବ ଏବଂ ଘରୋଇ ଉପଭୋକ୍ତାଙ୍କୁ ଇଲେକ୍ଟ୍ରୋନିକ୍ସ, ସାଇକେଲ ଏବଂ ଅଟୋମୋଟିଭ ଉତ୍ପାଦ କମ୍ ଦାମରେ ମିଳିପାରିବ।

**ଐତିହାସିକ ଶ୍ରମ ସଂସ୍କାର:**

* ଶ୍ରମ ଆଇନକୁ ନୂଆ ରୂପ ଦିଆଯାଇଛି, ଯେଉଁଥିରେ ୨୯ଟି ଭିନ୍ନ ଭିନ୍ନ ଆଇନକୁ ମିଶାଇ ଚାରିଟି ଆଧୁନିକ ଶ୍ରମ ସଂହିତା ପ୍ରସ୍ତୁତ କରାଯାଇଛି।

* ଭାରତ ଏପରି ଏକ ଶ୍ରମ ଢାଞ୍ଚା ପ୍ରସ୍ତୁତ କରିଛି, ଯାହା ଶ୍ରମିକଙ୍କ ହିତ ରକ୍ଷା କରିବା ସହିତ ବ୍ୟବସାୟ ପାଇଁ ଅନୁକୂଳ ପରିବେଶକୁ ମଧ୍ୟ ପ୍ରୋତ୍ସାହନ ଦେବ।

* ଏସବୁସଂସ୍କାର ଉଚିତ ବେତନ, ଠିକ୍‌ସମୟରେ ବେତନ ପୈଠ, ଉନ୍ନତ ଶିଳ୍ପ ସମ୍ପର୍କ, ସାମାଜିକ ସୁରକ୍ଷା ଏବଂ ସୁରକ୍ଷିତ କାର୍ଯ୍ୟ ପରିବେଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଏହାଦ୍ୱାରା ଶ୍ରମଶକ୍ତିରେ ମହିଳାଙ୍କ ଅଧିକ ଭାଗୀଦାରି ସୁନିଶ୍ଚିତ ହେବ।

ଠିକା ଶ୍ରମିକଙ୍କ ସମେତ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ଇଏସ୍ଆଇସି ଏବଂ ଇପିଏଫ୍‌ଓ ଅଧୀନକୁ ଅଣାଯାଇଛି, ଯଦ୍ୱାରା ଔପଚାରିକ ଶ୍ରମଶକ୍ତିର ପରିସର ବୃଦ୍ଧି ପାଇଛି।

**ଭାରତୀୟ ଉତ୍ପାଦ ପାଇଁ ବିବିଧ ଏବଂ ବିସ୍ତୃତ ବଜାର:**

*ନ୍ୟୁଜିଲାଣ୍ଡ, ଓମାନ ଏବଂ ବ୍ରିଟେନ ସହ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହା ନିବେଶ ବଢ଼ାଇବା ସହିତ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ ମଧ୍ୟ ଲାଭ ପାଇବେ। ଏହା ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଏକ ଭରସାଯୋଗ୍ୟ ଓ ଦକ୍ଷ ସହଯୋଗୀ ରୂପେ ଭାରତର ସ୍ଥିତିକୁ ମଜଭୁତ କରିଥାଏ।

* ସୁଜରଲ୍ୟାଣ୍ଡ, ନରୱେ, ଆଇସ୍‌ଲ୍ୟାଣ୍ଡ ଏବଂ ଲିକ୍ଟନଷ୍ଟାଇନକୁ ନେଇ ଗଠିତ ୟୁରୋପୀୟ ବାଣିଜ୍ୟ ସଂଘ ସହିତ ଏଫ୍‌ଟିଏକୁ କାର୍ଯ୍ୟକାରୀ କରାଯାଇଛି। ଏହା ବିକଶିତ ୟୁରୋପୀୟ ଅର୍ଥବ୍ୟବସ୍ଥା ସହିତ ଭାରତର ପ୍ରଥମ ଏଫ୍‌ଟିଏ।

**ଆଣବିକ ଶକ୍ତି ସଂସ୍କାର:**

* 'ଶାନ୍ତି' ଆଇନ ଭାରତର ସ୍ୱଚ୍ଛ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାର ଯାତ୍ରାରେ ଏକ ବଡ଼ ପରିବର୍ତ୍ତନକାରୀ ପଦକ୍ଷେପ। ଏହା ଆଣବିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସୁରକ୍ଷିତ, ନିରାପଦ ଏବଂ ଉତ୍ତରଦାୟୀ ବିସ୍ତାର ଲାଗି ଏକ ମଜବୁତ ଢାଞ୍ଚା ସୁନିଶ୍ଚିତ କରିଥାଏ।

* ଏହା ଡାଟା ସେଣ୍ଟର, ଅତ୍ୟାଧୁନିକ ତଥା ଉନ୍ନତ ଉତ୍ପାଦନ, ସବୁଜ ହାଇଡ୍ରୋଜେନ ଏବଂ ଉଚ୍ଚ-ପ୍ରଯୁକ୍ତି ଆଧାରିତ ଶିଳ୍ପକୁ ଶକ୍ତି ପ୍ରଦାନ କରି ଭାରତକୁ ଏଆଇ ଯୁଗରେ ବର୍ଦ୍ଧିତ ଶକ୍ତି ଆବଶ୍ୟକତାକୁ ପୂରଣ କରିବାରେ ସହାୟତା କରିବ। * ସ୍ୱାସ୍ଥ୍ୟସେବା, କୃଷି, ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା, ଉଦ୍ୟୋଗ, ଗବେଷଣା ଓ ପରିବେଶ ସ୍ଥିରତାରେ ପରମାଣୁ ପ୍ରଯୁକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ମିଳିବ, ଯଦ୍ୱାରା ସମାବେଶୀ ବିକାଶ ଓ ଜୀବନର ଉନ୍ନତ ଗୁଣବତ୍ତାକୁ ସମର୍ଥନ ମିଳିପାରିବ। * ଘରୋଇ କ୍ଷେତ୍ରର ଭାଗୀଦାରି, ନବୋନ୍ମେଷ ଏବଂ ଦକ୍ଷତା ବିକାଶ ପାଇଁ ନୂଆ ରାସ୍ତା ଖୋଲିବ। ଭାରତର ଯୁବପିଢ଼ିଙ୍କୁ ନୂଆ ପ୍ରଯୁକ୍ତିବିଦ୍ୟା ଏବଂ ପରବର୍ତ୍ତୀ ପିଢ଼ିର ଶକ୍ତି ସମାଧାନରେ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିବ। ଏହା ନିବେଶକ, ଉଦ୍ଭାବକ ଏବଂ ପ୍ରତିଷ୍ଠାନଗୁଡ଼ିକ ପାଇଁ ଭାରତ ସହ ଭାଗୀଦାରି ପ୍ରତିଷ୍ଠା କରିବା, ଭାରତରେ ନିବେଶ କରିବା, ନବସୃଜନ ଏବଂ ଏକ ସ୍ୱଚ୍ଛ, ମଜଭୁତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଏକ ଉପଯୁକ୍ତ ମୁହୂର୍ତ୍ତ।

**ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟିରେ ଏକ ଐତିହାସିକ ସଂସ୍କାର:**

* ବିକଶିତ ଭାରତ- ଜୀ ରାମ ଜୀ ଆଇନ, ୨୦୨୫ ରୋଜଗାର ଗ୍ୟାରେଣ୍ଟି ବ୍ୟବସ୍ଥା ନିଶ୍ଚିତ ରୋଜଗାର ଦିବସ ସଂଖ୍ୟାକୁ ୧୦୦ ଦିନରୁ ବଢ଼ାଇ ୧୨୫ ଦିନ କରିଛି। ଏହାଦ୍ୱାରା ଗାଁର ଭିତ୍ତିଭୂମି ଏବଂ ଜୀବିକାକୁ ମଜଭୁତ କରିବା ଦିଗରେ ଖର୍ଚ୍ଚ ବଢ଼ିବ। ଏହାର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ କାମକୁ ଅଧିକ ରୋଜଗାର ଓ ଉନ୍ନତ ସମ୍ପତ୍ତି ସୁନିଶ୍ଚିତ କରିବାର ମାଧ୍ୟମରେ ପରିଣତ କରିବା।

**ଶିକ୍ଷା ସଂସ୍କାର: ସଂସଦରେ ବିଲ୍ ଉପସ୍ଥାପିତ:**

* ଏକକ, ଏକୀକୃତ ଉଚ୍ଚଶିକ୍ଷା ନିୟାମକ ପ୍ରତିଷ୍ଠା କରାଯିବ। ୟୁଜିସି, ଏଆଇସିଟିଇ, ଏନ୍‌ସିଟିଇ ପରି ଏକାଧିକ ପ୍ରତିଷ୍ଠାନ ସ୍ଥାନରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ କାର୍ଯ୍ୟକାରୀ କରାଯିବ। ଉଦ୍ଭାବନ ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ସହିତ ସଂସ୍ଥାଗୁଡ଼ିକ ସ୍ୱାୟତ୍ତ କ୍ଷମତାକୁ ସୁଦୃଢ଼ କରାଯିବ।

କେବଳ ପରିମାଣ ଦୃଷ୍ଟିରୁ ନୁହେଁ, ଅନ୍ତର୍ନିହିତ ଦର୍ଶନ ଦୃଷ୍ଟିରୁ ମଧ୍ୟ ୨୦୨୫ର ସଂସ୍କାରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ସରକାର ଏକ ଆଧୁନିକ ଗଣତନ୍ତ୍ରର ପ୍ରକୃତ ଭାବନା ନେଇ ନିୟନ୍ତ୍ରଣ ପରିବର୍ତ୍ତେ ସହଯୋଗ ଏବଂ ନିୟାମକ ପରିବର୍ତ୍ତେ ସୁବିଧାକୁ ପ୍ରାଥମିକତା ଦେଇଛି। ସହାନୁଭୂତିର ସହିତ ଏହି ସଂସ୍କାରଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏଥିରେ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା, ଯୁବ ପେସାଦାର, କୃଷକ, ଶ୍ରମିକ ଏବଂ ମଧ୍ୟବିତ୍ତ ବର୍ଗର ବାସ୍ତବତା ପ୍ରତି ଧ୍ୟାନ ଦିଆଯାଇଛି। ବିଚାରବିମର୍ଶ ଦ୍ୱାରା ଏହାକୁ ଆକାର ଦିଆଯାଇଛି। ଏହା ତଥ୍ୟ ଦ୍ୱାରା ପରିଚାଳିତ ହୋଇଛି ଓ ଭାରତର ସାମ୍ବିଧାନିକ ମୂଲ୍ୟବୋଧ ଆଧାରରେ ସ୍ଥିର ହୋଇଛି। ଏଗୁଡ଼ିକ ଅନେକ ଦଶନ୍ଧି ଧରି ଚାଲି ଆସୁଥିବା ନିୟନ୍ତ୍ରଣ-ଆଧାରିତ ଅର୍ଥ ବ୍ୟବସ୍ଥାଠାରୁ ଦୂରେଇ ଯାଇ ବିଶ୍ୱାସର ଢାଞ୍ଚାରେ କାର୍ଯ୍ୟ କରୁଥିବା ଅର୍ଥ ବ୍ୟବସ୍ଥା ଆଡ଼କୁ ସ୍ଥାନାନ୍ତରିତ ହେବା ପାଇଁ ଆମର ପ୍ରୟାସକୁ ଗତି ପ୍ରଦାନ କରୁଛି। ଏଥିରେ ନାଗରିକ କଲ୍ୟାଣ ପ୍ରତି ଗୁରୁତ୍ୱ ଦିଆଯାଇଛି।

ଏସବୁ ସଂସ୍କାରର ଲକ୍ଷ୍ୟ ହେଉଛି, ଏକ ସମୃଦ୍ଧ ଓ ଆତ୍ମନିର୍ଭରଶୀଳ ଭାରତ ଗଠନ। ବିକଶିତ ଭାରତ ନିର୍ମାଣ କରିବା ଆମ ବିକାଶ ଯାତ୍ରାର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ମଧ୍ୟ ଆମେ ସଂସ୍କାର ଲକ୍ଷ୍ୟକୁ ନେଇ ଆଗକୁ ବଢ଼ିବୁ। ଭାରତର ବିକାଶ ଗାଥା ସହ ନିଜର ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଲାଗି ମୁଁ ଭାରତ ଏବଂ ବିଦେଶରେ ରହୁଥିବା ସମସ୍ତଙ୍କୁ ଅନୁରୋଧ କରୁଛି। ଭାରତ ଉପରେ ଭରସା କରି ଆମ ଲୋକଙ୍କ ଉପରେ ନିବେଶ କରନ୍ତୁ।

# ଅବକ୍ଷୟମୁଖୀ ଜାତୀୟ ଚରିତ୍ର



ଉମାଶଙ୍କର ପ୍ରସାଦ

ଯଦି ଆମେ ଜାତୀୟ ଚରିତ୍ର ଉପରେ ଆଲୋକପାତ କରିବା ତେବେ ଆମର ଦୃଶ୍ୟପଟରେ ସ୍ୱାଧୀନତା ପୂର୍ବର ସ୍ୱାଧୀନତା ସଂଗ୍ରାମୀଙ୍କ ଚରିତ୍ର, ମୌଳିକ ଆଦର୍ଶ, ତ୍ୟାଗ, ତିତିକ୍ଷା, ସ୍ୱାବଲମ୍ବନଶୀଳତା ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା ସ୍ୱତସ୍ଫୂର୍ତ୍ତ ଭାବରେ ହୃଦୟରେ ଜାଗିଉଠେ। ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସାର ମାର୍ଗ ଦେଖାଇଥିଲେ। ଭାରତୀୟ ଆଦର୍ଶ ଏକ ଚୂଡ଼ାନ୍ତ ରୂପନେବା ଫଳରେ ବାପୁଙ୍କ 'କୁଟି ଖାଅ କାଟି ପିନ୍ଧ' ସ୍ଲୋଗାନରେ ସମସ୍ତେ ନିଜକୁ ସାମିଲ କରିବା ସହ ସାଦାସିଧା ଖାଇ, ନିହାତି ଆବଶ୍ୟକ ଜିନିଷ ବ୍ୟବହାରକରି ଯେଉଁ ପରିବର୍ତ୍ତନର ଶିଖା ପ୍ରଜ୍ୱଳିତ କରିଥିଲେ ତାହା ସମାଜକୁ ପ୍ରଭାବିତ କରିଥିଲା। ସ୍ୱାଧୀନତା ପୂର୍ବରୁ ଆମର ସେଭଳି ନିଜସ୍ୱ ବୋଲି କିଛି ନ ଥିଲା। ୧୮୬୬ ପରେ ଦୈବୀ ଦୁର୍ବିପାକ ଯୋଗୁ ଘଟିଥିବା ନ'ଅଙ୍କ ଦୁର୍ଭିକ୍ଷରେ ଅନେକ ହଜାର ଲୋକ ପ୍ରାଣ ହରାଇ ଥିଲେ। ସ୍ୱାସ୍ଥ୍ୟସେବା ପାଇଁ କୌଣସି ସୁବିଧା ନ ଥିଲା। ଜ୍ଞାନାଲୋକ ପ୍ରଜ୍ୱଳିତ କରିବା ପାଇଁ ଶିକ୍ଷାନୁଷ୍ଠାନର ସଙ୍କଟ ଥିଲା। ଇଂରେଜଙ୍କ ଶୋଷଣ ଓ ଅତ୍ୟାଚାରରେ, ବେଠି ଓ କୋରଡ଼ା ମାଡ଼ରେ ଜାତୀୟ ମେରୁଦଣ୍ଡ ଦୋହଲିଯାଇଥିଲା। ଦିଓଳି ଲୋକ ମୁଠାଏ ଖାଇବାକୁ ପାଉ ନ ଥିଲେ। ପ୍ରତିବନ୍ଧକ ଥିଲା 'ଏକ ବିଦେଶୀ ଅଙ୍କୁଶ'।

ଓଡ଼ିଶାରେ ମୋଗଲ, ପଠାଣ, ବର୍ଗୀ ଏବଂ ଇଂରେଜଙ୍କ ଅତ୍ୟାଚାରରେ ଗଣଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଫଳରେ ଏକ ସଙ୍ଗଠିତ ଜାତିହୋଇ ଛିଡ଼ାହେବା ପାଇଁ ତାକୁ ଲାଗିଥିଲା ଅନେକ ଶହ ବର୍ଷ। ଏପରିକି ସ୍ୱତନ୍ତ୍ର ଓଡ଼ିଶା ପାଇବା ପାଇଁ ଓଡ଼ିଆଙ୍କୁ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କରିବାକୁ ପଡ଼ିଥିଲା। ଏପରି ସଂଘର୍ଷ ଓ ପ୍ରାଣୋତ୍ସର୍ଗ ପରେ ଯାହା ମିଳିଲା ତାହା ଥିଲା ଖଣ୍ଡିତ ଓ ଅସଙ୍ଗଠିତ। ଏହି ସଂଘର୍ଷ ଭିତରୁ ଆମେ ଲାଭ କରିଥିଲୁ ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, ବାଲେଶ୍ୱର ପ୍ରଭୃତିର ସୀମାନ୍ତ ଅଞ୍ଚଳକୁ କଟକ, ପୁରୀ, ଗଞ୍ଜାମ, ଢେଙ୍କାନାଳ ଓ କେଉଁଝର ସହ ସାମିଲକରି ଯେଉଁ ଓଡ଼ିଶା ଆମେ ଲାଭକଲୁ ତା'ର ଦାନ ଭାରତୀୟ ଜାତୀୟତାକୁ ଅବିସ୍ମରଣୀୟ। ମହାତ୍ମା ଗାନ୍ଧୀ ଯେଉଁ ଡାକରା ଦେଲେ ତାହା ଓଡ଼ିଶାର ପୁରପଲ୍ଲୀରେ ସ୍ୱତଃ ଅନୁରଣିତ ହୋଇ ଉଠିଥିଲା। ସେତେବେଳର ସତ୍ୟବାଦୀର ବନ ବିଦ୍ୟାଳୟ ଓ ଜାତୀୟ ପୁନର୍ଗଠନ, ବରୀର ମୌଳିକ ଶିକ୍ଷା, ପାପଡ଼ାହାଣ୍ଡିର ବଳିଦାନ, କାଇପଡ଼ା କଳାମାଟିଆର ସଂଗ୍ରାମ, ଇରମ, ଇଞ୍ଚୁଡି ଓ ପାହାଡ଼ଘେରା ଆମ୍‌କୋ-ସୁମ୍‌କୋର ସଂଗ୍ରାମ। ସମସ୍ତଙ୍କୁ ଭାରତୀୟ ନେତୃବର୍ଗ ବିଶ୍ୱାସ କରିପାରୁ ନ ଥିଲେ ଯେ ଓଡ଼ିଶା ପରି ଏକ ପଛୁଆ ରାଜ୍ୟରେ ଏପରି ସଂଗ୍ରାମ ସଂଗଠିତ ହୋଇପାରେ। ମହାତ୍ମା ଗାନ୍ଧୀଙ୍କ ଦାଣ୍ଡିଯାତ୍ରାରେ ଶହ ଶହ ଲୋକ ସ୍ୱତସ୍ଫୂର୍ତ୍ତ ଭାବରେ ସାମିଲହୋଇ ନିଜ ମା'କୁ ବେଡ଼ିବନ୍ଧନରୁ ମୁକ୍ତକରିବା ପାଇଁ ଆହ୍ୱାନ ଦେଇଥିଲେ। ସେ ଦିନର ଶ୍ରାବଣ ମାସର ଅବିଶ୍ରାନ୍ତ ବର୍ଷା ବୈତରଣୀର କୂଳଲଙ୍ଘା ଗର୍ଜନ, କୃଷ୍ଣ ପକ୍ଷର ଅମାଅନ୍ଧାର ରାତି, ଗୋଟିଏ ଛୋଟ ଡଙ୍ଗା ପାଖରେ ଉପସ୍ଥିତ ଥିଲେ ମାତ୍ର ୨ଜଣ ଯୁବକ। ପୁରଷୋତ୍ତମପୁରରେ ଅପେକ୍ଷାରତ ଗଦାଧର ବାବୁ ଓ ରାଜକିଶୋର ବାବୁଙ୍କୁ ଏକ ଗୋପନ ତଥ୍ୟ ଦେବା ପାଇଁ କିନ୍ତୁ ନିୟତିର ବିଚାର ଥିଲା ଅଲଗା। ଖରସ୍ରୋତା ନଦୀର ପ୍ରଖର ସ୍ରୋତ ଘାଇ ମୁହଁରେ ଡଙ୍ଗାକୁ ଟାଣିନେଲା ବିଜୁଳି ବେଗରେ। ବଡ଼ ଆମ୍ବଗଛରେ ପିଟିହୋଇ ମୁହୂର୍ତ୍ତକରେ ବୁଡ଼ିଯାଇଥିଲା ଛୋଟ ହୁଲି ଡଙ୍ଗାଟି। ସେହି ଯୁବକଦ୍ୱୟ ସୁକୁମାର ଓ ମୋହିନୀ ମୋହନ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ ଅପେକ୍ଷା କଲେ ରାତି ପାଇଯିବ। କିନ୍ତୁ ଖବର ପହଞ୍ଚପାରିବନାହିଁ। ଏଇଠାରେ ପାଟ ଭିତର ଦେଇ ପହଁରି ପହଁରି ଯିବାକୁ ପଡିବ ପୁରୁଷୋତ୍ତମପୁର ଯାଏ ପ୍ରାୟ ୮ କିଲୋମିଟର। ବନ୍ଦେ ମାତରମ୍ କହି ଲମ୍ଫ ପ୍ରଦାନ କଲେ। ସେଠାରେ ପହଞ୍ଚିଲା ବେଳକୁ ବ୍ୟତିବ୍ୟସ୍ତ ହୋଇ ଉଠିଥିଲେ ଗଦାଧର ଓ ରାଜ କିଶୋର। ଏ ଯୁବକ ଦ୍ୱୟଙ୍କ ଦେଶ ଭକ୍ତି, ତ୍ୟାଗ, ନିଷ୍ଠା ପରିଶ୍ରମର କାହାଣୀ ପ୍ରକୃତରେ ଥିଲା ହୃଦୟସ୍ପର୍ଶୀ।

ସେଦିନର ମୁକ୍ତିକାମୀ ଦେଶପ୍ରେମୀମାନଙ୍କର କାହାଣୀ ଏଠାରେ ଅବତାରଣା କରିବାର ଏକମାତ୍ର ଉଦ୍ଦେଶ୍ୟ ଆଜିର ନେତୃବର୍ଗ କେବଳ ନିଜର ଗାଦି ଓ କ୍ଷମତା ହାସଲ ପାଇଁ ଯେକୌଣସି ଅନୈତିକ କାର୍ଯ୍ୟ କରିବାକୁ ତିଳେ ହେଲେ ପଛଘୁଞ୍ଚା ଦେଉନାହାନ୍ତି। ଆଜି ସେମାନେ ଭୁଲିଯାଇଛନ୍ତି ପୂର୍ବସୁରୀମାନଙ୍କ କଷ୍ଟଲବ୍ଧ ସ୍ୱାଧୀନତାର ଗୁରୁତ୍ୱ କ'ଣ ? ଚନ୍ଦ୍ରାଲୋକରେ ଅନେକ ପରିବାର ଅଦ୍ୟାବଧି ଜୀବନ ବିତାଉଥିବା ବେଳେ ନିର୍ବାଚିତ ପ୍ରତିନିଧିଙ୍କ ତ୍ରିତଳ ପ୍ରସାଦ ଦିନକୁ ଦିନ ବଢ଼ିଚାଲିଛି। ସାଂସଦ ଓ ବିଧାୟକଙ୍କ ମଧ୍ୟରୁ ୭୦ ପ୍ରତିଶତ କୋଟିପତି। ଏବେ ପୂର୍ବ ନେତୃବର୍ଗଙ୍କ ଭଳି ସେବା ମନୋବୃତ୍ତିର ନେତା ନାହାନ୍ତି। ଏମାନେ ସେବା ଦେବା ବଦଳରେ କେବଳ ନେବାକୁ ପ୍ରାଧାନ୍ୟ ଦେଉଥିବା ଦେଖାଯାଉଛି।

ମୋ: ୬୩୭୦୬ ୭୫୫୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଅଣପାରମ୍ପରିକ ଶକ୍ତି ଉପଲବ୍ଧ ହେଉ

ମହାଶୟ,

ଦିନକୁ ଦିନ ପରିବେଶ ପ୍ରଦୂଷଣ ବୃଦ୍ଧିପାଉଛି। ତାପମାତ୍ରା ବୃଦ୍ଧି ଯୋଗୁ ପାଣିପାଗରେ ମଧ୍ୟ ପରିବର୍ତ୍ତନ ହେବାରେ ଲାଗିଛି। ଭାରତର ରାଜଧାନୀ ନୂଆଦିଲ୍ଲୀ ଓ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ବାୟୁରେ ବିଷ ସୀମା ଟପିଲାଣି। ଦିଲ୍ଲୀବାସୀଙ୍କୁ ଏୟାର ପ୍ୟୁରିଫାୟର ଯୋଗାଇ ସରକାର ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରିଛନ୍ତି ବୋଲି ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ କୈଫିୟତ ତଲବ କରିଛନ୍ତି। କାରଣ ସରକାର କାହିଁକି ପ୍ରଦୂଷଣକୁ ନିୟନ୍ତ୍ରଣ କରିପାରୁ ନାହାନ୍ତି। ଶିଳ୍ପାୟନ, ଯାନବାହନ, ସହରୀକରଣ ଓ ତାପଜ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। କୋଇଲା ଜଳିବା ଯୋଗୁ ଯେଉଁ ପାଉଁଶ ବାହାରୁଛି ତାହା ବାୟୁ ଓ ଜଳକୁ ମଧ୍ୟ ଦୂଷିତ କରୁଛି। ଏଥିପାଇଁ ବୃକ୍ଷରୋପଣ ଜରୁରୀ ଏବଂ ଏ ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି। ଭାରତର ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନିଜ ମା' ନାମରେ ଗୋଟିଏ ଲେଖାଏ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ତାପଜ ଶକ୍ତିର ବିକଳ୍ପ ଭାବେ ଅଣପାରମ୍ପରିକ ଶକ୍ତି ଯଥା-ସୌରଶକ୍ତି ଓ ପବନ ଶକ୍ତି ଉତ୍ପାଦନ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଏଇସବୁ ଅଣପାରମ୍ପରିକ ଶକ୍ତି କେମିତି ସହଜ ଓ ସୁଲଭ ମୂଲ୍ୟରେ ଲୋକଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ସରକାର ପଦକ୍ଷେପ ନିଅନ୍ତୁ।

-ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଧାନ କିମ୍ବା ଅନ୍ୟ ଶସ୍ୟଗୁଡ଼ିକରୁ ଚୋପା ଛଡ଼ାଉଥିବା ପାରମ୍ପରିକ ମେସିନଗୁଡ଼ିକରୁ ପ୍ରଚୁର ଧୂଆଁ ବା କୁଣ୍ଡା ବାହାରୁଛି, ଯାହା ବାୟୁ ପ୍ରଦୂଷଣ କରୁଛି। ଏହି ସମସ୍ୟାକୁ ନିରୀକ୍ଷଣ କରି ତାହାର ସମାଧାନର ବାଟ ପାଇଛନ୍ତି ଉତ୍ତରପ୍ରଦେଶର ଛାତ୍ରୀ ପୂଜା ପାଲ। ୨୦୨୩ରେ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ସେ ଶସ୍ୟରୁ ଚୋପା ଛଡ଼ାଇବା ଲାଗି ଏକ ଧୂଆଁବିହୀନ ମେସିନ (ଥ୍ରେସର ମେସିନ) ନିର୍ମାଣ କରିଥିଲେ। ଏହାକୁ ସେ ବିଭିନ୍ନ ବିଜ୍ଞାନ ମେଳାରେ ପ୍ରଦର୍ଶନ କରିବା ପରେ ପ୍ୟାଟେଣ୍ଟ ପାଇବାରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ସାହାଯ୍ୟ କରିଛି। ଭାରତର ଅନେକ କୁନି ବୈଜ୍ଞାନିକଙ୍କ ସହିତ ସେ ଟୋକିଓରେ ଆୟୋଜିତ ବିଜ୍ଞାନମେଳାରେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୧ ଡିସେମ୍ବର ୧୯୭୬

- ରାଜ୍ୟ ଜଙ୍ଗଲ କର୍ପୋରେଶନର ଚେୟାରମ୍ୟାନ୍ ବି. ଭେଙ୍କଟରମଣ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ସେକ୍ରେଟାରୀ ନିଯୁକ୍ତ।
- ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ସାରା ଦେଶରେ ମୋଟ ଦେଢ଼ ଲକ୍ଷ ପୁସ୍ତକ ବ୍ୟାଙ୍କ ବିଭିନ୍ନ ସ୍କୁଲରେ ଖୋଲାଯାଇଛି।

## ଚିରନ୍ତନୀ

ଅତୀତର ଯେତେ କ୍ଷଣ
ନୀରବିଲା ଅକାରଣ
ବିତିଗଲା ଦିନ ଦୁଃଖ ସୁଖର
ହେଲା ନାହିଁ ଯାହା କେବେ ମୁଖର ।
-(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଟିଟିଲାଗଡ଼ ଥାନାରେ ମୋବାଇଲ ହସ୍ତାନ୍ତର ମେଳା

ଟିଟିଲାଗଡ଼,୩୦।୧୨(ଶରତ ମିଶ୍ର)

ଟିଟିଲାଗଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ହଜିଥିବା ୧୬ ମୋବାଇଲ ଫୋନ୍ ପୋଲିସ ଉଦ୍ଧାର କରିଛି। ଏନେଇ ଥାନା ପରିସରରେ ହଜିଥିବା ମୋବାଇଲ ହସ୍ତାନ୍ତର ପାଇଁ ମଙ୍ଗଳବାର ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନା ଅଧିକାରୀ କଲ୍ୟାଣୀ ବେହେରା ଉପସ୍ଥିତ ରହି ପ୍ରମୋଦ ବିଶି, ଏମ୍ଡି ଫିରୋଜ, ଶାନ୍ତନୁ ମହାନ୍ତି ଓ ଦୁର୍ଯ୍ୟୋଧନ ନିଆଲଙ୍କୁ ସେମାନଙ୍କର ହଜିଯାଇଥିବା ମୋବାଇଲ ହସ୍ତାନ୍ତର କରିଛନ୍ତି। ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ସେମାନଙ୍କ ମୋବାଇଲ ହସ୍ତାନ୍ତର କରାଯିବ। ଲୋକଙ୍କର ହଜିଯାଇଥିବା ମୋବାଇଲକୁ ସଚେତନ ନାଗରିକ ପାଇବା ପରେ ପୋଲିସ ଜିମା ଦେଇଥିବାରୁ ଥାନାଧିକାରୀ ସେମାନଙ୍କୁ ପ୍ରଶଂସା କରିଥିଲେ।

### ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ

ପାଟଣାଗଡ଼,୩୦।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ୍ ଅନ୍ତର୍ଗତ ଧୁବଲପଡା ଗ୍ରାମରେ ଏନ୍ଏସ୍ଏସ୍ ପକ୍ଷରୁ ୭ ଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଭଇଁଷା ଜ୍ୟୋତି ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଠଣସୁନ୍ଦର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ମନୋଜ କୁମାର ମହାପାତ୍ର ଯୋଗଦେଇ ଛାତ୍ରମାନେ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁକହିଥିଲେ। ଏନ୍ଏସ୍ଏସ୍ଅଧିକାରୀ ସନ୍ତୋଷ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଶିବିରରେ ୫୦ ଜଣ ଛାତ୍ର ଯୋଗଦେଇଥିଲେ।

### ଦେଓଗାଁ ବ୍ଲକ ଅଧକ୍ଷଙ୍କ ଜେଜେମାଙ୍କ ପରଲୋକ

ଦେଓଗାଁ,୩୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀରଜିଲା ଦେଓଗାଁ ବ୍ଲକ୍ଅଧକ୍ଷ ଦୟାନିଧି ଖମାରୀଙ୍କ ଆଇ ଲତା ଖମାରୀ(୯୫)ଙ୍କର ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁଅ ଭକ୍ତବନ୍ଧୁ ଖମାରୀ, ପୁତ୍ରବଧୂ, ୬ଝିଅ, ନାତି ମଣ୍ଟୁ, ପିଣ୍ଟୁ, ଓ ଚିଣ୍ଟୁ ଉପସ୍ଥିତ ଥିଲେ।



ଗ୍ରାମ ନିକଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଭକ୍ତବନ୍ଧୁ ମୁଖାଗ୍ନି ଦେଇଥିଲେ। ଶ୍ମଶାନରେ ବିଧାୟକଙ୍କ ପ୍ରତିନିଧି ଶୁଶୀଳ କୁମାର ଚାନ୍ଦ, ଶୈଳେନ୍ଦ୍ର କୁମାର ସାହୁ, ସାରସମାଲ ପାକ୍ସ ସଭାପତି ଗୋପୀନାଥ ବାଗ, ପୂର୍ବତନ ସରପଞ୍ଚ ଶଙ୍କର ମୁଦୁଲି, ମୁକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ, ବ୍ଲକ୍ କଂଗ୍ରେସ ସଭାପତି ରାମଜୀ ଚୌଧୂରୀ ଉପସ୍ଥିତ ଥିଲେ ।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ରାସ୍ତାରେ ଗାତଖୋଳା

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଞ୍ଚଳର ଅନେକ ସରକାରୀ ଜମି ଜବରଦଖଲକାରୀଙ୍କ କବ୍ଜାରେ ରହିଛି। ହେଲେ ଲୋଇସିଂହା ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ ବିଚିତ୍ର ନୀତି ଦେଖିବାକୁ ମିଳିଛି। ଏହି ବ୍ଲକ୍ ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଗ୍ରାମ ବରପାଲିପଡ଼ାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସର୍ବସାଧାରଣରେ ବ୍ୟବହୃତ କଂକ୍ରିଟ ରାସ୍ତାକୁ ଚିହ୍ନଟ କରାଯାଇଛି। ଏହି ରାସ୍ତା ମଝିରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ପିଲର ଗାତ ଖୋଳାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପ୍ରାୟ ୩ ବର୍ଷ ହେବ ବରପାଲିପଡ଼ା ଅଞ୍ଚଳର ଶିଶୁଙ୍କୁ ଶିକ୍ଷା ପ୍ରଦାନ ପାଇଁ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ହେଲେ ଅଦ୍ୟାବଧି କେନ୍ଦ୍ରର ନିଜସ୍ୱ କୋଠାନାହିଁ। କେନ୍ଦ୍ରର କର୍ମୀ ନିଜ ଘରେ ସ୍ଥାନୀୟ ୧୧ ଜଣ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ



ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ କଂକ୍ରିଟ ରାସ୍ତାରେ ଗାତ ଖୋଳାଯାଇଛି।

ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ଗ୍ରାମରେ ନିର୍ମାଣାଧୀନ ଥିବା ପାର୍କ ନିକଟରେ କେନ୍ଦ୍ର ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ସେଠାରେ କେନ୍ଦ୍ର ନିର୍ମାଣ ନ କରି ବରପାଲିପଡ଼ା ଅଞ୍ଚଳରେ ପ୍ରଶାସନ ପକ୍ଷରୁ ପୁଣି ଜାଗା ଚିହ୍ନଟ କରାଯାଇଛି। ବରପାଲିପଡ଼ାର କଇଁରୁ ସାହୁଙ୍କ ଘର ନିକଟସ୍ଥ ବୁଲାଣି ରାସ୍ତାରେ ଫାଙ୍କା ଥିବା ଏକ ଜାଗା ଚିହ୍ନଟ ହୋଇଛି । କେନ୍ଦ୍ର ନିର୍ମାଣ ପାଇଁ କଂକ୍ରିଟ୍ ରାସ୍ତାର ୫ କଦମ ରାସ୍ତା ଉପରକୁ ଜାଗା ଚିହ୍ନଟ ହୋଇଛି। ଜାଗା ଚିହ୍ନଟ ପରେ କାମ ପାଇଥିବା ଠିକାଦାର କେନ୍ଦ୍ର ନିର୍ମାଣ ପାଇଁ ପିଲର ଗାତ ଖୋଳିଛନ୍ତି। ୯ଟି ଗାତ ମଧ୍ୟରୁ ୩ଟି ପିଲର ଗାତ କଂକ୍ରିଟ ରାସ୍ତା ଉପରେ ଖୋଳାଯାଇଛି। ଏହାଦ୍ୱାରା ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସମ୍ଭବ ହୋଇପାରୁନାହିଁ। ୨୬ ନମ୍ବର ଜାତୀୟ ରାଜପଥରୁ ବରପାଲିପଡ଼ା କଂକ୍ରିଟ୍ ରାସ୍ତା ଦେଇ ସଂଯୋଗ ଥିବା ମାଣ୍ଡିଆପଦର ଆର୍ଡ଼ି ରାସ୍ତାରେ ଲୋକେ ଯିବାଆସିବା କରୁଥିଲେ। ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ଏହି ବସ୍ତିରେ ଲୋକେ ବସବାସ କରୁଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାରେ ଲକ୍ଷାଧିକ ଟଙ୍କାବ୍ୟୟରେ ଅନେକଥର ରାସ୍ତା କଂକ୍ରିଟ୍ ହୋଇସାରିଛି। ଅଙ୍ଗନୱାଡି କେନ୍ଦ୍ର ହେଲେ ରାସ୍ତା ବନ୍ଦ ହେବା ସମ୍ଭାବନା ଦେଖାଦେଇଛି। ଏଣୁ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଉକ୍ତ ଅଞ୍ଚଳରେ ଅନେକ ସରକାରୀ ଜମି ରହିଛି। ସେହି ସ୍ଥାନରେ ଚିହ୍ନଟ ନ କରି ପ୍ରଶାସନ ପକ୍ଷରୁ ରାସ୍ତାର ବୁଲାଣିଠାରେ ଅଧା କଂକ୍ରିଟ୍ ରାସ୍ତାକୁ ମାଡି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ମସୁଧା କରିବା ଦୁର୍ଭାଗ୍ୟର ବିଷୟ ବୋଲି ୱାର୍ଡସଭ୍ୟ କଇଁରୁ ସାହୁ, କାନ୍ଦରୀ ସାହୁ, ସଜନୀ ବେହେରା, ଅଭାଗିନୀ ସାହୁ ଓ କିଶୋରୀ କୁଅଁର ପ୍ରମୁଖ କହିଛନ୍ତି। ଏନେଇ ବିଡିଓ ଅକ୍ଷୟ ପାଣି ଉଦ୍ଧୁ କହିଛନ୍ତି, ବରପାଲିପଡ଼ାର ଶିଶୁଙ୍କ ସୁବିଧା ପାଇଁ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତରେ ସେହି ସ୍ଥାନକୁ ଚିହ୍ନଟ କରାଯାଇଛି। ରାସ୍ତା ବନ୍ଦ ହେବ ନାହିଁ। ବିକଳ୍ପ ରାସ୍ତା ପାଇଁ ମଧ୍ୟ ଯୋଜନା ହୋଇଥିବା ସେ କହିଛନ୍ତି।

# ଦେବକୀ, ବସୁଦେବ କାରାବରଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦେଓଗାଁ,୩୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମରେ ମଙ୍ଗଳବାର ଧନୁଯାତ୍ରାର ଦ୍ୱିତୀୟ ରଜନୀରେ ଦେବକୀ, ବସୁଦେବଙ୍କୁ କାରାବଣ ଓ କଂସ ମହାରାଜଙ୍କ ଦ୍ୱାରା ଦେବକୀଙ୍କ ପ୍ରଥମ ଗର୍ଭନଷ୍ଟ ନାଟ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା। କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ ଅଞ୍ଚଳର ବିକାଶ ଦିଗରେ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନୀତ

**ନୂଆଁପାଲି ଧନୁଯାତ୍ରା ଦ୍ୱିତୀୟ ଦିବସ**

ଅତିଥିଭାବେ ଯୁବନେତା ଅସିତ ମିଶ୍ର, ସୁବାସ ବିଶ୍ୱାଳ ମଞ୍ଚାସୀନ ଥିଲେ। ଚଳିତବର୍ଷ ପ୍ରଫୁଲ୍ଲ ମେହେର ଓ ସାଥିଙ୍କ ଦ୍ୱାରା କଂସ ଦରବାର ଚାଲିଥିବାବେଳେ ଏହି ଅବସରରେ ତରଣୀସେନ ତ୍ରିପାଠୀଙ୍କ ଦ୍ୱାରା ଗୋପଲୀଳା ପାରାୟଣ ଅନୁଷ୍ଠିତ ହୋଇଥିଲା । ଏଥିସହ ଇସ୍କନ ସଂସ୍ଥା ଦ୍ୱାରା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସମ୍ପାଦକ ଶୋଭାବନ ବିଶ୍ୱାଳ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ଦୋରାଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଇଫ୍ରାତ୍ ଜୋଏଲ୍ଙ୍କୁ ଲିଟିଲ ମିସ୍ ଗ୍ଲୋବାଲ ଇଣ୍ଟରନ୍ୟାଶନାଲ ଟାଇଟଲ୍

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)

ମହାରାଷ୍ଟ୍ରର ସାଙ୍ଗ୍ଲୀ ସହରରେ ଗ୍ଲୋବାଲ ମଡେଲ ଇଣ୍ଡିଆ ତରଫରୁ ସୋମବାର ଆୟୋଜିତ ଲିଟିଲ ମିସ୍ ଇଣ୍ଡିଆ ଜାତୀୟ ମଡେଲିଂ ପ୍ରତିଯୋଗିତାରେ ବଲାଙ୍ଗୀରର କୁନି ଝିଅ ପୁଣି ଚମକିଛନ୍ତି। ସେହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଜଡାମୁଣ୍ଡାର ଇଫ୍ରାତ୍ ଜୋଏଲ୍(୯)। ଏହି ପ୍ରତିଯୋଗିତାରେ ଭାରତ ସମେତ ଅଷ୍ଟ୍ରେଲିଆ, ଆମେରିକା, ୟୁକ୍ରେନ୍, ମାଲେସିଆ, ଶ୍ରୀଲଙ୍କା ଏବଂ ଆଲ୍‌ଜେରିଆ ଭଳି ବିଭିନ୍ନ ଦେଶରୁ ଭାଗ ନେଇଥିବା ୧୨ ଜଣ ପ୍ରତିଯୋଗୀଙ୍କ ସହ ଇଫ୍ରାତ୍ ପ୍ରତିଦ୍ୱନ୍ଦ୍ୱିତା



ଇଫ୍ରାତ ଜୋଏଲ୍।

କରିଥିଲେ। ଏଥିରେ ସେ ଚମତ୍କାର ପ୍ରଦର୍ଶନ କରି ଲିଟିଲ ମିସ୍ ଗ୍ଲୋବାଲ ଇଣ୍ଟରନ୍ୟାଶନାଲ ଟାଇଟଲ୍ ହାସଲ କରି ଭାରତ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ତାଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଇଫ୍ରାତଙ୍କ ଏହି ସଫଳତା ପାଇଁ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ତାଙ୍କୁ ଏବଂ ତାଙ୍କ ଅଭିଭାବକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାର ଲାଗିଛି।

ସୂଚନାଯୋଗ୍ୟ, ଲୋଇସିଂହା ଥାନା ଅଧୀନ ଜଡାମୁଣ୍ଡା ଅଞ୍ଚଳର ବି. ନିବେଦିତା ଓ ଜୀବନଜ୍ୟୋତି ବାଗ୍‌ଙ୍କ ଏକମାତ୍ର ଝିଅ ହେଉଛନ୍ତି ଇଫ୍ରାତ। ସେ ଲୋଇସିଂହା ଝାରମୁଣ୍ଡାସ୍ଥିତ ବେଥାନୀ କନ୍‌ଭେନ୍ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ରୀ। ଇଫ୍ରାତ ମଡେଲିଂରେ ରୁଚି ରଖି କ୍ୟାରିୟର କରିବାକୁ ଭବିଷ୍ୟତରେ ଲକ୍ଷ୍ୟ ରଖିଛନ୍ତି। ୨୦୨୪ ଡିସେମ୍ବର ୧୫ରେ ମହାରାଷ୍ଟ୍ରର ପୁଣେସ୍ଥିତ ଏଲପ୍ରୋ ସିଟି ସ୍କୋୟାରରେ ଆୟୋଜିତ ଲିଟିଲ ମିସ୍ ଇଣ୍ଡିଆ ଜାତୀୟ ମଡେଲିଂରେ ଭାଗ ନେଇ ସେ ଟାଇଟଲ୍ ହାସଲ କରିଥିଲେ। ୨୦୨୫ ମାର୍ଚ୍ଚରେ ନେପାଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ଭାରତରୁ ପ୍ରତିନିଧିତ୍ୱ କରିବାର ସୌଭାଗ୍ୟ ହାସଲ କରିଥିଲେ। ସେ କମ୍ ବୟସରୁ ମଡେଲିଂ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରୁଛନ୍ତି। ୨୦୨୬ ଜାନୁଆରୀ ୧ରେ ଇଫ୍ରାତ ମୁମ୍ବାଇରୁ ଆସି ଲୋଇସିଂହାରେ ପହଞ୍ଚିବେ ବୋଲି ତାଙ୍କ ଅଭିଭାବକଙ୍କ ସୂତ୍ରରୁ ଜଣାପଡିଛି।

WANTED
ଭୁବନେଶ୍ୱରରେ ରୋଗୀ ସେବା ଓ ଘରକାମ ପାଇଁ ଝିଅପିଲା ଆବଶ୍ୟକ । (ବୟସ ୩୦ ଭିତରେ) ।
Mobile- 6371887781

ଆବଶ୍ୟକ
ପ୍ରତିଷ୍ଠିତ ଭାଇଭାଇ ରସଗୋଲା ଆଣ୍ଡ ଟିଫିନ ସେଣ୍ଟର, ଲୁଇସ୍ ରୋଡ, ଭୁବନେଶ୍ୱର, ମେନ୍‌ରୋଡ, କେଦାର ଗୌରୀ ମନ୍ଦିର ନିକଟ ପାଇଁ ପିଲା ଦରକାର।
୧. ମ୍ୟାନେଜର, ୨. Billing & Accounting - ପୁଅ/ଝିଅ,
୩. ଦୋସା, ଛଣାଛଣି ଓ ଖାରା ମିସ୍ତ୍ରି,
୪. ସପ୍ଲାୟର, ୫. ରେଷ୍ଟୁରାଣ୍ଟ ମଜା ସଫା କରିବା ପିଲା ଆବଶ୍ୟକ।
ଯୋଗାଯୋଗ: 9861941304, 6371316767

See Career Appointment on every Wednesday & Saturday

WANTED
SECURITY POSTS AT BHUBANESWAR, GOPALPUR, GIRISOLA, JAJPUR, DAMANJODI, CHANDIKHOLE & BALASORE.
Contact:
Mob.: 8885039625 in 10 Days.

# ଶୋଭାଯାତ୍ରାରେ ନିଶାମୁକ୍ତ ସଚେତନତା ବାର୍ତ୍ତା

ବେଲପଡ଼ା,୩୦।୧୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅଧୀନ ଧୁମାଭଟା ଗ୍ରାମରେ କୋରେକ୍ସ ଓ ନିଶାବଟିକା ବିକ୍ରି ବନ୍ଦ ପାଇଁ ମହିଳାମାନେ ଶୋଭାଯାତ୍ରାରେ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି। ସୂଚନା ଅନୁଯାୟୀ, ଧୁମାଭଟା ଗ୍ରାମରେ ବେଆଇନ ଭାବେ କୋରେକ୍ସ ଓ ନିଶାବଟିକା ବିକ୍ରି ହେଉଛି। ଏହାକୁ ଖାଇବା ଦ୍ୱାରା ଯୁବକମାନେ ପଥଭ୍ରଷ୍ଟ ହେବା ସହ ବିଭିନ୍ନ ସମୟରେ ଲୋକଙ୍କ ସହ ଗଣ୍ଡଗୋଳ କରୁଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ପୋଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି। ଏହାକୁ ନେଇ ମଙ୍ଗଳବାର ଗ୍ରାମବାସୀ ଏକ ବୈଠକ କରିଥିଲେ। ଏହାପରେ ଗ୍ରାମର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି କୋରେକ୍ସ




ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା।

ଓ ନିଶାବଟିକା ସେବନରୁ ମୁକ୍ତ ରହିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ବନମାଳୀ ନାଏକ, ଏସ୍ଏଚ୍‌ଜି ମହାସଂଘ ସଭାପତି ଚନ୍ଦ୍ରକାନ୍ତି ବୁଡେକ, ଗୀତାଞ୍ଜଳୀ ସାହୁ, ଡଲି ବୁଡେକ, ମମତା ବୁଡେକ, ଅନୁ ପୁରୋହିତ, ବାସନ୍ତି ମଲ୍ଲିକ, ରୁବି ରଣା, ପିଙ୍କି ବୁଡେକ, ତପସ୍ୱିନୀ ପୁଟେଲ, ଯାଜ୍ଞସିନି ମଲ୍ଲିକ, କୁମ୍ଭବତୀ ସାହୁ, ଚିତ୍ରରେଖା ବୁଡେକ, ରୁକ୍ମଣୀ ସେଠଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

कार्यालय अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय, अम्बिकापुर, सरगुजा (छ.ग.)
Phone No.: 07774-297800
Email: deanmedicalcollegesurguja@gmail.com
क्रमांक/FINACC-3901/1122/2025/क्रय/शचिम/अम्बिकापुर दिनांक: 27.12.2025

// दावा आपत्ति सूचना //

राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.) की ओर से निम्न चिकित्सकीय उपकरण सापंतिक प्रकृति (Proprietary Character) होने के कारण रिएजेंट्स, कन्जयूमेबल एवं कंट्रोल क्रय करने हेतु दावा आपत्ति सूचना आमंत्रित की जा रही है। प्रपत्र एवं अन्य जानकारी महाविधालय के वेबसाईट https://www.gmcambikapur.co.in में अवलोकन कर प्राप्त किये जा सकते हैं।

| S. No. | Name of Equipment | Make | Model No. | Name of Department |
|---|---|---|---|---|
| 1 | Fully Automated Biochemistry Analyser Machine | Amax Biomedical Pvt. Ltd. | Trace 200 | Biochemistry |

दावा आपत्ति जमा करने की अंतिम तिथि - 30.01.2026 समय: संध्या 5.30 बजे तक।
स्थान: राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.)।

अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय
अम्बिकापुर, सरगुजा (छ.ग.)
G-252605739/4

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଏଚକ୍ୟୁ-୬୦-୨୦୨୫; ଏଡିଇଏନ୍/ତାମଲୁକଙ୍କ କ୍ଷେତ୍ରାଧିକାର ଅଧୀନରେ ତାମଲୁକ/ଦିଘା ସେକ୍ସନରେ କାନ୍ଥି ଏବଂ ରାମନଗର (ବେଙ୍ଗଲ) ରେଳ ଷ୍ଟେଶନଠାରେ ପ୍ଲାଟଫର୍ମର ସମ୍ପ୍ରସାରଣ; ₹୨,୯୬,୮୭,୮୨୫.୭୪; ₹୨,୯୮,୪୦୦.୦୦; (୨); ଇ-କେଜିପି-ସାଉଥ୍-୬୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର–ଭଦ୍ରକ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ ଅର୍ଥାତ ୨୫ ସେଟ୍‌ର ଟିଟିଆର୍ [ଟିଏସଆର: ୬୦ କିଗ୍ରା ୧ ଇନ୍ ୧୨ – ୩ ସେଟ୍, ଡବ୍ଲ୍ୟୁସିଏମ୍ଏସ୍: ୬୦ କିଗ୍ରା ୧ ଇନ୍ ୧୨ – ୧୬ ସେଟ୍, ଡବ୍ଲ୍ୟୁସିଏମ୍ଏସ୍: ୬୦ କିଗ୍ରା ୧ ଇନ୍ ୮.୫ – ୬ ସେଟ୍], ୪୨ ସେଟ୍‌ର ଟିଡବ୍ଲ୍ୟୁଏସ୍‌ଇଜେ ଏବଂ ୬୩ ସେଟ୍‌ର ଗ୍ଲୁଡ୍ ଜଏଣ୍ଟର ନବୀକରଣ କାର୍ଯ୍ୟ ନିର୍ବାହ; ₹୭୮,୮୫,୫୯୯.୬୫; ₹୧,୫୭,୭୦୦.୦୦; (୩); ଇ-କେଜିପି-ସାଉଥ୍-୬୬-୨୦୨୫; ଏଡିଇଏନ୍/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍–ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୨,୧୮,୮୩,୪୯୪.୨୬; ₹୨,୫୯,୪୦୦.୦୦; (୪); ଇ-କେଜିପି-ସାଉଥ୍-୬୭-୨୦୨୫; ଏଡିଇଏନ୍/ଦକ୍ଷିଣ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍–ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୧,୩୧,୫୪,୯୧୭.୧୫; ₹୨,୧୫,୮୦୦.୦୦; (୫); ଇ-କେଜିପି-ୱେଷ୍ଟ-୫୫-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ସରଡିହ ଏବଂ ଗିଧନି ଷ୍ଟେଶନ ନିକଟସ୍ଥ ଏଲସି ନଂ. ୭୦ ଓ ୯୨ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୧୬,୧୩,୬୬୦.୭୨; ₹୨,୫୮,୧୦୦.୦୦; (୬); ଇ-କେଜିପି-ୱେଷ୍ଟ-୫୬-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ଚକୁଲିଆ, କୋକପଡ଼ା ଏବଂ ଧଳଭୂମଗଡ଼ ଷ୍ଟେଶନ ନିକଟସ୍ଥ ଏଲସି ନଂ. ୧୦୩, ୧୧୧ ଓ ୧୧୬ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୨୯,୬୭,୩୩୧.୨୮; ₹୨,୬୪,୮୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦ (କ୍ର.ସଂ. ୧ରୁ ୬ ପାଇଁ) । ଖୋଲାଯିବା ତାରିଖ: ୧୩।୦୧।୨୦୨୬(କ୍ର.ସଂ. ୧ ପାଇଁ), ୧୫।୦୧।୨୦୨୬ (କ୍ର.ସଂ. ୨ରୁ ୪ ପାଇଁ) ଏବଂ ୧୬।୦୧।୨୦୨୬ (କ୍ର.ସଂ. ୫ ଓ ୬ ପାଇଁ); କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ (କ୍ର.ସଂ. ୧ରୁ ୬ ପାଇଁ); ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୧ ପାଇଁ ତା୩୦।୧୨।୨୦୨୫ରିଖରୁ ତା୧୩।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୨ରୁ ୪ ପାଇଁ ପାଇଁ ତା୦୧।୦୧।୨୦୨୬ରିଖରୁ ତା୧୫।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୫ରୁ ୬ ପାଇଁ ତା୦୨।୦୧।୨୦୨୬ରିଖରୁ ତା୧୬।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି। (PR-1015)

# ବେପାରୀଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଲୋଇସିଂହା,୩୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ହୀରାପୁର ଛକ ସାପ୍ତାହିକ ବଜାରରେ ରବିବାର ଗୁର୍ଜିଭଟା ଗ୍ରାମର ବାପପୁଅ ବେପାରୀ ଅଚ୍ୟୁତ୍ ସା ଏବଂ କମଳ ସାଙ୍କୁ ଫାସଡ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଫାସଡ ଗ୍ରାମର ନରୋତ୍ତମ ନାଗ (୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବାପପୁଅ ବେପାରୀ ପସରା ବନ୍ଦ କଲା ପରେ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତି ବଜାରକୁ ଆସି ପରିବା ମାଗିଥିଲେ। ସେମାନେ ପସରା ବନ୍ଦ କରିଥିବା କହିବାରୁ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ଅସାମାଜିକ ବ୍ୟକ୍ତିମାନେ ଉତ୍କ୍ଷିପ୍ତ ହୋଇ କାଠଫାଳିଆରେ ଆକ୍ରମଣ କରିବାରୁ ବେପାରୀ ଦ୍ୱୟ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ ବଲାଙ୍ଗୀର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

कार्यपालक अभियन्ता का कार्यालय, लघु सिंचाई प्रमंडल, राँची।
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781
पत्रांक................../ राँची, दिनांक ........./........./2025

शुद्धि–पत्र

कार्यपालक अभियंता, लघु सिंचाई प्रमण्डल, राँची का पत्रांक– 928 दिनांक–24.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR 369381 Minor Irrigation (25-26)D दिनांक 25.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 30.12.2025 up to 2.00 pm | Date: 16.01.2026 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 05.01.2026 up to 2:00 pm | Date: 22.01.2026 up to 2:00 pm |
| 3 | Submission of Tender Fee and EMD | Start Date:- 30.12.2025 up to 2:00 pm Last Date:- 05.01.2026 Time:- 2:00 PM | Start Date:- 16.01.2026 up to 2:00 pm Last Date:- 22.01.2026 Time:- 2:00 PM |
| 4 | Technical Bid Opening Date | Date: 06.01.2026 at 5:00 pm | Date 24.01.2026 at 5:00 pm |

निविदा की शेष सभी शर्ते पूर्वतः बनी रहेगी।
विश्वासभाजन
कार्यपालक अभियन्ता,
लघु सिंचाई प्रमंडल, राँची।
PR 369708 (Minor Irrigation) 25-26 (D)

# 'ଛାତ୍ରୀଛାତ୍ରଙ୍କ ସୃଜନଶୀଳତାର ବିକାଶ ଜରୁରୀ'



ଜେଏସ୍ଏମ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୩୦।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

**ଜେଏସ୍ଏମ୍ କଲେଜର ବାର୍ଷିକ ଉତ୍ସବ**

ବଲାଙ୍ଗୀରସ୍ଥିତ ଜେଏସ୍ଏମ୍ କଲେଜ ଅଫ୍ ଆର୍ଟ୍ସ, ସାଇନ୍ସ ଆଣ୍ଡ କମର୍ସର ବାର୍ଷିକ ଉତ୍ସବ ମଙ୍ଗଳବାର ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କଲେଜ ନିର୍ଦ୍ଦେଶକ ଶ୍ରୀକାନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ପାଠପଢ଼ା ସହ ସୃଜନଶୀଳତାର ବିକାଶ ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଦେବଦତ୍ତ ଇଣ୍ଡୋରିଆ ଯୋଗଦେଇ ଶିକ୍ଷା କିଭଳି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱରାଜ ହସ୍ପିଟାଲର ପ୍ରତିଷ୍ଠାତା ଡା. ସୁଜ୍ଞାନେନ୍ଦ୍ର ମିଶ୍ର, ଜେଏସ୍ଏମ୍ କଲେଜର ସହନିର୍ଦ୍ଦେଶକ ପୀତବାସ ପଣ୍ଡା, ଟିଟିଲାଗଡ଼ ଡିଏଭି କଲେଜ ବାଣିଜ୍ୟ ବିଭାଗ ମୁଖ୍ୟ ଡ. କେ. ଦେବୀ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଏଜିଏମ୍ ଡ. ଅଶୋକ କୁମାର ଜେନା ମଞ୍ଚାସୀନ ଥିଲେ। ଏହି ଅବସରରେ ଡା. ସୁଜ୍ଞାନେନ୍ଦ୍ର ମିଶ୍ର, ଶିକ୍ଷକ ଦିଲୀପ ଧଳ ଏବଂ ଆଦିବାସୀ ନେତା ମୟ ପଧାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ କଲେଜ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୌମ୍ୟ ଭୋଇଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପିକା ସ୍ମୃତି ସ୍ୱର୍ଣ୍ଣିକା ବେଜ୍ ଧନ୍ୟବାଦ ଦେଇଥିଲେ।

ODISHA COAL AND POWER LTD.
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

NOTICE INVITING TENDER

NIT No. OCPL/SUP-198_1/2025 Date: 31.12.2025

Sealed bids in prescribed format are invited from Agency/Supplier/contractor for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of bid |
|---|---|---|---|---|---|
| 1 | Annual Rate Contract for Supply of Office Stationery to OCPL for the Corporate Office at Bhubaneswar and at the Site Office at Samanwaya Bhawan, Hemgir, Sundargarh Odisha. | Nil | 31.12.2025 | 12.01.2026 | 3.00 P.M./ 3.30 P.M. on 16.01.2026 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.
Sd./- Chief Operating Officer

# ସଶକ୍ତ ଜୀବନ ପାଇଁ ସମବାୟ ଏକ ମାଧ୍ୟମ

## ଆନ୍ତର୍ଜାତିକ ସମବାୟ ବର୍ଷ ଉଦ୍‌ଯାପନୀ ସମାରୋହ

**ସୋନପୁର,୩୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ କଳାପଥରସ୍ଥିତ ଆରଏମ୍‌ସି ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ର ଉଦ୍‌ଯାପନୀ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ଡ. ସଞ୍ଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଡ. ତ୍ରିପାଠୀ କହିଥିଲେ ସମବାୟରୁ ସମୃଦ୍ଧି ଆସେ। ଏକ ସଶକ୍ତ ଜୀବନ ପାଇଁ ସମବାୟ ଏକ ମାଧ୍ୟମ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରି ୨୦୨୭ରେ ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପହଞ୍ଚାଇବାରେ ସମବାୟ ଏକ ମାଧ୍ୟମ ହେବ। ଏଥିରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ୍ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଆଲୋଚକଭାବେ ଯୋଗଦେଇ ସମବାୟ ସମିତି ଦ୍ୱାରା ବୁଣାକାର, ଚାଷୀ, ଦୁଗ୍ଧଚାଷୀ, ମତ୍ସ୍ୟଜୀବୀ ଓ ମହିଳାଙ୍କ ଉନ୍ନତି ହୋଇପାରୁଛି। ଆଗାମୀ ଦିନରେ ସମବାୟ ସଂସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରାଯିବ ଓ ପ୍ରତି ପଞ୍ଚାୟତରେ ପାକ୍ସ ପ୍ରତିଷ୍ଠା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଥିବା କହିଥିଲେ।

ସମ୍ମାନିତ ଅତିଥିଭାବେ ସୋନପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଭବାନୀ ଶଙ୍କର ଦାସ ଯୋଗଦାନ କରି ସମବାୟ ଏକ ସୁଦୃଢ଼ ଓ ଉନ୍ନତ ବିଶ୍ୱ ଗଠନ କରେ। ଚାଷୀଙ୍କୁ ଏକତାସୂତ୍ରରେ ବାନ୍ଧି ରଖେ ବୋଲି କହିଥିଲେ। ବୀରମହାରାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ନାରାୟଣ ସେଠୀ ଅନ୍ୟତମ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ସମବାୟ ବିଭାଗର କାର୍ଯ୍ୟକୁ ଆହୁରି ବିସ୍ତାର କରିବା ପାଇଁ ସରକାରଙ୍କ ଯୋଜନା ଥିବା ସୂଚନା ଦେଇଥିଲେ। ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଅବକାଶ ବେହେରା ଅନ୍ୟତମ ଆଲୋଚକ ଭାବେ ଯୋଗଦାନ କରି ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ସମବାୟ ଏକ ସୁଦୃଢ଼ ଓ ଉନ୍ନତ ବିଶ୍ୱ ଗଠନ କରେ ବୋଲି ବେହେରା ମତପ୍ରକାଶ କରିଥିଲେ। ସୋନପୁର ଉପସହକାରୀ ନିବନ୍ଧକ ବିଶ୍ୱାମିତ୍ର ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ସୋନପୁର ମଣ୍ଡଳର ଉପସହକାରୀ ନିବନ୍ଧକ ମଳୟ ଭୋଇ, ବୀରମହାରାଜପୁର ସମବାୟ ସମିତି ନିରୀକ୍ଷକ ଶାଶ୍ୱତ ଶତପଥୀ, ପ୍ରସନଜିତ୍ ବାରିକ୍, ଲକ୍ଷ୍ମଣ ବାଙ୍କ, ଦସ୍ତକୀ ଖାନ ଓ ଜ୍ୟୋତ୍ସ୍ନା ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ସମବାୟ ସମିତିର ସମ୍ପାଦକ, ଆରଏମ୍‌ସି କର୍ମଚାରୀ, ସମବାୟ ବିଭାଗର କର୍ମଚାରୀ ଓ କଳାପଥର ପାକ୍ସ କର୍ମଚାରୀମାନେ ସମାରୋହରେ ଉପସ୍ଥିତ ଥିଲେ।


ଉଦ୍‌ଯାପନୀ ସମାରୋହରେ ଡିଆରସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ କବିତା ଆସର


କବିତା ଆସରରେ ମଞ୍ଚାସୀନ ଅତିଥି ଓ କବିମାନେ।

**ବିନିକା,୩୦।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଶତବର୍ଷିକୀ ଶବ୍ଦରେ ଶବ୍ଦରେ ଶ୍ରଦ୍ଧାଞ୍ଜଳି ସହିତ କବିତା ଆସର ଭାଜପା ଜିଲା ସଭାପତି ବେଣୁଧର ଦାସଙ୍କ ସଭାପତିତ୍ୱରେ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ସମ୍ମାନୀତ ଅତିଥିଭାବେ ଅଟଳବିହାରୀ ଜିଲା ସ୍ମୃତି କମିଟି କୋଅର୍ଡିନେଟର ଉସତ କର, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ କବି ଡ଼ ଅନିରୁଦ୍ଧ କୁରକୁରିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍ସବରେ ୫୦ଜଣ କବି ଯୋଗଦାନ କରି ବାଜପେୟୀଙ୍କ ଶବ୍ଦରେ ଶବ୍ଦରେ କବିତା ଆସର କରିଥିଲେ। ପରେ ଭାଗ ନେଇଥିବା ସମସ୍ତ କବିଙ୍କୁ ସମ୍ମାନୀତ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷା ରେଖା ପଧାନ ଧନ୍ୟବାଦ ଦେଇଥିଲେ।

# ମହିଳା କନିଷ୍ଠ ମହାବିଦ୍ୟାଳୟରେ ସାଂସ୍କୃତିକ ଉତ୍ସବ

**ବିନିକା,୩୦।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ମହିଳା କନିଷ୍ଠ ମହାବିଦ୍ୟାଳୟରେ ମଙ୍ଗଳବାର ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟଙ୍ଗକବି ଜ୍ଞାନ ହୋତା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ପ୍ରମିଳା କଳତା, ଭାଜପା ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲ ଯୋଗଦେଇଥିଲେ। ଅଧ୍ୟାପିକା ବୈଜୟନ୍ତୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ଅଧ୍ୟକ୍ଷ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସମାଜରେ ମହିଳା ତଥା ବାଳିକାମାନଙ୍କ ଭୂମିକା ଉପରେ ଆଲୋକପାତ କରିବା ସହିତ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ। ବ୍ୟଙ୍ଗକବି ହୋତା ବ୍ୟଙ୍ଗ ମାଧ୍ୟମରେ ଅନେକ ଶିକ୍ଷା ଦେବା ସହିତ ଉପସ୍ଥିତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀମାନଙ୍କୁ ହସାଇଥିଲେ। ଅଧ୍ୟାପିକା ବୈଜୟନ୍ତୀ ସାହୁ ଓ ଅଧ୍ୟାପକ ଅଶୋକ ବିଶି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅଶୋକ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସବ୍ୟସାଚୀ ଦନ୍ତା, ପ୍ରଦୀପ ମିଶ୍ର, ବିଦ୍ୟୁଲତା କର, ସଙ୍ଗୀତା ପୁରୋହିତ, ଚୈତନ୍ୟ ମେହେର, ତ୍ରିସନ୍ଧ୍ୟା ମେହେର, ବିଶ୍ୱାମିତ୍ର ପାତ୍ର, ସୌମିତ୍ରୀ ମେହେର କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।



ସାଂସ୍କୃତିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଅଟଳ ବିହାରୀ ସେବା ପକ୍ଷ ପାଳନ

**ତରଭା, ୩୦।୧୨(ମାନଭଞ୍ଜନ ମିଶ୍ର):** ତରଭା ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅଟଳ ବିହାରୀ ସେବା ପକ୍ଷ ଓ ସ୍ୱରାଜ ହସ୍ପିଟାଲର ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ବାର୍ଷିକ ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିରକୁ ବଲାଙ୍ଗୀର ଏମ୍‌ପିଙ୍କ ତରଭା ବ୍ଲକ ପ୍ରତିନିଧି ବିମଳ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏମ୍‌ପିଙ୍କ ଏନ୍‌ଏସି ପ୍ରତିନିଧି ମାନସ ସାହୁ, ମେଣ୍ଡା ମଣ୍ଡଳର ଭୁବନା ନନ୍ଦ ବାଦୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଡ଼ ବିଶ୍ୱଜିତ ଶତପଥୀ, ଭାଗ୍ୟସା କୁମ୍ଭାର ୧୧୫ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଟଳ ବିହାରୀ ସେବା ପକ୍ଷର ବରିଷ୍ଠ ସଭ୍ୟ ବିଭୀଷଣ ସାହୁ, ସଞ୍ଜୀବ ନାଏକ, ଧର୍ମରାଜ ନାଏକ, ମଙ୍ଗଲାଲ ଅଗ୍ରୱାଲ, ଜୟପ୍ରକାଶ ନାରାୟଣ ସାହୁ, ପଙ୍କଜ ଅଗ୍ରୱାଲ, ତପନ ଅଗ୍ରୱାଲ ଶିବିର ପରିଚାଳନା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱରରେ ରୋଗୀ ସେବା ଓ ଘରକାମ ପାଇଁ ଝିଅପିଲା ଆବଶ୍ୟକ। (ବୟସ ୩୦ ଭିତରେ)।
Mobile- 6371887781

ଆବଶ୍ୟକ
ପ୍ରତିଷ୍ଠିତ ଭାଇଭାଇ ରସଗୋଲା ଆଣ୍ଡ ଟିଫିନ ସେଣ୍ଟର, ଲୁଇସ୍ ରୋଡ, ଭୁବନେଶ୍ୱର, ମେନ୍‌ରୋଡ, କେଦାର ଗୌରୀ ମନ୍ଦିର ନିକଟ ପାଇଁ ପିଲା ଦରକାର।
୧. ମ୍ୟାନେଜର, ୨. Billing & Accounting - ପୁଅ/ଝିଅ, ୩. ଦୋସା, ଛଣାଛଣି ଓ ଖାରା ମିସ୍ତ୍ରି, ୪. ସପ୍ଲାୟର, ୫. ରେଷ୍ଟୁରାଣ୍ଟ ମଜା ସଫା କରିବା ପିଲା ଆବଶ୍ୟକ।
ଯୋଗାଯୋଗ: 9861941304, 6371316767

See Career Appointment on every Wednesday & Saturday

WANTED
SECURITY POSTS AT BHUBANESWAR, GOPALPUR, GIRISOLA, JAJPUR, DAMANJODI, CHANDIKHOLE & BALASORE.
Contact:
Mob.: 8885039625 in 10 Days.

# ବେଟି ବଚାଓ, ବେଟି ପଢ଼ାଓ କର୍ମଶାଳା

**ବୀରମହାରାଜପୁର,୩୦।୧୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭା ଗୃହରେ ବେଟି ବଚାଓ ବେଟି ପଢାଓ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଡ଼ିପିଓ ମନୋରମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାକୁ ବିଡ଼ିଓ ଚିନ୍ମୟ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ୟୁଜିବି ବ୍ୟାଙ୍କ ଶାଖା ପରିଚାଳକ ଦୁଷ୍ମନ୍ତ କୁମାର ବେହେରା, ଜୁଭିନାଇଲ ଜଷ୍ଟିସ ବୋର୍ଡ ସଭ୍ୟା ରଞ୍ଜିତା ସାହୁ, ଅଧ୍ୟାପକ ପୂର୍ତ୍ତି ପଟେଲ ଯୋଗଦେଇ ସୁରକ୍ଷିତ ଜମା, ମହିଳାଙ୍କୁ ବିନାସୁଧ ଏବଂ କମ୍ ସୁଧରେ ବ୍ୟାଙ୍କରୁ ଦିଆଯାଉଥିବା ଋଣ, ସାମାଜିକ ଅଧିକାର, ବିଭିନ୍ନ ଆଇନ ଏବଂ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ଏହି ଅବସରରେ ୩ଜଣ କିଶୋରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ଏକ ହଜାର ଲେଖାଏ ପ୍ରଦାନ କରାଯାଇଥିଲା। କର୍ମଶାଳାକୁ ଅଦିକା କ୍ଲବର କିଶୋରୀ ବାଳିକା, ଏସଏଚଜି ମହିଳା, ଅଙ୍ଗନବାଡି କର୍ମୀ ଏବଂ କଲେଜ ଛାତ୍ରୀମାନେ ଯୋଗଦେଇଥିଲେ। କ୍ଷେତ୍ର ପରିଦର୍ଶିକା ଖ୍ରୀଷ୍ଟାବାଦୀ ପୂଜାହାରୀ ଧନ୍ୟବାଦ ଦେଇଥିଲେ।

# ବୌଦ୍ଧ ପ୍ରଶାସନର ଜବରଦଖଲମୁକ୍ତ ଅଭିଯାନ

**ବୌଦ୍ଧ,୩୦।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରତିଷ୍ଠାର ୩୨ତମ ସ୍ୱନକ୍ଷତ୍ର ଉତ୍ସବ ୨୦୨୬ ଜାନୁଆରୀ ୨ ତାରିଖରେ ପାଳନ କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନ୍ୟପକ୍ଷେ ମହୋତ୍ସବରେ ଛୋଟ ବ୍ୟବସାୟୀମାନେ ଏହି ସମୟରେ ଭଲ ଦୁଇପଇସା ରୋଜଗାର କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଚଳିତ ବର୍ଷ ଲୋକ ମହୋତ୍ସବର ତୃତୀୟ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ପ୍ରଶାସନ ଓ ଶାସକ ଦଳ ପକ୍ଷରୁ ମଧ୍ୟ ଅନୁରୂପ ପ୍ରସ୍ତୁତି ଚାଲିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା କାରଣରୁ ହେଉ କିମ୍ବା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ମହୋତ୍ସବକୁ ଦୁଇଦିନ ବାକିଥିବାବେଳେ ପ୍ରଶାସନ ପକ୍ଷରୁ ସହରରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଏହାକୁ ନେଇ ଛୋଟ ଛୋଟ ବ୍ୟବସାୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜବରଦଖଲ ମୁକ୍ତ ଅଭିଯାନକୁ କେହି ବିରୋଧ କରୁ ନ ଥିଲେ ମଧ ଏହା ମହୋତ୍ସବ ସରିଲା ପରେ କରିଥିଲେ ଭଲ ହୋଇଥାନ୍ତା ବୋଲି ବ୍ୟବସାୟୀ ମହଲରେ ମତପ୍ରକାଶ ପାଇଛି। ଏପଟେ ମହୋତ୍ସବ ପାଇଁ ସହରକୁ ସଜିତ କରିବାର ବେଳ ଥିବାବେଳେ ଜବରଦଖଲ ଭଙ୍ଗା ଯୋଗୁ ସହର ଅସୁନ୍ଦର ହେବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ବୌଦ୍ଧ କୋର୍ଟଛକରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହା ବୁଢ଼ୁପାଲି, ବସଷ୍ଟାଣ୍ଡ ଓ ମହାନଦୀ ବ୍ରିଜ୍ ଛକ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ବୌଦ୍ଧ ସହର କେନ୍ଦ୍ରସ୍ଥଳରେ ଥିବା ପୁରୁଣା ଓ ନୂତନ ବସଷ୍ଟାଣ୍ଡକୁ ମିଶାଇ ଗୋଟିଏ ବଡ ବସଷ୍ଟାଣ୍ଡ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଯୋଗୁ ଏଠାରେ ଏନ୍‌ଏସି ପକ୍ଷରୁ ନିର୍ମିତ ଦୋକାନ ଗୃହଗୁଡ଼ିକୁ ମଧ ଭାଙ୍ଗି ଦିଆଯାଇଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ସ୍ଥାୟୀ ଥଇଥାନ ପାଇଁ ସାଧାରଣରେ ମତପ୍ରକାଶ ପାଇଛି।


ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**कार्यालय अधिष्ठाता**
**राजमाता श्रीमती देवेन्द्र कुमारी सिंहदेव**
**शासकीय चिकित्सा महाविधालय, अम्बिकापुर, सरगुजा (छ.ग.)**
Phone No.: 07774-297800
Email: deanmedicalcollegesurguja@gmail.com
क्रमांक/FINACC-3901/1122/2025/क्रय/शचिम/अम्यिकापुर दिनांक: 27.12.2025

**// दावा आपत्ति सूचना //**

राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्विकापुर, सरगुजा (छ.ग.) की ओर से निम्न चिकित्सकीय उपकरण सापंतिक प्रकृति (Proprietary Character) होने के कारण रिएजेंट्स, कन्जयूमेबल एवं कंट्रोल क्रय करने हेतु दावा आपत्ति सूचना आमंत्रित की जा रही है। प्रपत्र एवं अन्य जानकारी महाविधालय के वेबसाईट https://www.gmcambikapur.co.in में अवलोकन कर प्राप्त किये जा सकते हैं।

| S. No. | Name of Equipment | Make | Model No. | Name of Department |
|---|---|---|---|---|
| 1 | Fully Automated Biochemistry Analyser Machine | Amax Biomedical Pvt. Ltd. | Trace 200 | Biochemistry |

दावा आपत्ति जमा करने की अंतिम तिथि - 30.01.2026 समय: संध्या 5.30 बजे तक।
स्थान: राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.)।

अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय
अम्बिकापुर, सरगुजा (छ.ग.)

G-252605739/4

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଏଚ୍‌କ୍ୟୁ-୬୦-୨୦୨୫; ଏଡିଇଏନ୍/ତାମଲୁକଙ୍କ କ୍ଷେତ୍ରାଧିକାର ଅଧୀନରେ ତାମଲୁକ/ଦିଘା ସେକ୍ସନରେ କାନ୍ଥି ଏବଂ ରାମନଗର (ବେଙ୍ଗଲ) ରେଳ ଷ୍ଟେଶନଠାରେ ପ୍ଲାଟଫର୍ମର ସମ୍ପ୍ରସାରଣ; ₹୨,୯୬,୮୭,୮୨୫.୭୪; ₹୨,୯୮,୪୦୦.୦୦; (୨); ଇ-କେଜିପି-ସାଉଥ୍-୬୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର–ଭଦ୍ରକ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ ଅର୍ଥାତ ୨୫ ସେଟ୍‌ର ଟିଟିଆର୍ [ଟିଏସ୍‌ଆର୍: ୬୦ କିଗ୍ରା ୧ ଇନ୍ ୧୨ – ୩ ସେଟ୍, ଡବ୍ଲ୍ୟୁସିଏମ୍‌ଏସ୍: ୬୦ କିଗ୍ରା ୧ ଇନ୍ ୧୨ – ୧୬ ସେଟ୍, ଡବ୍ଲ୍ୟୁସିଏମ୍‌ଏସ୍: ୬୦ କିଗ୍ରା ୧ ଇନ୍ ୮.୫ – ୬ ସେଟ୍], ୪୨ ସେଟ୍‌ର ଟିଡବ୍ଲ୍ୟୁଏସ୍‌ଇଜେ ଏବଂ ୬୩ ସେଟ୍‌ର ଗ୍ଲୁଡ୍ ଜଏଣ୍ଟର ନବୀକରଣ କାର୍ଯ୍ୟ ନିର୍ବାହ; ₹୭୮,୮୫,୫୯୯.୬୫; ₹୧,୫୭,୭୦୦.୦୦; (୩); ଇ-କେଜିପି-ସାଉଥ୍-୬୬-୨୦୨୫; ଏଡିଇଏନ୍/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍–ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୨,୧୮,୮୩,୪୯୪.୨୬; ₹୨,୫୯,୪୦୦.୦୦; (୪); ଇ-କେଜିପି-ସାଉଥ୍-୬୭-୨୦୨୫; ଏଡିଇଏନ୍/ଦକ୍ଷିଣ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍–ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୧,୩୧,୫୪,୯୧୭.୧୫; ₹୨,୧୫,୮୦୦.୦୦; (୫); ଇ-କେଜିପି-ୱେଷ୍ଟ-୫୫-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ସରଡିହ ଏବଂ ଗିଧନି ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୭୦ ଓ ୯୨ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୧୬,୧୩,୬୬୦.୭୨; ₹୨,୫୮,୧୦୦.୦୦; (୬); ଇ-କେଜିପି-ୱେଷ୍ଟ-୫୬-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ଚକୁଲିଆ, କୋକପଡ଼ା ଏବଂ ଧଳଭୂମଗଡ଼ ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୧୦୩, ୧୧୧ ଓ ୧୧୬ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୨୯,୬୭,୩୩୧.୨୮; ₹୨,୬୪,୮୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦.୦୦ (କ୍ର.ସଂ. ୧ରୁ ୬ ପାଇଁ)। **ଖୋଲାଯିବା ତାରିଖ:** ୧୩।୦୧।୨୦୨୬ (କ୍ର.ସଂ. ୧ ପାଇଁ), ୧୫।୦୧।୨୦୨୬ (କ୍ର.ସଂ. ୨ରୁ ୪ ପାଇଁ) ଏବଂ ୧୬।୦୧।୨୦୨୬ (କ୍ର.ସଂ. ୫ ଓ ୬ ପାଇଁ); **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ (କ୍ର.ସଂ. ୧ରୁ ୬ ପାଇଁ); **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ ୧ ପାଇଁ ତା୩୦।୧୨।୨୦୨୫ରିଖରୁ ତା୧୩।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ ୨ରୁ ୪ ପାଇଁ ପାଇଁ ତା୦୧।୦୧।୨୦୨୬ରିଖରୁ ତା୧୫।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ ୫ରୁ ୬ ପାଇଁ ତା୦୨।୦୧।୨୦୨୬ରିଖରୁ ତା୧୬।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି। **(PR-1015)**

# ୧ରୁ ୨୬ତମ ପଏଁରୀ ତିହାର

## ଭାଗ ନେବେ ୧୮ଟି ସାଂସ୍କୃତିକ ଦଳର ୪୫୦ କଳାକାର



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ସୋନପୁର,୩୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଁଏରୀ ପକ୍ଷରୁ ଜାତୀୟ ପାରମ୍ପରିକ ଲୋକନୃତ୍ୟ, ବାଦ୍ୟ ଓ ସଙ୍ଗୀତ ଉତ୍ସବ ପଏଁରୀ ତିହାର–୨୦୨୬ ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ଆୟୋଜିତ ହେବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଏହି ଉତ୍ସବ ପାଳନ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ୨୬ତମ ପଏଁରୀ ତିହାର ଜାନୁୟାରୀ ୧ରୁ ୩ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ମଙ୍ଗଳବାର ଅନୁଷ୍ଠାନ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଲ୍ଲିକ କହିଥିଲେ, ସମସ୍ତଙ୍କ ସହଯୋଗରେ ଏହି ଉତ୍ସବ ଗତ ୨୬ବର୍ଷ ଧରି ଆୟୋଜିତ ହୋଇଆସୁଛି। ଉତ୍ସବକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିପାରିଛି। ଚଳିତବର୍ଷ ଜିଲାର ଲୋକ କଳାକାର ତଥା ରାଜ୍ୟ ବାହାର କଳାକାରମାନେ ସେମାନଙ୍କର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ ବୋଲି ସମ୍ପାଦକ ଚୌଧୁରୀ ବିଭାର ସୂଚନା ଦେଇଥିଲେ। ଅନୁଷ୍ଠାନ କର୍ମକର୍ତ୍ତା, ଜିଲାର ପାରମ୍ପରିକ କଳାକାରଙ୍କୁ ନେଇ ୧ ତାରିଖ ପୂର୍ବାହ୍ନରେ ମା' ସୁରେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ସହିତ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବ। ଏଥିରେ ଶତାଧିକ କଳାକାର ସାମିଲ ହେବେ। ୩ ଦିନ ଧରି ଚାଲିବାକୁ ଥିବା ଉତ୍ସବରେ ରାଜ୍ୟ ଏବଂ ରାଜ୍ୟ ବାହାରର ୧୮ଟି ସାଂସ୍କୃତିକ ଅନୁଷ୍ଠାନର ପ୍ରାୟ ୪୫୦କଳାକାର ସାମିଲ ହେବେ। ପ୍ରତ୍ୟହ ସନ୍ଧ୍ୟାରେ ଲୋକ ପ୍ରତିନିଧି ଓ ବିଶିଷ୍ଟ ଲୋକମାନେ ଅତିଥିଭାବେ ଯୋଗଦେବେ। ଲୋକକଳା ପାଇଁ ଡୁଙ୍ଗୁରିପାଲି ବ୍ଲକ ବଲେନପାଲିର ସଦାନନ୍ଦ ମାଝୀ, ଲୋକନୃତ୍ୟ ପାଇଁ ବୀରମହାରାଜପୁର ବ୍ଲକର ରାଜେଶ ହାତୀ ଓ ଲୋକଗୀତରେ ଉଲୁଣ୍ଡା ବ୍ଲକ ଶ୍ରୀପୁରାର ସିଦ୍ଧେଶ୍ୱର ରାଜହଂସଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଯିବ। ଜିଲାର ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଅନୁଷ୍ଠାନ ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ଉପସ୍ଥିତ ଥିଲେ। ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

**कार्यपालक अभियन्ता का कार्यालय, लघु सिंचाई प्रमंडल, राँची।**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781

पत्रांक................../ राँची, दिनांक ......../......../2025

**शुद्धि–पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक– 928 दिनांक–24.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR 369381 Minor Irrigation (25-26)D दिनांक 25.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 30.12.2025 up to 2.00 pm | Date: 16.01.2026 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 05.01.2026 up to 2:00 pm | Date: 22.01.2026 up to 2:00 pm |
| 3 | Submission of Tender Fee and EMD | Start Date:- 30.12.2025 up to 2:00 pm<br>Last Date:- 05.01.2026 Time:- 2:00 PM | Start Date:- 16.01.2026 up to 2:00 pm<br>Last Date:- 22.01.2026 Time:- 2:00 PM |
| 4 | Technical Bid Opening Date | Date: 06.01.2026 at 5:00 pm | Date 24.01.2026 at 5:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन
कार्यपालक अभियन्ता,
लघु सिंचाई प्रमंडल, राँची।

PR 369708 (Minor Irrigation) 25-26 (D)

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

**NOTICE INVITING TENDER**

NIT No. OCPL/SUP-198_1/2025 Date: 31.12.2025

Sealed bids in prescribed format are invited from Agency/Supplier/contractor for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of bid |
|---|---|---|---|---|---|
| 1 | Annual Rate Contract for Supply of Office Stationery to OCPL for the Corporate Office at Bhubaneswar and at the Site Office at Samanwaya Bhawan, Hemgir, Sundargarh Odisha. | Nil | 31.12.2025 | 12.01.2026 | 3.00 P.M./ 3.30 P.M. on 16.01.2026 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Chief Operating Officer

# ଜାଲ୍ ଲାଇସେନ୍ସରେ ବନ୍ଧୁକ ବେପାର, ୩ ଗିରଫ

■ ୩ ପିସ୍ତଲ, ୩୫ ଜୀବନ୍ତ ଗୁଳି ଜବତ
■ ଲାଇସେନ୍ସ ପିଛା ୫ରୁ ୧୦ ଲକ୍ଷ ଟଙ୍କା ନେଉଥିଲେ

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)

ରାଉରକେଲା ଜିଲ୍ଲା ପୋଲିସ ସୋମବାର ରାଉରକେଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆନ୍ତଃ ରାଜ୍ୟ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଜାଲ୍ କାଗଜପତ୍ର ମାଧ୍ୟମରେ ଅବୈଧ ଅସ୍ତ୍ର ଲାଇସେନ୍ସ ସଂଗ୍ରହ ଏବଂ ଅସ୍ତ୍ର ଚାଲାଣ କରୁଥିବା ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ଜଣଙ୍କୁ ରାଉରକେଲା ପୋଲିସ ସୋମବାର ରାତିରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରାଉରକେଲା ବାସନ୍ତୀ କଲୋନୀର ରତନ କୁମାର ସା (୪୮), ରାଉରକେଲା ସିଭିଲ୍ ଟାଉନଶିପ୍ର ରମନଦୀପ ସିଂହ (୩୬) ଏବଂ ମନଦୀପ ସିଂହ। ସେମାନଙ୍କ ନିକଟରୁ ୩ ପିସ୍ତଲ, ୩୫ ଗୁଳି, ମୋବାଇଲ୍ ଫୋନ୍ ଏବଂ କିଛି ନକଲି ଲାଇସେନ୍ସ ଜବତ କରାଯାଇଛି। ଏ ନେଇ ପୋଲିସ ପୃଥକ୍ ମାମଲା (ନଂ.୪୬୬/୨୫, ନଂ.୮୧୭/୨୫ ଓ ନଂ.୮୧୮/୨୫) ରୁଜୁ କରିଛି। ଏ ନେଇ ରାଉରକେଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଅପରାହ୍ନ ୧ଟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ସୂଚନା ଦେଇଛନ୍ତି। ରାୟ ସୂଚନା ଦେଇ କହିଥିଲେ, ରାଉରକେଲା ସହରରେ ଅସ୍ତ୍ରଶସ୍ତ୍ର କାରବାର ବଢ଼ୁଥିବାରୁ ଗୁପ୍ତ ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଅନ୍ୟ ରାଜ୍ୟର ଜାଲ୍ କାଗଜପତ୍ର ତିଆରି କରି ଅବୈଧ ଅସ୍ତ୍ର ଲାଇସେନ୍ସ ସଂଗ୍ରହ କରୁଥିବା ଉକ୍ତ ରାକେଟର ୩ଜଣଙ୍କୁ ପୋଲିସ ଧରିବାରେ ସଫଳ ହୋଇଥିଲା। ଏହି ରାକେଟ୍ ରାଉରକେଲା, କୋଲକାତା ଏବଂ ନାଗାଲାଣ୍ଡ ମଧ୍ୟରେ ସଂଯୋଗ ରକ୍ଷା କାର୍ଯ୍ୟ କରୁଥିଲା। ଏପର୍ଯ୍ୟନ୍ତ ଏହି ଅସ୍ତ୍ର ଚାଲାଣକାରୀ ରାକେଟ ଅବୈଧ ଅସ୍ତ୍ର ଲାଇସେନ୍ସ ସଂଗ୍ରହ କରି ରାଉରକେଲାର କେତେଜଣ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ରାୟ କହିଥିଲେ। ଅଭିଯୁକ୍ତମାନେ ଲୋକମାନଙ୍କୁ ସମଗ୍ର ଭାରତ ପାଇଁ ବୈଧ ଅସ୍ତ୍ର ଲାଇସେନ୍ସ ସହ ଅସ୍ତ୍ର ଯୋଗାଇଦେବାକୁ କହି ପ୍ରତ୍ୟେକ ଲାଇସେନ୍ସ ପିଛା ୫ରୁ ୧୦ ଲକ୍ଷ ଟଙ୍କା ନେଉଥିଲେ ବୋଲି ଡିଆଇଜି ରାୟ କହିଥିଲେ। ସେହିପରି ଏସ୍ପି ନୀତେଶ ୱାଧୱାନୀ କହିଥିଲେ, ପ୍ରାରମ୍ଭିକ ତଦନ୍ତରେ ଏହି ରାକେଟ ରାଉରକେଲା–କୋଲକାତା–ନାଗାଲାଣ୍ଡ ମଧ୍ୟରେ ସକ୍ରିୟ ଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ଏପର୍ଯ୍ୟନ୍ତ ଅନେକ ଲୋକଙ୍କୁ ଅବୈଧ ଲାଇସେନ୍ସ ଯୋଗାଇ ଦେଇଛନ୍ତି। ଏହି ଗ୍ୟାଙ୍ଗ୍ ବହୁତ ସଙ୍ଗଠିତ ଭାବେ କାମ କରୁଥିଲା। ନାଗାଲାଣ୍ଡ ନାମରେ ଜାଲ କାଗଜପତ୍ର ସାହାଯ୍ୟରେ ବୈଧ ଲାଇସେନ୍ସ ହସ୍ତଗତ ହୋଇଛି। ରାଉରକେଲା, କୋଲକାତା ଓ ନାଗାଲାଣ୍ଡ ସଂଯୋଗର ତଦନ୍ତ ଚାଲିଛି। ତିନି ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହେପାଜତକୁ ପଠାଇ ପୋଲିସ ତଦନ୍ତ କରୁଛି ବୋଲି ଏସ୍ପି ୱାଧୱାନୀ କହିଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

# ଆଇଜିଏଚ୍ କର୍ମଚାରୀଙ୍କ ପାଇଁ ତ୍ରିପାକ୍ଷିକ ଚୁକ୍ତିନାମା

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)


ଅଧିକାରୀମାନଙ୍କ ଉପସ୍ଥିତିରେ ଚୁକ୍ତିନାମା କରାଯାଉଛି।

ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ମଙ୍ଗଳବାର ଅପରାହ୍ନରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ହୋଇଯାଇଛି। ଏହି ଚୁକ୍ତିନାମା ଜରିଆରେ କ୍ଲଷ୍ଟରରୁ କ୍ଲଷ୍ଟର ୩ ବର୍ଷିୟା ପ୍ରୋନ୍ନତି ପାଇ ନ ଥିବା ଆଇଜିଏଚ୍ କର୍ମଚାରୀମାନଙ୍କୁ ତିନି ବର୍ଷିୟା ପ୍ରୋନ୍ନତି ଦେବା ବ୍ୟବସ୍ଥା କରାଯିବ। ଏଥିସହ ନର୍ସ ଅଫିସର, ସିନିୟର ନର୍ସ ଅଫିସର ଭଳି କିଛି ନୂଆ ପଦବୀ ଏବଂ ଡେପୁଟି ନର୍ସି ସୁପରିଣ୍ଟେଣ୍ଡେଣ୍ଟ, ଚିଫ୍ ଫାର୍ମାସିଷ୍ଟ କମ୍ ଷ୍ଟୋର କିପର, ଚିଫ୍ ରେଡ଼ିଓଲୋଜିଷ୍ଟ, ଚିଫ୍ ଟେକ୍ନୋଲୋଜିଷ୍ଟ, ଚିଫ୍ ଫିଜିଓଥେରାପିଷ୍ଟ ଭଳି କଟିଯାଇଥିବା ଅନେକ ସମ୍ମାନଜନକ ପଦବୀମାନ ପୁନଃ ପ୍ରଚଳନ କରାଯିବ। ଚୁକ୍ତିନାମା ସମୟରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଆଇଜିଏଚ୍ର ଭାରପ୍ରାପ୍ତ ସିଏମ୍ଓ ଡା. ଜୟନ୍ତ ଆଚାର୍ଯ୍ୟ, ସିଏମ୍ଓ ଡା. ପ୍ରତିଭା ଷଡ଼ଙ୍ଗୀ, ଡା. ସୁଶୀଲ କୁମାର, ସିଜିଏମ୍(ଏଚ୍ଆର) ମାନସ ରଥ, ଜିଏମ୍ଇନ୍‌ଚାର୍ଜ ଦାଶ, ଏସ୍. ସି. ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ଉପସଭାପତି ଅକ୍ଷୟ ଜେନା, ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ବରିଷ୍ଠ ଉପସଭାପତି ଆର୍. କେ. ପଣ୍ଡା, ନିହାର ଦାସ, ସତ୍ୟ ସାହୁ, ରମେଶ ଚନ୍ଦ୍ର ଦତ୍ତ, ବୀରକିଶୋର ଶେଖରଦେଓ, ରଘୁନାଥ ଭୁଞ୍ଚା, ସମ୍ପାଦକ ଦୁର୍ଗା ଜେନା, ରମାକାନ୍ତ ପରିଡ଼ା, ସମର ମଣ୍ଡଳ, ଅଖିଳ ପୃଷ୍ଟି, ଅକ୍ଷୟ ବେହେରା, ବ୍ରଜକିଶୋର ନାୟକ, ପି. ଏସ୍. ଷଡ଼ଙ୍ଗୀ, ସେବତୀ ଲାଲା ବିଲୁଙ୍ଗ, ପଦ୍ମ ନାୟକ, ଘନଶ୍ୟାମ ନାୟକ, ଅଜିତା ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବୃନ୍ଦାବନ ବେହେରା, ଡି. ନାୟକ, ଗାଙ୍ଗପୁର ମଜଦୁର ମଞ୍ଚ ଉପସଭାପତି ସନ୍ତୋଷ କୁଜୁର, ସୁଲେମାନ କାଉଡ଼ିଆଙ୍କ ସମେତ ଅନେକ ବରିଷ୍ଠ କର୍ମକର୍ତ୍ତା ଏବଂ ଆରଏଲ୍ସି ରବିକାନ୍ତ ରେଡ୍ଡୀ ଉପସ୍ଥିତ ଥିଲେ।

# ଆଜା ନାଚ୍‌ଲେ ଜାତୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ମଞ୍ଚରେ ଉପସ୍ଥିତ ନୃତ୍ୟଶିଳ୍ପୀ।

ରାଉରକେଲା,୩୦।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ରୋଜା ନୃତ୍ୟାନୁଷ୍ଠାନ ପକ୍ଷରୁ ଆଜା ନାଚ୍‌ଲେ କାର୍ଯ୍ୟକ୍ରମ ସିଭିକ୍ ସେଣ୍ଟରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଆଲୋକ ଜେନା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ କମଲ ଅଗ୍ରୱାଲ, ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଇଂ. ଅଭୟ କୁମାର ଦାସ, ଏନ୍‌ଆଇଟି ଡିନ୍ ପ୍ରଫେସର ରାଜୀବ ପଣ୍ଡା, ଡାକ୍ତର ଅମିତ ଦାସ, ସମାଜସେବୀ ବିଳାସିନୀ ଖେଡିଆ, ସୂର୍ଯ୍ୟ ମହାନ୍ତି, ଅନୁଷ୍ଠାନର ଅଧକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁ, ଅନିତା ଅଗ୍ରୱାଲ ଅତିଥି ଏବଂ ଚଳଚ୍ଚିତ୍ର ଅଭିନେତ୍ରୀ ଅଙ୍କିତା ଦାଶ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଆକର୍ଷଣ ରୋଜା କେବଳ ରାଉରକେଲା ବା ରାଜ୍ୟ କାହିଁକି ସମଗ୍ର ବଲିଉଡ୍ ଜଗତରେ ସ୍ୱନାମଧନ୍ୟ ନୃତ୍ୟ ନିର୍ଦ୍ଦେଶିକା ଭାବେ ଯେଉଁ ପରିଚୟ ସୃଷ୍ଟି କରିପାରିଛନ୍ତି ତାହା ରାଉରକେଲାବାସୀଙ୍କୁ ଗର୍ବିତ କରିଛି ବୋଲି ଅତିଥିମାନେ ମତ ରଖିଥିଲେ। ସମ୍ପାଦିକା ଶିବାନୀ ରାଣା ଆବାହକ ଥିବାବେଳେ ମୋନାଲିସା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ନୃତ୍ୟ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଗୁନୁ ଗୌଡ଼, ସଭାପତି ବିଜୟ ମୁଖି, ଦୀପିକା ପାତ୍ର, ସ୍ମୃତିରଞ୍ଜନ ନାୟକ, ସସ୍ମିତା ଜେନା, ହରେନ୍ଦ୍ର ନାଥ ନାୟକ, ବିଭୂତି ଭୂଷଣ ସେଠୀ, ସୌମ୍ୟଶ୍ରୀ ନାୟକ, ସୁରଜ କୁମାର ତନ୍ତୀ, ମନୋରମା ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉକ୍ତ ପ୍ରତିଯୋଗିତା ପାଇଁ ଶାସ୍ତ୍ରୀୟ କ୍ଷେତ୍ରରେ ବରହମପୁରରୁ ଗୁରୁ ଦେବୀ କୁମାରୀ ପ୍ରଧାନ ଓ ରାଉରକେଲାରୁ ଗୁରୁ ସୁଚିସ୍ମିତା ସେନ ବିଶ୍ୱାସ ଏବଂ ୱେଷ୍ଟର୍ନ କ୍ଷେତ୍ର ପାଇଁ ଭୁବନେଶ୍ୱରରୁ ଗୁରୁ ସୂର୍ଯ୍ୟନ ରଥଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ଅଧକ୍ଷା ବିଷ୍ଣୁପ୍ରିୟା ସ୍ୱାଇଁ ଓ ନିର୍ଦ୍ଦେଶକ ଆଲୋକ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସମ୍ପାଦିକା ଶିବାନୀ ରାଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରୋଜା ରାଣା ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ। ସ୍ମୃତିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ: ଜିମ୍‌ଖାନା ଚାମ୍ପିୟନ


ଟ୍ରଫି ସହ ଖେଳାଳିଗଣ।

ରାଉରକେଲା,୩୦।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର–୧୮ସ୍ଥିତ ଜିମ୍‌ଖାନା ପଡିଆରେ ଦ୍ୱିତୀୟ ସର୍ବଭାରତୀୟ ଅକ୍ଷୟ ପ୍ରିମିୟର ଅଣ୍ଡର–୧୬ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ରାଉରକେଲା ଜିମ୍‌ଖାନା କ୍ଲବ ପକ୍ଷରୁ ଆୟୋଜିତ ଏହି ମ୍ୟାଚ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆଜିର ଫାଇନାଲ ମ୍ୟାଚ୍ ୟୁଥ୍ କ୍ରିକେଟ୍ ଆସୋସିଏସନ୍ (ୱାଇସିଏ) ଓ ରାଉରକେଲା ଜିମ୍‌ଖାନା ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୱାଇସିଏ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୧୪୦ ରନ କରିଥିଲା। ଦଳ ପକ୍ଷରୁ ଏସ୍. କେ. ରୋହାନ ଅଲ୍ଲୀ ୭୪ ବଲ ଖେଳି ସର୍ବାଧିକ ୫୪ ରନ୍ କରିଥିଲେ। ୱାଇସିଏ ପକ୍ଷରୁ ଆଦିତ୍ୟ ସାଗର ଓ ଅମରନାଥ ବାନାର୍ଜୀ ୬ ଓଭର ବୋଲିଂ କରି ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ୱାଇସିଏ ଦଳ ୧୧୧ ରନ୍‌ରେ ଅଲ୍ ଆଉଟ୍ ହୋଇ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଜିମ୍‌ଖାନା ଦଳ ପକ୍ଷରୁ ଆରିଆନ ପାଲ ୫ ଓଭରରେ ୨୬ ରନ୍ ଦେଇ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଏସ୍. କେ. ରେହାନ ଅଲ୍ଲୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର କିଷ୍ଟା ସିଂ ଓ ଦୀପକ ଠାକୁର ମ୍ୟାଚ୍ ପରିଚାଳନା କରିଥିଲେ।

# ଆର୍‌ଏସ୍‌ପିରେ ଏଆଇ ତାଲିମ କାର୍ଯ୍ୟକ୍ରମ

ରାଉରକେଲା,୩୦।୧୨(ବିପ୍ଳବ ରଞ୍ଜନ ଦାଶ)


ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

ଆର୍‌ଏସ୍‌ପିର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଡିସେମ୍ବର ୨୯ରୁ ୩୦ତାରିଖ ପର୍ଯ୍ୟନ୍ତ ଏଆଇ କାର୍ଯ୍ୟ: ଆଧୁନିକ କାର୍ଯ୍ୟସ୍ଥଳୀରେ ଦକ୍ଷ କୌଶଳ ସହିତ ଦକ୍ଷ ସେଲ୍ ଶୀର୍ଷକରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ମାନବ ସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ସିଜିଏମ ପି. କେ. ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଜିଏମ ଏଚ୍. ପତି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ବିଭାଗରୁ ମୋଟ ୨୫ଜଣ ଅଧିକାରୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଅଧିବେଶନରେ ଆଇଏଣ୍ଡଏ ବିଭାଗର ସିଜିଏମ୍ କେ. କେ. ସେନଗୁପ୍ତା ଏବଂ ପି. କେ. ସାହୁ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀମାନଙ୍କ ସହିତ ମତ ବିନିମୟ କରିଥିଲେ। ଅଧିକାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତା ଉପକରଣଗୁଡ଼ିକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବାକୁ ସକ୍ଷମ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତଥ୍ୟ, ଏମ୍‌ଆଇଏସ୍, ଉପସ୍ଥାପନା ଏବଂ ରିପୋର୍ଟ ପରିଚାଳନା କରୁଥିବା ଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅଧିବେଶନରେ ଆଲୋଚ୍ୟର ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ ଦୈନନ୍ଦିନ ଉତ୍ପାଦକତା ପାଇଁ ଦ୍ରୁତ ଇଞ୍ଜିନିୟରିଂ ଏବଂ କୃତ୍ରିମ ବୁଦ୍ଧିମତା ଉପକରଣ ଗୁଡ଼ିକର ହାତ ପାହାନ୍ତାରେ ପରିଚାଳନା କରିବା ଅନ୍ତର୍ଭୁକ୍ତ ଥିଲା। ଅଧିବେଶନଗୁଡ଼ିକ ବାସ୍ତବ କାର୍ଯ୍ୟକ୍ଷେତ୍ର ପରିସ୍ଥିତି ମାଧ୍ୟମରେ ବ୍ୟବହାରିକ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ନିଜସ୍ୱ ବ୍ୟକ୍ତିଗତ ଏଆଇ ଟୁଲକିଟ୍ ନିର୍ମାଣ କରିବାକୁ ସକ୍ଷମ କରିଥିଲା। ଏହି ତାଲିମ କାର୍ଯ୍ୟକ୍ରମକୁ ଏମ୍‌ଟିଆଇର ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ଚନ୍ଦ୍ରନାଥ କୁମାର ପରିଚାଳନା କରିଥିଲେ।

# ରାସ୍ତା ଅବରୋଧ, ଫେରିଗଲେ ପର୍ଯ୍ୟଟକ

ରାଉରକେଲା,୩୦।୧୨(ସଙ୍ଗୀତା ଜେନା)


ଦେଓ ନଦୀ ବ୍ରିଜ୍ ନିକଟରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ନୂଆବର୍ଷ ପାଇଁ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ମିଟକୁନ୍ଦରୀ ଅଞ୍ଚଳର କୋଏଲ ନଦୀକୂଳରେ ପିକ୍‌ନିକ୍ କରିବାକୁ ଭିଡ଼ ଜମୁଛି। ତେବେ ପିକ୍‌ନିକ୍ ଯୋଗୁ ଅଞ୍ଚଳରେ ପ୍ରଦୂଷଣ ହେଉଥିବା ଅଭିଯୋଗ କରି ମଙ୍ଗଳବାର ଖୁଣ୍ଟଗାଁ ଗ୍ରାମପଞ୍ଚାୟତର ମିଟକୁନ୍ଦରୀ ଅଞ୍ଚଳବାସୀ ଏହାକୁ ବିରୋଧ କରିଛନ୍ତି। ମଙ୍ଗଳବାର ବାହାର ଅଞ୍ଚଳର ଲୋକେ ପିକ୍‌ନିକ୍ ପାଇଁ ସେଠାକୁ ଯାଇଥିବାବେଳେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ପିକ୍‌ନିକ୍ କରି ନ ପାରି ଫେରିଯାଇଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ନୂଆବର୍ଷ ପାଇଁ ଖୁଣ୍ଟଗାଁ ପଞ୍ଚାୟତର ମିଟକୁନ୍ଦରୀ ଅଞ୍ଚଳସ୍ଥିତ କୋଏଲ

## ପିକ୍‌ନିକ୍ ଯୋଗୁ ପ୍ରଦୂଷଣ ଅଭିଯୋଗ

ନଦୀ କୂଳରେ ପିକ୍‌ନିକ୍ କରିବାକୁ ଲୋକମାନଙ୍କ ଭିଡ଼ ଜମୁଛି। ରାଉରକେଲା ସହର ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଲୋକ ଏଠାକୁ ଆସୁଛନ୍ତି। କିନ୍ତୁ ପିକ୍‌ନିକ୍ ଶେଷରେ ସେମାନେ ନଦୀ ତଟ ଓ ନିକଟରେ ଥିବା ଚାଷଜମିଗୁଡ଼ିକୁ ଅପରିଷ୍କାର କରି ଚାଲିଯାଉଛନ୍ତି। ମଦ ବୋତଲ, ପ୍ଲାଷ୍ଟିକ ଓ ଖାଦ୍ୟପଦାର୍ଥ ଫିଙ୍ଗିଦେବାରୁ ପରିବେଶ ଦୂଷିତ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପିକ୍‌ନିକ୍ କରିବାକୁ ଆସୁଥିବା ଲୋକମାନେ ମଦ୍ୟପାନ କରି ଗ୍ଲାସ, ବୋତଲ ଫିଙ୍ଗି ଦେଉଛନ୍ତି। ପରେ ଗାଈବଳଦଙ୍କ ଖୁରାରେ ଭଙ୍ଗା କାଚ ପଶିଯାଉଛି। ଏହାଛଡ଼ା ଫିଙ୍ଗା ଯାଉଥିବା ବଳକା ଖାଦ୍ୟ ଓ ପ୍ଲାଷ୍ଟିକ ଖାଇ ଘରୋଇ ପ୍ରାଣୀ ଅସୁସ୍ଥ ହେଉଛନ୍ତି। ଏଣୁ ବଢ଼ୁଥିବା ପ୍ରଦୂଷଣ ଓ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଗ୍ରାମବାସୀ ମଙ୍ଗଳବାର ନୂଆ ବ୍ରିଜ (ଦେଓ ନଦୀ ବ୍ରିଜ) ନିକଟରେ ରାସ୍ତା ଅବରୋଧ କରି ଜିଲ୍ଲା ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଗ୍ରାମବାସୀ ଲୋକମାନଙ୍କୁ ମିଟକୁନ୍ଦରୀ ଅଞ୍ଚଳରେ ପିକ୍‌ନିକ ପାଇଁ ବାରଣ କରିଥିଲେ। ଫଳରେ ପିକ୍‌ନିକ୍ ପାଇଁ ଆସିଥିବା ବହୁ ଲୋକ ଫେରିଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଶୀତଋତୁରେ ମିଟକୁନ୍ଦରୀ ଗ୍ରାମବାସୀଙ୍କ ପକ୍ଷରୁ କୋଏଲ ନଦୀ କୂଳରେ ପିକ୍‌ନିକ୍ ପାଇଁ ଲୋକମାନଙ୍କୁ ବାରଣ କରାଯାଇଥାଏ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱରରେ ରୋଗୀ ସେବା ଓ ଘରକାମ ପାଇଁ ଝିଅପିଲା ଆବଶ୍ୟକ। (ବୟସ ୩୦ ଭିତରେ)।
Mobile- 6371887781

ଆବଶ୍ୟକ
ପ୍ରତିଷ୍ଠିତ ଭାଇଭାଇ ରସଗୋଲା ଆଣ୍ଡ ଟିଫିନ ସେଣ୍ଟର, ଲୁଇସ୍ ରୋଡ, ଭୁବନେଶ୍ୱର, ମେନ୍‌ରୋଡ, କେଦାର ଗୌରୀ ମନ୍ଦିର ନିକଟ ପାଇଁ ପିଲା ଦରକାର।
୧. ମ୍ୟାନେଜର, ୨. Billing & Accounting - ପୁଅ/ଝିଅ, ୩. ଦୋସା, ଛଣାଛଣି ଓ ଖାରା ମିସ୍ତ୍ରି, ୪. ସପ୍ଲାୟର, ୫. ରେଷ୍ଟୁରାଣ୍ଟ ମଜା ସଫା କରିବା ପିଲା ଆବଶ୍ୟକ।
ଯୋଗାଯୋଗ: 9861941304, 6371316767

See Career Appointment on every Wednesday & Saturday

WANTED
SECURITY POSTS AT BHUBANESWAR, GOPALPUR, GIRISOLA, JAJPUR, DAMANJODI, CHANDIKHOLE & BALASORE.
Contact:
Mob.: 8885039625 in 10 Days.

कार्यालय अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय, अम्बिकापुर, सरगुजा (छ.ग.)
Phone No.: 07774-297800
Email: deanmedicalcollegesurguja@gmail.com
क्रमांक/FINACC-3901/1122/2025/क्रय/शचिम/अम्बिकापुर दिनांक: 27.12.2025
// दावा आपत्ति सूचना //
राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.) की ओर से निम्न चिकित्सकीय उपकरण सापंतिक प्रकृति (Proprietary Character) होने के कारण रिएजेंट्स, कन्जयूमेबल एवं कंट्रोल क्रय करने हेतु दावा आपत्ति सूचना आमंत्रित की जा रही है। प्रपत्र एवं अन्य जानकारी महाविधालय के वेबसाईट https://www.gmcambikapur.co.in में अवलोकन कर प्राप्त किये जा सकते हैं।

| S. No. | Name of Equipment | Make | Model No. | Name of Department |
|---|---|---|---|---|
| 1 | Fully Automated Biochemistry Analyser Machine | Amax Biomedical Pvt. Ltd. | Trace 200 | Biochemistry |

दावा आपत्ति जमा करने की अंतिम तिथि - 30.01.2026 समय: संध्या 5.30 बजे तक।
स्थान: राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.)।
अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय
अम्बिकापुर, सरगुजा (छ.ग.)
G-252605739/4

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଏଚ୍‌କ୍ୟୁ-୬୦-୨୦୨୫; ଏଡିଇଏନ୍/ତାମଲୁକଙ୍କ କ୍ଷେତ୍ରାଧିକାର ଅଧୀନରେ ତାମଲୁକ/ଦିଘା ସେକ୍ସନରେ କାନ୍ଥି ଏବଂ ରାମନଗର (ବେଙ୍ଗଲ) ରେଳ ଷ୍ଟେଶନଠାରେ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ; ₹୨,୯୬,୮୭,୮୨୫.୭୪; ₹୨,୯୮,୪୦୦.୦୦; (୨); ଇ-କେଜିପି-ସାଉଥ୍-୬୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର–ଭଦ୍ରକ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ ଅର୍ଥାତ ୨୫ ସେଟ୍‌ର ଟିଟିଆର୍ [ଟିଏସ୍‌ଆର: ୬୦ କିଗ୍ରା ୧ ଇନ୍ ୧୨ – ୩ ସେଟ୍, ଡବ୍ଲ୍ୟୁସିଏମ୍‌ଏସ୍: ୬୦ କିଗ୍ରା ୧ ଇନ୍ ୧୨ – ୧୬ ସେଟ୍, ଡବ୍ଲ୍ୟୁସିଏମ୍‌ଏସ୍: ୬୦ କିଗ୍ରା ୧ ଇନ୍ ୮.୫ – ୬ ସେଟ୍], ୪୨ ସେଟ୍‌ର ଟିଡବ୍ଲ୍ୟୁଏସ୍‌ଇଜେ ଏବଂ ୬୩ ସେଟ୍‌ର ଗ୍ଲୁଡ୍ ଜଏଣ୍ଟର ନବୀକରଣ କାର୍ଯ୍ୟ ନିର୍ବାହ; ₹୭୮,୮୫,୫୯୯.୬୫; ₹୧,୫୭,୭୦୦.୦୦; (୩); ଇ-କେଜିପି-ସାଉଥ୍-୬୬-୨୦୨୫; ଏଡିଇଏନ୍/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍–ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୨,୧୮,୮୩,୪୯୪.୨୬; ₹୨,୫୯,୪୦୦.୦୦; (୪); ଇ-କେଜିପି-ସାଉଥ୍-୬୭-୨୦୨୫; ଏଡିଇଏନ୍/ଦକ୍ଷିଣ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍–ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୧,୩୧,୫୪,୯୧୭.୧୫; ₹୨,୧୫,୮୦୦.୦୦; (୫); ଇ-କେଜିପି-ୱେଷ୍ଟ-୫୫-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ସରଡିହ ଏବଂ ଗିଧନି ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୭୦ ଓ ୯୨ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୧୬,୧୩,୬୬୦.୭୨; ₹୨,୫୮,୧୦୦.୦୦; (୬); ଇ-କେଜିପି-ୱେଷ୍ଟ-୫୬-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ଚକୁଲିଆ, କୋକପଡ଼ା ଏବଂ ଧଳଭୂମଗଡ଼ ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୧୦୩, ୧୧୧ ଓ ୧୧୬ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୨୯,୬୭,୩୩୧.୨୮; ₹୨,୬୪,୮୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦ (କ୍ର.ସଂ. ୧ରୁ ୬ ପାଇଁ)। ଖୋଲାଯିବା ତାରିଖ: ୧୩।୦୧।୨୦୨୬ (କ୍ର.ସଂ. ୧ ପାଇଁ), ୧୫।୦୧।୨୦୨୬ (କ୍ର.ସଂ. ୨ରୁ ୪ ପାଇଁ) ଏବଂ ୧୬।୦୧।୨୦୨୬ (କ୍ର.ସଂ. ୫ ଓ ୬ ପାଇଁ); କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ (କ୍ର.ସଂ. ୧ରୁ ୬ ପାଇଁ); ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୧ ପାଇଁ ତା୩୦।୧୨।୨୦୨୫ରିଖରୁ ତା୧୩।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୨ରୁ ୪ ପାଇଁ ପାଇଁ ତା୦୧।୦୧।୨୦୨୬ରିଖରୁ ତା୧୫।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ବିଡିଂ ଆରମ୍ଭ ତାରିଖ: କ୍ର.ସଂ ୫ରୁ ୬ ପାଇଁ ତା୦୨।୦୧।୨୦୨୬ରିଖରୁ ତା୧୬।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି। (PR-1015)

कार्यपालक अभियन्ता का कार्यालय, लघु सिंचाई प्रमंडल, राँची।
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781
पत्रांक................../ राँची, दिनांक ......../......../2025
शुद्धि–पत्र
कार्यपालक अभियंता, लघु सिंचाई प्रमण्डल, राँची का पत्रांक– 928 दिनांक–24.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR 369381 Minor Irrigation (25-26)D दिनांक 25.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 30.12.2025 up to 2.00 pm | Date: 16.01.2026 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 05.01.2026 up to 2:00 pm | Date: 22.01.2026 up to 2:00 pm |
| 3 | Submission of Tender Fee and EMD | Start Date:- 30.12.2025 up to 2:00 pm Last Date:- 05.01.2026 Time:- 2:00 PM | Start Date:- 16.01.2026 up to 2:00 pm Last Date:- 22.01.2026 Time:- 2:00 PM |
| 4 | Technical Bid Opening Date | Date: 06.01.2026 at 5:00 pm | Date 24.01.2026 at 5:00 pm |

निविदा की शेष सभी शर्ते पूर्वतः बनी रहेगी।
विश्वासभाजन
कार्यपालक अभियन्ता,
लघु सिंचाई प्रमंडल, राँची।
PR 369708 (Minor Irrigation) 25-26 (D)

Odisha Coal and Power Limited OCPL
ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664
NOTICE INVITING TENDER
NIT No. OCPL/SUP-198_1/2025 Date: 31.12.2025
Sealed bids in prescribed format are invited from Agency/Supplier/contractor for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of bid |
|---|---|---|---|---|---|
| 1 | Annual Rate Contract for Supply of Office Stationery to OCPL for the Corporate Office at Bhubaneswar and at the Site Office at Samanwaya Bhawan, Hemgir, Sundargarh Odisha. | Nil | 31.12.2025 | 12.01.2026 | 3.00 P.M./ 3.30 P.M. on 16.01.2026 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.
Sd./- Chief Operating Officer

# ଜମି ଅଧିଗ୍ରହଣକୁ ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

**ଝାରସୁଗୁଡା,୩୦।୧୨(ଆଶିଷ ରଞ୍ଜନ ଦାଶ)**

ପୈତୃକ ଜମି ଅଧିଗ୍ରହଣକୁ ସହି ନପାରି ମଙ୍ଗଳବାର ଜଣେ ୨୫ ବର୍ଷୀୟ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଉବୁଡ଼ା ଗ୍ରାମର ସୁଜିତ ଦିଶିର(୨୫)। ସୁଜିତ୍‌ଙ୍କ ଆତ୍ମହତ୍ୟା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ବନ୍ଧବାହାଲ ସ୍ଥିତ ଲଖନପୁର ଏମ୍‌ସିଏଲ୍ ହସ୍ପିଟାଲରେ ଦୀର୍ଘ ୧୭ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୃତଦେହ ରଖି ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ବିକ୍ଷୋଭ କରିଛନ୍ତି।


ମୃତକଙ୍କ ପରିବାର ଲୋକେ ବିକ୍ଷୋଭ କରୁଛନ୍ତି।

**ଅଭିଯୋଗ କଲେ ପରିବାର ଲୋକେ**

ଉବୁଡ଼ା ଗ୍ରାମରେ ସୁଜିତଙ୍କ ପୈତୃକ ଜମିକୁ ଏମ୍‌ସିଏଲ ପକ୍ଷରୁ ଅଧିଗ୍ରହଣକୁ ମୃତକଙ୍କ ପରିବାର ଲୋକେ ବିରୋଧ କରୁଥିଲେ। ଏହା ସତ୍ତ୍ୱେ ଏମ୍‌ସିଏଲ୍ ଓ ପୋଲିସ ପକ୍ଷରୁ ଚାପ ପ୍ରୟୋଗ କରାଯାଇଥିଲା ଏବଂ ଜୋର ଜବରଦସ୍ତ ଜମି ଅଧିଗ୍ରହଣ କାରାଯାଇଥିଲା ବୋଲି ସୁଜିତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନିଯୁକ୍ତି କ୍ଷତିପୂରଣ ନଦେଇ ଏମ୍‌ସିଏଲର ଜମି ଅଧିଗ୍ରହଣକୁ ସହି ନପାରି ସୁଜିତ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଛନ୍ତି। ଅନ୍ୟପଟେ ଏଭଳି ଅଭିଯୋଗକୁ ଏମ୍‌ସିଏଲ ଜିଏମ୍ ଏ.କେ ପାଣ୍ଡେ ଖଣ୍ଡନ କରିବା ସହ ଅଧିଗ୍ରହଣ ହେଉଥିବା ଜମି ପରିବର୍ତ୍ତେ ପର୍ଯ୍ୟାୟ କ୍ରମେ ନିଯୁକ୍ତି ଏବଂ କ୍ଷତିପୂରଣ ଦିଆଯାଉଥିବା ପ୍ରକାଶ କରିଛନ୍ତି। ଏମ୍‌ସିଏଲର ବୁଝାଶୁଝା ପରେ ପରିବାର ଲୋକେ ଧାରଣାରୁ ହଟିଥିଲେ।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ପଦକ ବିଜେତାଙ୍କୁ ଶୁଭେଚ୍ଛା



ପ୍ରତିଯୋଗିତାରେ ପଦକ ଜିତିଥିବା ପ୍ରତିଯୋଗୀ।

**ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)**

କଟକ ପୋଲିସ ଖେଳପଡିଆଠାରେ ଅନୁଷ୍ଠିତ ହୋଇଥିବା ୭୧ତମ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଦେବଗଡ଼ ଜିଲାର ଖେଳାଳି କୃତୀତ୍ୱ ହାସଲ କରିଛନ୍ତି। ୫ କିମି ଦୌଡ଼ ପ୍ରତିଯୋଗିତାରେ ନିଶା ବାରିକ ପ୍ରଥମ ଓ ୩ କିମି ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ମନୋଜ ନାୟକ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ, ରିତ୍ ବାରିକ ୩ କିମି ୱାକିଂରେ ରୌପ୍ୟ ପଦକ, ସତ୍ୟଶ୍ରୀ ଜେନା ଟ୍ରିପଲ ଜମ୍ପ୍‌ରେ ରୌପ୍ୟ ପଦକ, ରଶ୍ମି ମିଞ୍ଜ ୪୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ସେମାନଙ୍କୁ ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ା ସଂସଦ ଏବଂ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇ ଅଛନ୍ତି।

## ଏକାଠି କାମ କରିବାକୁ ଶପଥ ନେଲେ ବିଜେଡି କର୍ମୀ

**ବ୍ରଜରାଜନଗର,୩୦।୧୨(ବିଜୟ ବରାଡ଼)**

ବ୍ରଜରାଜନଗର ପୌରାଞ୍ଚଳ ଖଲିଆକାନି ଛକଠାରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଜେଡି କର୍ମୀ ଓ ନେତା ଏକାଠି ହୋଇ ଦଳକୁ ସକ୍ରିୟ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଦୁଇ ଉପସଭାପତି ନନ୍ଦ କିଶୋର ଅଗ୍ରୱାଲ ଓ ବିଶ୍ୱନାଥ ନାୟକଙ୍କୁ ଏକତ୍ର ଦେଖିବାକୁ ମିଳିଥିଲା। ଦୁଇ ନେତା ପୂର୍ବ ଦିନର ଭେଦଭାବ ଭୁଲି ଆଗାମୀ ଦିନରେ କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ସ୍ଥିତିରେ ବ୍ରଜରାଜନଗର ପୌର ପ୍ରଶାସନରେ ଯେଉଁ ସବୁ ଦୁର୍ନୀତି ଚାଲୁଛି ତାକୁ ବିରୋଧ କରାଯିବ ବୋଲି ଅଗ୍ରୱାଲ ପ୍ରକାଶ କରିଥିଲେ। ନବୀନ ପଟ୍ଟନାୟକଙ୍କ ସମୟରେ ଆସିଥିବା ଟଙ୍କା ଅଦ୍ୟାବଧି ଖର୍ଚ୍ଚ ହୋଇପାରିନି, ଯେଉଁ କାମ ସବୁ ଚାଲିଛି ତାହା ପୂର୍ବତନ ସରକାରଙ୍କ ସମୟର ବୋଲି ନାୟକ ପ୍ରକାଶ କରିଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଉଭୟରେ ବିଜୁ ଜନତା ଦଳ କ୍ଷମତାସୀନ ହେବ ଓ ସ୍ୱର୍ଗତ ମହାନ୍ତି ଦେଖିଥିବା ଅଧୁରା ସ୍ୱପ୍ନ ପୂରଣ ହେବ ବୋଲି ଅଳକା ମହାନ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସଭାପତି ନଳିନୀ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ସାହୁ, ନୃପ ତଣ୍ଡିଆ ପ୍ରମୁଖ ସାମିଲ ଥିଲେ।

# ବାଲ୍ୟବିବାହ ମୁକ୍ତ ପାଇଁ ଜିଲାସ୍ତରୀୟ ସମାବେଶ

**ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଦେବଗଡ଼ ଓ ବାଲ୍ୟ ବିବାହ ଅଧିନିୟମ-୨୦୦୬ ସମ୍ପର୍କିତ ଜିଲାସ୍ତରୀୟ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ୟୁନିସେଫର ପରାମର୍ଶଦାତା ଘାସିରାମ ପଣ୍ଡା, ଅନ୍ୟତମ ଅତିଥି ଭାବେ ଡିଏସ୍‌ପି ଅମୂଲ୍ୟ ପୁନମ ଲାକ୍ରା, ଜିଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଓଡ଼ିଶା ଜୀବିକା ମିସନର ଜିଲା ପ୍ରକଳ୍ପ ଅଧିକାରୀ ଶିଶିର ଷଡ଼ଙ୍ଗୀ, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟା ଗାୟତ୍ରୀ ଦିବେଦୀ, ଶିଶୁ ମଙ୍ଗଳ ସମିତି ସଦସ୍ୟ କୁମୁଦ ଚନ୍ଦ୍ର ଶତପଥି, ଜିତା ଅନୁଷ୍ଠାନର ନିର୍ଦ୍ଦେଶିକା ଅନୁପମା ରାଉତ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରିଣୀ ପଙ୍କଜିନୀ ସାହୁ ଯୋଗଦେଇଥିଲେ। ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬ର ସୁପରିଚାଳନା ମାଧ୍ୟମରେ ଦେବଗଡ଼ ଜିଲାକୁ ବାଲ୍ୟବିବାହ ମୁକ୍ତ ଘୋଷଣା ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ ଗୋଷ୍ଠୀସ୍ତରୀୟ ଭାଗିଦାରୀ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର କହିଛନ୍ତି, ୨୦୨୧ରେ ଦେବଗଡ଼ ଜିଲାର ମୋଟ ୩୭୦ ଗ୍ରାମ, ୨୦୨୩ରେ ୨୧୫ ଗ୍ରାମ ବାଲ୍ୟବିବାହ ମୁକ୍ତ ଘୋଷିତ ହୋଇଥିବାବେଳେ ଅବଶିଷ୍ଟ ଗ୍ରାମଗୁଡିକ ବାଲ୍ୟ ବିବାହ ମୁକ୍ତ ହେବା ସହିତ ଆଗାମୀ ଜାନୁଆରୀ ୨୬ ସୁଦ୍ଧା ଦେବଗଡ଼ ଜିଲା ସମ୍ପୂର୍ଣ୍ଣ ଭାବେ ବାଲ୍ୟବିବାହ ମୁକ୍ତ ଘୋଷିତ ହେବ। ଏହି ସମାବେଶରେ ସମ୍ପୃକ୍ତ ଶିଶୁ ବିକାଶ ଯୋଜନାର ଅଧିକାରୀ, ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତା, ସମସ୍ତ ଥାନାର ମହିଳା ଓ ଶିଶୁ ଡେସ୍କ ଅଧିକାରୀ, ଶକ୍ତି ସଦନ, ଶିଶୁ ଗୃହ, ସକ୍ଷୀ କେନ୍ଦ୍ର, ୱମେନ ହବ୍, ବିଭିନ୍ନ ସରକାରୀ ହଷ୍ଟେଲର ୱାର୍ଡେନ, ପିଏଲ୍‌ଭି ଭଲ୍ୟୁଣ୍ଟିୟର ପ୍ରମୁଖ ଯୋଗଦେଇ ମତାମତ ଉପସ୍ଥାପନ କରିଥିଲେ। ଚିନ୍ମୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତି ଅତିଥିବୃନ୍ଦ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ଭୁବନେଶ୍ୱରରେ ରୋଗୀ ସେବା ଓ ଘରକାମ ପାଇଁ ଝିଅପିଲା ଆବଶ୍ୟକ । (ବୟସ ୩୦ ଭିତରେ) ।
Mobile- 6371887781

ଆବଶ୍ୟକ
ପ୍ରତିଷ୍ଠିତ ଭାଇଭାଇ ରସଗୋଲା ଆଣ୍ଡ ଟିଫିନ ସେଣ୍ଟର, ଲୁଇସ୍ ରୋଡ, ଭୁବନେଶ୍ୱର, ମେନ୍‌ରୋଡ, କେଦାର ଗୌରୀ ମନ୍ଦିର ନିକଟ ପାଇଁ ପିଲା ଦରକାର।
୧. ମ୍ୟାନେଜର, ୨. Billing & Accounting - ପୁଅ/ଝିଅ, ୩. ଦୋସା, ଛଣାଛଣି ଓ ଖାରା ମିସ୍ତ୍ରି, ୪. ସପ୍ଲାୟର, ୫. ରେଷ୍ଟୁରାଣ୍ଟ ମଜା ସଫା କରିବା ପିଲା ଆବଶ୍ୟକ।
ଯୋଗାଯୋଗ: 9861941304, 6371316767

See Career Appointment on every Wednesday & Saturday

WANTED
SECURITY POSTS AT BHUBANESWAR, GOPALPUR, GIRISOLA, JAJPUR, DAMANJODI, CHANDIKHOLE & BALASORE.
Contact:
Mob.: 8885039625 in 10 Days.

## ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଦେବଗଡ଼,୩୦।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ପରିଷଦ କାର୍ଯ୍ୟାଳୟ ନିକଟରେ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବର୍ଷାରାଣୀ ମୁଣ୍ଡା, ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି, ବାସନ୍ତୀ ବେହେରା, ସମରେନ୍ଦ୍ର କୁମାର ଜିତ୍, ରାଜେଶ ମହାନାୟକ ଯୋଗଦେଇଥିଲେ। ଏଥିରେ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ରାସ୍ତା ଓ ଗୃହ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ପଦ୍ମାବତୀ ମାରାଣ୍ଡି, ସ୍ୱାଧୀନତା ସାହାଣୀ, ସହକାରୀ ଜିଲାପାଳ ହେମନ୍ତ ସିଂ, ଶ୍ରୀନିବାସ ଜାନୀ, କେ. ରୋଜା ଡୋରା, ଆଶିଷ ବାରିକ, ଦୀପକ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଘା ବଡଦେବଙ୍କ ବାର୍ଷିକ ପୂଜା ଉତ୍ସବ

**କୋଲାବିରା/ଲଇକେରା, ୩୦।୧୨ (ସଞ୍ଜୟ ପୂଜାରୀ/ରଞ୍ଜନ କୁମାର ମେହେର)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅଧୀନ ସମାସିଂହା ଗ୍ରାମରେ ଷଡ଼ବଂଶୀୟ ଓଟ ଗୋଣ୍ଡ ସମାଜ ପକ୍ଷରୁ ଜଙ୍ଘା ବଡ଼ଦେବଙ୍କ ବାର୍ଷିକ ପୂଜା ଉତ୍ସବ ମଙ୍ଗଳବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଘା ବଡ଼ଦେବଙ୍କୁ ଏକ କଳସ ଶୋଭାଯାତ୍ରାରେ ପୂଜାସ୍ଥଳକୁ ଅଣାଯାଇ ପୂଜା ଆରମ୍ଭ କରାଯାଇଥିଲା। ଦୟାସାଗର କାଲୋ, ପ୍ରଫୁଲ୍ଲ କାଲୋ, ବିନୋଦ କାଲୋ ଓ ନିଲାମ୍ବର କାଲୋ ପୂଜକ ଦାୟିତ୍ୱ ତୁଲାଇଥିଲେ। ଏଥିରେ ପୂଜା କମିଟିର ଗୌତମ ନାଏକ, ପୂର୍ବ ସମ୍ପାଦକ କମଳ ନାଏକ, ହେମନ୍ତ ଭୁଏ, କୁଲଦୀପ ନେଟୀ, ସନତ ଅଟି ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ଅତିଥି ଭାବରେ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଏଥିରେ ଭାଜପା ମଣ୍ଡଳ ସଭାପତି ରାଜେଶ ଦାଶ, କୋଲାବିରା ସରପଞ୍ଚ ଅଞ୍ଜଳି ବାଗ, ଭାଜପା ମହିଳା ମୋର୍ଚ୍ଚା ଜିଲା ଉପସଭାପତି ସୌଦାମିନୀ କାଲୋ, ଭାଜପା ମଣ୍ଡଳ ଉପସଭାପତି ସଞ୍ଜୟ ପୂଜାରୀ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାଏ, ମଣ୍ଡଳ ମହିଳା ସଭାନେତ୍ରୀ ଲତିକା ସାହୁ, ପୂର୍ବତନ ସରପଞ୍ଚ ହେମନ୍ତ ସାହୁ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏଥିରେ ସମାସିଂହା ଅଞ୍ଚଳର ଗୋଣ୍ଡ ସମାଜର ମହିଳା ଓ ପୁରୁଷଙ୍କ ସହ ଗ୍ରାମବାସୀ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଶେଷରେ ଜଙ୍ଘାବଡ଼ ଦେବଙ୍କ ଗ୍ରାମ ପରିକ୍ରମା କରାଯାଇଥିଲା।

ସେହିପରି ଲଇକେରା ବ୍ଲକ ମଯୁରଡିମା ସ୍ଥିତ ଗୋଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡଦେଓ ମନ୍ଦିରରେ ତିନି ଦିନ ଧରି ଚାଲିଥିବା ରତ୍ନ ମୁଦକ, ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକୋତ୍ସବ ମଙ୍ଗଳବାର ପାଳନ କରାଯାଇଛି।ଗତ ୨୮ ତାରିଖରେ ଗୋଣ୍ଡ ସମାଜର ଝିଅ ବୋହୁ ମାନଙ୍କୁ ନେଇ କଳସ ଯାତ୍ରା କରାଯାଇଥିଲା।୨୯ ତାରିଖରେ ନୂତନ ନିର୍ମିତ ମନ୍ଦିରରେ ରତ୍ନମୁଦକ ଓ ପ୍ରତିଷ୍ଠା କରି ୩୦ ତାରିଖ ଦିନ ବାର୍ଷିକୋତ୍ସବ ପାଳନ କରାଯାଇଥିଲା। ବାର୍ଷିକ ଉତ୍ସବରେ ଜଙ୍ଘା ବଡଦେଓ ମନ୍ଦିର ବାହାରକୁ ଆସି ପରିକ୍ରମା କରିଥିଲେ।ଏହି ଉତ୍ସବରେ ପୂର୍ବତନ ବିଧାୟିକା ଦିପାଳି ଦାସଙ୍କ ଅନୁପସ୍ଥିତ ଥିବାରୁ ତାଙ୍କ ମା ତଥା ପୂର୍ବତନ ମନ୍ତ୍ରି ସ୍ୱର୍ଗତ ନବଦାସଙ୍କ ସ୍ତ୍ରୀ ମିନତି ଦାସ ଯୋଗ ଦେଇଥିଲେ।

**कार्यालय अधिष्ठाता**
**राजमाता श्रीमती देवेन्द्र कुमारी सिंहदेव**
**शासकीय चिकित्सा महाविधालय, अम्बिकापुर, सरगुजा (छ.ग.)**
Phone No.: 07774-297800
Email: deanmedicalcollegesurguja@gmail.com
क्रमांक/FINACC-3901/1122/2025/क्रय/शचिम/अम्बिकापुर दिनांक: 27.12.2025

**// दावा आपत्ति सूचना //**

राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.) की ओर से निम्न चिकित्सकीय उपकरण सापंतिक प्रकृति (Proprietary Character) होने के कारण रिएजेंट्स, कन्जयूमेबल एवं कंट्रोल क्रय करने हेतु दावा आपत्ति सूचना आमंत्रित की जा रही है। प्रपत्र एवं अन्य जानकारी महाविधालय के वेबसाईट https://www.gmcambikapur.co.in में अवलोकन कर प्राप्त किये जा सकते हैं।

| S. No. | Name of Equipment | Make | Model No. | Name of Department |
|---|---|---|---|---|
| 1 | Fully Automated Biochemistry Analyser Machine | Amax Biomedical Pvt. Ltd. | Trace 200 | Biochemistry |

दावा आपत्ति जमा करने की अंतिम तिथि - 30.01.2026 समय: संध्या 5.30 बजे तक।
स्थान: राजमाता श्रीमती देवेन्द्र कुमारी सिंहदेव शासकीय चिकित्सा महाविधालय, अम्बिकापुर, सरगुजा (छ.ग.)।

अधिष्ठाता
राजमाता श्रीमती देवेन्द्र कुमारी सिंहदेव
शासकीय चिकित्सा महाविधालय
अम्बिकापुर, सरगुजा (छ.ग.)
G-252605739/4

**द.पू. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଏଚ୍‌କ୍ୟୁ-୬୦-୨୦୨୫; ଏଡିଇଏନ୍/ତାମଲୁକଙ୍କ କ୍ଷେତ୍ରାଧିକାର ଅଧୀନରେ ତାମଲୁକ/ଦିଘା ସେକ୍ସନରେ କାନ୍ଥି ଏବଂ ରାମନଗର (ବେଙ୍ଗଲ) ରେଳ ଷ୍ଟେଶନଠାରେ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ; ₹୨,୯୬,୮୭,୮୨୫.୭୪; ₹୨,୯୮,୪୦୦.୦୦; (୨); ଇ-କେଜିପି-ସାଉଥ୍-୬୫-୨୦୨୫; ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ ଅର୍ଥାତ ୨୫ ସେଟ୍‌ର ଟିଟିଆର୍ [ଟିଏସ୍‌ଆର୍: ୬୦ କିଗ୍ରା ୧ ଇନ୍ ୧୨ – ୩ ସେଟ୍, ଡବ୍ଲ୍ୟୁସିଏମ୍‌ଏସ୍: ୬୦ କିଗ୍ରା ୧ ଇନ୍ ୧୨ – ୧୬ ସେଟ୍, ଡବ୍ଲ୍ୟୁସିଏମ୍‌ଏସ୍: ୬୦ କିଗ୍ରା ୧ ଇନ୍ ୮.୫ – ୬ ସେଟ୍], ୪୨ ସେଟ୍‌ର ଟିଡବ୍ଲ୍ୟୁଏସ୍‌ଇଜେ ଏବଂ ୬୩ ସେଟ୍‌ର ଗ୍ଲୁଡ୍ ଜଏଣ୍ଟର ନବୀକରଣ କାର୍ଯ୍ୟ ନିର୍ବାହ; ₹୭୮,୮୫,୫୯୯.୬୫; ₹୧,୫୭,୭୦୦.୦୦; (୩); ଇ-କେଜିପି-ସାଉଥ୍-୬୬-୨୦୨୫; ଏଡିଇଏନ୍/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍-ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୨,୧୮,୮୩,୪୯୪.୨୬; ₹୨,୫୯,୪୦୦.୦୦; (୪); ଇ-କେଜିପି-ସାଉଥ୍-୬୭-୨୦୨୫; ଏଡିଇଏନ୍/ଦକ୍ଷିଣ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍-ବିମ୍ ସ୍ଲିପର୍ସ ସହିତ ଗିର୍ଡର ବ୍ରିଜ୍‌ଗୁଡ଼ିକରେ ଆଲାଇନମେଣ୍ଟ ରିଟେନରକୁ ସଜାଡ଼ିବା; ₹୧,୩୧,୫୪,୯୧୭.୧୫; ₹୨,୧୫,୮୦୦.୦୦; (୫); ଇ-କେଜିପି-ୱେଷ୍ଟ-୫୫-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ସରଡିହ ଏବଂ ଗିଧିନି ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୭୦ ଓ ୯୨ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୧୬,୧୩,୬୬୦.୭୨; ₹୨,୫୮,୧୦୦.୦୦; (୬); ଇ-କେଜିପି-ୱେଷ୍ଟ-୫୬-୨୦୨୫; ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ଚକୁଲିଆ, କୋକପଡ଼ା ଏବଂ ଧଳଭୂମଗଡ଼ ଷ୍ଟେଶନ ନିକଟସ୍ଥ ଏଲ୍‌ସି ନଂ. ୧୦୩, ୧୧୧ ଓ ୧୧୬ଠାରେ ବିଦ୍ୟମାନ ସବ୍‌ୱେର ସୁଧାର ଓ ଉନ୍ନତୀକରଣ; ₹୨,୨୯,୬୭,୩୩୧.୨୮; ₹୨,୬୪,୮୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦.୦୦ (କ୍ର.ସଂ. ୧ରୁ ୬ ପାଇଁ)। **ଖୋଲାଯିବା ତାରିଖ:** ୧୩।୦୧।୨୦୨୬ (କ୍ର.ସଂ. ୧ ପାଇଁ), ୧୫।୦୧।୨୦୨୬ (କ୍ର.ସଂ. ୨ରୁ ୪ ପାଇଁ) ଏବଂ ୧୬।୦୧।୨୦୨୬ (କ୍ର.ସଂ. ୫ ଓ ୬ ପାଇଁ); **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ (କ୍ର.ସଂ. ୧ରୁ ୬ ପାଇଁ); **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ ୧ ପାଇଁ ତା୩୦।୧୨।୨୦୨୫ରିଖରୁ ତା୧୩।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ ୨ରୁ ୪ ପାଇଁ ପାଇଁ ତା୦୧।୦୧।୨୦୨୬ରିଖରୁ ତା୧୫।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ ୫ରୁ ୬ ପାଇଁ ତା୦୨।୦୧।୨୦୨୬ରିଖରୁ ତା୧୬।୦୧।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି । **(PR-1015)**

# କିଶୋର ମହାନ୍ତିଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ

**ଝାରସୁଗୁଡା,୩୦।୧୨ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ମଙ୍ଗଳ ବଜାରର ଅଡିଟୋରିୟମଠାରେ କିଶୋର ମହାନ୍ତି ସ୍ମୃତି କମିଟି ଦ୍ୱାରା ମଙ୍ଗଳବାର ପୂର୍ବତନ ବାଚସ୍ପତି, ଝାରସୁଗୁଡ଼ା, ବ୍ରଜରାଜନଗରର ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ ହୋଇଯାଇଛି। ପ୍ରଥମେ ପୂର୍ବାହ୍ନ ୧୦ଟାରେ କିଶୋର ମହାନ୍ତି ସ୍ମୃତି କମିଟି ଓ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସମର୍ଥକ, ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ତଥା ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି, ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ତଥା ପୁରୁଷୋତ୍ତମ ମହାନ୍ତି ପ୍ରମୁଖ ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ରୋଗୀମାନଙ୍କୁ ଫଳମୂଳ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହାପରେ ପୂର୍ବାହ୍ନ ୧୧ଟାରେ କିଶୋର ମହାନ୍ତି ସ୍ମୃତି କମିଟି ପକ୍ଷରୁ ମଙ୍ଗଳବଜାର ଅଡିଟୋରିୟମଠାରେ ଚକ୍ଷୁ ଚିକିତ୍ସା ଶିବିର କରାଯାଇଥିଲା। ଅପରାହ୍ନ ୩ଟାରେ ସ୍ମୃତି କମିଟି ପକ୍ଷରୁ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ରବି ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ,ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସହିତ ବହୁ ସ୍ଥାନୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ରବି ପାଣି କହିଥିଲେ, କିଶୋର ମହାନ୍ତି ଜଣେ ଉଦାର, ସ୍ନେହୀ ଏବଂ ସହିଷ୍ଣୁ ରାଜନେତା ଥିଲେ। ତାଙ୍କ ସହିତ ମୋର ଦୀର୍ଘ ୪୦ ବର୍ଷ ସମ୍ପର୍କ ରହିଥିଲା। ରାଜ୍ୟ ରାଜନୀତି ଓ ଝାରସୁଗୁଡ଼ାରେ ତାଙ୍କ ଶୂନ୍ୟସ୍ଥାନ କେହି ପୂରଣ କରିପାରିବେ ନାହିଁ ବୋଲି କହିଛନ୍ତି। ବିଧାୟକ ତ୍ରିପାଠୀ ସ୍ୱର୍ଗତ ମହାନ୍ତିଙ୍କୁ ଝାରସୁଗୁଡା ଜିଲା ଗଠନର ମୁଖ୍ୟ ବିନ୍ଧାଣି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏଲଏନ କଲେଜର ବର୍ଷାରାଣୀ ପ୍ରିୟଦର୍ଶିନୀ, ବ୍ରଜରାଜନଗର ମହିଳା କଲେଜ ଭାରତୀ ହାତୀ ଏବଂ ଝାରସୁଗୁଡ଼ା ମହିଳା ବିଦ୍ୟାଳୟର ମେଘା ପାଣ୍ଡେ କିଶୋର ମହାନ୍ତିଙ୍କ ଜୀବନ ବିଷୟରେ କହିଥିଲେ ଏବଂ ଛାତ୍ରୀମାନଙ୍କୁ ସ୍ମୃତି କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସୋନପୁର ଜିଲାର ସୁବଳୟା ଟିକରପଡ଼ାର ସମ୍ବଲପୁରୀ ବାନ୍ଧଶିଳ୍ପୀ ବୁଣାକାର ବିଶ୍ୱନାଥ ମେହେରଙ୍କୁ ସ୍ମୃତି କମିଟି ତରଫରୁ ଅଳକା ମହାନ୍ତି, ବିଧାୟକ ଟଙ୍କଧର ତ୍ରିପାଠୀ କିଶୋର ମହାନ୍ତି ସ୍ମୃତି ସମ୍ମାନରେ ପୁରସ୍କୃତ କରିଥିଲେ। ଏହି ୪ର୍ଥ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ କିଶୋର ମହାନ୍ତିଙ୍କ ସୁପୁତ୍ର ପୁରୁଷୋତ୍ତମ ମହାନ୍ତି ମଧ ଉପସ୍ଥିତ ଥିବା ବେଳେ ସ୍ମୃତି କମିଟିର ସଭାପତି ମନୋରଞ୍ଜନ ମହାପାତ୍ର, ପ୍ରଶାନ୍ତ ମହାନ୍ତି, ତ୍ରିନାଥ ଗୁଆଳ, ତାପସ ରାୟ ଚୌଧୁରୀ, ହରିଶ ଗଣତ୍ରା, ସନ୍ଦୀପ ଆୱାସ୍ଥି, ନଟୁ ସିଂ, ମଗ, ପି ରାମ ମୋହନ ରାଓ, ଝସକେତନ ସାହୁ, ଗୌତମ ପ୍ରଧାନ ପ୍ରମୁଖଙ୍କ ସହିତ ଦଳ ମତ ନିର୍ବିଶେଷରେ ଶତାଧିକ ସ୍ୱର୍ଗତ କିଶୋର ମହାନ୍ତି ପ୍ରେମୀ ଉପସ୍ଥିତ ଥିଲେ। ମେହବୁବ ମେହେତାବ ସଭା ପରିଚାଳନା କରିଥିବା ବେଳେ ତପନ ବାରିକ ସ୍ୱାଗତ ଭାଷଣ ଦେଇଥିଲେ।


ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କିଶୋର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ**

**कार्यपालक अभियन्ता का कार्यालय, लघु सिंचाई प्रमंडल, राँची।**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781
पत्रांक................../ राँची, दिनांक ........./........./2025

**शुद्धि–पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक– 928 दिनांक–24.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR 369381 Minor Irrigation (25-26)D दिनांक 25.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 30.12.2025 up to 2.00 pm | Date: 16.01.2026 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 05.01.2026 up to 2:00 pm | Date: 22.01.2026 up to 2:00 pm |
| 3 | Submission of Tender Fee and EMD | Start Date:- 30.12.2025 up to 2:00 pm<br>Last Date:- 05.01.2026 Time:- 2:00 PM | Start Date:- 16.01.2026 up to 2:00 pm<br>Last Date:- 22.01.2026 Time:- 2:00 PM |
| 4 | Technical Bid Opening Date | Date: 06.01.2026 at 5:00 pm | Date 24.01.2026 at 5:00 pm |

निविदा की शेष सभी शर्तें पूर्वतः बनी रहेगी।
विश्वासभाजन
कार्यपालक अभियन्ता,
लघु सिंचाई प्रमंडल, राँची।
PR 369708 (Minor Irrigation) 25-26 (D)

OCPL Odisha Coal and Power Limited
**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

**NOTICE INVITING TENDER**

NIT No. OCPL/SUP-198_1/2025 Date: 31.12.2025
Sealed bids in prescribed format are invited from Agency/Supplier/contractor for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of bid |
|---|---|---|---|---|---|
| 1 | Annual Rate Contract for Supply of Office Stationery to OCPL for the Corporate Office at Bhubaneswar and at the Site Office at Samanwaya Bhawan, Hemgir, Sundargarh Odisha. | Nil | 31.12.2025 | 12.01.2026 | 3.00 P.M./ 3.30 P.M. on 16.01.2026 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.
Sd./- Chief Operating Officer

# ପାୱାର ଲିଷ୍ଟ ୨୦୨୫

## ରାଜ୍ୟ





ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଅଶ୍ୱିନୀ ବୈଷ୍ଣବ – କେନ୍ଦ୍ରମନ୍ତ୍ରୀ

କନକବର୍ଦ୍ଧନ ସିଂଦେଓ – ଉପମୁଖ୍ୟମନ୍ତ୍ରୀ



ମନମୋହନ ସାମଲ – ଭାଜପା ରାଜ୍ୟ ସଭାପତି

ପ୍ରଭାତୀ ପରିଡ଼ା – ଉପମୁଖ୍ୟମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ – କେନ୍ଦ୍ରମନ୍ତ୍ରୀ

ସୁନୀଲ ବଂଶଲ – ଓଡ଼ିଶା ଭାଜପା କ୍ଷେତ୍ରୀୟ ପ୍ରଭାରୀ



ପୃଥ୍ୱୀରାଜ ହରିଚନ୍ଦନ – ଆଇନମନ୍ତ୍ରୀ

ମୁକେଶ ମହାଲିଙ୍ଗ – ସ୍ୱାସ୍ଥ୍ୟମନ୍ତ୍ରୀ



ସୁରେଶ ପୂଜାରୀ – ରାଜସ୍ୱ ମନ୍ତ୍ରୀ

ଅନୁ ଗର୍ଗ – ନୂଆ ମୁଖ୍ୟ ଶାସନ ସଚିବ



ଭକ୍ତଚରଣ ଦାସ – ପିସିସି ସଭାପତି

ସପ୍ତଗିରି ଶଙ୍କର ଉଲାକା – କୋରାପୁଟ ଏମ୍‌ପି



ସୋଫିଆ ଫିର୍‌ଦୋସ୍ – କଂଗ୍ରେସ ବିଧାୟିକା

ବି.ପ୍ରଭାକରନ – ଶିଳ୍ପପତି

## ଜାତୀୟ

କିଛିବର୍ଷ ଧରି ବିଶ୍ୱରେ ଦେଖିବାକୁ ମିଳିଥିବା ଯୁଦ୍ଧ, ସଂଘର୍ଷ, ଦରଦାମ ବୃଦ୍ଧି, ସାଇବର ଅପରାଧ, ପ୍ରାକୃତିକ ବିପର୍ଯ୍ୟୟ ୨୦୨୫ରେ ଅଧିକ ଭୟାନକ ହୋଇଛି, ଯାହାକି ବହୁ କୋଟି ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଗୁରୁତର ଭାବେ ପ୍ରଭାବିତ କରିଛି। କିଏ ପ୍ରିୟଜନଙ୍କୁ ହରାଇଛି ତ କିଏ ଭିଟାମାଟି, ଜୀବିକା। ଆର୍ଥିକ ଦୁଃସ୍ଥିତି ମଧ୍ୟକୁ ଅନେକେ ଠେଲି ହୋଇଯାଇଛନ୍ତି। ଏସବୁ ଘଟଣାକ୍ରମ ମଧ୍ୟରେ ଆଞ୍ଚଳିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ବହୁ ରାଜନୈତିକ ଉତ୍‌ଥାନ ଓ ପତନ ମଧ୍ୟ ଘଟିଛି। ଏଭଳି ଜଟିଳ, ଆହ୍ୱାନପୂର୍ଣ୍ଣ ସ୍ଥିତିଗୁଡ଼ିକୁ ସମ୍ଭାଳିବା ସମୟରେ ଅନେକ ବ୍ୟକ୍ତି ସେମାନଙ୍କ କାର୍ଯ୍ୟ ପାଇଁ ବେଶ୍ ଚର୍ଚ୍ଚାକୁ ଆସିପାରିଛନ୍ତି। କେତେଜଣ ବ୍ୟକ୍ତି ଜନସାଧାରଣଙ୍କ କଲ୍ୟାଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ୱର ଉଠାଇ ଶାସକ ବା କର୍ତ୍ତୃପକ୍ଷଙ୍କୁ ଚେତେଇଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଶା, ଭାରତ ଏବଂ ବିଶ୍ୱର ବିଭିନ୍ନ କ୍ଷେତ୍ରର ସେହି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନେଇ 'ଧରିତ୍ରୀ' ପକ୍ଷରୁ ଏହି ତାଲିକା ବିନା କୌଣସି କ୍ରମ ପ୍ରାଧାନ୍ୟରେ ପ୍ରସ୍ତୁତ କରାଯାଇଛି।



ଗୌତମ ଆଦାନୀ – ଆଦାନୀ ଗ୍ରୁପ୍ ଚେୟାରମ୍ୟାନ

ନରେନ୍ଦ୍ର ମୋଦି – ପ୍ରଧାନମନ୍ତ୍ରୀ

ପି.କେ. ମିଶ୍ର – ପ୍ରମୁଖ ସଚିବ ପିଏମ୍‌ଓ

ଅଶ୍ୱିନୀ ବୈଷ୍ଣବ – କେନ୍ଦ୍ରମନ୍ତ୍ରୀ

ସୋନମ ୱାଙ୍ଗଚୁକ – ଲଦାଖର ପ୍ରମୁଖ ସାମାଜିକ କର୍ମୀ



ମୋହନ ଭାଗବତ – ଆର୍‌ଏସ୍‌ଏସ୍ ସରସଂଘ ଚାଳକ

ନୀତୀଶ କୁମାର – ବିହାର ମୁଖ୍ୟମନ୍ତ୍ରୀ

ମମତା ବାନାର୍ଜୀ – ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ଏନ୍.ଚନ୍ଦ୍ରବାବୁ ନାଇଡୁ – ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

ମୁକେଶ ଅମ୍ବାନୀ – ଆର୍‌ଆଇଏଲ୍ ଚେୟାରମ୍ୟାନ



ଏନ୍. ଚନ୍ଦ୍ରଶେଖରନ୍ – ଟାଟା ଗ୍ରୁପ୍ ଚେୟାରମ୍ୟାନ

ଦତ୍ତାତ୍ରୟ ହୋସ୍‌ବାଲେ – ଆର୍‌ଏସ୍‌ଏସ୍ ସରକାର୍ଯ୍ୟବାହ

ବି.ଏଲ୍. ସନ୍ତୋଷ – ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ)

ନୀତିନ ନବୀନ – ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି

ଏମ୍.କେ. ଷ୍ଟାଲିନ୍ – ତାମିଲନାଡୁ ମୁଖ୍ୟମନ୍ତ୍ରୀ



ହେମନ୍ତ ସୋରେନ – ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ

ଜେନେରାଲ ଅନିଲ ଚୌହାନ – ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍

ନିଖିଲ କାମାଥ – ପ୍ରତିଷ୍ଠିତ ଉଦ୍ୟୋଗୀ

ଅରବିନ୍ଦ ଶ୍ରୀନିବାସ – ପରପ୍ଲେକ୍ସିଟି ଏଆଇ ସିଇଓ

ରାଜ ଶମାନୀ – ଜଣାଶୁଣା ପୋଡ୍‌କାଷ୍ଟର



ଦୀପିକା ପାଦୁକୋନ୍ – ଅଭିନେତ୍ରୀ

ଶଶୀ ଥରୁର୍ – କଂଗ୍ରେସ ଏମ୍‌ପି

ଅଜିତ୍ ଡୋଭାଲ – ଜାତୀୟ ସୁରକ୍ଷା ପରାମର୍ଶଦାତା

ଶାହରୁଖ ଖାନ୍ – ଅଭିନେତା

ଶୁଭାଂଶୁ ଶୁକ୍ଳା – ଭାରତୀୟ ମହାକାଶଚାରୀ



ଥାଲାପାଥି ବିଜୟ – ଅଭିନେତା, ରାଜନେତା

ସିଦ୍ଧାରାମାୟା – କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

ପ୍ରିୟଙ୍କା ଗାନ୍ଧୀ ଭଦ୍ରା – କଂଗ୍ରେସ ଏମ୍‌ପି

ଚିରାଗ ପାଶ୍ୱାନ – କେନ୍ଦ୍ରମନ୍ତ୍ରୀ, ଏଲ୍‌ଜେପି (ଆର୍‌ଭି) ନେତା

ଧ୍ରୁବ୍ ରାଠୀ – ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର

## ଅନ୍ତର୍ଜାତୀୟ



ଡୋନାଲ୍ଡ ଟ୍ରମ୍ପ – ଆମେରିକା ରାଷ୍ଟ୍ରପତି

ଶି ଜିନ୍‌ପିଙ୍ଗ୍ – ଚାଇନା ରାଷ୍ଟ୍ରପତି

ଭ୍ଲାଡିମିର ପୁଟିନ୍ – ରୁଷିଆ ରାଷ୍ଟ୍ରପତି

ଏଲନ୍ ମସ୍କ – ଟେସ୍‌ଲା ମୋଟର୍ସ ସିଇଓ

ମହମ୍ମଦ ବିନ୍ ସଲମାନ ଅଲ୍ ସୌଦୀ – ସାଉଦି ଆରବ ପ୍ରଧାନମନ୍ତ୍ରୀ



ଟମି ରବିନ୍‌ସନ – ବ୍ରିଟିଶ ଦକ୍ଷିଣପନ୍ଥୀ ନେତା

ମାରିଆ କୋରିନା ମାଚାଡୋ – ନୋବେଲ ଶାନ୍ତି ବିଜୟିନୀ

ସନାଏ ତାକାଇଚି – ଜାପାନ ପ୍ରଧାନମନ୍ତ୍ରୀ

ବେଞ୍ଜାମିନ୍ ନେତାନ୍ୟାହୁ – ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ

କ୍ଲାଉଡିଆ ସେନ୍‌ବାଉମ୍ – ମେକ୍ସିକୋ ରାଷ୍ଟ୍ରପତି



ମାର୍କ ଯୋଶେଫ୍ କାର୍ନେ – କାନାଡା ପ୍ରଧାନମନ୍ତ୍ରୀ

ଅସିମ୍ ମୁନିର୍ – ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍, ପାକିସ୍ତାନ

ଅଲ୍ଲୀ ହୁସେନି ଖାମେନି – ଇରାନ ସୁପ୍ରିମ୍ ଲିଡ୍‌ର

ଅହମ୍ମଦ ହୁସେନ ଅଲ୍-ସାହାରା – ସିରିଆ ରାଷ୍ଟ୍ରପତି

ଲାଇ ଚିଙ୍ଗ୍-ତେ – ତାଇୱାନ ରାଷ୍ଟ୍ରପତି



ଗାବ୍ରିଏଲ୍ ବୋରିକ୍ – ଚିଲି ରାଷ୍ଟ୍ରପତି

ମେଇଟାମେଇ ଓଲୋଲ୍ ଦାପାଶ – କେନିଆର ପ୍ରତିଷ୍ଠିତ ସାମାଜିକ କର୍ମୀ

ଭୋଲୋଡିମିର ଜେଲେନ୍‌ସ୍କି – ୟୁକ୍ରେନ୍ ରାଷ୍ଟ୍ରପତି

ଜିଓର୍ଜିଆ ମେଲୋନି – ଇଟାଲୀ ପ୍ରଧାନମନ୍ତ୍ରୀ

ଫ୍ରିଡ୍ରିକ୍ ମର୍ଜ – ଜର୍ମାନୀ ଚାନ୍ସେଲର



କେର୍ ଷ୍ଟାର୍ମର – ବ୍ରିଟେନ ପ୍ରଧାନମନ୍ତ୍ରୀ

ମହମ୍ମଦ ୟୁନୁସ୍ – ବାଂଲାଦେଶ ସରକାରଙ୍କ ମୁଖ୍ୟ ପରାମର୍ଶଦାତା

ରେସେପ୍ ତୟିପ୍ ଏର୍ଦୋଗାନ୍ – ତୁର୍କୀ ରାଷ୍ଟ୍ରପତି

ଜେ.ଡି. ଭାନ୍ସ – ଆମେରିକା ଉପରାଷ୍ଟ୍ରପତି

ଜୋହରନ୍ ମାମ୍‌ଦାନୀ – ନ୍ୟୁୟର୍କର ନିର୍ବାଚିତ ମେୟର



ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭା – ବ୍ରାଜିଲ ରାଷ୍ଟ୍ରପତି

ଟିମ୍ କୁକ୍ – ଆପଲ୍ ସିଇଓ

ମାର୍କ ଜୁକରବର୍ଗ – ମେଟା ସିଇଓ

ସାମ୍ ଅଲ୍ଟମ୍ୟାନ – ଓପନ୍‌ଏଆଇ ସିଇଓ

ଫାତିମା ବଶ୍ – ମିସ୍ ୟୁନିଭର୍ସ-୨୦୨୫

**ମନ୍ କୀ ବାତ୍ କାର୍ଯ୍ୟକ୍ରମ, ସମର୍ଦ୍ଧନା ପର୍ବ**

ଜୁନାଗଡ଼ (ଅଂଶୁମାନ ଯୋଶୀ): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଗୁଡ଼ରାଗୁଡ଼ା ପଞ୍ଚାୟତର ଟିଲିଗୁଡ଼ାଠାରେ ମନ୍ କି ବାତ୍ କାର୍ଯ୍ୟକ୍ରମ, ନବନିଯୁକ୍ତ ପ୍ରଭାରୀ ଓ ସହପ୍ରଭାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଅଂଶୁମାନ ଯୋଶୀ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ପୂର୍ବତନ ନଗରପାଳ ତଥା ମଣ୍ଡଳ ପ୍ରଭାରୀ ସୁଧାଂଶୁ ବରା, ଦେବଦତ୍ତ ପଣ୍ଡାଙ୍କ ସମେତ ଜିଲା ପ୍ରତିନିଧି ଅଶ୍ୱିନ ମେହେର, କାର୍ଯ୍ୟକର୍ତ୍ତା ବଲ୍ଲଭ ମୁଣ୍ଡ, ସନ୍ତୋଷ ଯୋଶୀ, ଶକ୍ତି କେନ୍ଦ୍ର ପ୍ରମୁଖ ଅକ୍ଷୟ ପଟେଲ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୧୪ ଫାର୍ମାସିଷ୍ଟଙ୍କ ଲେଭଲ-୨କୁ ପଦୋନ୍ନତି

**ନୂଆପଡ଼ା,୩୦।୧୨ (ମକାରୁ ବେମାଲ):** ନୂଆପଡ଼ା ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୩୭ ଜଣ ଫାର୍ମାସିଷ୍ଟଙ୍କ ମଧ୍ୟରୁ ୧୪ ଜଣ ପଦୋନ୍ନତି ପାଇଛନ୍ତି। ସୂଚନା ପ୍ରକାଶ ଯେ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟମାନେ ପଦୋନ୍ନତି ପାଇଁ ଦୀର୍ଘ ବର୍ଷରୁ ଦାବି କରିଆସୁଥିଲେ। ୨୦୨୩ରେ ରାଜ୍ୟ ସରକାର କ୍ୟାଡର ପୁନଃ ଗଠନ କରିଥିଲେ ମଧ୍ୟ ପଦୋନ୍ନତି ପାଇଁ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ଶେଷରେ ଗତ ୧୦ତାରିଖରେ ପଦୋନ୍ନତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ରାଜ୍ୟ ସ୍ତରରେ ୧୦୩୮ ଜଣ ଫାର୍ମାସିଷ୍ଟ ଲେଭେଲ-୨ ଅର୍ଥାତ୍ ବରିଷ୍ଠ ଫାର୍ମାସୀ ଅଧିକାରୀ ଭାବରେ ପଦୋନ୍ନତି ପାଇଥିବା ବେଳେ ନୂଆପଡ଼ା ଜିଲାର ୧୪ ଜଣ ରହିଛନ୍ତି। କ୍ୟାଡର ଗଠନର ୨ ବର୍ଷ ପରେ ପ୍ରଥମଥର ପାଇଁ ପଦୋନ୍ନତି ଲାଗୁହୋଇଛି।

### କୋଶଲୀ କବିତା ଆସର

**ଖଡ଼ିଆଳ,୩୦।୧୨(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ଉଦ୍ୟାନ ପରିସରରେ ୨୦୨୫ ବର୍ଷକୁ ବିଦାୟ ଓ ୨୦୨୬କୁ ସ୍ୱାଗତ ଜଣାଇ କୋଶଲୀ କବିତା ଆସର କବି କୁନାଲ ଚରଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖବରଦାତା ପରମେଶ୍ୱର ବାରିକ ଯୋଗଦେଇ ୨୦୨୫ ବର୍ଷର ବିଭିନ୍ନ ଘଟଣାବଳୀ ଉପରେ ଆଲୋକପାତ କରି ନବବର୍ଷରେ ବିଶ୍ୱରେ ଶାନ୍ତି ସ୍ଥାପନ ହେଉ ବୋଲି କାମନା କରିଥିଲେ ଓ ଏଥିପାଇଁ କବି ଲେଖକଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ରହିବ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବରେ ଖବରଦାତା ହେମନ୍ତ କୁମାର ବେହେରା ଓ ବାପିନା ସାହୁ ଯୋଗଦାନ କରିଥିଲେ। କୋଶଲୀ କବୟିତ୍ରୀ ମାନିନୀ ନେହେରୁ, ପ୍ରଭାସିନୀ ଜୋଷୀ, ଦୀପିକା ହୋତା, କୁନାଲ ଚରଣ ବେହେରା ଓ ଶାୟ ସରାଫ ସ୍ୱରଚିତ କୋଶଲୀ କବିତା ପାଠ କରିଥିଲେ। ଶେଷରେ ହେମନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇ କଂଗ୍ରେସର ବିକ୍ଷୋଭ

**ଭବାନୀପାଟଣା,୩୦।୧୨(ଉତ୍ତମ କୁମାର ଦାଶ):** ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଓ କୃଷି ପାଇଁ ସମ୍ପୂର୍ଣ୍ଣ ମାଗଣା ବିଜୁଳି ପ୍ରଦାନ ସହ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟକୁ ତୁରନ୍ତ ପ୍ରତ୍ୟାହାର ଓ ସ୍ମାର୍ଟ ମିଟରର ବିଶ୍ୱସନୀୟତା ପ୍ରମାଣିତ ହେବା ଯାଏଁ କାର୍ଯ୍ୟକାରୀ ବନ୍ଦ କରିବା ଦାବିରେ ସୋମବାର ଭବାନୀପାଟଣାରେ କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଜିଲା କଂଗ୍ରେସ ସଭାପତି ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଭବାନୀପାଟଣା ଟିପିଡବ୍ଲ୍ୟୁଓଡିଏଲ୍ (ବିଦ୍ୟୁତ୍ ବିଭାଗ) ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏଥିରେ ପୂର୍ବତନ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ଉପସଭାପତି ଉଜ୍ଜ୍ୱଳ ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, ଜିଲା ସାଧାରଣ ସମ୍ପାଦକ ନିରଞ୍ଜନ ନାଏକ, ବ୍ଲକ ଉପସଭାପତି ପୁରବାସ ପ୍ରଧାନ, ବାବା ଅଲ୍ଲୀ ଖାଁ, ସିଦ୍ଧାର୍ଥ ନାଏକ, ଇନ୍ଦ୍ରଜିତ ମହାକୁଡ଼, ସୁକାନ୍ତ ବିଶି, ବେଣୁପାଣି ତ୍ରୁଟି, ନାରାୟଣୀ ସୁକାନ୍ତି ସରାଫ, ମଞ୍ଜିନୀ ପ୍ରଧାନ, ମନ୍ଦାକିନୀ ବାଣ୍ଡଆ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପାଳ ସାହୁ କେସିଙ୍ଗା ବ୍ଲକ୍ ବିଜେଡି ସାଧାରଣ ସମ୍ପାଦକ

**କେସିଙ୍ଗା,୩୦।୧୨(ଜୁନେଶ୍ୱର ସାହୁ):** ବିଜେଡିର ୨୯ତମ ପ୍ରତିଷ୍ଠା ଦିବସରେ ସୁପ୍ରିମୋ ନବୀନ ପଟ୍ଟନାୟକ ବିଭିନ୍ନ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବିଜେଡିର ସାଧାରଣ ସମ୍ପାଦକ ଭାବେ ଗୋପାଳ ସାହୁଙ୍କୁ ଦାୟିତ୍ୱ ମିଳିଛି। ଗତ ୨୫ବର୍ଷ ହେବ ସେ ବିଜେଡିର ଜଣେ ସକ୍ରିୟ ସଦସ୍ୟ ଭାବେ କାମ କରିଆସୁଛନ୍ତି। ଅଞ୍ଚଳର ଦଳୀୟ କାର୍ଯ୍ୟକ୍ରମରେ ସେ ନିଜକୁ ସାମିଲ କରି ଯୁବବର୍ଗ ଓ କର୍ମୀଙ୍କୁ ଏକତ୍ରିତ କରି ସଙ୍ଗଠନକୁ ସୁଦୃଢ଼ କରିଛନ୍ତି। ସାଧାରଣ ସମ୍ପାଦକ ଭାବେ ତାଙ୍କ ନାମ ଘୋଷଣା ପରେ ବ୍ଲକର କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅବସରରେ ଦଳର ଟାଉନ ସଭାପତି ନୃପରାଜ ଯାଦବଙ୍କ ସମେତ ବହୁ ବିଜେଡି କର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

**୪ ସଫଳ ଚାଷୀ ସମ୍ବର୍ଦ୍ଧିତ**

**ଭବାନୀପାଟଣା,୩୦।୧୨(ଉତ୍ତମ କୁମାର ଦାଶ)**



ଜଣେ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ମଙ୍ଗଳବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ବଡ଼ଯେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି, ଓମ୍‌ଫେଡର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଓ ଓମ୍‌ଫେଡର ଜେନେରାଲ ଡାଇରେକ୍ଟର ଡ଼. ରଜନୀ କାନ୍ତ ପଣ୍ଡା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅଜୟ କୁମାର ପ୍ରଧାନ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନୀରଦ ଚନ୍ଦ୍ର କହ୍ନର, ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ କହ୍ନର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ବିଭାଗର ଅଭିବୃଦ୍ଧି ପାଇଁ କରିଥିବା ବିଭିନ୍ନ ଯୋଜନା ଓ କଳାହାଣ୍ଡି ଜିଲାରେ ଏହାର ବିକାଶ ଓ କାର୍ଯ୍ୟକାରିତା ଉପରେ ଅତିଥିମାନେ କହିଥିଲେ। କର୍ଲାପଡା ପ୍ରାଣୀ ଚିକିତ୍ସକ ଡ. ସୁଦେବୀ ଭଞ୍ଜ, ବିଶ୍ୱନାଥପୁର ପ୍ରାଣୀ ଚିକିତ୍ସକ ଡ଼. ତେଜସ୍ୱିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ବିଭାଗରେ ସଫଳ ହୋଇଥିବା ଜିଲାର ୪ ଚାଷୀଙ୍କୁ ଆର୍ଥିକ ରାଶି ସହ ମାନପତ୍ର ଦେଇ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୋଶାଳା ନିର୍ମାଣ ପାଇଁ ୨ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ତଥା ଅନ୍ୟାନ୍ୟ ବିଭାଗର ୩୨ ଷ୍ଟଲ ଓ ୨୪ ଜୀବନ୍ତ ପ୍ରାଣୀ ସମ୍ପଦର ପ୍ରଦର୍ଶନୀ କରାଯାଇଛି। ମେଳା ଆୟୋଜନରେ ଜିଲା ତାଲିମ ସଂଯୋଜକ ଡ଼. କେଦାର ନାଥ ଖମାରୀ, ଅତିରିକ୍ତ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଦୀପକ ଦେହୁରା, ଡ଼. ଅଶୋକ ଚନ୍ଦ୍ର ପଣ୍ଡା, ଏଏଫ୍‌ଓ ପ୍ରଶାନ୍ତି ନାୟକ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ପରେ ବୈଜ୍ଞାନିକ ଓ ଚାଷୀ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଡ଼. ପରାଗ ଆଚାର୍ଯ୍ୟ ଓ ଧର୍ମଗଡ଼ ଏସ୍‌ଡିଭିଓ ଡ଼. ମଧୁସୂଦନ ଦାସ ଯୋଗଦେଇ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବୁଧବାର ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

## ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭାର କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର, ୩୦।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ସାଙ୍ଗଠନିକ ଆଲୋଚନା ସହିତ ୨୦୨୬ ଶ୍ରୀରାମ ନବମୀ ତିଥିରେ ସର୍ବସମ୍ମତ ଲଗ୍ନରେ ବ୍ରାହ୍ମଣ ସନ୍ତାନମାନଙ୍କର ନିଶୁଳ୍କ ବ୍ରତୋପନୟନ କରାଯିବାର ସିଦ୍ଧାନ୍ତ ଗୃହୀତ ହୋଇଥିଲା। ଆସନ୍ତା ମାର୍ଚ୍ଚ ୨୬ରେ ଚାରିକର୍ମ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତୀୟ ଆବେଦନ ଫର୍ମ ସମ୍ପାଦକଙ୍କଠାରୁ ସଂଗ୍ରହ କରିନେବା ପାଇଁ ଅନୁରୋଧ କରାଯାଇଥିଲା। ସଦସ୍ୟମାନେ ନିଜ ଅଞ୍ଚଳର ଯୋଗ୍ୟ ବ୍ରାହ୍ମଣ ସନ୍ତାନଙ୍କ ତାଲିକା ସଂଗ୍ରହ କରି ସମ୍ପାଦକ ଓ ସଭାପତିଙ୍କ ନିକଟକୁ ଆସନ୍ତା ଫେବୃୟାରୀ ୧୪ ସୁଦ୍ଧା ଜଣାଇବା ପାଇଁ ଅନୁରୋଧ କରାଯାଇଥିଲା। ଏହା ସହିତ ଆଗାମୀ ଜାନୁଆରୀ ୨୫ରେ ଶ୍ରୀମଦ୍ ଭଗବଦ୍ ମହାପୁରାଣ ଅନନ୍ତମୁଖୀ ପାରାୟଣ ବଲାଙ୍ଗୀର ଶ୍ରୀନୃସିଂହ ମନ୍ଦିରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ସମ୍ପାଦକ ଶ୍ୟାମ ସୁନ୍ଦର ଦାଶ ଧନ୍ୟବାଦ ଦେଇଥିଲେ।

## ସାହୁ ସମାଜର ନୂତନ ଜିଲା କର୍ମକର୍ତ୍ତା ମନୋନୀତ




ସାହୁ ସମାଜର ନବନିର୍ବାଚିତ କର୍ମକର୍ତ୍ତା।

**ନୂଆପଡ଼ା,୩୦।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସାହୁ ସମାଜ କାର୍ଯ୍ୟାଳୟ ଖରିଆର ରୋଡ୍‌ଠାରେ ମଙ୍ଗଳବାର ସମାଜର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହୁ ସମାଜର ପୂର୍ବତନ ଜିଲା ସଭାପତି ଦେଓଧର ସାହୁ ଅଧ୍ୟକ୍ଷତା କରିଥିଲେ। ଛତିଶଗଡ ସାଙ୍ଗଠନିକ ସମ୍ପାଦକ ତଥା ନୂଆପଡା ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ଡ. ସୁନୀଲ ସାହୁ ମୁଖ୍ୟଅତିଥି, ନୂଆପଡା ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ପ୍ରମୋଦ କିଶୋର ସାହୁ, ମନୋଜ କୁମାର ସାହୁ, ପୁରୁଷୋତ୍ତମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସମାଜର ବିକାଶ ଉପରେ ଆଲୋକପାତ କରିଥିଲେ। ଏହାପରେ ସର୍ବସମ୍ମତି କ୍ରମେ ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଇନଜୀବୀ ଧନୀରାମ ସାହୁ ସଭାପତି, ପମ୍ପୁଲାଲ ସାହୁ ଉପସଭାପତି, ସାଂଗଠନିକ ସମ୍ପାଦକ ଭାବରେ ବେଦ ପ୍ରକାଶ ସାହୁ ମନୋନୀତ ହୋଇଛନ୍ତି। ସେହିପରି ମହିଳା ଉପାଧ୍ୟକ୍ଷ ଭାବେ ଜାନକୀ ସାହୁ ଓ ସାଂଗଠାନିକ ସମ୍ପାଦକ ଭାବେ ମମତା ସାହୁ ମନୋନୀତ ହୋଇଛନ୍ତି। କୋମନା ବ୍ଲକ ସଭାପତି ଟେକରାମ ସାହୁ, ଖଡିଆଳ ବ୍ଲକ ସଭାପତି ଜିତେନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି। ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ମୁଖ୍ୟଅତିଥି ଉପଢୌକନ ଓ ମାନପତ୍ର ଦେଇ ସମାନିତ କରିଥିଲେ। ଏହି ନବ ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୩ ବର୍ଷ ରହିଛି। ଏହା ପରେ ପୁଣି ନିର୍ବାଚନ ହେବ ବୋଲି ପର୍ଯ୍ୟବେକ୍ଷକ ପ୍ରକାଶ କରିଛନ୍ତି। ଏହି ସମୟରେ ପବନ ସାହୁ, ଜୟ କୁମାର ସାହୁ, ରାମଚନ ସାହୁ, ଭୀମ ସାହୁ, ତାରାଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୩୦।୧୨(ସୁଜିତ କୁମାର ପ୍ରଧାନ)**




ଶୋଭାଯାତ୍ରାରେ ସାମିଲ ଅଧିକାରୀ ଓ ସ୍ୱେଚ୍ଛାସେବୀ।

ନୂଆପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ ବିଭାଗ କର୍ମଚାରୀ, ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଓ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ପ୍ରଥମରେ ମା'ଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରା ହରିପୁର ରୋଡ୍‌ରୁ ବାହାରି ତିଖାଲି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟନ୍ତ ଯାଇଥିଲା। ବାଟରେ ପଡ଼ିଥିବା ଅଳିଆ ଆବର୍ଜନା ସଫେଇ ସହ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ମୁକ୍ତ ଜିଲା ଗଠନରେ ସହାୟକ ହେବାକୁ ପ୍ରାଧିକରଣ ସଚିବ ନବନିତା ଦାସ ଆହ୍ୱାନ କରିଥିଲେ। ଏଥିରେ ଖଡ଼ିଆଳ ବନ ବିଭାଗର ଏସିଏଫ୍ ପ୍ରସନ୍ନଜିତ ନାଏକ, ରେଞ୍ଜର ସୀତାରାମ ଶବର, ପରମେଶ୍ୱର ବାରିକ, ତପନ ରଞ୍ଜନ ଦାଶ, ଏନ୍‌ସିସି ଅଧିକାରୀ ବିଷ୍ଣୁଦେବ ସିଂ ମଲ୍ଲିକ, ମହିଳା ଡିଗ୍ରୀ କଲେଜ ଅଧ୍ୟାପକ ଘନଶ୍ୟାମ ଶଗରିଆ, ରତ୍ନାଞ୍ଜଳି ପାଣିଗ୍ରାହୀ, ଜିଲା ଓକିଲ ସଂଘ ସମ୍ପାଦକ ପ୍ୟାରିଲାଲ ଦେବାଙ୍ଗନ ସମେତ ଅନେକ ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

## ଦିଲୀପ ସାହୁ ବିଜେଡି ଜିଲା ସମ୍ପାଦକ

**ତୁଣ୍ଡଲା, ୩୦।୧୨(ଫିରୋଜ କୁମାର ଦାଶ):** ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟରେ ନୂତନ ପଦାଧିକାରୀ ଚୟନ କରାଯାଇଛି। ଏହି କ୍ରମରେ କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀର ଦିଲୀପ ସାହୁଙ୍କୁ ନୂତନ ଜିଲା ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ଦିଲୀପ ଦୀର୍ଘ ଦିନରୁ ବିଜେଡିର ଜଣେ ସକ୍ରିୟ ସଦସ୍ୟ ଭାବେ କାମ କରିଆସୁଥିଲେ। ତାଙ୍କ ନାମ ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ଅଜିତ କିଶୋର ଚଲାନ ଭାଜପା ଜିଲା ସାଧାରଣ ସମ୍ପାଦକ

**ଖଡ଼ିଆଳ,୩୦।୧୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଗ୍ରାମର ଅଜିତ କିଶୋର ଚଲାନ ଭାରତୀୟ ଜନତା ପାର୍ଟିର ଜିଲା ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ଜିଲା ଭାଜପା ଓବିସି ମୋର୍ଚ୍ଚାର ସଭାପତି ରହି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କର ଏହି କାର୍ଯ୍ୟଦକ୍ଷତାକୁ ସମ୍ମାନ ଜଣାଇ ଭାଜପା ପକ୍ଷରୁ ନିଯୁକ୍ତି ଦିଆଯାଇଛି। ନୂତନ ନିଯୁକ୍ତି ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।

# କଳାହାଣ୍ଡି ଲେଖିକା ସଂଘର ନବବର୍ଷ କାବ୍ୟୋତ୍ସବ

**ଭବାନୀପାଟଣା,୩୦।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଲେଖିକା ସଂଘର ନବବର୍ଷ କାବ୍ୟୋତ୍ସବ ଭବାନୀପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ଅତିଥି ଭାବରେ ଡ. ସନ୍ତୋଷ ଶତପଥୀ ଯୋଗଦେଇ କବିତା ଲେଖିବା ଶୈଳୀକୁ ବ୍ୟାଖ୍ୟା କରି ଲେଖିବା ଧାରାର ମାର୍ଗଦର୍ଶନ କରିଥିଲେ। ଏହାସହ ସ୍ୱ ରଚିତ ଭଜନ ପରିବେଷଣ ସହ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦିକା କଳ୍ପନା ରଥ ପରିଚାଳନା କରିଥିଲେ। କବି ସବିତା ଦାସ ବ୍ରହ୍ମ ନାଦ ଓ ଶାନ୍ତି ପାଠ ଓ ମୀନା ମୁଣ୍ଡ ବନ୍ଦେ ମାତରଂ ଗାନ କରିଥିଲେ। କାର୍ଯ୍ୟକ୍ରମର ମଧ୍ୟ ଭାଗରେ ଗାଳ୍ପିକା ସୌଦାମିନୀ ଭୋଇଙ୍କ ଗଳ୍ପ ଧୋତି କୁର୍ତ୍ତା ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଥିଲା। କବି ଅର୍ଚ୍ଚନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କବି ମିନତି ପ୍ରଧାନଙ୍କ ସଂଯୋଜନାରେ କବି ମଞ୍ଜୁ ରାଣୀ ରଥ, ନିବେଦିତା ମହାନ୍ତି, ନିରୂପମା ମହାନ୍ତି, ପ୍ରେମ ଶୀଳା ବେହେରା, ସବିତା ଦାସ, ସ୍ନେହଲତା ଷଡଙ୍ଗୀ, ସୌଦାମିନୀ ଭୋଇ, ସୁବ୍ରତା ମହାପାତ୍ର, ବିଳାସିନୀ ମହାପାତ୍ର, ରଶ୍ମି ରାଣୀ ରଥ ପ୍ରମୁଖ ୨୫ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

# କଳାହାଣ୍ଡି ଉତ୍ସବ ପାଇଁ ଜାନୁଆରୀ ୯ରେ ପ୍ରତିଯୋଗିତା

**ଥୁଆମୂଳ ରାମପୁର,୩୦।୧୨(ଦୁର୍ଗା କୀର୍ତ୍ତି)**



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୬' ଅବସରରେ ମାହୁଲପାଟଣାସ୍ଥିତ ଇନ୍ଦ୍ରାବତୀ ଜଳଭଣ୍ଡାରର କେନ୍ଦୁଗୁଡ଼ା ଘାଟଠାରେ ଆୟୋଜିତ ହେବାକୁ ଥିବା ପାରମ୍ପରିକ ନୌକା ଚାଳନା ଓ ତୀର ଚାଳନା ପ୍ରତିଯୋଗିତା ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବର ସଫଳତା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଥୁଆମୂଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲି, ଏଇଇ ସାଲଖୁ ହେମ୍ବ୍ରମ, ଏଡିଡବ୍ଲ୍ୟୁଇଓ ମହାପ୍ରସାଦ ଦାସ, ଜିଲା ନୌକା ଓ ତୀର ଚାଳନା ସଂଘ ସଭାପତି ଓ ଡିଏ ସୁଜିତ କୁମାର ସାହୁଙ୍କୁ ଛାଡିଦେଲେ ଅନ୍ୟ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ସାଂସଦଙ୍କ ବ୍ଲକ ପ୍ରତିନିଧି ପବିତ୍ର ନାଏକ, ବିଜେପି ନେତା ବିପିନ ନାଏକ, ଭାଜପା ଯୁବ ନେତା ବିଷ୍ଣୁ ନାଏକ, ଆଲୋକ କୁମାର ନାଏକ, ବାମୁନୁ ନାଏକ, ଦୟାନିଧି ଭୋଇ, ପୁଷ୍ପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ପ୍ରଶାସକ ଦାଶ କହିଛନ୍ତି, ଆସନ୍ତା ଜାନୁଆରୀ ୯ରେ ମହୁଲପାଟଣା ଇନ୍ଦ୍ରାବତୀ ଜଳଭଣ୍ଡାର ସାନ ଛତ୍ରଙ୍ଗର କେନ୍ଦୁଗୁଡ଼ା ଘାଟଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଜିଲା ମହୋତ୍ସବରେ ମଧ ସମ୍ମାନିତ କରାଯିବା ବ୍ୟବସ୍ଥା ରହିଛି।

## ଜିଲା ପାଇଁ ଗୌରବ ଆଣିଲେ ନେହେରୁ



ନେହେରୁଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଉଛି।

**ନୂଆପଡ଼ା,୩୦।୧୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଭାଲେଶ୍ୱର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ନେହେରୁ ପଟେଲ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଡିସେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ୫୨ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା କେନ୍ଦୁଝର ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନେହେରୁ ସୌର ସଂଯୁକ୍ତ ସ୍ୱୟଂଚାଳିତ ସ୍ପ୍ରେୟର ମେଶିନ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କଠାରୁ ପୁରସ୍କୃତ ହୋଇଥିଲେ। ଆଗାମୀ ଦିନରେ କଲିକତାଠାରେ ଆୟୋଜିତ ହେବାକୁ ଥିବା ଜୋନାଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ସେ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହି ପ୍ରକଳ୍ପ ଗଣିତ ଶିକ୍ଷକ ବିକାଶ ଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ହୋଇଥିଲା। ନେହେରୁଙ୍କ ଏହି ସଫଳତା ଅନ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଛି । ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରି ସା, ବିଦ୍ୟାଳୟ ଅଧକ୍ଷ ରାମନାଥ ଜାଲ ନେହେରଙ୍କୁ ଶୁଭେଚ୍ଛା ଜଣାଇ ଭବିଷ୍ୟତରେ ଅଧିକ ସୃଜନଶୀଳ ପ୍ରୟାସ ପାଇଁ ମାର୍ଗଦର୍ଶନ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ମାଲଗୁଣ୍ଡି ଚାମ୍ପିୟନ

**କୋକସରା,୩୦।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ଖେଳପଡ଼ିଆରେ ଲଙ୍କେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସପ୍ତ ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଡ଼ଙ୍ଗରିଗୁଡାକୁ ହରାଇ ମାଲଗୁଣ୍ଡି ଦଳ ଚାମ୍ପିୟନ ହୋଇଛି। ଦୁଇଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ଟାଇବ୍ରେକରରେ ମାଲଗୁଣ୍ଡି ଦଳ ବିଜୟୀ ହୋଇଛି। ଖେଳ ଶିକ୍ଷକ ଶଙ୍କର ପୋଡ଼ ଖେଳ ପରିଚାଳନା କରିଥିବା ବେଳେ ଲାଇନରେ ଚିତ୍ତରଞ୍ଜନ ଠାକୁର, ଗଣପତି ପୂଝାରୀ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଡାଲଗୁମା ସରପଞ୍ଚ ଯୋଗେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଓ ସମିତି ସଭ୍ୟ ଚିନ୍ତାମଣି ଚଣ୍ଡୀ, କଂଗ୍ରେସ ନେତା ମହେନ୍ଦ୍ର କୁମାର ଧରୁଆ, ମୋହିତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ସହ ଖେଳାଳିମାନେ।

# କଳାହାଣ୍ଡିକୁ ୮ ସ୍ୱର୍ଣ୍ଣ, ୧ ରୌପ୍ୟ, ୬ କାଂସ୍ୟ ପଦକ

**୧୫ ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତା**

**ଲାଞ୍ଜିଗଡ଼,୩୦।୧୨(ରମେଶ ଚନ୍ଦ୍ର ନାୟକ)**



ଅତିଥିଙ୍କ ଗହଣରେ ପଦକ ହାସଲ କରିଥିବା ପ୍ରତିଯୋଗୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୯ ଜଣ ଛାତ୍ରୀଛାତ୍ର ୧୫ତମ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ଭାଗନେଇ ୧୫ପଦକ ହାସଲ କରିଛନ୍ତି । ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୧୫ତମ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା-୨୦୨୫ ଡିସେମ୍ବର ୩୦ରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାକୁ ବିଭିନ୍ନ ବର୍ଗରେ ପ୍ରତିଯୋଗୀଙ୍କୁ ୧୫ ଗୋଟି ପଦକ ମିଳିଛି। ସବ୍ ଜୁନିୟର ଅଣ୍ଡର ୧୪ ବର୍ଷ ବର୍ଗରେ କୁସୁମପ୍ରଭା ମାଝୀ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ପଦକ, ସ୍ୱୟଂ ଓଡ଼ିଆ କୁମିତେ (ଫାଇଟିଂ)ରେ ୧ କାଂସ୍ୟ, ପୁଷ୍ଟେନ୍ଦୁ ବିଶ୍ୱାଳ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ, ଆଶୀର୍ବାଦ ବାଡ଼ତିଆ (ଫାଇଟିଂ)ରେ ୧ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଜୁନିୟର ୧୮ ବର୍ଷରୁ କମ୍ ବର୍ଗରେ ଅର୍ପିତା ବାଡ଼ତିଆ କୁମିତେ (ଫାଇଟିଂ)ରେ ସ୍ୱର୍ଣ୍ଣ, ଲୋକେଶ ବିଶାଳ କୁମିତେ (ଫାଇଟିଂ)ରେ ରୌପ୍ୟ, ହିତେଶ ମହାଖୁଡ଼ଙ୍କୁ କାଟାରେ ୨ଟି ସ୍ୱର୍ଣ୍ଣ ଓ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ, କିରନ ବେମାଲଙ୍କୁ କୁମିତେ (ଫାଇଟିଂ)ରେ ୧ କାଂସ୍ୟ ଓ କାଟାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ, ଗଙ୍ଗାଧର ମଲ୍ଲିକଙ୍କୁ କୁମିତେ (ଫାଇଟିଂ)ରେ ୧ ସ୍ୱର୍ଣ୍ଣ ଓ କାଟାରେ ୧ ସ୍ୱର୍ଣ୍ଣ ୧ କାଂସ୍ୟ ପଦକ ମିଳିଛି। କଳାହାଣ୍ଡି ଉତ୍କଳ କରାଟେ କୋଚ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଭାଗନେଇଥିଲେ। ଏହି ପ୍ରତିଯୋଗୀଙ୍କୁ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷା ଡ. ମାନବିନ କୌର, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ ଚିଫ୍ ଟେକ୍‌ନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଲାଞ୍ଜିଗଡ଼ ବ୍ଲକ୍ ତଥା କଳାହାଣ୍ଡି ଜିଲାବାସୀ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ସଂକ୍ଷେପରେ

### ଶହୀଦ ମାଧୋ ସିଂହ ମହାବିଦ୍ୟାଳୟ ଭାବେ ନାମିତ କରିବାକୁ ଦାବି

**ସୋହେଲା, ୩୦।୧୨(ଅଶ୍ୱିନୀ କୁମାର ପାତ୍ର):** ଭାରତୀୟ ମୁକ୍ତି ସଂଗ୍ରାମରେ ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ ଜମିଦାର ବଂଶର ବଳିଦାନ ଅତୁଳନୀୟ। ଏହି ବଂଶର ଜମିଦାର ଶହୀଦ ବୀର ମାଧୋ ସିଂ ସମେତ କୁଞ୍ଜଲ ସିଂ, ହଟେ ସିଂ, ଐରୀ ସିଂ ଓ ବୈରୀ ସିଂ ବଳିଦାନ ଦେଇଥିଲେ। ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କୁ ଫାଶୀ ଦିଆଯିବା ସ୍ୱାଧୀନତା ସଂଗ୍ରାମ ଇତିହାସରେ ବିରଳ ଦୃଷ୍ଟାନ୍ତ। ସେମାନଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ରାଜ୍ୟ ସରକାର ପ୍ରତି ବର୍ଷ ଡିସେମ୍ବର ୩୧ ତାରିଖକୁ ବୀରତା ଦିବସ ପାଳନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଘେଁସ ମହାବିଦ୍ୟାଳୟ, ଘେଁସର ନାମକୁ ସରକାରୀ ଭାବରେ ପରିବର୍ତ୍ତନ କରି ଶହୀଦ ମାଧୋ ସିଂହ ମହାବିଦ୍ୟାଳୟ, ଘେଁସ ଭାବରେ ନାମିତ କରାଯାଉ ବୋଲି ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି । ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଘେଁସ ମାଟିର ଏକ ସ୍ୱତନ୍ତ୍ର ଏବଂ ପବିତ୍ର ସ୍ଥାନ ରହିଛି। ୧୮୫୭ବିଦ୍ରୋହ ସମୟରେ ବ୍ରିଟିଶ ଔପନିବେଶିକ ଶାସନ ବିରୋଧରେ 'ଘେଁସ ଜମିଦାରି'ର ପ୍ରତିରୋଧ ଥିଲା ବୀରତ୍ୱର ଏକ ଗୌରବମୟ ଅଧ୍ୟାୟ। ଏହି ପ୍ରତିରୋଧର ନେତୃତ୍ୱ ଆଗରେ ନେତୃତ୍ୱ ନେଇଥିଲେ ଅଦମ୍ୟ ସାହସୀ ବୀର ମାଧୋ ସିଂହ। ଶହୀଦ ମାଧୋ ସିଂହ ଓ ତାଙ୍କର ପୂରା ପରିବାର ବ୍ରିଟିଶ ଅତ୍ୟାଚାରୀମାନଙ୍କ ବିରୋଧରେ ନିରନ୍ତର ସଂଗ୍ରାମ କରିଥିଲେ। ସେମାନଙ୍କର ତ୍ୟାଗ ଅତୁଳନୀୟ ଥିଲା। ଘେଁସ ମହାବିଦ୍ୟାଳୟ ଏହି ଐତିହାସିକ ଅଞ୍ଚଳର ଏକ ଅଗ୍ରଣୀ ଉଚ୍ଚ ଶିକ୍ଷାନୁଷ୍ଠାନ। ଏହି ମହାନ୍ ବୀରପୁତ୍ରଙ୍କ ସ୍ମୃତିକୁ ଅମର କରି ରଖିବା ପାଇଁ ତାଙ୍କ ନିଜ ଜନ୍ମଭୂମିରେ ଅବସ୍ଥିତ ଏହି ଶିକ୍ଷା ମନ୍ଦିରରେ ତାଙ୍କ ନାମ ଯୋଡ଼ିବା ପାଇଁ ଅନୁରୋଧ କରୁଛି ବୋଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

### ବୌଦ୍ଧ ବହୁବୃତ୍ତି ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା

**ବଘିଆପଡା,୩୦।୧୨(ଶ୍ରୀକାନ୍ତ ସାହୁ):** ବୌଦ୍ଧ ସରକାରୀ ବହୁବୃତ୍ତି ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବର୍ଗର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବାଳକ ବର୍ଗରେ ଅଭିଜିତ ପ୍ରଧାନ ଓ ବାଳିକା ବର୍ଗରେ ବିମଳା ଦନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଶ୍ୱରଞ୍ଜନ ବେହେରା ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରଞ୍ଜିତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ହୋଇଥିଲା। ଆଶିଷ ସାହୁ, ସଲୀଳା ବେହେରା, ସୌମ୍ୟରଞ୍ଜନ କର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।



ହାତୀ ପିଠିରେ ବସି ମୁଖ୍ୟମନ୍ତ୍ରୀ କଂସ ଦରବାରକୁ ଯାଉଛନ୍ତି।



କଂସ ଦରବାରରେ ରାଜ ଅତିଥି ତଥା ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟମାନେ।

# ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ନିଦର୍ଶନ: ମୁଖ୍ୟମନ୍ତ୍ରୀ

**ମଥୁରାନଗରୀ,୩୦।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସବୁଠାରୁ ଅନନ୍ୟ ଓ ନିଆରା। ଏଠାରେ ମଥୁରା ଅଛି, ଗୋପପୁର ମଧ୍ୟ ରହିଛି। ସେହିପରି ଯମୁନା ଏବଂ ବୃନ୍ଦାବନ ପଡ଼ିଆ ମଧ୍ୟ ଅଛି। କେବଳ ସେତିକି ନୁହେଁ, ଏଠାରେ ଶ୍ରୀକୃଷ୍ଣ ଥିବାବେଳେ କଂସ ମହାରାଜ ଏବଂ ତାଙ୍କ ପ୍ରଜାମାନେ ମଧ୍ୟ ରହିଛନ୍ତି। ଶ୍ରୀକୃଷ୍ଣଙ୍କ ଲୀଳାରେ ସମସ୍ତେ ହଜିଯାଆନ୍ତି। ଫଳରେ କେବଳ ବରଗଡ଼, ପଶ୍ଚିମ ଓଡ଼ିଶା, ଓଡ଼ିଶା କିମ୍ବା ଭାରତ ନୁହେଁ, ଦେଶ ବାହାର ଲୋକେ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଉପଭୋଗ କରିବା ପାଇଁ ଏଠାକୁ ଧାଇଁଆସନ୍ତି ଏବଂ ଏହି ନିଆରା ମହୋତ୍ସବର ଦିବ୍ୟ ଅନୁଭବ ନେଇ ଫେରିଯାଆନ୍ତି। ବରଗଡ଼ ଧନୁଯାତ୍ରା ମହୋତ୍ସବ ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ନିଦର୍ଶନ ବୋଲି ମଙ୍ଗଳବାର ରାଜ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂସ ଦରବାରରେ ମତପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, କେବଳ ସଂସ୍କୃତି ନୁହେଁ, ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଧନୁଯାତ୍ରା ମହୋତ୍ସବର ଯଥେଷ୍ଟ ଭୂମିକା ରହିଛି। ଏଠାରେ ହସ୍ତତନ୍ତ ମେଳା, ପଲ୍ଲିଶ୍ରୀ ମେଳା ଏବଂ ମୀନାବଜାର ପଡ଼ିଛି। ଏଥିରୁ ଅନେକ ସ୍ୱାବଲମ୍ବୀ ରୋଜଗାରକ୍ଷମ ହୋଇ ପାରୁଛନ୍ତି। ଫଳରେ ଧନୁଯାତ୍ରା ମହୋତ୍ସବର ବିକାଶ ସହିତ ଏହାକୁ ଆହୁରି ଦିବ୍ୟ ଏବଂ ଭବ୍ୟ କରିବା ପାଇଁ ଆଗକୁ ମଧ୍ୟ ସରକାର ବହୁବିଧ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ସନ୍ଧ୍ୟା ପ୍ରାୟ ୬ଟା ୩୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ମଥୁରାନଗରୀସ୍ଥିତ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସ୍ଥାନୀୟ ନିଶାମଣି ହାଇସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆର ରଙ୍ଗ ମହଲ ମଞ୍ଚକୁ ଅଣାଯାଇଥିଲା। ମୁଖ୍ୟମନ୍ତ୍ରୀ ହାତୀପିଠିରେ ବସି ଶୋଭାଯାତ୍ରାରେ ଆସୁଥିବାବେଳେ ରାସ୍ତାର ଉଭୟ ପାର୍ଶ୍ୱ ଲୋକାରଣ୍ୟ ହୋଇ ପଡ଼ିଥିଲା। ମୁଖ୍ୟମନ୍ତ୍ରୀ ହାତୀପିଠିରେ ବସି ମଥୁରାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରଙ୍ଗ ମହଲ ମଞ୍ଚକୁ ସେ ରାଜ ଅତିଥି ଭାବେ ପହଞ୍ଚିବା ପରେ ସେଠାରେ ତାଙ୍କୁ କଳିଙ୍ଗ ସମ୍ରାଟ୍ ଭାବେ ସ୍ୱାଗତ କରାଯାଇଥିଲା। ତାଙ୍କୁ ଦେଖି କଂସ ମହାରାଜ ମଥୁରାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ, ମହିଳା ସଶକ୍ତୀକରଣ ଏବଂ କୃଷକଙ୍କ ବିକାଶ ପାଇଁ ଚାଲିଥିବା ଯୋଜନା ଉପରେ ସୂଚନା ଦେବା ପାଇଁ କଳିଙ୍ଗ ସମ୍ରାଟ୍ ତଥା ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

କଂସ ମହାରାଜଙ୍କ ଆଦେଶ ପାଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ, ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ଧନୁଯାତ୍ରା ମହୋତ୍ସବର ସ୍ଥାୟୀ ରାଜମହଲ ନିର୍ମାଣ ହେବ। ଏହା ସହିତ ଯମୁନା ନଦୀରେ ୧୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଆନିକଟ ନିର୍ମାଣ ପାଇଁ ସେ ଅନୁମୋଦନ କରିଥିବା ବେଳେ ମଥୁରନଗରୀ ଦେଇ ଯାଇଥିବା କେନାଲ ଉପରେ ୪୦କୋଟି ଟଙ୍କା ବ୍ୟୟ ଅଟକଳରେ ସୌନ୍ଦର୍ଯ୍ୟକରଣ କରାଯିବ। ସେହିପରି ଉଠାଦୋକାନୀ ଏବଂ ପରିବା ଦୋକାନୀଙ୍କ ପାଇଁ ୨୩ କୋଟି ଟଙ୍କାରେ ଭେଣ୍ଡିଂ ଜୋନ୍, ୬୬.୬୪ କୋଟି ଟଙ୍କାରେ ଏକ ଆଧୁନିକ ବସ୍‌ଷ୍ଟାଣ୍ଡ, ଗ୍ରୀଣ୍ଡୋଲାରେ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଅନ୍ତଃନଦୀ ଜଳାଶୟ, ଜୀରାନଦୀରେ ୧୩୨.୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ୱେରେଜ ପ୍ଲାଣ୍ଟ କରାଯିବ। ଏହା ସହିତ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇ ଥିବା ବେଳେ ପି.ଏମ୍. କିଶାନ ଏବଂ ସି.ଏମ୍. କିଶାନ ଯୋଜନାରେ କୃଷକମାନେ ଉପକୃତ ହେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଧାନ ଉଠାଣ, କଟ୍‌ନୀଛଟ୍‌ନୀ ଏବଂ ଟୋକନ ସମସ୍ୟା ନେଇ କିଛି ଚାଷୀ ତାଙ୍କ ଦୃଷ୍ଟିକୁ ଆଣିଛନ୍ତି ଏବଂ ତାର ତ୍ୱରିତ ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାରଙ୍କ ସମେତ ଅନେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଧନୁଯାତ୍ରା ମହୋତ୍ସବର ୬ଜଣ କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ ଏବଂ ୨୦୦ରୁ ଅଧିକ କଳାକାର ଏହି ପ୍ରୋତ୍ସାହନ ରାଶି ପାଇବେ ବୋଲି ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଆଦିତ୍ୟ ଗୋୟଲ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ୍. ମୀନା ଏବଂ ସମ୍ପାଦକ ସୁରେଶ୍ୱରଶତପଥୀପ୍ରମୁଖଉପସ୍ଥିତଥିଲେ।

#### ଜୟ ଜଗନ୍ନାଥ ଶୁଣି ବିଗିଡ଼ି ଗଲେ କଂସ ମହାରାଜ

ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ରଖିବା ଆରମ୍ଭରୁ କଂସ ମହାରାଜଙ୍କ ଜୟଗାନ କରିବା ସହିତ ଜୟ ଜଗନ୍ନାଥ, ଜୟ ମାଁ ସମଲେଶ୍ୱରୀ, ଜୟ ନୃସିଂହନାଥ କହିଥିଲେ। ତେବେ ରାଜ ଅତିଥି ତଥା ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ଜୟ ଜଗନ୍ନାଥ ଶୁଣି କଂସ ମହାରାଜ ବିଗିଡ଼ି ଯାଇଥିଲେ। କଂସ ମହାରାଜ ନିଜ ଆସନରୁ ଉଠି ପଡ଼ି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ, ମଥୁରା ରାଜ୍ୟରେ ଜଗନ୍ନାଥଙ୍କ କାମ ଚାଲୁ ନାହିଁ। ଏଇଠି ଜଗତର ନାଥ କଂସ ମହାରାଜ। କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କୁ ପ୍ରଶ୍ନ କରି କହିଥିଲେ, ମୋର ଚତୁଃପାର୍ଶ୍ୱରେ ଶତ୍ରୁ ଘେରି ରହିଛନ୍ତି, ଏହା କ'ଣ ଏକ ଷଡ଼ଯନ୍ତ୍ର ନୁହେଁ କି? ମଥୁରାକୁ କେହି ଶତ୍ରୁ ପଶି ପାରିବେନି ବୋଲି ଯେତେବେଳେ ପାତ୍ରମନ୍ତ୍ରୀଗଣ କହିଥିଲେ, ସେତେବେଳେ କଂସ ମହାରାଜ ଶାନ୍ତ ପଡ଼ିଥିଲେ ଏବଂ ବକ୍ତବ୍ୟ ଆଗକୁ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଦେଶ କରିଥିଲେ। ଏହି ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା।

## ବାଂଲାଦେଶୀଙ୍କ ଅତ୍ୟାଚାର ବିରୋଧରେ ଶୋଭାଯାତ୍ରା




ବିଭିନ୍ନ ସଂଗଠନ ତରଫରୁ ଶୋଭାଯାତ୍ରା।

**ପଦ୍ମପୁର,୩୦।୧୨(ପ୍ରଦୀପ୍ତ ଦାଶ)**

ବାଂଲାଦେଶରେ ବିଗତ ଦିନରେ ଦେଖାଯାଉଥିବା ହିଂସା ସମଗ୍ର ବିଶ୍ୱ ପାଇଁ ଚିନ୍ତାର ବିଷୟ ପାଲଟିଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ନୂତନ ସରକାର ଗଠିତ ହେବା ପରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ଡିସେମ୍ବର ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସ ଓ ପରବର୍ତ୍ତୀ ସମୟରେ ଅମୃତ ମଣ୍ଡଳଙ୍କ ହତ୍ୟା ସମସ୍ତଙ୍କୁ ଭୟଭୀତ କରିଛି। ବିଶେଷତଃ ଭାରତର ହିନ୍ଦୁମାନଙ୍କ ପ୍ରତି ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। କ୍ରମାଗତ ଭାବରେ ବାଂଲାଦେଶୀ ଓ ରୋହିଙ୍ଗ୍ୟାମାନଙ୍କ ଅନୁପ୍ରବେଶ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ପଦ୍ମପୁର ସହରରେ ବିଗତ ୫-୭ ବର୍ଷରେ ଏମାନଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ି ଚାଲିଛି। ଏ ସବୁର ପ୍ରତିବାଦରେ ମଙ୍ଗଳବାର ପଦ୍ମପୁରରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ରାଜାଜି ଟାଉନ ହଲଠାରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଭେଡ଼ିଆଁ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ପଦ୍ମପୁରରେ ବାଂଲାଦେଶୀମାନଙ୍କୁ ପ୍ରଶ୍ରୟ ଦେଉଥିବା ଲୋକଙ୍କୁ ତାଗିଦ କରିବା ସହ ଆଗାମୀ ସମୟରେ ପଦ୍ମପୁରରେ ତାଙ୍କ ପ୍ରବେଶକୁ ବାରଣ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଶହ ଶହ ସଂଖ୍ୟାରେ ପଦ୍ମପୁରର ଜନସାଧାରଣ ଏବଂ ଅନେକ ଅନୁଷ୍ଠାନ, ସଙ୍ଗଠନ, କ୍ଲବ ତଥା ବିବିଧ ସମାଜର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଆଗାମୀ ସମୟରେ ପଦ୍ମପୁରରେ ବାଂଲାଦେଶୀମାନଙ୍କଠାରୁ ପଦ୍ମପୁରକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ। ପରିଶେଷରେ ବାଂଲାଦେଶର ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଓ ପାକିସ୍ତାନର ସେନାଧ୍ୟକ୍ଷ ଆସିଫ ମୁନିର ଉଭୟଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ପଦ୍ମପୁର,୩୦।୧୨(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି । ଏହି କ୍ରୀଡା ମହୋତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଖେଳ ଶିକ୍ଷକ ସଦାନନ୍ଦ ସାହୁ, କେଶବ ପ୍ରଧାନ, ଚନ୍ଦ୍ରମଣି ସାହୁ, ବିଦେଶୀ ସାହୁ, କ୍ଷୀରୋଦ୍ର ଦାଶ ଓ ଶିକ୍ଷିକା ନୀଳିମାରାଣୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ସୁଚାରୁରୂପେ ପରିଚାଳିତ ହୋଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସକ୍ରିୟ ସହଯୋଗ କରିଥିଲେ। ସ୍ଥାନୀୟ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଷଡ଼ାନନ ଭୋଇ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାରେ ଯୁକ୍ତ ୩ ବିଭାଗରେ ଛାତ୍ରୀ କୁମ୍‌କୁମ୍ ଧରୁଆ ଓ ଛାତ୍ର ଶୁଭେନ୍ଦୁ ଭୋଇ ଚାମ୍ପିୟନ ହୋଇଥିବା ବେଳେ ଯୁକ୍ତ ୨ ବିଭାଗରେ ଛାତ୍ରୀ ସମୀକ୍ଷା ତ୍ରିପାଠୀ ଓ ଛାତ୍ର ଅନୁରାଗ ସ୍ୱାଇଁ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଛନ୍ତି।

## ଦିନରେ ସ୍ୱପ୍ନ ଦେଖିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ

**ଗାଇସିଲେଟ୍,୩୦।୧୨(ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ପେଣ୍ଡାଲରେ ଅଧ୍ୟକ୍ଷ ଡା.ଜୟ କେତନ ତ୍ରିପାଠୀଙ୍କ ସଭାପତିତ୍ୱ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦିପ କୁମାର ପୁରୋହିତ ଯୋଗଦେଇ ରାତିରେ ସ୍ୱପ୍ନ ଦେଖିବା ଅପେକ୍ଷା ଦିନରେ ସପ୍ନ ଦେଖିଲେ ଉଜ୍ଜ୍ୱଳ ଭବିଷ୍ୟତକୁ କେହି ରୋକି ପାରିବେ ନାହିଁ ବୋଲି ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ। ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ମନୋରଞ୍ଜନ ସାହୁ ଗୁରୁମାନଙ୍କଠାରୁ ଆଗକୁ ବଡି ମହତ ଜନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିୟ ଅତିଥି ଭାବେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣୟକୁମାରସାହୁ, ପୂର୍ବତନ ବ୍ଲକ ଚେୟାରମେନ ତଥା କଲେଜର ପୂର୍ବତନ ସମ୍ପାଦକ ଅମ୍ବିକା ପ୍ରସାଦ ତ୍ରିବେଦୀ ପ୍ରଧାପକ ସୁଦିପ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାପକ ପ୍ରଦିପ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ହତ୍ୟା ମାମଲାର ଉପଯୁକ୍ତ ତଦନ୍ତ କରିବାକୁ ଫେରାଦ

**ବୌଦ୍ଧ,୩୦।୧୨(ଅଜିତ କୁମାର ବାରିକ)**

ଭଉଣୀ ହତ୍ୟା ମାମଲାକୁ ଠିକ୍ ଭାବେ ତଦନ୍ତ କରିବାକୁ ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ମଙ୍ଗଳବାର ଫେରାଦ ହୋଇଛନ୍ତି ଭାଇ। ଅଭିଯୋଗ ଅନୁଯାୟୀ ବଲାଙ୍ଗୀର ଜିଲା ତୁଷରା ଥାନା ଗୁଡଭେଲା ଗ୍ରାମର ସୁବୋଧ ରଣାଙ୍କ ଭଉଣୀ ସୁମତି ରଣା ବୌଦ୍ଧ ଜିଲା ଘଣ୍ଟପଡା ଥାନା ରେଘାମୁଣ୍ଡା ଗ୍ରାମର ସତ୍ୟନାରାୟଣ ରଣାଙ୍କୁ ବିବାହ କରିଥିଲେ। ସୁମତିଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ମଧ୍ୟ ଅଛନ୍ତି। ଗତ ୮ ତାରିଖରେ ସୁମିତଙ୍କ ଦେହ ଖରାପ ଥିବା ଯୋଗୁ ବଲାଙ୍ଗୀର ମେଡିକାଲରେ ଥିବା ଖବର ପାଇ ତାଙ୍କ ଭାଇ ସୁବୋଧ ମେଡିକାଲକୁ ଯାଇଥିଲେ। କିନ୍ତୁ ସେଠାରେ ଭଉଣୀର ମୃତ୍ୟୁ ହୋଇଥିବା ସେ ଦେଖିବାକୁ ପାଇଥିଲେ। ଭଉଣୀଙ୍କୁ ତାଙ୍କ ସ୍ୱାମୀ, ଶଶୁରୁ ଓ ଶାଶୁ ମାରିଦେଇଥିବା ନେଇ ସୁବୋଧ ଗତ ୧୦ତାରିଖରେ ଘଣ୍ଟାପଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଣ୍ଟାପଡା ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୧୮୦/୨୫) ରୁଜ କରିଥିଲା। କିନ୍ତୁ ମାମଲାର ତଦନ୍ତ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ କରି ଉକ୍ତ ମାମଲାର ଠିକ ଓ ଶୀଘ୍ର ତଦନ୍ତ କରିବାକୁ ସୁବୋଧ ମଙ୍ଗଳାବର ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ସୋହେଲା ବିଇଓ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ

**ସୋହେଲା ୩୦।୧୨ (ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସୋହେଲା ବିଇଓ ଅମୃତା ସାହୁଙ୍କ ନିର୍ଦ୍ଦେଶରେ ଏବଂ ଏବିଇଓ ମନୋହର ଉଟୀଙ୍କ ସଭାପତିତ୍ୱରେ ବ୍ଲକର ସମସ୍ତ ସିଆର୍‌ସିସିଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସିଆର୍‌ସିସିମାନେ ନିଜ ନିଜ କ୍ଲଷ୍ଟରର ଏଫ୍‌ଏଲ୍‌ଏନ୍ ଶୈକ୍ଷିକ ବିଷୟ, ଏସ୍‌ଆଇଓଏସ ଏବଂ ଏନ୍‌ଆଇଓସ ସମ୍ପର୍କିତ ନାମଲେଖା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଏହା ସହ ଆସନ୍ତା ନୂତନ ବର୍ଷରେ ସମସ୍ତେ ବ୍ଲକର ଶୈକ୍ଷିକ ବିକାଶ ପାଇଁ କାର୍ଯ୍ୟ କରିବାକୁ ଏବିଇଓ ମନୋହର ଉଟୀ ପରାମର୍ଶ ଦେଇଥିଲେ ।



ବୈଠକରେ ଆଲୋଚନା ଚାଲିଛି।

## ପ୍ରୟାଗରାଜକୁ ହରାଇ ରାଞ୍ଚି ମେକନ ଚାମ୍ପିୟନ

**ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ**

**ପାଇକମାଲ,୩୦।୧୨(ବଢ଼ ଶତପଥୀ)**

ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୨୯ ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ପ୍ରୟାଗରାଜକୁ ହରାଇ ରାଞ୍ଚି ମେକନ ଚାମ୍ପିୟନ ହୋଇଛି। ସକାଳେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମାନସ ମେଡିକାଲ ଷ୍ଟୋର ପ୍ରୋପାଇଟର ପ୍ରଦୀପ୍ତ ସାହୁ ଓ ସମ୍ମାନିତ ଅତିଥି ମାଲପଡ଼ା କ୍ଲଷ୍ଟର ସିଆର୍‌ସିସି ସନ୍ତୋଷ କୁମାର ମେହେର ଭାବେ ଯୋଗଦେଇ ଖେଳ ଶୁଭାରମ୍ଭ କରିଥିଲେ। ରାଞ୍ଚି ମେକନ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ୧୭୫ ରନ ବିଜୟ ଲକ୍ଷ୍ୟ ନେଇ ପ୍ରୟାଗରାଜ ଦଳ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ୨୨ ରନରେ ପରାଜିତ ହୋଇଥିଲେ। ଓସିଏ ଅମ୍ପାୟାର ଅମିୟ ଭୂଷଣ ସାହୁ ଓ ଓସିଏ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ ରେଫରୀ ଥିଲେ। ବୁନିଲ କୁମାର ସାହୁ, ପ୍ରମୋଦ ଦାସ ଓ ଧିରେଶ କୁମାର ସାହୁ ସ୍କୋରର ଥିବା ବେଳେ ରମେଶ ଚନ୍ଦ୍ର ସାହୁ, ତେଜରାଜ ଠାକୁର, ବିନୟ ସାହୁ, ନରେନ୍ଦ୍ର ନାଏକ, ଥବିର ଦୀପ ଓ ପ୍ରହଲ୍ଲାଦ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ସମ୍ମାନିତ ଅତିଥି ଭାବେ ଅଶୋକ ଜିନ୍ଦଲ, ବିଜୟ କୁମାର ସାହୁ, ସୌଦାଗର ସାହୁ, ପଙ୍କଜ କୁମାର ଭୋଇ, ମଦନଲାଲ ସାହୁ, ପ୍ରଦୀପ୍ତ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ପ୍ରୀତମ ମେହେର, ସୌମ୍ୟରଞ୍ଜନ ପାଢ଼ୀ, ବଡ ଶତପଥୀ, ମାଳତୀ କୁଅଁର, ନନ୍ଦି କିଶୋର ନନ୍ଦ, ଜତୀନ ସାହୁ, ବିନନ୍ଦ ସାହୁ, ସନ୍ତୋଷ କୁମାର ସାହୁ, ନିତେଶ ଅଗ୍ରୱାଲ, ସୁମିତ ଅଗ୍ରୱାଲ ଯୋଗ ଦେଇ ଚମ୍ପିୟାନ ଦଳକୁ ନଗଦ ୫୦ ହଜାର ସହ ଟ୍ରଫି ଓ ରନର୍ସ ଦଳକୁ ନଗଦ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ରାଞ୍ଚି ଦଳର ଅଙ୍କିତରାଜ ଗୁପ୍ତାକୁ ପ୍ଲେୟାର ଅଫ ଦି ମ୍ୟାଚ ଦିଆଯାଇଥିବା ବେଳେ ପ୍ରୟାଗରାଜ ଦଳ କ୍ରିଷ୍ଣା ସରୋଜକୁ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଦିଆଯାଇଥିଲା। ସଚ୍ଚିଦାନନ୍ଦ ପଣ୍ଡା ସଭା ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜକ ସଭାପତି ଯତୀନ ସାହୁ, ଉପସଭାପତି ଆଦର୍ଶ ସାହୁ, ସମ୍ପାଦକ କାହ୍ନୁଚରଣ ସାହୁ, କୋଷାଧ୍ୟକ୍ଷ ଆକାଶ ସାହୁ, ଉପଦେଷ୍ଟା ହେମସାଗର ସାହୁ, ପ୍ରଶାନ୍ତ ସାହୁ, ରୋହିତ ସାହୁ, ପ୍ରମୋଦ ସାହୁ, ଆନନ୍ଦ ସାହୁ, ସ୍ୱତନ୍ତ୍ର ସାହୁ, ମଣ୍ଟୁ ସାହୁ, ନରେଶ ସାହୁ, ଅଶ୍ୱିନୀ ସାହୁ, ଜୁନିୟର ପ୍ରଶାନ୍ତ ସାହୁ ଉପସ୍ଥିତ ଥିଲେ। ସୁନିଲ ସାହୁ, ଜୟକିଶୋର ସୁନା, ଦୀପକ କୁମାର ସାହୁ, ସତ୍ୟ ସାହୁ, ରୂପକ ସେଠ, ସୁପିନ ସାହୁ, ସତ୍ୟ ସାହୁ, ପିଙ୍କୁ ସେଠ, ବୁଲୁ ସାହୁ, ପିଣ୍ଟୁ ସାହୁ, କବିରାଜ ସାହୁ, ରବି ଭୋଇ, ପୁରୁଷୋତ୍ତମ ବରଗଡ଼ି, ଋଷଭ ସାହୁ, ବିକାଶ ବେହେରା, ବିଲାଶ ବେହେରା, ଆଶିଷ ରଣାଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିବା ବେଳେ ଉପଦେଷ୍ଟା ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ବିଜୟୀ ଦଳ।

# ମାସେ ହେଲା ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ

**ତହଲବିକଳ ହୋଇ ବିଧାୟକଙ୍କ ହସ୍ତକ୍ଷେପ ଲୋଡିଲେ ଝୁରିମାଲ ଗ୍ରାମବାସୀ**

ସୁନ୍ଦରଗଡ଼, ୩୦।୧୨(ଜୟନାରାୟଣ ମେଣ୍ଡୁଲି)


ଝୁରିମାଲ ଗ୍ରାମବାସୀ ବିଧାୟକ ଯୋଗେଶ ସିଂହଙ୍କୁ ଭେଟି ଆଲୋଚନା କରୁଛନ୍ତି।

ଦିନେ କି ଦୁଇ ଦିନ ନୁହେଁ, ମାସେରୁ ଅଧିକ ହେଲା ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଝୁରିମାଲ ଗାଁରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଗ୍ରାମବାସୀ ପାନୀୟଜଳ ନ ପାଇ ତହଲବିକଳ ହୋଇ ଶେଷରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। କେବଳ ପାନୀୟ ଜଳ ସମସ୍ୟା ନୁହେଁ, ଏହି ଗ୍ରାମରେ ଅନେକ ସମସ୍ୟା ରହିଛି। କିନ୍ତୁ କିଛି ବି ସମାଧାନ ହେଉନାହିଁ। ତୃଣମୂଳ ସ୍ତରରେ ସାମଗ୍ରିକ ବିକାଶ ତଥା ଲୋକଙ୍କ ଶାସନକୁ ପ୍ରତିନିଧିତ୍ୱ କରୁଥିବା ପଞ୍ଚାୟତିରାଜ ବ୍ୟବସ୍ଥା ଆଜି ବାଧାପ୍ରାପ୍ତ ହୋଇପଡ଼ିଛି ଝୁରିମାଲ ଗ୍ରାମପଞ୍ଚାୟତରେ। ଏଠାରେ ଗ୍ରାମପଞ୍ଚାୟତ ଅଫିସ ନିୟମିତ ଖୋଲା ଯାଉନାହିଁ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦେଖାମିଳୁନି। ଲୋକେ ନିଜର ଅଭିଯୋଗ ଶୁଣାଇବେ କାହା ପାଖରେ। ଗତ ୧ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗାଁକୁ ପାନୀୟ ଜଳ ଯୋଗାଉଥିବା ପ୍ରକଳ୍ପ ଅଚଳ ଅବସ୍ଥାରେ ପଡିଛି। ଗ୍ରାମବାସୀ ଗ୍ରାମପଞ୍ଚାୟତ ଅଫିସରେ ଅଭିଯୋଗ କରିବାକୁ ଗଲେ କାହାରି ଦେଖାସାକ୍ଷାତ ମିଳୁନି। ଗ୍ରାମ ପଞ୍ଚାୟତର ବିକାଶମୂଳକ କାମର ଅବସ୍ଥା କହିଲେ ନ ସରେ। ପୂର୍ବତନ ଗ୍ରାମପଞ୍ଚାୟତ ଅଧିକାରୀଙ୍କ ଆଦେଶରେ ଏବେ ବି ଚାଲିଛି ଗ୍ରାମ ପଞ୍ଚାୟତର କାର୍ଯ୍ୟ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମଧ୍ୟ ବ୍ୟାପକ ହେରଫେର ହେଉଛି ବୋଲି ନିଜ ନାମ ଗୋପନ ରଖିବାକୁ ଅନୁରୋଧ କରି ମତାମତ ଦେଇଛନ୍ତି କିଛି ହିତାଧିକାରୀ। ଏହିସବୁ ସମସ୍ୟାରେ ଅତିଷ୍ଠ ହୋଇ ଝୁରିମାଲର ଶତାଧିକ ମହିଳା ପୁରୁଷ ମଙ୍ଗଳବାର ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହଙ୍କୁ ଭେଟି ପାନୀୟ ଜଳର ଅତିଶୀଘ୍ର ବ୍ୟବସ୍ଥା ସହ ଗ୍ରାମ ପଞ୍ଚାୟତର ବିଭିନ୍ନ କାର୍ଯ୍ୟର ଅନିୟମିତତା ନେଇ ଭିଜିଲାନ୍ସ ତଦନ୍ତ ଦାବି କରିବାକୁ ଅନୁରୋଧ କରିଛନ୍ତି। ବିଧାୟକ ସିଂହ ଅତିଶୀଘ୍ର ଏହାର ବ୍ୟବସ୍ଥା ନିମନ୍ତେ ଜିଲାପାଳଙ୍କ ସମେତ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସଂକ୍ରାନ୍ତରେ ଲେଫ୍ରିପଡା ବିଡ଼ିଓ ଅତସୀ ପରିଡାଙ୍କୁ ପଚାରିବାରେ ଝୁରିମାଲ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମିତ ପଟେଲଙ୍କ ବିୟୋଗ ପରେ ସେହି ସ୍ଥାନରେ ଝଟେନପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜୟ ଖମାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ପଞ୍ଚାୟତ ପାଣି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ପଞ୍ଚାୟତ ପାଣ୍ଠି ଅଭାବରୁ ଅଚଳ ପାନୀୟଜଳ ପ୍ରକଳ୍ପର ମରାମତି ହୋଇପାରିନାହିଁ। ପଞ୍ଚାୟତର ପରବର୍ତ୍ତୀ ବଜେଟରେ ପାଣ୍ଠି ବ୍ୟୟବରାଦ କରି ତୁରନ୍ତ ପଦକ୍ଷେପ ନିଆଯିବ। ଅନ୍ୟାନ୍ୟ ଅଭିଯୋଗ ଓ ସମସ୍ୟାଗୁଡ଼ିକର ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡ଼ିଓ ପରିଡା କହିଛନ୍ତି। ଝୁରିମାଲ ସରପଞ୍ଚ ପ୍ରମୋଦ ମାଝିଙ୍କୁ ଯୋଗାଯୋଗ କରିବାରେ ତାଙ୍କ ବିରୋଧରେ ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଗ୍ରାମରେ ୭୦/୮୦ ପରିବାରର ଲୋକଙ୍କ ପାନୀୟ ଜଳ ସୁବିଧା ପାଇଁ ଆବଶ୍ୟକ ନଳକୂପ ରହିଛି। ହେଲେ ବୋରିଙ୍ଗ ମାଧ୍ୟମରେ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା କିଛି ଦିନ ହେବ ମୋଟର ଅଚଳ ଯୋଗୁ ବନ୍ଦ ରହିଛି। ନୂଆ ମୋଟର ପମ୍ପ ଲାଗିଲେ ସ୍ୱାଭାବିକ ଭାବେ ଜଳଯୋଗାଣ ବ୍ୟବସ୍ଥା କରାଯିବ ଓ ଏ ନେଇ ସେ ବିଡ଼ିଓଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି। ପିଡିଏସ ମଧ୍ୟ ଲୋକଙ୍କୁ ନିୟମିତ ଦିଆଯାଉଛି। କିଛି ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ଅଭିଯୋଗ ଆଣିଛନ୍ତି ବୋଲି କହିଛନ୍ତି। ଏହି ପଞ୍ଚାୟତର ନିର୍ବାହୀ ଅଧିକାରୀ ଅଜୟ ଖମାରୀ କହିଛନ୍ତି, ସେ ଦୁଇଟା ପଞ୍ଚାୟତ ଦାୟିତ୍ୱରେ ରହିଥିବାରୁ ନିୟମିତ ଆସିବା ସମ୍ଭବ ହୋଇପାରୁନାହିଁ ବୋଲି ସ୍ୱୀକାର କରିବାସହିତ ସେ ଯେତେବେଳେ ଝୁରିମାଲ ପଞ୍ଚାୟତକୁ ଯାଉଛନ୍ତି ସରପଞ୍ଚ ମାଝୀ ଅଫିସ ଆସିବା ସହିତ ବୈଠକକୁ ମଧ୍ୟ ଆସୁଛନ୍ତି ବୋଲି କହିଛନ୍ତି।

# ଅବକାରୀ ଅଫିସ ଘେରିଲେ ମହିଳା


ଜିଲା ଅବକାରୀ ବିଭାଗର କାର୍ଯ୍ୟାଳୟ ଘେରାଉ କରିବାକୁ ଆସିଥିବା ମହିଳା।

ସୁନ୍ଦରଗଡ଼, ୩୦।୧୨(ଜୟନାରାୟଣ ମେଣ୍ଡୁଲି)

**ବେଆଇନ ମଦ କାରବାର ବନ୍ଦ ଦାବି**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଚନ୍ଦଲି ଗ୍ରାମର ମହିଳାମାନେ ଗ୍ରାମରେ ଚାଲୁଥିବା ବେଆଇନ ମଦ କାରବାର ବନ୍ଦ ଦାବି କରିଛନ୍ତି। ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ସହ ଜିଲା ଅବକାରୀ ବିଭାଗ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ମର୍ମରେ ଗ୍ରାମର ମହିଳାମାନେ ଜିଲାପାଳ ଓ ଜିଲା ଅବକାରୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି, ଗ୍ରାମରେ ଅବାଧରେ ଦେଶୀ, ବିଦେଶୀ ମଦ, ହାଣ୍ଡିଆ ସହ ଅନ୍ୟ ନିଶା କାରବାର ବୃଦ୍ଧି ପାଉଛି। ଫଳରେ ମଦ ନିଶାରେ ଲୋକେ ଗ୍ରାମରେ ଗଣ୍ଡଗୋଳ କରିବା ସହ ଅଶାନ୍ତି ଲାଗି ରହୁଛି। ମଦ ବ୍ୟବହାର କରୁଥିବା ଲୋକେ ରୋଗାକ୍ରାନ୍ତ ହୋଇ ଅକାଳରେ ଜୀବନ ମଧ୍ୟ ହାରୁଛନ୍ତି। ବର୍ତ୍ତମାନ ବିଶେଷ କରି ଯୁବ ସମାଜ ଓ କଲେଜ ଛାତ୍ର ଏହି ନିଶା କବଳରେ ପଡି ଅନେକ ଅସାମାଜିକ କାର୍ଯ୍ୟକଳାପ ଘଟାଇ ବିପଥଗାମୀ ହେଲେଣି। ଏଣୁ ପ୍ରଶାସନ, ଅବକାରୀ ଓ ପୋଲିସ ବିଭାଗ ଏଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଗୋଁଣ୍ଡ ସମାଜ ପକ୍ଷରୁ ଜଂଘା ବଡଦେଓ ପୂଜା

ବଣାଇଁ, ୩୦।୧୨(ପ୍ରଦୀପ ତ୍ରିପାଠୀ): ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ ଅନ୍ତର୍ଗତ ସରସରା ବଲାଙ୍ଗ ଗ୍ରାମରେ ଷୋଡ଼ ବଂଶୀୟ ଗୋଁଣ୍ଡ ସମାଜ ପକ୍ଷରୁ ବାର୍ଷିକ ଶାମ୍ବ ଦଶମୀ ପୂଜା ଉତ୍ସବ ଉପଲକ୍ଷେ ମଙ୍ଗଳବାର ଜଂଘା ବଡଦେଓଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପୂଜା କମିଟିର ସଭାପତି ଭୀମସେନ ନାଏକ, ସମ୍ପାଦକ ଚକାଡୋଳା ନାଏକ କାର୍ଯ୍ୟ ତୁଲାଉଥିବାବେଳେ ସରସରା ପୂଜା କମିଟିର ପରିଚାଳନା ସଭାପତି ଗଦାଧର ନାଏକ ଓ ସମ୍ପାଦକ ଚୋପି ଚନ୍ଦନ ନାଏକ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବକୁ କୁଷ୍ଠରୋଗ ହୋଇଥିବା ବେଳେ କୋଣାର୍କ ମନ୍ଦିର ଅର୍କ କ୍ଷେତ୍ରରେ ୧୨ବର୍ଷ କାଳ ସୂର୍ଯ୍ୟପୂଜା କରି ଆରୋଗ୍ୟ ଲାଭ କରିଥିବା ବିଶ୍ୱାସ ରହିଛି। ୩ଶହ ୧୮ ଖ୍ରୀଷ୍ଟାବ୍ଦରେ ଜଂଘା ମହାପ୍ରଭୁ ସେଠାରେ ଆର୍ବିଭାବ ହୋଇଥିଲେ। ଫଳସ୍ୱରୂପ ଗୋଁଣ୍ଡ ସମ୍ପ୍ରଦାୟର ଲୋକେ ଆଜି ପର୍ଯ୍ୟନ୍ତ ଜଂଘାଦେବଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ଏହି ପୂଜା ୧୦ ଗୋଟି ଗ୍ରାମ ଯଥା ସରସରା, ଚନ୍ଦ୍ରପୁର, ସାନ ଝରଣ, ବନ୍ଧାଭୂଇଁ, ଖଜୁରୀଡ଼ିହି, ବଲାଙ୍ଗ, ସିନ୍ଦୁରକଳା, କୁଲକୁତା, ଗୁଜାପାଳ, ନିକ୍ରିମାଲ ଇତ୍ୟାଦିରେ ପ୍ରତିବର୍ଷ ଜଂଘା ବଡଦେଓ ପୂଜା ଅନୁଷ୍ଠିତ ହୋଇଥାଏ। ମଙ୍ଗଳବାର ସମ୍ପୃକ୍ତ ଅଞ୍ଚଳରେ ଖେଳକୁଦ ପ୍ରତିଯୋଗିତା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି।

# ବାଳିକା ସଶକ୍ତୀକରଣ କର୍ମଶାଳା ଉଦ୍‌ଯାପିତ



ବାଳିକା ସଶକ୍ତୀକରଣ କର୍ମଶାଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏନଟିପିସି ଦର୍ଲିପାଲିର ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଛାତ୍ରୀ।

ସୁନ୍ଦରଗଡ଼,୩୦।୧୨(ଜୟନାରାୟଣ ମେଣ୍ଡୁଲି)

ଏନଟିପିସି ଦର୍ଲିପାଲି ଏହାର ପ୍ରମୁଖ ସିଏସ୍‌ଆର ପଦକ୍ଷେପ, ବାଳିକା ସଶକ୍ତିକରଣ ମିଶନ ଅନ୍ତର୍ଗତ ବାଳିକା ସଶକ୍ତିକରଣ ଶୀତକାଳୀନ କର୍ମଶାଳା ୨୦୨୫ ସୋମବାର ପ୍ରକଳ୍ପର କୋଣାର୍କ ଅଡିଟୋରିୟରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ ମୁଖ୍ୟ ଅତିଥି ଭାବରେ ଏବଂ ଅଭିଳାଷ ଲେଡିଜ କ୍ଲବ (ଦର୍ଲିପାଲି)ର ସଭାପତି ତାଜିନ ଜାୱେଦ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ଶର୍ମା, ମହାପ୍ରବନ୍ଧକ ଓଏଣ୍ଡଏମ, ଇପିଲ ବାଗେ, ମହାପ୍ରବନ୍ଧକ ଅପରେସନ ଏବଂ ଏଫଏମ, ରାଧେଶ୍ୟାମ ମୌର୍ଯ୍ୟ ମହାପ୍ରବନ୍ଧକ ରକ୍ଷଣାବେକ୍ଷଣ ଏବଂ ଏଡିଏମ ଏବଂ ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟର ବିଭିନ୍ନ ବିଭାଗ ମୁଖ୍ୟମାନେ, ବିଭିନ୍ନ ସଂଘର ପଦାଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ବାଳିକା ସଶକ୍ତିକରଣ ଛାତ୍ରୀମାନଙ୍କ ଅଭିଭାବକଙ୍କ ବ୍ୟତୀତ ନିକଟସ୍ଥ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଲୁଇସିଂ ଗ୍ରାମ ପଞ୍ଚାୟତର ସରପଞ୍ଚ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା। ସପ୍ତାହବ୍ୟାପୀ ଏହି ଆବାସିକ କର୍ମଶାଳାରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ଆଖପାଖରେ ଥିବା ଗ୍ରାମଗୁଡିକରେ ଅବସ୍ଥିତ ୯ଟି ସରକାରୀ ବିଦ୍ୟାଳୟର ୧୨୦ ଝିଅ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ମୌଳିକ ଶିକ୍ଷା, ପରିବେଶଗତ ସଚେତନତା, ସ୍ୱାସ୍ଥ୍ୟ ଏବଂ ପରିମଳ, କମ୍ପ୍ୟୁଟର ଏବଂ କଳା ଶିକ୍ଷା, ଯୋଗ, କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ପରିବ୍ୟାପ୍ତ କରିଥିଲା, ଯାହା ଅଂଶଗ୍ରହଣକାରୀଙ୍କ ସାମଗ୍ରିକ ବିକାଶ ପାଇଁ ଲକ୍ଷ୍ୟ ରଖିଥିଲା। ଏହି ପଦକ୍ଷେପର ଏକ ଅଂଶ ଭାବରେ ମୋଟ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୯ ମେଧାବୀ ଛାତ୍ରୀଙ୍କୁ ଏନଟିପିସି ଦର୍ଲିପାଲିର ବିବିପିଏସ୍ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଛି। ଏନଟିପିସି ଏହି ଛାତ୍ରୀମାନଙ୍କର ଦଶମ ଶ୍ରେଣୀ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ସ୍କୁଲ ଫିସ ସମେତ ସମସ୍ତ ଶିକ୍ଷା ଖର୍ଚ୍ଚ ବହନ କରିବ। ବାଳିକା ସଶକ୍ତିକରଣ କାର୍ଯ୍ୟକ୍ରମ ଏନ୍‌ଟିପିସିର ପ୍ରମୁଖ ସିଏସ୍‌ଆର ପଦକ୍ଷେପ ମଧ୍ୟରୁ ଗୋଟିଏ, ଯାହା ଶିକ୍ଷା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଝିଅମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି। କର୍ମଶାଳାର ଶେଷରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମ କିପରି ସେମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିଥିଲା ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆକାଂକ୍ଷା କରିବାକୁ ପ୍ରେରଣା ଦେଇଥିଲା ତାହା ପ୍ରକାଶ କରିଥିଲେ। ବାଳିକା ସଶକ୍ତିକରଣ ମିଶନ ମାଧ୍ୟମରେ, ଏନଟିପିସି ଦାର୍ଲିପାଲି ସମାଜ ମଧ୍ୟରେ ସଶକ୍ତିକରଣ, ସମାନତା ଏବଂ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ କରିଚାଲିଛି ବୋଲି ପ୍ରକଳ୍ପ ର ମାନବ ସମ୍ବଳ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲହୁଣୀପଡ଼ା, ୩୦।୧୨(ଦାଶରଥି ପଣ୍ଡା)

**ଛାତ୍ରୀଙ୍କ ନୃତ୍ୟଗୀତ ମନମୋହିଲା**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁର ସ୍ଥିତ ଲହୁଣୀପଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯାହା ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ସମ୍ମାନିତ ଅତିଥି ଭାବେ ବଣେଇ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସ୍ୱଦିପ ଟପ୍ପୋ, ଲାଠିକଟା ଓ ଲାଇଙ୍ଗ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଅବଦେଶ କୁମାର ବଇଠା, କଳାମାଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଡୋମାନି ଏକ୍କା, ବନିତା ଗୁପ୍ତା ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶୀତଲ ପ୍ରସାଦ ଅଧ୍ୟକ୍ଷତା କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ମଳ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚନ୍ଦ୍ରା ପଲ, ଦେବସ୍ମିତା ଦାସ, ସୁଜାତା ଜେନା ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ଅତିଥିମାନଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟଗୀତର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ବିଦ୍ୟାଦାତା ଗଣପତିଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଛାତ୍ର ଜୀବନରେ ଶୃଙ୍ଖଳିତ ହୋଇ ଶିକ୍ଷକଙ୍କଠାରୁ ଶିକ୍ଷା ଗ୍ରହଣ କରି ଉତ୍ତମ ମଣିଷ ହେବା ସହିତ ଦେଶ, ରାଜ୍ୟ ଓ ଜାତିର ଟେକ ରଖିପାରିବେ ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଭାଗ୍ୟଧର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। କରାବି ଦାସ, ପବନ କୁମାର, ହୃଷିକେଶ ପୃଷ୍ଟି, ଦେବାଶିଷ ମାଝୀ, ସୁଦାମ ଚରଣ ସୋରେନ, ଅନୁପମା ଶ୍ରୀବସ୍ତା, ଜ୍ୟୋତି ରଞ୍ଜନ ଦାଶ, ବିଶ୍ୱଜିତ ମହାପାତ୍ର, ଦିଗବିଜୟ ମାହାନ୍ତ, ଅବିନାଶ ମାହାନ୍ତ, ମଞ୍ଜୁଲତା ଓରାମ, ସବିତା ବେହେରା, ପ୍ରାଚୀସ୍ମିତା ଜିତ, ଶୁଭାଶିଷ ରଥ, ରଞ୍ଜିତ ସାଇଁସା, ମମତା ପଣ୍ଡା, ରୋଶ୍ନି ପ୍ରଧାନ, କୌଶକି ସରକାର, ରଶ୍ମିରଞ୍ଜନ ନାଏକଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ର କ୍ଷୁଦ୍ର ନାଟକ ମଞ୍ଚସ୍ଥ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଲହୁଣୀପଡ଼ା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଜଂଘା ବଡ଼ଦେଓଙ୍କ ପୀଠରେ ବାର୍ଷିକ ପୂଜା

ବଡ଼ଗାଁ, ୩୦।୧୨(ଅଶୋକ ଷଡଙ୍ଗୀ)

**ଶ୍ରୀକୃଷ୍ଣଙ୍କ ଅଂଶବିଶେଷ ଜଂଘା ବଡଦେଓ**

ଶ୍ରୀକୃଷ୍ଣଙ୍କ ଦେହାବସାନ ପରେ ତାଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଗଣ୍ଡକି ନଦୀରେ ଭସାଇ ଦିଆଯାଇଥିଲା। ଗୋଁଡ ସମାଜର ବ୍ୟକ୍ତିମାନେ ନଦୀରେ ଭାସି ଯାଉଥିବା ଅର୍ଦ୍ଧଦଗ୍ଧ ଜଂଘକୁ ସ୍ୱପ୍ନାଦେଶ ହେବାରୁ ଉଦ୍ଧାର କରି ପୂଜା କରିଥିଲେ। ଯାହା ଜଂଘା ବଡଦେଓ ନାମରେ ପୂଜା ପାଇ ଆସୁଛନ୍ତି। ମୋଗଲ ଶାସନ ସମୟରେ ଆକ୍ରମଣ ଓ ଲୁଣ୍ଠନ ଭୟରେ ଗୋଁଡ ସମାଜର ଲୋକେ ଜଂଘା ବଡଦେଓଙ୍କୁ ଛତିଶଗଡ ରାଜ୍ୟ ଫୁଲଝରରୁ ଓଡ଼ିଶାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଭୋଇପାଲି ଗ୍ରାମକୁ ନେଇ ଆସିଥିଲେ। ଗୋଁଡ ସମାଜର ଉଦ୍ୟୋକ୍ତା ସ୍ୱର୍ଗତ ଡିଲେଶର ସିଂ ବରିହାଙ୍କ ସହିତ କେତେକ ସମାଜ କାର୍ଯ୍ୟକର୍ତ୍ତାଙ୍କ ପ୍ରୟାସରେ ଭୋଇପାଲି ଗ୍ରାମରେ ନିର୍ମିତ ହୋଇଥିଲା ମନ୍ଦିର। ଭାରତବର୍ଷରେ ଗୋଁଡ ସମାଜର ଆରାଧ୍ୟ ଦେବତା ଜଂଘା ବଡଦେଓଙ୍କ ଏହା ପୀଠ ଭାବେ ମାନ୍ୟତା ରହିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମଙ୍ଗଳବାର ଶାମ୍ବ ଦଶମୀରେ ପ୍ରଭୁ ଜଂଘା ବଡଦେଓ ଭକ୍ତଙ୍କୁ ଦର୍ଶନ ଦେବାପାଇଁ ମୁକ୍ତ ମଣ୍ଡପକୁ ବିରାଜମାନ କରିଥିଲେ। ପୂର୍ବାହ୍ନରେ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ପରେ ମୁକ୍ତ ମଣ୍ଡପକୁ ବିଜେ କରିଥିଲେ ଜଂଘା ବଡଦେଓ। ଏହାପରେ ସମାଜର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ଭୋଇ ସାମାଜିକ ପତାକା ଉତ୍ତୋଳନ କରିଥିଲେ। ବାର୍ଷିକ ପୂଜା ମହୋତ୍ସବରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରାଏଗଡ଼ ରାଜା ତଥା ରାଜ୍ୟସଭା ସଦସ୍ୟ ଦେବେନ୍ଦ୍ର ପ୍ରତାପ ସିଂଦେଓ, ଝାଡ଼ଖଣ୍ଡ ରାଜ୍ୟର ପୂର୍ବତନ ବିଧାୟକ ଗୁରୁ ଚରଣ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ବାର୍ଷିକ ପୂଜା ମହୋତ୍ସବରେ ମିତ୍ରେଶ୍ୱର୍ ନାଏକ ପୂଜା କାର୍ଯ୍ୟ ଓ ପ୍ରସନ୍ନ ମରେଇ ଓ ତାଙ୍କ ସ୍ତ୍ରୀ ସବିନା ମରେଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସମାଜର ଜିଲା ସଭାପତି ପ୍ରତ୍ୟୁଷ ଭୋଇ, ସମ୍ପାଦକ ମହୀପାଳ ପ୍ରଧାନ, ଓଡ଼ିଶା ରାଜ୍ୟ ମହାସଚିବ ପ୍ରସନ୍ନ ପ୍ରଧାନ, ପୂଜା କମିଟି ସଭାପତି ନିତ୍ୟାନନ୍ଦ ନାଏକ, କର୍ମକର୍ତ୍ତା ସୁଷମା ଭୋଇ, ଇଞ୍ଜିନିୟର ହୋମ ସିଂ ମାଝୀ, ରବୀନ୍ଦ୍ର ନାଥ ନାଏକ, ଘନଶ୍ୟାମ ଭୋଇଙ୍କ ସହିତ ଯୁବକମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ପୂଜା ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲା ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।


ମୁକ୍ତି ମଣ୍ଡପରେ ଜଂଘା ବଡଦେଓ।

# ସଞ୍ଜୀଲିଙ୍କୁ ସ୍ୱର୍ଣ୍ଣ, ରୂପାଲିଙ୍କୁ କାଂସ୍ୟ

ଟେନ୍‌ସା, ୩୦।୧୨(ସମୀର କୁମାର ପାଢୀ)




କଟକରେ ଆୟୋଜିତ ଦ୍ୱିତୀୟ ୧୩ ବର୍ଷରୁ କମ କନିଷ୍ଠ ଓ ୧୫ ବର୍ଷରୁ କମ କନିଷ୍ଠ ବର୍ଗ ତୀରନ୍ଦାଜୀ ପ୍ରତିଯୋଗିତାରେ ବଣାଇ ବ୍ଲକ ବଇଦପାଲି ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ବାଳିକା ହାଇସ୍କୁଲରେ ପ୍ରତିଷ୍ଠିତ ଜିନ୍ଦଲ ଆର୍ଚେରୀ ସେଣ୍ଟରର ୨ପ୍ରତିଭାବାନ କ୍ରୀଡ଼ାବିତ ସଞ୍ଜୀଲି ଓରାମ ଓ ରୂପାଲି କିଷାନଙ୍କୁ ସଫଳତା ମିଳିଛି। ସଞ୍ଜୀଲି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରୂପାଲିଙ୍କୁ କାଂଶ୍ୟ ପଦକ ମିଳିଛି। ଉଭୟ ସୁନ୍ଦରଗଡ଼ ଜିଲା ବଣାଇ ବ୍ଲକ ବଇଦପାଲି ପିଏମଶ୍ରୀ ଏସଏସଡି ବାଳିକା ହାଇସ୍କୁଲରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠିତ ଆର୍ଚେରୀ ସେଣ୍ଟରରେ ତାଲିମ ନେଉଛନ୍ତି। ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାଉଣ୍ଡେସନ ସ୍ଥାନୀୟ ଅଞ୍ଚଳର ପ୍ରତିଭାଙ୍କ ଅନ୍ୱେଷଣଠାରୁ ଆରମ୍ଭ କରି ସେମାନଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ନିରନ୍ତର ଭାବେ କାର୍ଯ୍ୟ କରିଆସୁଛି।

# ଭିତ୍ତିଭୂମି ଅଭାବରୁ ହେଉନି ରାଜ୍ୟସ୍ତରୀୟ ମ୍ୟାଚ୍

ରାଉରକେଲା,୩୦।୧୨(ଦିନେଶ ମିଶ୍ର)

ରାଉରକେଲାରେ ଜିମ୍‌ଖାନା, ଆର୍‌ଏସ୍‌ଏ, ଆର୍‌ୱାଇସିସି, ୱାଇସିଏ ଭଳି ଅନେକ କ୍ରିକେଟ୍ କ୍ଲବ ରହିଛି। ଏହିସବୁ କ୍ଲବର ଖେଳାଳି ରଣଜି ଟ୍ରଫିରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଉରକେଲା ସହରରେ ସେଲ୍ ପକ୍ଷରୁ ସେକ୍ଟର-୬ରେ କ୍ରିକେଟ୍ ପାଇଁ ଇସ୍ପାତ ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ମାତ୍ର ଏହାର ରକ୍ଷଣାବେକ୍ଷଣ ଏବଂ ଭିତ୍ତିଭୂମି ଅଭାବ ଯୋଗୁ ୨୬ ବର୍ଷ ହେଲା ଏଠାରେ ଗୋଟିଏ ହେଲେ ରାଜ୍ୟସ୍ତରୀୟ ମ୍ୟାଚ୍ ହୋଇପାରିଲା ନାହିଁ। ରାଉରକେଲା ଇସ୍ପାତ ଷ୍ଟାଡିୟମ୍‌ରେ ଶେଷ ରଣଜି ଟ୍ରଫି ମ୍ୟାଚ୍ ୧୯୯୯ରେ ଓଡ଼ିଶା ଓ କର୍ଣ୍ଣାଟକ ଦଳ ମଧ୍ୟରେ ଖେଳାଯାଇଥିଲା। ସେହି ସମୟରେ ଇସ୍ପାତ ଷ୍ଟାଡିୟମ୍‌ରେ କର୍ଣ୍ଣାଟକ ଦଳରୁ ଓଡ଼ିଶା ବିପକ୍ଷରେ ଅନ୍ତର୍ଜାତୀୟ ଖେଳାଳି ରାହୁଲ ଦ୍ରାବିଡ, ଅନୀଲ କୁମ୍ବଲେ, ସୁନିଲ ଯୋଶୀ, ଡୋଡା ଗଣେଶ, ନୀଲ ଜସ୍‌ସନ୍ ଭଳି ଷ୍ଟାର ଖେଳାଳି ଖେଳିଥିଲେ। ଆଜି ପର୍ଯ୍ୟନ୍ତ ଏହି ଷ୍ଟାଡିୟମ୍‌ରେ ସେଭଳି କୌଣସି ଆକର୍ଷଣୀୟ ମ୍ୟାଚ୍ ଦେଖିବାକୁ ମିଳିଲାନାହିଁ। ରାଉରକେଲା ସହରରୁ ପୂର୍ବତନ ରଣଜି ଖେଳାଳି ନଟରାଜ ବେହେରା, ଅଂଶୁମାନ ଗୋପ, ରଞ୍ଜିତ ସିଂ, ଆତିଶ ଜେନା, ଆଲୋକ ପ୍ରଧାନ, ପ୍ରୀତମଜିତ ଦାସଙ୍କ ସହ ବର୍ତ୍ତମାନର ଖେଳାଳି ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ସୌଭାଗ୍ୟ ରାଉତ, ସ୍ୱସ୍ତିକ ସାମଲ ପ୍ରମୁଖ ବହୁ ଉଦୀୟମାନ ଖେଳାଳୀ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। କିନ୍ତୁ ରାଉରକେଲା ସହରରେ ଏହି ଖେଳାଳିମାନଙ୍କ ପାଇଁ ସେଭଳି କୌଣସି କ୍ରୀଡ଼ା ଭିତ୍ତିଭୂମି ନ ଥିବାରୁ ସେମାନେ ସ୍ଥାନୀୟ କ୍ଲବମାନଙ୍କରେ ଖେଳି ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି।

**୨୬ ବର୍ଷ ତଳେ ଖେଳାଯାଇଥିଲା ଶେଷ ରଣଜି ମ୍ୟାଚ୍**

**ଏମାନେ ଯାହା କୁହନ୍ତି...**



“ପୂର୍ବତନ ରଣଜି ଖେଳାଳୀ ସ୍ୱର୍ଗତ ହରମୋହନ ପ୍ରହରାଜ ଥିବାବେଳେ ଇସ୍ପାତ ଷ୍ଟାଡିୟମ୍‌ରେ କ୍ରିକେଟର ଲହର ଦେଖିବାକୁ ମିଳୁଥିଲା। କିନ୍ତୁ ବର୍ତ୍ତମାନ ଏହି ଷ୍ଟାଡିୟମ୍‌ରେ ସେଭଳି କୌଣସି ଆଖିଦୃଷ୍ଟିଆ ମ୍ୟାଚ୍ ହେଉନାହିଁ। ଏହି ପଡିଆରେ ଯଦି ଅନ୍ତର୍ଜାତୀୟ ଖେଳାଳି ରାହୁଲ ଦ୍ରାବିଡଙ୍କ ଭଳି ଖେଳାଳି ଖେଳିଛନ୍ତି ତେବେ ଏଠାରେ ରଣଜି ମ୍ୟାଚ୍ ହେବାରେ କୌଣସି ଅସୁବିଧା ନାହିଁ। ଏଥିପାଇଁ ଆର୍‌ଏସ୍‌ପିର କ୍ରିକେଟ ପ୍ରତି ଇଚ୍ଛାଶକ୍ତି ରହିବା ଜରୁରୀ। କାରଣ ରାଉରକେଲାରୁ ବହୁ ଯୁବ କ୍ରିକେଟ ପ୍ରତିଭାଙ୍କ ପାଇଁ ଇସ୍ପାତ ଷ୍ଟାଡିୟମ୍‌ର ଆବଶ୍ୟକତା ରହିଛି।

**-ଗୋବିନ୍ଦ ପୋଦ୍ଦାର, ପୂର୍ବତନ ରଣଜି ଅଧିନାୟକ**



“ଇସ୍ପାତ ଷ୍ଟାଡିୟମର ଇନ୍‌ଫ୍ରା ପାଇଁ ଆର୍‌ଏସ୍‌ପିର ଇଚ୍ଛାଶକ୍ତି ଅଭାବ ରହିଛି। ଯାହା ଫଳରେ ଏଠାରେ କୌଣସି ରାଜ୍ୟସ୍ତରୀୟ ମ୍ୟାଚ୍ ହେଉନାହିଁ। ରାଉରକେଲା ସହରରେ ଥିବା କିଛି କ୍ଲବ କ୍ରିକେଟକୁ ବଞ୍ଚାଇ ରଖିଥିବାବେଳେ ଆର୍‌ଏସ୍‌ପିର ଭୂମିକା କେଉଁଠି ନା କେଉଁଠି କମ୍ ରହୁଛି। ଫଳରେ ବହୁ ଉଦୀୟମାନ କ୍ରିକେଟର ଉଚ୍ଚକୋଟୀର ଖେଳରୁ ବଞ୍ଚିତ ହେଉଛନ୍ତି।

**-ଅଂଶୁମାନ ଗୋପ, ପୂର୍ବତନ ୱିକେଟ୍ ରକ୍ଷକ**



“ଇସ୍ପାତ ଷ୍ଟାଡିୟମ୍‌ରେ ରଣଜି ଟ୍ରଫି ଖେଳ ପାଇଁ ସମସ୍ତ ଭିତ୍ତିଭୂମି ରହିଛି। ମାତ୍ର ଆର୍‌ଏସ୍‌ପିର ଦୁର୍ବଳ ମନୋଭାବ ଯୋଗୁ ଏଠାରେ ଆଜିକୁ ୨୬ ବର୍ଷ ଧରି କୌଣସି ମ୍ୟାଚ୍ ଖେଳା ଯାଇପାରିନାହିଁ। ଫଳରେ ସହରରେ ନୂତନ କ୍ରିକେଟ୍ ଖେଳାଳିଙ୍କ ମନୋବଳ ଦିଗହରା ହେଉଛି। ଏଥିପ୍ରତି ଆର୍‌ଏସ୍‌ପି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବା ନିତାନ୍ତ ଆବଶ୍ୟକ।

**-ନଟରାଜ ବେହେରା, ପୂର୍ବତନ ରଣଜି ଅଧିନାୟକ**



“ରାଉରକେଲା ଇସ୍ପାତ ଷ୍ଟାଡିୟମ୍‌ରେ ରଣଜି ଟ୍ରଫି ମ୍ୟାଚ୍ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। କିନ୍ତୁ ଏଠାରେ ଖେଳାଳିମାନଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସିଂ ରୁମ୍, ଅଫିସିଆଲ ରୁମ୍, ଥାର୍ଡ ଅମ୍ପାୟାର ସିଷ୍ଟମ, ଭିଆଇପି ପାଭିଲିଅନ ଭଳି ବହୁ ଅସୁବିଧା ଥିବା ଯୋଗୁ ଏଠାରେ ରଣଜି ଟ୍ରଫି ମ୍ୟାଚ୍ ହୋଇପାରୁନାହିଁ। ଆର୍‌ଏସ୍‌ପି ସମ୍ପ୍ରସାରଣ ପରେ ଏହିସବୁ ଦିଗ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପାଢ଼ୀ କହିଥିଲେ।

**-ରଘୁ ପାଢ଼ୀ, ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଅଧିକାରୀ**

**ନବବର୍ଷ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା**

ସମ୍ବଲପୁର,(ପ୍ରମୋଦ ବହିଦାର): ହୀରାକୁଦଠାରେ ସିଏନ୍‌ଆଇ ଖ୍ରୀଷ୍ଟିୟାନ ଧାର୍ମିକ ଅନୁଷ୍ଠାନ(ଚର୍ଚ୍ଚ) ପକ୍ଷରୁ ମଙ୍ଗଳବାର ବଡ଼ଦିନ ଓ ନୂତନ ବର୍ଷ ଉପଲକ୍ଷେ କୁନିକୁନି ପିଲାମାନଙ୍କ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚର୍ଚ୍ଚର ସମ୍ପାଦକ ବିଭୁଦତ୍ତ ନାଗ, ଶିକ୍ଷକ ତଥା ହୀରାକୁଦ ବିକାଶ ପରିଷଦ ସମ୍ପାଦକ ଗୋକୁଳ ଛତ୍ରିଆ, ପ୍ରଭାତୀ ବାରିକ, ଏଲିନା ବାରିକ, ଆଚାର୍ଯ୍ୟ ସୁରେଶ କୁମାର ନାଗ, ରିଚାଜ ଇଭାରାଇମ ମାଝୀ, ପିଙ୍କୁ ରାଉତଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ କେକ୍ କାଟି କୁନିକୁନି ପିଲାଙ୍କ ସହିତ ବଡ଼ଦିନ ପାଳିତ ହୋଇଥିଲା।

# ସଂଗ୍ରାମୀଙ୍କ ସ୍ମୃତି ରାଷ୍ଟ୍ରୀୟସ୍ତରରେ ପ୍ରତିପାଦିତ ହେଉ

ସମ୍ବଲପୁର,୩୦।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ପ୍ରଶାସନ ଓ ବୀର ଛବିଳ ସାଏ ସ୍ମୃତି କମିଟି ମିଳିତ ଆୟୋଜନରେ ରଣଭୂମି କୁଦୋପାଲି ଘାଟିରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଜୟନାରାୟଣ ମିଶ୍ର, ପଦ୍ମଶ୍ରୀ ହଳଧର ନାଗ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବୀର ଛବିଳ ସାଏଙ୍କ ସମେତ ୫୭ଜଣ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ବୀର ଛବିଳ ସାଏ ସ୍ମୃତି କମିଟି ସଭାପତି ତଥା ପୂର୍ବତନ ବିଧାୟକ ନାଉରୀ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ବିଧାୟକ ମିଶ୍ର କହିଥିଲେ, ଇଂରେଜମାନଙ୍କ ବିରୋଧରେ ବୀର ସଂଗ୍ରାମୀଙ୍କ ବୀରତ୍ୱର ଗାଥାକୁ ମନେ ରଖିବା ଉଚିତ। ତାଙ୍କ ସ୍ମୃତିକୁ ରାଷ୍ଟ୍ରୀୟ ସ୍ତରରେ ପ୍ରତିପାଦନ କରିବା ଦରକାର। ସେମାନଙ୍କ ସ୍ମୃତିକୁ ସଂରକ୍ଷଣ କରିବାକୁ ସମସ୍ତଙ୍କୁ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ବୁର୍ଲା ସହରରେ ନିର୍ମାଣ ହେଉଥିବା ଷ୍ଟାଡିୟମ ଛବିଳ ସାଏଙ୍କ ନାମରେ ନାମିତ କରିବାକୁ କହିଥିଲେ ।

ଜିଲାପାଳ ବୋନ୍ଦର ବୀର ଛବିଳ ସାଏଙ୍କ ସମେତ ୫୭ବୀର ସଂଗ୍ରାମୀଙ୍କ ବିରୁଦ୍ଧ ଇଂରେଜଙ୍କ ଲୋମହର୍ଷଣକାରୀ ଶାସନର କାହାଣୀକୁ ମନେପକାଇ ସାରା ଭାରତ ବର୍ଷର ପ୍ରତ୍ୟେକଟି ଲୋକ ପାଖେ ପହଞ୍ଚାଇବାକୁ 'ଦି ସାଗା ଅଫ କୁଦୋପାଲି ଦ ଅନସଙ୍ଗ ଷ୍ଟୋରି ଅଫ ୧୮୫୭' ପୁସ୍ତକ ପ୍ରକାଶିତ ହୋଇଛି। ସେମାନଙ୍କର ବୀରତ୍ୱର ଗାଥାକୁ ସମ୍ମାନ ଜଣାଇବା ପାଇଁ ଏହି ସ୍ଥାନରେ ଆଗାମୀ ଦିନରେ ବିରାଟ ଜାତୀୟ ପତାକା ଲଗାଯିବ। ଆଗାମୀ ଦିନରେ ସହିଦମାନଙ୍କ ପାଇଁ ଗନ୍ ସାଲୁଟ ଦେବା ପାଇଁ ସରକାର ପକ୍ଷରୁ ଅନୁମତି ମିଳିଛି। ସୋମବାର ସହିଦମାନଙ୍କୁ ସମର୍ପିତ ଏକ ସ୍ମାରକୀ ଫାଟକର ଉଦ୍‌ଘାଟନ ହୋଇଥିବା ସେ ସୂଚନା ଦେଇଥିଲେ। କେବଳ ସେତିକି ନୁହେଁ ଜେଜେ ସ୍କୁଲ ଅଫ ଆର୍ଟ ସହଯୋଗରେ ଏହାକୁ ଏକକ ବାସ୍ତାମ୍ବିକ କ୍ଷେତ୍ରରେ ବିକଶିତ କରାଯିବ ପାଇଁ ଯୋଜନା କରାଯାଇଛି। ଯାହା ଦେଖିଲେ ଆଜି ମଧ୍ୟ ଜୀବନ୍ତ ପରି ଲାଗିବ ବୋଲି ଜିଲାପାଳ ବୋନ୍ଦର ସୂଚନା ଦେଇଥିଲେ। ସ୍ମୃତି କମିଟି ସାଧାରଣ ସମ୍ପାଦକ ଜୟବ୍ରତ ଦେ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ କିଶୋର ମହୋକୁର ଅତିଥି ସ୍ୱାଗତ କରିଥିଲେ। ଉପସଭାପତି ଲକ୍ଷ୍ମଣ ଦେହେରୀ, କୋଷାଧ୍ୟକ୍ଷ ସାନ୍ଦର୍ଯ୍ୟ ଡନସନାଙ୍କ ସମେତ କମିଟି ସଭ୍ୟା, ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କରାଯାଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ୩୦ଡିସେମ୍ବର ୧୮୫୭ ମସିହାରେ ସୁରେନ୍ଦ୍ର ସାଏଙ୍କ ଭାଇ ବୀର ଛବିଳ ସାଏଙ୍କ ସମେତ ୫୭ ଜଣ ବୀର ସଂଗ୍ରାମୀ ସହୀଦ ହୋଇଥିଲେ। ସହୀଦଙ୍କ ସମ୍ମାନାର୍ଥେ ମଶାଲ ଶୋଭାଯାତ୍ରା, ବାଇକ ଓ ତ୍ରିରଙ୍ଗା ରାଲି ଅଞ୍ଚଳ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ୫୭ଜଣ ସହୀଦଙ୍କ ସ୍ମୃତିରେ ରକ୍ତଦାନ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ୫୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।


ରଣଭୂମି କୁଦୋପାଲି ଘାଟିରେ ମଙ୍ଗଳବାର ସମ୍ବଲପୁର ଜିଲା ପ୍ରଶାସନ ଓ ବୀର ଛବିଳ ସାଏ ସ୍ମୃତି କମିଟି ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅତିଥିମାନେ କୃତୀମାନଙ୍କୁ ପୁରସ୍କୃତ କରୁଛନ୍ତି ।

**କୁଦୋପାଲିରେ ୫୭ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି**

# ଶହୀଦଙ୍କ ବିଷୟରେ ଅଧିକ ଗବେଷଣା ଲୋଡ଼ା

**କୁଦୋପାଲିରେ ବଳିଦାନ ଦିବସ ପାଳିତ**

ସମ୍ବଲପୁର,୩୦।୧୨(ଭବାନୀ ଶଙ୍କର ଭୋଇ)

ସଂଗ୍ରାମୀ ପୀଠ କୁଦୋପାଲିରେ ମଙ୍ଗଳବାର ବଳିଦାନ ଦିବସ ପାଳିତ ହୋଇଯାଇଛି। ୧୮୫୭ ମସିହା ଡିସେମ୍ବର ୩୦ରେ ଇଂରେଜମାନଙ୍କ ଆତର୍କିତ ଆକ୍ରମଣରେ ୫୩ଜଣ ଘଟଣାସ୍ଥଳରେ ସହୀଦ ହୋଇଥିଲେ। ଅନ୍ୟ ୪ ଜଣ ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀଙ୍କୁ ପାଶିଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ଏଥିସହ ସଂଗ୍ରାମୀଙ୍କୁ ସହାୟତା କରିଥିବା ଅଭିଯୋଗରେ ଜଣେ ଇଂରେଜ ସେନ୍ୟଙ୍କୁ ଫାଶି ଦିଆଯାଇଥିଲା। ଏହିଘଟଣାର ସ୍ମୃତିରେ ମଙ୍ଗଳବାର ବଳିଦାନ ଦିବସ ଅବସରରେ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା କରାଯାଇ କୁଦୋପାଲି ଶହୀଦସ୍ଥଳକୁ ନିଆଯାଇଥିଲା। କୁଦୋପାଲି ବୀର ଛବିଳ ସାଏ ସଂଗ୍ରହାଳୟଠାରେ ଥିବା ବୀର ଛବିଳ ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବୀର ଛବୀଲ ସାଏ କ୍ଲବର ସଦସ୍ୟମାନେ ମଶାଲ ନେଇ କୁଦେପାଲିରେ ପହଞ୍ଚିଥିଲେ। କୁଦୋପାଲି ସଂଗ୍ରାମ ସମିତି ପକ୍ଷରୁ ବୀର ଛବିଳ ସାଏ ସଂଗ୍ରହାଳୟଠାରେ ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

କୁଦୋପାଲି ଅଲେଖ ମହିମା ଆଶ୍ରମଠାରେ ସହୀଦ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଗ୍ରାମୀ ବଂଶଧର ତ୍ରିଲୋଚନ ମହାନନ୍ଦଙ୍କ ସଭାପତିତ୍ୱରେ ଏହି ଅବସରରେ ବୀର ଛବିଳ ସାଏଙ୍କ ସମେତ ଘଟଣାରେ ସହୀଦ ହୋଇଥିବା କୁଦୋପାଲିର ବୁଧୁ ଗଣ୍ଡା, ବାଳକି ଗଣ୍ଡା, ହାଡୁ ଗଣ୍ଡା, ବାଳମୁକୁନ୍ଦ କନ୍ଧ ଏବଂ ବୁନ୍ଦି କୁଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କିଛିବର୍ଷ ହେବ ବଳିଦାନ ଦିବସକୁ ବଡ ସମାରୋହର ସହ ଆୟୋଜନ କରାଯାଉଛି। ତେବେ ସଂଗ୍ରାମରେ ସାମିଲ ଥିବା କୁଦୋପାଲିର ସହୀଦ ମାନଙ୍କ ବିଷୟରେ ଅଧିକ ଗବେଷଣା ସହ ପ୍ରଚାର ପ୍ରସାରର ଆବଶ୍ୟକତା ରହିଥିବା ବୈଠକରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଭାଗିଦାରୀ ରହିବା ଜରୁରୀ ବୋଲି ବୈଠକରେ ଉପସ୍ଥିତ ସଦସ୍ୟ ମତ ଦେଇଥିଲେ। ସଂଗ୍ରାମୀ ପୀଠଭାବେ ବିକଶିତ ହେବା ପରେ କୁଦୋପାଲିକୁ ପ୍ରତିବର୍ଷ ଜାତୀୟସ୍ତର ବ୍ୟକ୍ତିବିଶେଷଙ୍କ ଆଗମନ ହେଉଛି। ତେଣୁ ଗାଁରେ ସାମୂହିକ ଶୌଚାଳୟ ଭଳି ମୌଳିକ ସୁବିଧାର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଥିଲା। ଏହି ଅବସରରେ କୁଦୋପାଲିର ଅସହାୟ ବୃଦ୍ଧାବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ଗ୍ରାମର ବୟୋଜ୍ୟେଷ୍ଠ ଆନନ୍ଦ ଭୋଇ ପରଲୋକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷୀରୋଦ ମହାନନ୍ଦ, ବସନ୍ତ ମହାନନ୍ଦ, ବିଦ୍ୟାଧର ମହାନନ୍ଦ, ଶ୍ରୀନିବାସ ମହାନନ୍ଦ, ସମୀର ମହାନନ୍ଦ, ଶ୍ରବଣ ମହାନନ୍ଦ, ଶଙ୍କର କୁମ୍ଭାର, ସୁକାନ୍ତୀ କୁମ୍ଭାର, ସଂଘମିତ୍ରା ମହାନନ୍ଦଙ୍କ ସହ ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତା ଯୋଗଦେଇଥିଲେ।


ବଳିଦାନ ଦିବସରେ ସାମିଲ ଶହୀଦ ପରିବାର ବର୍ଗ।

# କୁଦୋପାଲି ସଂଗ୍ରାମ ସମିତି ସଭାପତିଙ୍କ ପିତୃ ବିୟୋଗ

ସମ୍ବଲପୁର,୩୦।୧୨(ଭବାନୀ ଶଙ୍କର ଭୋଇ)

କୁଦୋପାଲି ସଂଗ୍ରାମ ସମିତି ସଭାପତି ପ୍ରଫୁଲ୍ଲ ଭୋଇଙ୍କ ବାପା ଆନନ୍ଦ ଭୋଇ(୬୮)ଙ୍କ ମଙ୍ଗଳବାର ସକାଳେ ପରଲୋକ ହେଇଯାଇଛି। ସେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। କୁଦୋପାଲିରେ ବୀର ସୁରେନ୍ଦ୍ର ସାଏ ପ୍ରାଥମିକ ବିଦ୍ୟାଳୟ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ୨୦୨୪ ରେ ବୀର ଛବିଳ ସାଏଙ୍କର ପ୍ରତିମୂର୍ତ୍ତି ସ୍ଥାପନରେ ମଧ୍ୟ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ପୁଅ ପ୍ରଫୁଲ୍ଲ ଭୋଇ କୁଦୋପାଲି ସଂଗ୍ରାମ ସମିତିର ବର୍ତ୍ତମାନ ସଭାପତି ରହିଛନ୍ତି। ମଙ୍ଗଳବାର ବଳିଦାନ ଦିବସ ଉପଲକ୍ଷେ ମଶାଲ ଶୋଭାଯାତ୍ରାକୁ ବାହାରିବା ସମୟରେ ପିତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ଅନ୍ତିମ ଯାତ୍ରାରେ କୁଦୋପାଲି ଗ୍ରାମବାସୀ, କୁଦୋପାଲି ସଂଗ୍ରାମ ସମିତି ସଦସ୍ୟ ସାମିଲ ହୋଇଥିଲେ। ମାଳତୀ ଯୋରସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକ ଅନ୍ତେ ସହଧର୍ମିଣୀ ଲକ୍ଷ୍ମୀ, ଦୁଇ ଝିଅ ମମତା, ବନିତା ଆଉ ନାତି, ନାତୁଣୀ ଅଛନ୍ତି।


ଆନନ୍ଦ ଭୋଇ।

# ଉଦ୍ଦିଷ୍ଟ ସରକାରୀ ସୁବିଧା ହାସଲ କର


ମନୋନୀତ ଜିଲା ସଂଘ କର୍ମକର୍ତ୍ତାଙ୍କ ସହ ଯୋଗଦେଇଥିବା ବରିଷ୍ଠ ସଦସ୍ୟମାନେ।

**କୁଚିଣ୍ଡାରେ ଜିଲାସ୍ତରୀୟ ବରିଷ୍ଠ ନାଗରିକ ସମାବେଶ**

କୁଚିଣ୍ଡା,୩୦।୧୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ବରିଷ୍ଠ ନାଗରିକ ସଂଘର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆବାହକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର, ରେଙ୍ଗାଲି, ବାମରା, ଜମନକିରା ଓ କୁଚିଣ୍ଡା ବ୍ଲକର ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଓ ସଦସ୍ୟଗଣ ଯୋଗଦେଇଥିଲେ। ଏଥିରେ ପଶ୍ଚିମ ଓଡ଼ିଶାର ବରିଷ୍ଠ ନାଗରିକ ମହାସଂଘ ସଭାପତି ଟହଲି ସାହୁ, ପ୍ରହଲାଦ ମହାପାତ୍ର, ସଦାନନ୍ଦ ସୋନବର୍ଷା, ଧନେଶ୍ୱର ମେହେର, ହରିହର ପ୍ରସାଦ ପଣ୍ଡା, ସଙ୍ଗଠକ ନାରାୟଣ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଜଲା ସଙ୍ଗଠନର ଆବଶ୍ୟକତା ଓ ସର୍ବୋପରି ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସୁବିଧା ସୁଯୋଗର ଫାଇଦା ନେବା ଉପରେ ଆଲୋଚନା କରିଥିଲେ। କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସଂଘ ପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ରେଙ୍ଗାଲିର ଅନ୍ତର୍ଯ୍ୟାମୀ ପାଣି ସଭାପତି, କୁଚିଣ୍ଡାର ଧୀରେନ୍ଦ୍ର କୁମାର ମହାନ୍ତି ଓ ବାମରାର ଯୋଗାବିହାରୀ ପରିଡ଼ା ଉପସଭାପତି, କୁଚିଣ୍ଡାର ଜନ କାମିଲଲାକରା ସାଧାରଣ ସମ୍ପାଦକ, ଜମନକିରାର ସାଲେଗ୍ରାମ ପ୍ରଧାନ ସହସମ୍ପାଦକ ଏବଂ ରେଙ୍ଗାଲିର ସୁବାସ ସିଂ କୋଷାଧ୍ୟକ୍ଷଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି କୁଚିଣ୍ଡାର ଜୟପ୍ରକାଶ ଗୁପ୍ତା ଓ ଶାନ୍ତନୁ କୁମାର ସାହୁ, ଜମନକିରାର ଗୋକୁଳାନନ୍ଦ ଦାନୀ, ବାମରାର ଗଗନବିହାରୀ ଚୌଧୁରୀ ଓ ରେଙ୍ଗାଲିର ଶଶନ୍ତିଭୂଷଣ ସାହୁଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଏତଦ୍‌ବ୍ୟତୀତ କୁଚିଣ୍ଡାର ପଦ୍ମନାଭ ବେହେରା ଓ ଭକ୍ତବତ୍ସଳ ଶର୍ମା, ବାମରାର ଅବନୀ କୁମାର ସାହୁ ଓ ଭଗବାନ ନାୟକ, ଜମନକିରାର ରବୀନ୍ଦ୍ର କୁମାର ମଲ୍ଲିକ ଓ ମାୟାଧର କାଲୋ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଏବଂ ଆଇନ ପରାମର୍ଶଦାତାଭାବେ କୁଚିଣ୍ଡାର ଆଇନଜୀବୀ ଅଶୋକ କୁମାର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ପ୍ରତ୍ୟେକ ବ୍ଲକର ଜଣେ ଲେଖାଏ ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ସାହୁ ସଭାପରିଚାଳନା କରିଥିବାବେଳେ କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ସହସମ୍ପାଦକ ତୁଳାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଂଘାଲିଙ୍ଗା ବଡ଼ଦେଓଙ୍କ ବାର୍ଷିକ ପୂଜା

ନାକଟିଦେଉଳ,୩୦।୧୨(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ସାଲେଭଟା ଆଞ୍ଚଳିକ ଷଡ଼ବଂଶୀୟ ଗୋଣ୍ଡ ସମାଜ ପକ୍ଷରୁ ମଙ୍ଗଳବାର ପବିତ୍ର ଶାମ୍ବ ଦଶମୀ ଅବସରରେ ଗୋଣ୍ଡ ସମାଜର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଜଂଘାଲିଙ୍ଗା ବଡଦେଓଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ବସାଲୋଇଗୁଡ଼ିରେ ପାରମ୍ପରିକ ରୀତିନୀତିରେ ଏହି ପୂଜା ହୋଇଥିଲା। ଜଂଘାଲିଙ୍ଗା ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଅବସରରେ ଗୋଣ୍ଡ ସମାଜର ଶତାଧିକ ମହିଳା ବସାଲୋଇ ଗ୍ରାମମୁଣ୍ଡରେ ଥିବା ପୋଖରୀରୁ ପୂର୍ଣ୍ଣ ଜଳ କଳସ ଆଣି ମଣ୍ଡପରେ ସ୍ଥାପନା କରିଥିଲେ। ପରେ ଗୋଣ୍ଡ ସମାଜର ପୂଜକ ତୀର୍ଥ ଭୋଇ ଜଂଘା ଲିଙ୍ଗାଙ୍କର ପୂଜା କରିଥିଲେ। ମଣ୍ଡପରେ ଥିବା ଅସ୍ତ୍ରଶସ୍ତ୍ରକୁ ପୂଜା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ଏବଂ ସନ୍ତୋଷ କୁମାର ସାହୁ ଯୋଗଦେଇଥିଲେ। ଜଂଘାଲିଙ୍ଗା ବଡଦେଓ ସାଲେଭଟାଗୁଡିର ସଭାପତି ବିଭୂତି ଭୂଷଣ ନାୟକ, ସମ୍ପାଦକ ଦୁଷ୍ମନ୍ତ ନାୟକ, ବାର୍ଷିକ ପୂଜା କମିଟି ସଭାପତି ଶରତ ଚନ୍ଦ୍ର ଗଡ଼ତ୍ୟା, ସମ୍ପାଦକ ଗଦାଧର ସାହୁ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ବିପିନ ଗଡ଼ତ୍ୟା ଏବଂ ସତ୍ୟାନନ୍ଦ ଗଡ଼ତ୍ୟା ପ୍ରମୁଖ ଏହି ବାର୍ଷିକ ପୂଜାକୁ ପରିଚାଳନା କରିଥିବା ବେଳେ ସାଲେଭଟା, ବାଟଗାଁ, ଯାମୁଯୋରୀ ଏବଂ ସାହେବୀ ପଞ୍ଚାୟତ ଅନ୍ତର୍ଗତ ଷଡ଼ ବଂଶୀୟ ଗୋଣ୍ଡ ସମାଜର ୨୫୦ ପରିବାର ସହଯୋଗ କରିବା ସହ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନାରୀ ବାଦିପାଲା ପରିବେଷଣ କରାଯାଇଥିଲା ।

# ସତ୍ୟନାରାୟଣ ସମ୍ବଲପୁରୀକୁ ଜନାଭିମୁଖୀ କରିଥିଲେ


ସତ୍ୟନାରାୟଣ ସାହିତ୍ୟ ଉପରେ ଆଲୋଚନା କାର୍ଯ୍ୟକ୍ରମରେ ଅତିଥି ।

**ସତ୍ୟନାରାୟଣ ସାହିତ୍ୟ ଉପରେ ଆଲୋଚନା**

ସମ୍ବଲପୁର,୩୦।୧୨(ଭବାନୀ ଶଙ୍କର ଭୋଇ)

ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ତରଫରୁ ମଙ୍ଗଳବାର ଗୁରୁ ବହିଦାରଙ୍କ ସାହିତ୍ୟକୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭକ୍ତପ୍ରସାଦ ନନ୍ଦ, ମୁଖ୍ୟବକ୍ତାଭାବେ ଯୁବ ଗବେଷକ ମାନସ କୁମାର ଷଡଙ୍ଗୀ ଯୋଗଦେଇଥିଲେ। ଗୋପୀନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମହାପାତ୍ର କହିଥିଲେ, ଗୁରୁ ବହିଦାର ସାରା ଜୀବନ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିଥିଲେ। ଜୀବନକାଳ ମଧ୍ୟରେ ଅନେକ ଅପମାନ ସହିଥିବା ସତ୍ତ୍ୱେ ସେ କେବେ ପଛକୁ ଫେରି ନ ଥିବା କହିଥିଲେ। ଅନ୍ୟତମ ଅତିଥି ନନ୍ଦ ଗୁରୁ ବହିଦାରଙ୍କ ଜୀବନକୁ ଏକ ସଂଗ୍ରାମ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତ ଷଡଙ୍ଗୀ କହିଥିଲେ, ଗୁରୁ ବହିଦାର ସମ୍ବଲପୁରୀ ସାହିତ୍ୟକୁ ଜନାଭିମୁଖୀ କରି ପାରିଥିଲେ। ସମ୍ବଲପୁରୀ ସାହିତ୍ୟର ଲମ୍ବା ଇତିହାସ ଭିତରେ ସମ୍ବଲପୁରୀକୁ ମାନକ ସାହିତ୍ୟସ୍ତରକୁ ପହଞ୍ଚାଇଥିଲେ। ସାହିତ୍ୟ ଆଲୋଚନ ଉପରେ କ୍ଷୁଦ୍ର ସମ୍ବଲପୁରୀ ଗଳ୍ପ ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀ ଶଙ୍କର ମେହେର, ସୁଶାନ୍ତ କୁମାର ପଣ୍ଡା, ରାମାନୁଜ ପଣ୍ଡା, ଗୋପୀନାଥ ଷଡଙ୍ଗୀ, ବିଭୂତି ଭୁଷଣ ମିଶ୍ର, ସିଦ୍ଧି ସ୍ୱରୂପା ପାଢ଼ୀ, କଳ୍ପନା ମହାପାତ୍ର ସମ୍ବଲପୁରୀ ଗଳ୍ପ ପଠନ କରିଥିଲେ। କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ମିଶ୍ର ଏବଂ ଅନୁପମା ବିଶ୍ୱାଳ ସଂଯୋଜନା କରିଥିଲେ। କବୟିତ୍ରୀ ସବିତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକ ମହୋତ୍ସବ ପାଇଁ ଭୂମିପୂଜନ, ଶୁଭସ୍ତମ୍ଭ ସ୍ଥାପନ

ସମ୍ବଲପୁର,୩୦।୧୨(ବି.ଶଙ୍କର)

ଲୋକ ମହୋତ୍ସବ-୨୦୨୬ ପାଇଁ ଭୂମିପୂଜନ ଓ ଶୁଭସ୍ତମ୍ଭ ସ୍ଥାପନ ମଙ୍ଗଳବାର ସ୍ଥାନୀୟ ଅଇଁଠାପାଲି ପିଏଚ୍‌ଡି ପଡିଆରେ ସମ୍ପନ୍ନ ହୋଇଛି। ପୂର୍ବାହ୍ନ ୧୦ଟାରେ ମା' ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଲୋକ ମହୋତ୍ସବ ବିଭିନ୍ନ କମିଟି କର୍ମକର୍ତ୍ତା ଉଭୟ ପୀଠରୁ ଆଜ୍ଞାମାଳ ଆଣି ମହୋତ୍ସବ ପଡ଼ିଆରେ ସ୍ଥାପନ କରିଥିଲେ। ନୋଡାଲ ଅଧିକାରୀ ତଥା ସମ୍ବଲପୁର ମହାନଗର କମିଶନର ରେହାନ କ୍ଷତ୍ରି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଜିତେନ୍ଦ୍ର କୁମାର ନନ୍ଦ ଓ ସହଯୋଗୀ ପଣ୍ଡିତ ଜୟନାରାୟଣ ରଥ ପୂଜାର୍ଚ୍ଚନା କରିଥିଲେ । ମହୋତ୍ସବ କମିଟି ସଂଯୋଜକ ଦୀପକ କୁମାର ପଣ୍ଡା, ସହସଂଯୋଜକ ସତ୍ୟରଞ୍ଜନ ବେହେରା, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ସ୍ମରଣିକା ମୁଖ୍ୟ ସମ୍ପାଦକ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଉପଦେଷ୍ଟା ପ୍ରଫୁଲ୍ଲ କୁମାର ହୋତା, ସୂର୍ଯ୍ୟ ପାଣିଗ୍ରାହୀ, ଭୋଲାଶଙ୍କର ମହତ୍ତମ, ରାମଦାସ ପଣ୍ଡା ଓ ମିଳନ ମହାରଣା ଥିଲେ । ମଞ୍ଚ ଓ ପ୍ରେକ୍ଷାଳୟ ଉପସମିତି ଆବାହକ ନନ୍ଦ କିଶୋର ସାହୁ, ସହ ଆବାହକ କବିନ୍ଦ୍ର ମହାପାତ୍ର ଓ ସ୍ୱୟଂଜିତ ପଟ୍ଟନାୟକ, ତଥ୍ୟ ସଂଗ୍ରହ ଉପସମିତି ଆବାହକ ଆଶିଷ ପ୍ରଧାନ, ସ୍ମରଣିକା ଉପସମିତି ଆବାହକ ଡାକ୍ତର ରାଜାରାମ ଷଡ଼ଙ୍ଗୀ, ଦେବାଶିଷ ପୁରୋହିତ, ମିଡ଼ିଆ ଉପସମିତି ଆବାହକ ସତ୍ୟଜିତ ମହାପାତ୍ର ଓ ସହଆବାହକ ମାନସ ବକ୍ସି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋଚନା ଚକ୍ର ଉପସମିତି ସହଆବାହକ ସୌମିକ ବାବୁ ଓ ସୁବ୍ରତ ପଣ୍ଡା, ଖାଦ୍ୟ ଉପସମିତି ଆବାହକ ଅମିତ ପତି, ସ୍ୱଚ୍ଛତା ଉପସମିତି ଆବାହକ ସୁନୀଲ ସାଗର, ଉପ ଆବାହକ ସୌରୀନାରାୟଣ ପାଣିଗ୍ରାହୀ, ଖାଦ୍ୟ ଉପସମିତି ସହ ଆବାହକ ରାଜା ବରାଡ଼, ପ୍ରଚାର ପ୍ରସାର ଉପସମିତି ଆବାହକ ଦଶରଥ ମେହେର, ସହ ଆବାହକ ରାଜ କୁମାର ଜାଲ, ପରିବହନ ଉପସମିତି ଆବାହକ ବିନାୟକ ରାମ, ପ୍ରଦର୍ଶନୀ ଉପସମିତି ଆବାହକ କୁଲଦୀପ ବର୍ମାଙ୍କ ସମେତ ଉମେଶ ମାଝୀ, ପାୟଲ ଭୋଇ, ସର୍ମିଷ୍ଠା ପ୍ରଧାନ, ସୃଷ୍ଟି ପାଣିଗ୍ରାହୀ, ଉମେଶ ମାଝୀ, ଜିତୁ ନାୟକ ଉପସ୍ଥିତ ଥିଲେ।


ଲୋକ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ପାଇଁ ପତାକା ସ୍ଥାପନ କରାଯାଉଛି।

# ଏଓଏଲ୍‌ଏ ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

ସମ୍ବଲପୁର,୩୦।୧୨(ପ୍ରମୋଦ ବହିଦାର)

ନିଖିଳ ଓଡ଼ିଶା ଓକିଲ ସଂଘ(ଏଓଏଲ୍‌ଏ) ଦୁଇ ପୃଥକ ଗୋଷ୍ଠୀ ଦୀର୍ଘ ୯ ବର୍ଷ ପରେ ଏକ ହୋଇଛି। ଉଭୟ ଗୋଷ୍ଠୀ ଏକତ୍ରିତ ହେବା ପରେ ବର୍ତ୍ତମାନ ରାଜ୍ୟରେ ଓକିଲମାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ବାଟ ଫିଟିଛି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପ୍ରେକ୍ଷାଳୟରେ ମଙ୍ଗଳବାର ଆୟୋଜିତ ଏଓଏଲ୍‌ଏର ୫୪ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ। ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି, ବର୍ତ୍ତମାନ ଆମେ ସମସ୍ତେ ଏକାଠି ହେବା ସହ ସୁପ୍ରିମକୋର୍ଟରେ ଓଡ଼ିଆଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ପ୍ରୟାସ କରିବା ଆବଶ୍ୟକ। ଏଥିରେ ମହିଳାଙ୍କ ଭାଗିଦାରୀକୁ ଅଧିକ ଗୁରୁତ୍ୱ ଦେବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଦେଶର ଆଇନ୍ ବ୍ୟବସ୍ଥା ସନ୍ତୁଳିତ ହୋଇ ରହିବ। ମୁଖ୍ୟବକ୍ତାଭାବେ ସୁପ୍ରିମକୋର୍ଟ ବରିଷ୍ଠ ଓକିଲ ଡ. ଅନିନ୍ଦିତା ପୂଜାରୀ କହିଥିଲେ, ଏଓଏଲ୍‌ଏ ସହିତ ମାତା ଓ ପିତାଙ୍କ ସମୟରୁ ମୁଁ ପିଲାଟି ଦିନରୁ ଜଡ଼ିତ। ଉଭୟେ ଏଓଏଲ୍‌ଏର ସକ୍ରିୟ ସଦସ୍ୟ ଥିବା ବେଳେ ପିତା ଗୋବର୍ଦ୍ଧନ ପୂଜାରୀଙ୍କ ସହ ମିଶି ଅନେକ କାର୍ଯ୍ୟ କରିଛି। ସେହିପରି ମୋ ମା' ପଶ୍ଚିମ ଓଡ଼ିଶାର ପ୍ରଥମ ମହିଳା ଓକିଲ। ସେ ପ୍ରଥମେ ରାଉରକେଲା କୋର୍ଟରେ ଏପିପି ଭାବେ ଯୋଗଦେଇଥିଲେ, ଯାହା ମତେ ଓକିଲ ହେବାକୁ ପ୍ରେରଣା ଦେଇଥିଲା ବୋଲି ସେ କହିଛନ୍ତି। ସେ ସମୟରେ ମହିଳାମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା, ଯାହା ବର୍ତ୍ତମାନ ମଧ୍ୟ ଜାରି ରହିଛି। କେବଳ ମହିଳା ନୁହେଁ ପୁରୁଷ ଓକିଲ ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଧ ସେମାନଙ୍କ ସାମାଜିକ ସୁରକ୍ଷା ଦିଗରେ ସରକାର ଆଦୌ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ବିଶେଷକରି ନବାଗତ ଓକିଲମାନେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆମେ ସମସ୍ତେ ଏକାଠି ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ବଲପୁର ଓକିଲ ସଂଘର ପୂର୍ବତନ ସଭାପତି ସତ୍ୟନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏଓଏଲ୍‌ଏର ସଭାପତି ଶିଶିର କୁମାର ପାଢ଼ୀ ଏଥିରେ ସଭାପତିତ୍ୱ କରିଥିବା ବେଳେ ଏଓଏଲ୍‌ଏର କାର୍ଯ୍ୟକାରୀ ସଭାପତି ଜ୍ୟୋତିପ୍ରକାଶ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଓଏଲ୍‌ଏର ପୂର୍ବତନ ସଭାପତି ତଥା ରାଜ୍ୟ ବାର କାଉନସିଲର ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଏଓଏଲ୍‌ଏର ପୂର୍ବତନ ସଭାପତି ଜ୍ଞାନ ରଞ୍ଜନ ମହାନ୍ତି, ସମ୍ବଲପୁର ଓକିଲ ସଂଘ ସାଧାରଣ ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସିପ୍ରିମକୋର୍ଟ ପ୍ୟାନେଲ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ବରିଷ୍ଠ ଓକିଲ ଅଶୋକ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର ଓକିଲ ସଂଘ ଉପସଭାପତି ଅରବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଏମ୍‌ୟୁ ପ୍ରେକ୍ଷାଳୟରେ ଏଓଏଲ୍‌ଏର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଘୁମୁସର ସଂଗ୍ରାମର ମୁଖ୍ୟ ନାୟକ ଥିଲେ ଚକରା ବିଷୋୟୀ

ଭୁବନେଶ୍ୱର,୩୦।୧୨ (ସୁଚିସ୍ମିତା ସାହୁ)

ଘୁମୁସରର ମହାନ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୨୦୩ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ମାଲ୍ୟାର୍ପଣ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ବିଧାନସଭା ନିକଟସ୍ଥ ଶହୀଦଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢୀ ମାଲ୍ୟାର୍ପଣ କରିବା ସହ ତାଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ। ସେ କହିଲେ, ଇଂରେଜ ଶାସନ ସମୟରେ ଅନ୍ୟାୟ, ଅତ୍ୟାଚାର ଓ ଦମନମୂଳକ ନୀତି ବିରୋଧରେ ଘୁମୁସର ଅଞ୍ଚଳର ପାହାଡ଼, ଜଙ୍ଗଲ ଓ ଗାଁରୁ ବିଦ୍ରୋହର ଶଙ୍ଖନାଦ ଉଠିଥିଲା। ସେହି ସଂଗ୍ରାମର ମୁଖ୍ୟ ନାୟକ ଘୁମୁସରର ମହାନ ବିପ୍ଳବୀ ବୀର ଚକରା ବିଷୋୟୀ ଥିଲେ। ଆଦିବାସୀ, କୃଷକ ଓ ସାଧାରଣ ଜନତାଙ୍କୁ ସଂଗଠିତ କରି ସେ ଇଂରେଜ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ରଚନା କରିଥିଲେ। ବ୍ୟବସ୍ଥାର ଦୁରୁପଯୋଗ ଓ ପ୍ରଶାସନିକ ଅତ୍ୟାଚାର ବିରୋଧରେ ତାଙ୍କ ନେତୃତ୍ୱରେ ଘୁମୁସର ଆନ୍ଦୋଳନ ଇଂରେଜ ଶାସନ ପାଇଁ ଏକ ଭୟଙ୍କର ଆହ୍ୱାନ ଭାବେ ଉଭା ହୋଇଥିଲା। ତାଙ୍କ ବୀରତ୍ୱ, ନେତୃତ୍ୱ ଓ ବଳିଦାନର ଅମର ଉଦାହରଣ ଆଜି ମଧ୍ୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶ୍ରଦ୍ଧାଞ୍ଜଳି ଜଣାଇଲେ ବାଚସ୍ପତି



ବିଧାନସଭା ନିକଟସ୍ଥ ଶହୀଦ ଚକରା ବିଶୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢୀଙ୍କ ସହ ଅନ୍ୟମାନେ।

# ଗାଁରେ ବୁଲିଲା ଦନ୍ତାହାତୀ

ହାଟଡିହୀ/ ବଉଳା, ୩୦।୧୨ (ଶୁଭକାନ୍ତ ନାୟକ / ଦୁର୍ଗା ପ୍ରସାଦ ଆୟଚ)



କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଆମ୍ବୋ ଅଞ୍ଚଳରେ ମଙ୍ଗଳବାର ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। ସେହିପରି ବ୍ଲକର ମରିଗାଁ, ହାଟଡିହୀ, ପନ୍ଦାଡ଼ୋ ଗ୍ରାମରେ ହାତୀଟି ଘୁରି ବୁଲୁଥିବା ବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଆନନ୍ଦପୁର ଉପଖଣ୍ଡ ଦୈତାରି ଅଞ୍ଚଳ ଜଙ୍ଗଲରୁ ଏକ ଦନ୍ତାହାତୀ ବାହାରି ଆସି ବୈତରଣୀ ନଦୀ ପାର୍ ହୋଇ ଚାଲି ଆସିଥିଲା। ଲୋକେ ହାତୀଟିକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହଦଗଡ଼ ବନ ବିଭାଗ ସୋମବାର ରାତିରୁ ହାତୀଟି ଉପରେ ନଜର ରଖିଥିବା ବେଳେ ମଙ୍ଗଳବାର ସକାଳେ ଅଧିକାରୀ ପହଞ୍ଚି ତାକୁ ହଦଗଡ଼ ଜଙ୍ଗଲ ଅଭିମୁଖେ ନେଇଥିଲେ। ସନ୍ଧ୍ୟା ସୁଦ୍ଧା ହାତୀଟି ରଗୁଡ଼ିଆ ଅଞ୍ଚଳରେ ରହିଥିବା ହଦଗଡ଼ ବନଖଣ୍ଡ ରେଞ୍ଜର ମାର୍ସଲ କିସ୍କୁ କହିଛନ୍ତି।

# ପାଚିକା ସହାୟିକା ସଂଘ ବିକ୍ଷୋଭ ସ୍ଥଗିତ

ଭୁବନେଶ୍ୱର,୩୦।୧୨ (ସୁଚିସ୍ମିତା ସାହୁ)

ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ସୋମବାରଠାରୁ ବିଧାନସଭା ସମ୍ମୁଖରେ ୯ ଦଫା ଦାବିନେଇ ବିକ୍ଷୋଭ ଦର୍ଶନ କରାଯାଇଥିଲା। ସଂଘ ସଭାପତି କମଳ କୁମାର ଷଣ୍ଢଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟି ୯ଦଫା ଦାବି ଉପସ୍ଥାପନ କରିଥିଲେ। ସିପିଆଇ ନେତା ଏନ୍. ନାରାୟଣ ରେଡ୍ଡୀଙ୍କ ଉପସ୍ଥିତିରେ ଗଣଶିକ୍ଷାମନ୍ତ୍ରୀ ଦାବିପତ୍ର ଗ୍ରହଣ କରି ଆଲୋଚନା କରିଥିଲେ। ମନ୍ତ୍ରୀ କହିଲେ, ଫେବୃଆରୀରେ ହଜାରେ ଟଙ୍କାର ଭତ୍ତା ବୃଦ୍ଧି କରାଯାଇଛି। ଭତ୍ତା ପ୍ରତିମାସ ପ୍ରଥମ ସପ୍ତାହରେ ପ୍ରଦାନ କରାଯିବ। ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସଂଘ ପ୍ରତିନିଧିମାନେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ବିକ୍ଷୋଭକୁ ସ୍ଥଗିତ ଘୋଷଣା କରିଛନ୍ତି। ତେବେ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସଂଘ ସାଧାରଣ ସମ୍ପାଦକ ଜମେଇ ମାଝୀ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ଏଆଇଟିୟୁସି ନେତା ସୁର ଜେନା, ସଂଘର ଉପସଭାପତି ଉତ୍ତମ ମଲ୍ଲିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସଂଘର ନ୍ୟାୟ ଦାବି ମଧ୍ୟରେ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା, ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିସ ଅନୁସାରେ ମଧ୍ୟାହ୍ନଭୋଜନ ସ୍କିମ୍‌ର ପାଚିକା ସହାୟିକାଙ୍କୁ ୱାର୍କସ ମାନ୍ୟତା ପ୍ରଦାନ, ଅବସର ପରେ ମାସିକ ପେନ୍‌ସନ ୧୦ ହଜାର ଟଙ୍କାକୁ ବୃଦ୍ଧି, ପାଚିକା ସହାୟିକାଙ୍କୁ ୧୦ମାସ ପରିବର୍ତ୍ତେ ୧୨ ମାସର ଭତ୍ତା ପ୍ରଦାନ, ପୂର୍ବରୁ ଘୋଷିତ ମୃତ୍ୟୁକାଳୀନ ସହାୟତା ୧ଲକ୍ଷ ଟଙ୍କା କାର୍ଯ୍ୟକାରୀ କରିବା ପାଇଁ ବକ୍ତବ୍ୟରେ ଦାବି କରିଥିଲେ।

# ଆର୍ଜିପଲ୍ଲୀ ସମୁଦ୍ରତଟରୁ 'ମେଗିଟ୍ସ ଗୋବି' ମାଛ ସନ୍ଧାନ

ବ୍ରହ୍ମପୁର,୩୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବନ୍ଦର ନିକଟ ଆର୍ଜିପଲ୍ଲୀ ସମୁଦ୍ରତଟରୁ ପ୍ରଥମଥର ପାଇଁ ବାଥିଗୋବିୟସ ମେଗିଟ୍ସ ନାମକ ଏକ ଗୋବି ମାଛର ସନ୍ଧାନ ମିଳିଛି। ଏହି ମାଛଟି ଗୋପାଳପୁର ବନ୍ଦର ଉଦ୍ଦେଶ୍ୟରେ ନିର୍ମିତ କୃତ୍ରିମ ପଥୁରିଆ ସମୁଦ୍ରତଟର ଜୁଆର ଭଟ୍ଟା ପ୍ରଭାବିତ ଛୋଟ ପୁଲ୍‌ରୁ ସଂଗ୍ରହ କରାଯାଇଛି। ଭାରତୀୟ ପ୍ରାଣୀ ସର୍ବେକ୍ଷଣ ଗୋପାଳପୁରସ୍ଥିତ ଆଞ୍ଚଳିକ କେନ୍ଦ୍ରର ବୈଜ୍ଞାନିକ ଏବଂ ଗବେଷକମାନଙ୍କ ସହ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ମିଳିତ ଭାବେ ଏହାର ଅନୁସନ୍ଧାନ କରିଥିଲେ। ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ମତାନୁସାରେ, ଏପରି କୃତ୍ରିମ ପଥୁରିଆ ସ୍ଥାନଗୁଡ଼ିକ ଗୋବି, ବ୍ଲେନି ଓ ପ୍ୟାରଟ ମାଛ ପ୍ରଜାତିଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ଭାବେ କାମ କରୁଛି। ଏହି 'ମେଗିଟ୍ସ ଗୋବି' ମାଛର ଶରୀର ଲମ୍ବା ଓ ମୁଣ୍ଡରେ କାତି ନ ଥାଏ ଏବଂ ଶରୀର ପ୍ରାୟ ନଳାକାର। ଏହାର ଚକ୍ଷୁ ମୁଣ୍ଡର ଆଗ ଭାଗରେ ରହିଛି। ମାଛର ଆଗ ଭାଗରେ ସାନ କଣ୍ଟାଳିଆ କାତି ଓ ଛାତିପେଟ ଭାଗରେ ଅଳ୍ପ କାତି ଦେଖାଯାଏ। ବୈଜ୍ଞାନିକ ଶୁଭ୍ରେନ୍ଦୁ ଶେଖର ମିଶ୍ର କହିଛନ୍ତି ଏହି ମାଛର ପିଠିରେ ୪ଟି ଇସତ୍ କଳା ରଙ୍ଗର ମୋଟା ପଟି ପରି ଚିହ୍ନ ଥାଏ। ଯାହା ଏହାକୁ ଅନ୍ୟ ଗୋବି ପ୍ରଜାତିଠାରୁ ଭିନ୍ନ କରେ। ପୂର୍ବରୁ ଏହି ପ୍ରଜାତି ଦକ୍ଷିଣ ଆଫ୍ରିକା, ପାର୍ସିଆନ ଗଲ୍ଫ, ୟେମେନର ସୋକୋତ୍ରା, ଫିଜି, ଦକ୍ଷିଣ ଜାପାନ ଓ ଉତ୍ତର ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଇଣ୍ଡୋପଶ୍ଚିମ ପ୍ୟାସିଫିକ ଅଞ୍ଚଳରେ ଦେଖାଯାଉଥିଲା। ବର୍ତ୍ତମାନ ଗୋପାଳପୁର ଉପକୂଳରୁ ମିଳିଥିବାରୁ ଏହି ରେକର୍ଡ ଭାରତକୁ ଏହାର ବିତରଣ ମାନଚିତ୍ରରେ ସାମିଲ କରିଛି। ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼ ଭାସ୍କର ବେହେରା ଏହି ଆବିଷ୍କାର କୃତ୍ରିମ ସମୁଦ୍ରତଟ ଓ ପଥୁରିଆ ବ୍ୟାରିୟରର ପରିବେଶୀୟ ଗୁରୁତ୍ୱକୁ ଉଜାଗର କରେ ଓ ଭବିଷ୍ୟତରେ ଏପରି ଛୋଟ କୃତ୍ରିମ ଆବାସଗୁଡ଼ିକରେ ଅଧିକ ମାଛ ଓ ସମୁଦ୍ରଜୀବ ଉପରେ ଗବେଷଣା କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ଏହି ମାଛର ଗବେଷଣାରେ ମିଳିତ ଭାବେ ଗବେଷକ ରାଜେଶ କୁମାର ବେହେରା, ଟି. କେ. ଏସ. ତାଥାଚାରି, ଡ ସ୍ୱରୂପ ରଞ୍ଜନ ମହାନ୍ତି ଏବଂ ସ୍ମୃତିରେଖା ଆଚାର୍ଯ୍ୟ କାର୍ଯ୍ୟ କରିଥିଲେ। ମାଛର ସବିଶେଷ ବିବରଣୀ ଜର୍ନାଲ ନ୍ୟାଶନାଲ ଏକାଡେମି ଅଫ ସାଇନ୍ସ ଲେଟର୍ସରେ ପ୍ରକାଶ ପାଇଛି।



ମେଗିଟ୍ସ ଗୋବି

# ଥାନାରେ ବିଷ ପିଇଦେଲେ ଯୁବକ

## ବିବାହ ପାଇଁ ପ୍ରେମିକା ରାଜି ହେଲେନି

ଆନନ୍ଦପୁର(ସୁଶାନ୍ତ କୁମାର ସାହୁ)/ ଛେନାପଦ (ନିରାକାର ପରିଡା),୩୦।୧୨

ବିବାହ ପାଇଁ ରାଜି ହେଲେନି ପ୍ରେମିକା। କଥା ପହଞ୍ଚିଲା ଥାନାରେ। ହେଲେ ସେଠାରେ ମଧ୍ୟ ପ୍ରେମିକା ବିବାହ କରିବାକୁ ରୋକ୍‌ଠୋକ୍ ମନା କରିଦେଲେ। ଶେଷରେ ହତାଶ ପ୍ରେମିକ ଥାନା ପରିସରରେ ବିଷ ପିଇ ଗୁରୁତର ହୋଇ ପଡ଼ିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ନନ୍ଦିପଦା ଥାନାରେ। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଶାଳଣିଆଁ ଗ୍ରାମର ବିପିନ କୁଅଁର ଡିମିରିଆ ଗ୍ରାମର ଜଣେ ୨୭ ବର୍ଷୀୟା ଯୁବତୀଙ୍କୁ ଗତ ୩ବର୍ଷ ଧରି ଭଲ ପାଇ ଆସୁଥିଲେ। କିଛିଦିନ ତଳେ ବିପିନ ଉକ୍ତ ଯୁବତୀଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେବାରୁ ଯୁବତୀ ଜଣକ ମନା କରିଦେଇଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ବିବାହ ପାଇଁ ବିପିନ ବାଧ୍ୟ କରିବାରୁ ଯୁବତୀ ଜଣକ ତାଙ୍କ ପରିବାର ଲୋକଙ୍କୁ ନେଇ ବିପିନଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମଙ୍ଗଳବାର ନନ୍ଦିପଦା ପୋଲିସ ଉଭୟ ପରିବାର ଲୋକଙ୍କୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ ଚଳାଇଥିଲା। ହେଲେ ଯୁବତୀଙ୍କ ପ୍ରତାରଣା ସହି ନ ପାରି ଥାନା ପରିସରରେ ବିପିନ ବିଷ ପିଇ ଦେଇଥିବା ନେଇ ବିପିନଙ୍କ ବଡ଼ ଭାଇ କୈଳାସ ଓ ସାନ ଭାଇ ଜିତେନ୍ଦ୍ର କହିଛନ୍ତି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।


ରେଳ ମନ୍ତ୍ରଣାଳୟ
(ପୂର୍ବ ତଟ ରେଳପଥ)
ବିଜ୍ଞପ୍ତି

ଭୁବନେଶ୍ୱର, 12 ଡିସେମ୍ବର, 2025

**ରେଳବାଇ ଅଧିନିୟମ 1989 ର ଧାରା 20A ଅଧୀନରେ ସୂଚନା**

**ଏସ୍.ଓ. 5754 (ଇ)** - ରେଳବାଇ (ସଂଶୋଧନ) ଆଇନ, 1989 (24/89) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20କ ର ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହେବା ପରେ ଯେ ସାଧାରଣ ଉଦ୍ଦେଶ୍ୟ ପାଇଁ ବିଶିଷ୍ଟ ରେଳ ପ୍ରକଳ୍ପ, ଯାହାର ନାମ, "ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ଏବଂ ୱାଲ୍ଟିୟର ମଣ୍ଡଳ ଅଧୀନରେ ଭଦ୍ରକ - ବିଜୟନଗରମ (525 କି ମି) ମଧ୍ୟରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (22 କି ମି) ଏବଂ ଖୋର୍ଦ୍ଧା ରୋଡ୍ - ବିଜୟନଗରମ (363 କି ମି) ମଧ୍ୟରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା – ଖୋର୍ଦ୍ଧା, ରାଜ୍ୟ - ଓଡ଼ିଶାରେ ଆବଶ୍ୟକ ଜମି, ଯାହାର ସଂକ୍ଷିପ୍ତ ବର୍ଣ୍ଣନା ଏଠାରେ ସଂଲଗ୍ନ ସୂଚୀରେ ଦିଆ ଯାଇଛି, ଏପରି ଜମି ଅଧିଗ୍ରହଣ କରିବାର ତାଙ୍କର ଉଦ୍ଦେଶ୍ୟ ଘୋଷଣା କରନ୍ତି।

ଉକ୍ତ ଜମିରେ ଆଗ୍ରହୀ ଯେକୌଣସି ବ୍ୟକ୍ତି ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖ ରୁ ତିରିଶ ଦିନ ମଧ୍ୟରେ, ଉକ୍ତ ଆଇନର ଧାରା 20ଘ ର ଉପ-ଧାରା (1) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇ ପାରିବେ।

ପ୍ରତ୍ୟେକ ଆପତ୍ତି ଲିଖିତ ଭାବରେ ସକ୍ଷମ କର୍ତ୍ତୃପକ୍ଷ, ଅର୍ଥାତ୍ ଭୂମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା, ରାଜ୍ୟ - ଓଡ଼ିଶାଙ୍କ ନିକଟରେ ଦାଖଲ କରାଯିବ ଯେଉଁଥିରେ ଏହାର କାରଣ ଉଲ୍ଲେଖ ରହିବ ଏବଂ ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଜୀବୀଙ୍କ ମାଧ୍ୟମରେ ଶୁଣାଣୀର ସୁଯୋଗ ଦେବେ ଏବଂ ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଯଦି କୌଣସି ତଦନ୍ତ କରାଯାଏ, ଯଦି ଆବଶ୍ୟକ ମନେ କରନ୍ତି, ତେବେ ନିର୍ଦ୍ଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଅନୁମତି ଦେଇ ପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରି ପାରିବେ।

ଉକ୍ତ ଆଇନ ର 20ଘ ର ଉପ-ଧାରା (2) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆ ଯାଇ ଥିବା ଯେକୌଣସି ଆଦେଶ ଚୂଡ଼ାନ୍ତ ହେବ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମି ନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତି ସକ୍ଷମ ଅଧିକାରୀଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରି ପାରିବେ।

**ଅନୁସୂଚୀ**

ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ଏବଂ ୱାଲ୍ଟିୟର ମଣ୍ଡଳ ଅଧୀନରେ ଭଦ୍ରକ - ବିଜୟନଗରମ (525 କି ମି) ମଧ୍ୟରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (22 କି ମି) ଏବଂ ଖୋର୍ଦ୍ଧା ରୋଡ୍ - ବିଜୟନଗରମ (363 କି ମି) ମଧ୍ୟରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା – ଖୋର୍ଦ୍ଧା, ରାଜ୍ୟ - ଓଡ଼ିଶାରେ ଆବଶ୍ୟକ ଜମି, ନିର୍ମାଣ ସହିତ କିମ୍ବା ବିନା ନିର୍ମାଣରେ, ଅଧିଗ୍ରହଣ କରିବା କୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ-1) ଏଠାରେ ସଂଲଗ୍ନ।

**ପରିଶିଷ୍ଟ-1**

| କ୍ର. ସଂ. | ଗ୍ରାମର ନାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ରକବା କ୍ଷେତ୍ର (ଏକର ) | ଅଧିଗ୍ରହଣ କ୍ଷେତ୍ର (ଏକର ) | ଜମିର କିସମ | ଜମିର ପ୍ରକାର |
|---|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 | 08 |
| 1 | କାରଟିଆସାହି | 30 | 29/212 | ପୁରାତନ ପତିତ | 0.060 | 0.047 | ବ୍ୟକ୍ତିଗତ |
| 2 | କାରଟିଆସାହି | 18 | 21 | ଘରବାରି | 0.028 | 0.021 | ବ୍ୟକ୍ତିଗତ |
| 3 | କାରଟିଆସାହି | 3 | 20 | ବାରି | 0.034 | 0.021 | ବ୍ୟକ୍ତିଗତ |
| 4 | କାରଟିଆସାହି | 19 | 29/213 | ବାରି | 0.008 | 0.008 | ବ୍ୟକ୍ତିଗତ |
| 5 | କାରଟିଆସାହି | 4 | 29/214 | ବାରି | 0.006 | 0.006 | ବ୍ୟକ୍ତିଗତ |
| 6 | କାରଟିଆସାହି | 76 | 9 | ପୁରାତନ ପତିତ | 0.017 | 0.003 | ବ୍ୟକ୍ତିଗତ |
**BID IDENTIFICATION NO.OLIC-BPT-05/2025-26, Dt.24.12.2025**

No.CAD-2842: The **Executive Engineer, Lift Irrigation Division, Bhawanipatna** on behalf of OLIC invites **Percentage Rate** bids in single cover system to be received in Online Mode Only for the work **Installation and Energisation of New CLIPs under different Blocks in Kalahandi District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade/ class registered with Central Government/M.E.S./ Railways / C.P.W.D. for execution of Civil Works with valid Electrical (H.T.) License issued by ELBO Odisha through On-Line in the Govt. website www.tendersodisha.gov.in. The bidders should have necessary portal enrollment (with own digital signature certificate). The registered bidders from outside Odisha can also participate in this online tender process after necessary portal enrollment but shall have to subsequently undergo registration with appropriate authority of the State.
1.Name of the Works: Installation & Energisation of New Community Lift Irrigation Projects with supply of all materials on Turnkey basis. 2.Total Nos. of Package:-41. 3. Approximate Estimated Cost: Rs.28.62 Lakhs to Rs.111.95 Lakhs. 4. Class of Contractor:- As mentioned against each package, 5. Period of Completion: 90 days for all projects from the date of issue of work order. 6. Other details as follows:-

| Procurement Officer | Bid Identification No. | Availability of Tender On-Line for Bidding | | Last Date & Time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Bhawanipatna | OLIC-BPT-05/2025-26 | 01.01.2026 at 11.00 Hrs. | 30.01.2026 at 17.00 Hrs. | 22.01.2026 at 17.00 Hrs. | 31.01.2026 at 11.00 Hrs. |

- **Details can be seen from the Website www.tendersodisha.gov.in.**
- **Any corrigendum/Addendum will be displayed in the above website only.**

OIPR-32148/11/0006/2526
Sd./- EXECUTIVE ENGINEER, L.I. DIVISION, BHAWANIPATNA

## ODISHA PUBLIC SERVICE COMMISSION

**NOTICE**

**No. 8948 / P.S.C., Dt. 29.12.2025**
**1E-12-2025/26 (DR-III)**

**Recruitment to the Post of Post Graduate Teacher in Discipline - PHYSICS**
**(Advertisement No.25 of 2023-24)**

**No.D-287** : In continuation to this Office Notice No. 7645/PSC, dtd. 01.11.2025, it is for information of all "shortlisted candidates" that the **Document Verification and Interview/ Personality Test** for recruitment to the post of **Post Graduate Teacher** in **Physics Discipline**, pursuant to Advertisement No. 25 of 2023-24 will be held on **12.01.2026 & 13.01.2026** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 12.01.2026 | 08.30 A.M. | 10.30 A.M. | 103016, 103019, 103021, 103029, 103034, 103057, 103060, 103065, 103066, 103090, 103097, 103128, 103135, 103174, 103181, 103202, 103204, 103205, 103206, 103211, 202191, 202212, 202213, 202227, 202246, 202256, 202268, 202285, 307261, 307269, 307271, 307272, 307282, 307318, 307332, 307335, 307348, 307352, 307359, 307381, 307403, 307406, 307410 & 307435 **= 44 Candidates** |
| | 12.30 P.M. | 02.30 P.M. | 307444, 307482, 307491, 307494, 307498, 307506, 307508, 307522, 307544, 307554, 307556, 307560, 307579, 307585, 307590, 307591 & 307593 **= 17 Candidates** |
| 13.01.2026 | 08.30 A.M. | 10.30 A.M. | 307612, 307619, 307651, 307653, 307668, 307672, 307679, 307687, 307739, 307743, 307747, 307750, 307751, 307779, 307781, 307787, 307790, 403276, 403293, 403305, 403320, 403322, 403325, 403333, 403343, 403354, 403357, 403393, 403399, 403406, 403409, 403418, 403425, 403427, 403435, 403472, 403475, 403481, 403484, 403489, 504766, 504767, 504780 & 504842 **= 44 Candidates** |
| | 12.30 P.M. | 02.30 P.M. | 504843, 504846, 504849, 504853, 504860, 504865, 504906, 504913, 504916, 504930, 504978, 504982, 504996, 504997, 504998, 590042 & 590049 **= 17 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following 'original certificates' along with a set of 'Self-attested photocopy' of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**.
(Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable.
(which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0354/2526
Sd./- Additional Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅତିରିକ୍ତ ତହସିଲଦାରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

# ନଗଦ ୭୨ ଲକ୍ଷ, ଅଧକେଜି ସୁନା ଜବତ

- ୩ କୋଠା, ଗୋଟିଏ ଫ୍ଲାଟ୍, ୪ ବହୁମୂଲ୍ୟ ପ୍ଲଟ୍ ଠାବ
- ଆଜି ଖୋଲାଯିବ ଜିତେନ୍ଦ୍ରଙ୍କ ୩ ଲକର

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ ବାରଙ୍ଗ,୩୦।୧୨ (ଲିଙ୍ଗରାଜ ରାଉତ)





ଜବତ ଟଙ୍କା, ସୁନା ଅଳଙ୍କାର ଓ ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡା ।

ଟଙ୍କା ଓ ସୁନାରେ ଭର୍ତ୍ତି ହୋଇ ରହିଥିଲା କଟକ ଜିଲା ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଘର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ଜିତେନ୍ଦ୍ରଙ୍କ ଘର ସମେତ ଖୋର୍ଦ୍ଧା, କଟକ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଚଢ଼ାଉବେଳେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଭିଜିଲାନ୍ସ ଅଧିକାରୀ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ୪ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର, ଜଣେ ଏସଆଇ, ୮ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଜିତେନ୍ଦ୍ରଙ୍କ ଘର ଓ ସମ୍ପର୍କୀୟଙ୍କ ଘରୁ ନଗଦ ୭୨ ଲକ୍ଷ ଟଙ୍କା, ଅଧକେଜିରୁ ଊର୍ଦ୍ଧ୍ୱ ସୁନା, ୩ କୋଠା, ଗୋଟିଏ ଫ୍ଲାଟ୍, ୪ ବହୁମୂଲ୍ୟ ପ୍ଲଟ୍ ସମେତ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଜିତେନ୍ଦ୍ରଙ୍କର ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ଗୋପାଳୁଣୀ ନଗରର ପ୍ଲଟ୍ ନଂ. ୩୨୯୩ ଓ ସବ୍ ପ୍ଲଟ୍-ସିରେ ଥିବା ୪୦୦୦ ବର୍ଗଫୁଟର ଏକ ୩ ମହଲା କୋଠା ରହିଛି। ସେହିପରି ବଡ଼ଗଡ ବ୍ରିଟ୍ କଲୋନୀସ୍ଥିତ ଏଲ୍‌ବି-୧୮୭ରେ ଥିବା ୪୦୦୦ ବର୍ଗଫୁଟର ଅନ୍ୟ ଏକ ୩ ମହଲା କୋଠା ଓ ଭୁବନେଶ୍ୱର ଉତ୍ତରାରେ ପ୍ରାୟ ୧୨୫୦ ବର୍ଗଫୁଟର ଏକ ୨ ବିଏଚ୍‌କେ ଫ୍ଲାଟ୍ ଏବଂ ଖୋର୍ଦ୍ଧା ସାନପାଳରେ ୨ ମହଲା କୋଠା ଠାବ ହୋଇଛି। ସେହିପରି ମିଳିଥିବା ୪ ବହୁମୂଲ୍ୟ ପ୍ଲଟ୍ ମଧ୍ୟରୁ ଭୁବନେଶ୍ୱରରେ ୩ଟି ଏବଂ ଖୋର୍ଦ୍ଧାରେ ଗୋଟିଏ ରହିଛି। ତାଙ୍କ ଶାଶୁ ରହୁଥିବା ବଡ଼ଗଡ ବ୍ରିଟ୍ କଲୋନୀସ୍ଥିତ ବିଲ୍ଡିଂ ବନ୍ଦ ଥିବା ବେଳେ ଏହା ମଧ୍ୟରୁ ନଗଦ ଜିତେନ୍ଦ୍ର ଲୁଚାଇ ରଖିଥିବା ୫ ଲକ୍ଷ ୪୮ ଟଙ୍କା ହଜାର ମିଳିଥିଲା। ସେହିପରି ଜିତେନ୍ଦ୍ର ପରିବାର ସହ ରହୁଥିବା ଗୋପାଳୁଣୀ ନଗରସ୍ଥିତ କୋଠାରୁ ୫୦୦ ଗ୍ରାମର ସୁନା ଅଳଙ୍କାର ଓ ୬.୨୦ ଲକ୍ଷ ମିଳିଥିଲା। ଜିତେନ୍ଦ୍ରଙ୍କ ଶାଶୁ ଶଯ୍ୟାଶାୟୀ ହୋଇଥିବା ବେଳେ ସେ କ୍ୱାଇଁ ଜିତେନ୍ଦ୍ରଙ୍କ ପାଖରେ ରହୁଛନ୍ତି। ବଡ଼ଗଡ ବ୍ରିଟ୍ କଲୋନୀସ୍ଥିତ ବିଲ୍ଡିଂ କାହା ନାଁରେ ରହିଛି ସେନେଇ ଭିଜିଲାନ୍ସ ଯାଞ୍ଚ କରୁଛି। ତେବେ ଜିତେନ୍ଦ୍ର ନିଜ ସ୍ତ୍ରୀ ଓ ଶାଶୁଙ୍କ ନାଁରେ ୩ଟି ଲକର୍ ଚଳାଉଥିବା ବେଳେ ଏହା ଏସ୍‌ବିଆଇ ମୁଖ୍ୟବ୍ରାଞ୍ଚ, ବିଜେବି ନଗର ଏସ୍‌ବିଆଇ ବ୍ରାଞ୍ଚ ଓ କଳ୍ପନା ଛକସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କରେ ରହିଛି। ଏହି ଲକରଗୁଡ଼ିକୁ ବୁଧବାର ଖୋଲାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିତେନ୍ଦ୍ର ୨୦ ଲକ୍ଷ ଟଙ୍କା ବ୍ୟାଙ୍କ ଓ ଜୀବନବୀମାରେ ଜମା ରଖିଥିବା ବେଳେ ୧୬ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ୨୩.୪୧ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୪ଟି ଦୁଇ ଚକିଆ ଯାନ ଠାବ କରାଯାଇଛି। ଚଢ଼ାଉ ଜାରି ରହିଥିବାବେଳେ ଜିତେନ୍ଦ୍ରଙ୍କୁ ପଚରାଉଚରା କରାଯାଉଛି। ତାଙ୍କ ନିକଟରୁ ଆହୁରି ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ କହିଛି।

# ଘର ଭିତରୁ ମହିଳାଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଖମାର,୩୦।୧୨ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଚୁଙ୍ଗମାଟିଆ ଗ୍ରାମର ଜଣେ ମହିଳାଙ୍କ ମୃତଦେହ ମଙ୍ଗଳବାର ପୋଲିସ ଘର ଭିତରୁ ଜବତ କରିଛି। ମୃତ ମହିଳା ହେଲେ ଭାଗ୍ୟଧର ସାହୁଙ୍କ ସ୍ତ୍ରୀ ଡଲି ସାହୁ। ଏହା ଏକ ହତ୍ୟାକାଣ୍ଡ ବୋଲି ଡଲିଙ୍କ ଭାଇ ଡିଲେଶ୍ୱର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଯୌତୁକ ନିର୍ଯାତନା ସହ ସ୍ୱାମୀଙ୍କ ପରକୀୟା ପ୍ରୀତି ପାଇଁ ଶାଶୁଘର ଲୋକେ ଡଲିଙ୍କୁ ହତ୍ୟା କରିଥିବା ଡିଲେଶ୍ୱର ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଅଭିଯୋଗରେ ଡିଲେଶ୍ୱର ଲେଖିଛନ୍ତି, ୨୦୧୯ରେ ବନର ଗ୍ରାମର ଡଲିଙ୍କ ବିବାହ ଚୁଙ୍ଗମାଟିଆ ଗ୍ରାମର ଭାଗ୍ୟଧରଙ୍କ ସହିତ ହୋଇଥିଲା। ବିଭିନ୍ନ ସମୟରେ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିଲେ। ଏଥିଯୋଗୁ ଡଲି ଅନେକ ସମୟରେ ବାପଘରେ ରହୁଥିଲେ। ପରିବାର ଲୋକେ ବୁଝାଶୁଝା କରିବା ପରେ ପୁନର୍ବାର ଶାଶୁ ଘରକୁ ଯାଉଥିଲେ। ଡଲିଙ୍କ ସ୍ୱାମୀ ଭାଗ୍ୟଧରଙ୍କ ପରକୀୟା ପ୍ରୀତି ରହିଛି। ଏମିତି ବିଭିନ୍ନ କାରଣରୁ ଡଲି ଓ ଭାଗ୍ୟଧରଙ୍କ ଭିତରେ ବାରମ୍ବାର ଝଗଡ଼ା ହେଉଥିଲା। ଡଲି ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ମଙ୍ଗଳବାର ସକାଳୁ ଶାଶୁଘର ଲୋକେ ଖବର ଦେଇଥିଲେ। ହେଲେ ଏହା ଆତ୍ମହତ୍ୟା ନୁହେଁ, ବରଂ ହତ୍ୟାକାଣ୍ଡ ବୋଲି ଡିଲେଶ୍ୱର ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଡଲିଙ୍କ ସ୍ୱାମୀ ଭାଗ୍ୟଧରଙ୍କୁ ଥାନାରେ ଅଟକ ରଖାଯାଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ ସୂଚନା ଦେଇଛି।

# ଏମ୍‌ପିଙ୍କ ଘର ଉପରକୁ ମଦବୋତଲ ମାଡ଼, ୨ ଗିରଫ

ଯାଜପୁର,୩୦।୧୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମରେ ଥିବା ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କ ବାସଭବନ ଉପରକୁ ସୋମବାର ରାତିରେ ମଦ ବୋତଲ ଫିଙ୍ଗା ଯାଇଥିବା ଅଭିଯୋଗ ହୋଇଛି। ସେହିପରି ଏମ୍‌ପି ବେହେରାଙ୍କ ପୁତୁରାଙ୍କୁ ମଧ୍ୟ ଧମକ ଦିଆଯାଇଥିବା ସୂଚନା ମିଳିଛି। ଅଭିଯୋଗ ଆଧାରରେ କୁଆଖିଆ ଥାନାରେ ୫୪୦/୨୦୨୫ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ରାଜେନ୍ଦ୍ରପୁର ଗ୍ରାମର ଦେବଦର୍ଶୀ ସାହୁ ଓ ବିଞ୍ଝାରପୁର ଅଞ୍ଚଳର ବଳାମୁକୁଳି ଗ୍ରାମର ବିଶ୍ୱଜିତ ପତିଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିବା କୁଆଖିଆ ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ବିମାନବନ୍ଦରରୁ ପୁଣି ୪ କୋଟିର ମାରିଜୁଆନା ଜବତ

## ଧରିଲା କଷ୍ଟମ୍ସ ଟିମ୍, ଯୁବକ ଗିରଫ

ଭୁବନେଶ୍ୱର,୩୦।୧୨(ସତ୍ୟଜିତ ରାଉତ)



ବିଦେଶରୁ ବିମାନ ଯୋଗେ ଭୁବନେଶ୍ୱରକୁ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ଓ ଜବତ ସତ୍ତ୍ୱେ ଏହି ବେଆଇନ କାରବାରରେ ଅଙ୍କୁଶ ଲାଗିପାରୁନାହିଁ। ମଙ୍ଗଳବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣି ୪ କୋଟି ଟଙ୍କାର ମାରିଜୁଆନାକୁ କଷ୍ଟମ୍ସ ଅଧିକାରୀମାନେ ଜବତ କରିଛନ୍ତି। ଏହି ଚାଲାଣରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଯାତ୍ରୀ ଜଣକ ଇଣ୍ଡିଗୋ ଫ୍ଲାଇଟ୍‌ରେ ବ୍ୟାଙ୍କକ୍‌ରୁ ଆସିଥିଲେ। ତାଙ୍କ ବ୍ୟାଗ ଯାଞ୍ଚବେଳେ ଏହି ବେଆଇନ ଚାଲାଣ ଧରାପଡ଼ିଥିଲା। ତେବେ ଏହି କାରବାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ କରାଯାଉଛି। ଯୁବକ ଜଣକ କେରଳ ଯାଇଥାନ୍ତେ ବୋଲି ଜଣାପଡ଼ିଛି। ତେବେ ଜିରୋ ନାଇଟ୍ ସେଲିବ୍ରେଶନ୍ ବେଳେ ଏହି ମାରିଜୁଆନା ବ୍ୟବହାର ହୋଇଥାନ୍ତା ବୋଲି ସନ୍ଦେହ କରାଯାଉଛି। ଏହି ଡିଲ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବାକୁ କଷ୍ଟମ୍ସ ଟିମ୍ ପାଇଁ ଚ୍ୟାଲେଞ୍ଜ ହୋଇଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୪ରେ ମଧ୍ୟ ୩.୨୭ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ବ୍ୟାଙ୍କକ୍‌ରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନବନ୍ଦରରେ କଷ୍ଟମ୍ସ ଅଧିକାରୀମାନେ ଏହି ମାରିଜୁଆନା ସହ ସମ୍ପୃକ୍ତ ଚାଲାଣକାରୀଙ୍କୁ କାବୁ କରିଥିଲେ। ସେହିପରି ଅଗଷ୍ଟ ୨ରେ ଏକ ଦମ୍ପତିଙ୍କ ପାଖରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। ଏଭଳି ଭାବରେ ଗତ ୯ ମାସ ମଧ୍ୟରେ ବିମାନବନ୍ଦରରୁ ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ ହୋଇଥିବା ବେଳେ ୯ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଗିରଫ ହୋଇଛନ୍ତି।

# ଗଞ୍ଜେଇ ଚାଲାଣ: ଖବରଦାତାଙ୍କ ସମେତ ୩ ଗିରଫ

ଖୋର୍ଦ୍ଧା,୩୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅବକାରୀ ଜିଲା ମୋବାଇଲ ୟୁନିଟ୍ ମଙ୍ଗଳବାର ସକାଳେ ବାଘମାରୀ ଥାନା ଅଧୀନ ସାରୁଅ ଶୁଖୁଆ ବଜାର ନିକଟରେ ଚଢ଼ାଉ କରି ଏକ କାର୍ ଭିତରୁ ୨୩ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ୱେବ୍ ଚ୍ୟାନେଲ୍ ଖବରଦାତା କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅଞ୍ଚଳର ପ୍ରତାପ ଦିଗାଲ(୩୫) ଏବଂ ସହଯୋଗୀ ଖଜୁରିପଡ଼ା ଥାନା ଅଞ୍ଚଳର ଦିନେଶ ଦିଗାଲ(୨୫)। ଏମାନଙ୍କ ନିକଟରୁ ଏକ କାର୍ (ଓଡି ୦୨ଭି ୬୬୬୭), ୩ଟି ମୋବାଇଲ ଫୋନ, ଗୋଟିଏ କ୍ୟାମେରା ସହ ବୁମ୍ ଏବଂ ପରିଚୟପତ୍ର ଜବତ କରାଯାଇଛି। ସେହିପରି ୧୬ ନମ୍ବର ଜାତୀୟ ରାଜପଥର ମଳିପଡ଼ା ଓଭରବ୍ରିଜ୍ ନିକଟରେ ଯାଞ୍ଚ ବେଳେ ଖୋର୍ଦ୍ଧା ଅବକାରୀ ଟିମ୍ ଏକ କାର୍ (ଓଡି୦୨ ଜେଡ୍ ୭୬୭୦)ରୁ ୨୨କେଜି ଗଞ୍ଜେଇ ଜବତ୍ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଖଜୁରିଆପଡ଼ା ଥାନା ଅଞ୍ଚଳର ଶୁବଳ ଦେହୁରି(୨୫)। ତାଙ୍କ ନିକଟରୁ କାର୍ ଏବଂ ଗୋଟିଏ ସ୍ମାର୍ଟ ଫୋନ ଜବତ ହୋଇଛି। ତେବେ ଯାଞ୍ଚବେଳେ ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ବୋଲି ଜିଲା ଅବକାରୀ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିଲେ। ତେବେ କାହା ପାଖକୁ ନେଉଥିଲେ, ଏମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ ଜାରି ରହିଛି। ଗିରଫ ଖବରଦାତା ପ୍ରତାପ ପୂର୍ବରୁ ମଧ୍ୟ ଗଞ୍ଜେଇ କାରବାରରେ ଲିପ୍ତ ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଜିଲା ଅବକାରୀ ଅଧୀକ୍ଷକ ତ୍ରିପାଠୀ କହିଛନ୍ତି।

# ଭିଜିଲାନ୍ସ ଜାଲରେ ପିଇଓ

## ବାସଭବନ ସମେତ ୬ ସ୍ଥାନରେ ଭିଜିଲାନ୍ସ, ଜିଏସ୍‌ଟି ଅଧିକାରୀଙ୍କ ଚଢ଼ାଉ

ହାଟଡିହି/ବଉଳା/ବଞ୍ଚୋ, ୩୦।୧୨ (ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ/ ପ୍ରଦୋଷ କୁମାର ବିଶ୍ୱାଳ)

ଭିଜିଲାନ୍ସ ଜାଲରେ କେନ୍ଦୁଝର ଜିଲା ହାଟଡିହି ବ୍ଲକର ପିଇଓ ଜିତେନ୍ଦ୍ର ଜେନା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ବାସଭବନ ଓ ଶ୍ୱଶୁର ଘର ସମେତ ଦୋକାନ ଆଦି ୬ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଏଥିସହ ଜିଏସ୍‌ଟି ଅଧିକାରୀ ଜିତେନ୍ଦ୍ରଙ୍କ ସ୍ତ୍ରୀଙ୍କ ନାମରେ ଥିବା ଦୋକାନରେ ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଜିତେନ୍ଦ୍ର ଦୀର୍ଘବର୍ଷ ହେବ ଏହି ବ୍ଲକର ବିଭିନ୍ନ ପଞ୍ଚାୟତର ପିଇଓ ଥିବାବେଳେ ଏବେ ବଞ୍ଚୋ, ବାଲିବରେଇ ଓ ବଡ଼ରମ୍ପାସ ପଞ୍ଚାୟତର ପିଇଓ ଅଛନ୍ତି। ବାଲେଶ୍ୱର ଜିଲା ଭିଜିଲାନ୍ସ ଏସ୍‌ପିଙ୍କ ନେତୃତ୍ୱରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଭିଜିଲାନ୍ସ ଟିମ୍, ଜିଏସ୍‌ଟି ଅଧିକାରୀ ମିଳିତ ଭାବେ ଚଢ଼ାଉ କରିଛନ୍ତି। ପ୍ରଥମେ ମରେଗାଁ ପଞ୍ଚାୟତରେ ଥିବା ତାଙ୍କ ବାସଭବନ ଓ ବସନ୍ତିଆରେ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଫର୍ନିଚର ଦୋକାନରେ ଚଢ଼ାଉ କରାଯାଇଥିଲା। ସେହିପରି ମରେଗାଁ ପଞ୍ଚାୟତ ବନ୍ତଳା ଗ୍ରାମରେ ଥିବା ପୈତୃକ ଘର, ପଡ଼ିଆରିପଲ୍ଲୀ ଗ୍ରାମସ୍ଥିତ ଶ୍ୱଶୁରଘର, ବିଦ୍ୟାଧରପୁର ବଜାରରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଦୋକାନ, ବଞ୍ଚୋ ଓ ବାଲିବରେଇ ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଥିଲା। ଭୋର ସମୟରୁ ଚଢ଼ାଉ ଜାରି ରହିଥିଲା। ସନ୍ଧ୍ୟା ସୁଦ୍ଧା ଅନୁସନ୍ଧାନ ପରେ ଜିତେନ୍ଦ୍ରଙ୍କର ଭୁବନେଶ୍ୱରରେ ୨ଟି ବହୁ ମହଲା କୋଠା, ଉତ୍ତରାରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍, ଖୋର୍ଦ୍ଧା ଟାଉନରେ ଗୋଟିଏ ବହୁ ମହଲା କୋଠା, ୪ଟି ମୂଲ୍ୟବାନ ପ୍ଲଟ୍, ୧୦୦ ଗ୍ରାମ୍ ସୁନା, ନଗଦ ୬.୨ ଲକ୍ଷ ଟଙ୍କା, ଗୋଟିଏ ଚାରିଚକିଆ ଏବଂ ୪ଟି ଦୁଇଚକିଆ ଯାନ ରହିଥିବା ଜଣାପଡ଼ିଛି। ଭୁବନେଶ୍ୱରର ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ତାଙ୍କର ଗୋଟିଏ ଲକର ଖୋଲାଯିବା ବାକି ଅଛି। ବ୍ୟାଙ୍କ, ପୋଷ୍ଟାଲ ଜମା, ଅନ୍ୟାନ୍ୟ ନିବେଶ ଯାଞ୍ଚ କରାଯିବ ବୋଲି ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଦୁଷ୍ମନ୍ତ ନାୟକ କହିଛନ୍ତି। ଭିଜିଲାନ୍ସ କୋର୍ଟ ସ୍ପେଶାଲ ଜଜ୍‌ଙ୍କ ନିର୍ଦ୍ଦେଶରେ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଇଥିବା ଜଣାଯାଇଛି। ୪ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟରଙ୍କ ସମେତ ୬୦ଜଣ ଚଢ଼ାଉରେ ସାମିଲ ଥିଲେ। ରିପୋର୍ଟ ଲେଖାହେବା ବେଳକୁ ଚଢ଼ାଉ ଜାରି ରହିଥିଲା।


ଜିତେନ୍ଦ୍ର ଜେନା


# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

ଅନ୍ଧ ଯୁବକଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଶିକ୍ଷାଗତ ଯୋଗ୍ୟତା +3, ବୟସ-34। 50 ଲକ୍ଷ ଟଙ୍କାର ଘର ସହିତ ଅନ୍ୟାନ୍ୟ ସମ୍ପତ୍ତି ରହିଛି। ଯୋଗାଯୋଗ ଠିକଣା: At/P.O.- Bhanurkhol, Dist.- Jharsuguda. Mob. No.- 9937513371. ଧ-୨୯୬୪

**GROOM WANTED**

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911


REAL ESTATE

**SALE**

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347. D-2878

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs. 41lakhs (Including Registration charges), 7809525452. D-2970




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, CH CHANDRAKALA, formerly known as C. H. CHANDU, has sworn an affidavit before the Executive Magistrate, Nabarangpur, on 10.10.2025, declaring my intention to change my former name. I renounces my former name, C. H. CHANDU and adopts CH CHANDRAKALA as my new name for all purposes. All individuals are requested to address me & my husband, children and future generations by my new name, CH CHANDRAKALA.
Sd./-CHCHANDRAKALA. (Deponent) D-2990

An affidavit has been filed in the Court of the Executive Magistrate, Nandahandi, Dist.- Nabarangpur, Odisha on 09.12.2025 stating that Sri Dinabandhu Sadangi, maternal grandfather of minor Baby Two of Mamata Hota, has renounced the minor's former name and adopted a new name, Adarsh Hota. All individuals are requested to address the minor by his new name, Adarsh Hota in all records, transactions and occasions.
Sd./- Dinabandhu Sadangi (Deponent) D-2989

I, Palteli Biswal, W/o.- Kabiraj Biswal, Village/P.O.- Tarava, P.S.- Dhenkanal Sadar, District- Dhenkanal, Odisha- 759013 declare that I have changed my name from BAG BISWAL to PALTELI BISWAL, dtd.- 17.12.2025 before Notary Public, Dhenkanal.
Palteli Biswal D-2985

By virtue of an affidavit sworn before the Executive Magistrate, Boudh, No.- 924, Dtd.- 10.06.25, I, Satyaban Panda, R/o. Village/P.O.- Palaspat, P.S.- Baunsuni, Dist.- Boudh, Odisha, PIN- 762014 declare that I have changed the name of my daughter from PRATIKSHYA PRADHAN to PRATIKSHYA PANDA. Henceforth, she shall be known as PRATIKSHYA PANDA for all purposes.
Satyaban Panda D-2992

I, Padmaja Pattanaik, W/o.- Bhabani Prasanna Pattanaik, resident of Sriram Nagar, P.O.- Arunodaya Market, P.S.- Badambadi, Town/Dist.- Cuttack, PIN- 753012, Odisha declare by this affidavit No.- 9319, dtd.- 15.11.2025 that now onwards I shall be known as Padmaja Jagati for all future purposes. D-2987

By virtue of an affidavit sworn before the Executive Magistrate, Bhubaneswar, dated- 02.07.2025, I, BEBI BEHERA, daughter of Fagunath Behera & W/o.- Sandip Kumar Baral, Address: At- Bilipada, P.O.- Gabakunda, P.S.- Satyabadi, Dist.- Puri, Odisha, PIN- 752045 declare that I have changed my name from BEBI BARAL to BEBI BEHERA. Henceforth, I shall be known as BEBI BEHERA for all purposes.
BEBI BEHERA D-2988

By virtue of an affidavit sworn before the Executive Magistrate, Angul, dtd.- 29.12.2025, I, Pritram Sahu, Vill.- Amalapada 6th lane, P.O./P.S.- Angul, Dist.- Angul, Odisha, PIN- 759122 declare that I have changed my name from Pritam Sahoo to Pritram Sahu. Henceforth, I shall be known as Pritram Sahu for all purposes. D-2991

SUNAYANA DEVI, R/o.- Village- Balisankara, P.S.- Talasara, District- Sundargarh, Odisha changed my name as SUNANI SAHU. D-2986

# ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରଣଜିତ ରାୟ
(ବରିଷ୍ଠ ଆଇନଜୀବି)
ଚାହୁଁ ଚାହୁଁ ଛଅ ବର୍ଷ ବିତିଗଲା। ପ୍ରତ୍ୟେକ ମୁହୂର୍ତ୍ତରେ ଦୁଇଟୋପା ଲୁହ ହୋଇ ତୁମେ ଆମମାନଙ୍କ ହୃଦୟରେ ରହିଛ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ତୁମର ପବିତ୍ର ଆତ୍ମା ଲୀନ ହୋଇଯାଉ, କେବଳ ଏତିକି ପ୍ରାର୍ଥନା।
-:ତୁମର ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
D-76087

୩୧ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କାର୍ତ୍ତିକ ନାୟକ
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳ ସାହି, ନୟାଗଡ଼
ଆବିର୍ଭାବ: ୦୭।୧୦।୧୯୪୧
ତିରୋଧାନ: ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ତୁମର ହତଭାଗ୍ୟ ପତ୍ନୀ- କାଞ୍ଚନ, ପୁତ୍ର- ବାପି, ପପୁ, ଝିଅ- ରୀନା, ସୁଧା, ଇତି, ପୁତ୍ରବଧୂ- ସନ୍ଧ୍ୟା, ନାତି- ଦୀପକ, ନାତୁଣୀ- ଆସ୍ଥା, ଶିଖା, ଲିକା, ଲିଜା, ଲିପା, କଣ୍ଟେଇ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୨୯୯୩

୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଶକୁନ୍ତଳା ତ୍ରିପାଠୀ
ତିରୋଧାନ: ୩୧।୧୨।୨୦୦୬
ପଟିଆ ଗଡ଼, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁବାନ୍ଧବ ଓ ସପରିବାର।
ଧ-୨୯୯୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



# ଓୟୁଏଟି : ସଫଳତାର ବର୍ଷ

## ଭାରତ ପୋଲ୍ଟ୍ରି ଏକ୍ସପୋ-୨୦୨୫

ଓୟୁଏଟିର ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟରେ ଓଡ଼ିଶାର ଚାଷୀ ଏବଂ ଉଦ୍ୟୋଗୀମାନଙ୍କୁ ନୂତନ ଜ୍ଞାନକୌଶଳରେ ପାରଙ୍ଗମ କରାଇବା ଉଦ୍ଦେଶ୍ୟରେ ପ୍ରଥମଥର 'ଭାରତ ପୋଲ୍ଟ୍ରି ଏକ୍ସପୋ-୨୦୨୫' ଚଳିତବର୍ଷ ସେପ୍ଟେମ୍ବର ୨୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଓଡ଼ିଶା ସରକାରଙ୍କ ମତ୍ସ୍ୟଚାଷ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦଘାଟନ କରି ସମ୍ମିଳିତ ଉଦ୍ୟମରେ କୁକୁଡ଼ା ଉତ୍ପାଦନରେ ବୃଦ୍ଧି ଆଣିବା ପାଇଁ ଉପଦେଶ ଦେଇଥିଲେ । ଏହି ଅବସରରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏବଂ 'ଏପିକଲ୍'ର ବ୍ୟବସ୍ଥାପକ ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର ଯୋଗଦେଇଥିଲେ ।

## ଓୟୁଏଟି କୁଳପତିଙ୍କ କେନିଆ ଗସ୍ତ

ଆଫ୍ରିକାସ୍ଥିତ ଗ୍ଲୋବାଲ ଫୋରମ ଫର ଏଗ୍ରିକଲଚରାଲ ଇନୋଭେସନ ଆଣ୍ଡ ରିସର୍ଚ୍ଚ ରିଜିଓନାଲ ୟୁନିଭର୍ସିଟି ଆମନ୍ତ୍ରଣରେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଚଳିତ ମାସ ୧୦ରୁ ୧୩ ପର୍ଯ୍ୟନ୍ତ କେନିଆର ନାଇରୋବି ସହରକୁ ଯାଇଥିଲେ । ଏହି ଅବସରରେ ସେ 'ଆଫ୍ରିକାର ବୈଜ୍ଞାନିକ ନେତୃତ୍ୱ ଗଢ଼ି ତୋଳିବା ଏବଂ ପରବର୍ତ୍ତୀ ପିଢ଼ିର ବୈଜ୍ଞାନିକମାନଙ୍କ ପ୍ରଶିକ୍ଷଣ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ଏହି ଗସ୍ତ ସମୟରେ ପ୍ରଫେସର ରାଉଳ ନାଇଜେରିଆର ଇମୋ ରାଜ୍ୟ ଅନ୍ତର୍ଗତ ଉମୁଆଗୱୋସ୍ଥିତ କୃଷି ଏବଂ ପରିବେଶ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଖ୍ରୀଷ୍ଟୋଫର ଚିଏଡୋଜିଏଜେଙ୍କ ସହିତ ପାରସ୍ପରିକ କୃଷି କାର୍ଯ୍ୟକଳାପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ ।



ପ୍ର. ପ୍ରଭାତ କୁମାର ରାଉଳ (ବାମ)ଙ୍କ ସହ ପ୍ର. ଖ୍ରୀଷ୍ଟୋଫର ଚିଏଡୋଜିଏଜେ

## ଚିପିଲିମାଠାରେ ଓୟୁଏଟିର ଆଉ ଏକ କ୍ୟାମ୍ପସ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୬୪ତମ ପ୍ରତିଷ୍ଠା ଦିବସ ଅଗଷ୍ଟ ୨୪ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ସମାରୋହକୁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିଥିଲେ । ଚିପିଲିମାଠାରେ ଓୟୁଏଟିର ଆଉ ଏକ କ୍ୟାମ୍ପସ, ସୋନପୁରରେ ମତ୍ସ୍ୟ ମହାବିଦ୍ୟାଳୟ, ମୟୂରଭଞ୍ଜ ଏବଂ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଖୋଲିବା ନେଇ ସୂଚନା ଦିଆଯାଇଥିଲା ।

## ବିକଶିତ କୃଷି ସଂକଳ୍ପ ଅଭିଯାନ

କୃଷି କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ତୃଣମୂଳସ୍ତରରେ ପହଞ୍ଚାଇ କୃଷିରେ ନବସୃଜନସୃଷ୍ଟି କରିବା ଉଦ୍ଦେଶ୍ୟରେ ପୁରୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ କୃଷିକଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜସିଂ ଚୌହାନଙ୍କ ଉପସ୍ଥିତିରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ହୋଇଥିଲା । ଭୁବନେଶ୍ୱରସ୍ଥିତ ଓୟୁଏଟି, କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମାନ୍ୟବର କେନ୍ଦ୍ର କୃଷିମନ୍ତ୍ରୀ ଯୋଗଦେଇ ଅଭିଯାନର ସଫଳ ରୂପାୟନ ଉପରେ ମତବ୍ୟକ୍ତ କରିଥିଲେ ।

## ଓୟୁଏଟି ଦ୍ୱାରା ୫ଟି ଅଣଧାନ ବିକଶିତ

ଓୟୁଏଟି ଦ୍ୱାରା ଉନ୍ନତ ୫ଟି ଅଣଧାନ ଫସଲଜାତି -ଫିଙ୍ଗରମିଲେଟ (ଶ୍ରୀନିଧି), କଳାଡାଲି (ଶ୍ରୀୟା), ନାଇଜର୍ (ପ୍ରଭାତ), ଟୋରିଆ (ଜୟନ୍ତୀ) ଓକାଷ୍ଟର୍ (ମଣିକା)କୁ ଜୁନ ୫ରେ ରାଜ୍ୟ ଭେରାଇଟି ରିଲିଜ କମିଟି, ଓଡ଼ିଶା ପକ୍ଷରୁ ଅନୁମୋଦନ ମିଳିଛି । ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏହି ସଫଳତା ପାଇଁ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରି ଉନ୍ନତ ଅଣଧାନ ଚାଷ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି କହିଛନ୍ତି ।



ଟୋରିଆ (ଜୟନ୍ତୀ)

# ଗୋ-ସମ୍ପଦ ବୀମା ଯୋଜନା

ଗୋ-ସମ୍ପଦ ବୀମା ଯୋଜନା ଅଧୀନରେ ହିତାଧିକାରୀମାନେ ବୀମା ପ୍ରିମିୟମ ମୂଲ୍ୟ ଉପରେ ୮୫ ପ୍ରତିଶତ ସବସିଡି ସହିତ ୧ରୁ୩ ବର୍ଷ ପାଇଁ ଦୁଧିଆଳୀ ଗାଈ/ମଇଁଷିଙ୍କ ପାଇଁ ବୀମା କରିପାରିବେ । ଏକ ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ ୨.୬୫ ପ୍ରତିଶତ, ଦୁଇ ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ ୪.୫୦ % ଏବଂ ତିନି ବର୍ଷ ପାଇଁ ପ୍ରିମିୟମ ମୂଲ୍ୟ ୬.୩୬% ରହିଛି ।



# ନୂତନ ପ୍ରଜାତିର କୀଟ ସନ୍ଧାନ

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ଓ ଗବେଷକମାନେ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ ଦୀଘା ଏବଂ ବାଙ୍କିପୁଟ ବଙ୍ଗୋପସାଗର ଉପକୂଳ ଅଞ୍ଚଳରୁ ଦୁଇଟି ନୂତନ ସାମୁଦ୍ରିକ କୀଟର ସନ୍ଧାନ ପାଇଛନ୍ତି । ଏହି ଦୁଇଟି ନୂଆ କୀଟର ନାମ 'ନାମାଲିକାଷ୍ଟିକ ସୋଲେନୋଟେଗ୍ନାଥା' ଓ 'ନେରେଇସ୍ ଧିତ୍ରିୟେ' ରଖାଯାଇଛି । ବଙ୍ଗପୋସାଗର ଅଞ୍ଚଳରୁ ନେରେଇଲିଡ୍ ପରିବାରର ଏହି ଦୁଇଟି ପ୍ରଜାତିର କୀଟ ସମ୍ବନ୍ଧୀୟ ଗବେଷଣାପତ୍ର ଭାବେ ଏକ ଅନ୍ତର୍ଜାତୀୟ



ବିଜ୍ଞାନ ପତ୍ରିକାରେ ପ୍ରକାଶ ପାଇଛି । ପୃଥିବୀରେ ପ୍ରଥମ ଥର ପାଇଁ ଏକ କୀଟର ସନ୍ଧାନ ମିଳିଛି ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଅନିଲ ମହାପାତ୍ର ସୂଚନା ଦେଇଛନ୍ତି । 'ନାମାଲିକାଷ୍ଟିକ ସୋଲେନୋଟେଗ୍ନାଥା' ପ୍ରଜାତିର ହେନ୍ତାଳ ବନ, ଗଛର ଛେଲି ଏବଂ କଠିନ ମାଟି ସହ ସମ୍ପୃକ୍ତ । ଅନ୍ୟପକ୍ଷରେ 'ନେରେଇସ୍ ଧିତ୍ରିୟେ' ପ୍ରଜାତି ବାଲୁକାମୟ ସମୁଦ୍ରତଟରେ ପଡିଥିବା କାଠ ଟୁକୁଡା ମଧ୍ୟରେ ବାସ କରେ । ଏହି ପ୍ରଜାତିଗୁଡିକ ପରିବେଶର ସ୍ଥିତି ଚିହ୍ନଟ କରିବାରେ ସୂଚକ ଭାବେ ମଧ୍ୟ ଉପଯୋଗ ହୋଇପାରନ୍ତି । ଉକ୍ତ ଅଧ୍ୟୟନରୁ ଜଣାପଡିଛି ଯେ ଏହି ପ୍ରଜାତିଗୁଡିକ ଅଧିକାଂଶ ଦୂଷିତ ଉପକୂଳୀୟ ଅଞ୍ଚଳ ଓ ମାନବସୃଷ୍ଟ କାର୍ଯ୍ୟକଳାପରେ ପ୍ରଭାବିତ କ୍ଷେତ୍ରରେ ମିଳିଥାଆନ୍ତି ।

## ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା



ମତ୍ସ୍ୟ ଚାଷ କ୍ଷେତ୍ରରେ ନିରନ୍ତର ବିକାଶ ଆଣିବା ଲକ୍ଷ୍ୟ ନେଇ ତଥା ଭାରତରେ ନୀଳ ବିପ୍ଳବ ଆଣିବା ଲାଗି ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଲାଗୁ ହୋଇଛି । ଏହି ବାବଦକୁ କେନ୍ଦ୍ର ସରକାର ୨୦,୦୫୦ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି ।

# ଦୃଷ୍ଟାନ୍ତ

**ଶେଷ ପାହାଚରେ ଉପନୀତ ୨୦୨୫ । ଚଳିତ ବର୍ଷ କୃଷି, ମତ୍ସ୍ୟ ଏବଂ ପ୍ରାଣୀପାଳନ କ୍ଷେତ୍ରରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା....**

## ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ଅଧୀନରେ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ୨୨୩୯ କୋଟି ଟଙ୍କାର ବଜେଟ ଅନୁମୋଦନ ମିଳିଛି । ୧୭ଟି ପ୍ରମୁଖ ଉଦ୍ଦେଶ୍ୟକୁ କେନ୍ଦ୍ର କରି ଏହି ଯୋଜନା ମାଧ୍ୟମରେ ପ୍ରାୟ ତିନି ଲକ୍ଷ ମତ୍ସ୍ୟଜୀବୀ, ୫୦,୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୭ ଲକ୍ଷ ଲୋକଙ୍କୁ ପରୋକ୍ଷରେ ନିଯୁକ୍ତି ମିଳିପାରିବ । ଏହି ଯୋଜନା ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷରେ ୩୪୩.୯୯ କୋଟି ବ୍ୟୟବରାଦ କରାଯାଇଛି ।

### ମାଛଧରା ଡଙ୍ଗାରେ ଇସ୍ରୋ ଟ୍ରାନ୍ସପଣ୍ଡରର ସ୍ଥାପନ

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୨୮୪ ଗୋଟି ଯନ୍ତ୍ରଚାଳିତ ଡଙ୍ଗାରେ ଦ୍ୱିପାକ୍ଷିକ ସୂଚନା ଯୋଗାଯୋଗ ନିମନ୍ତେ ଇସ୍ରୋ ଟ୍ରାନ୍ସପଣ୍ଡର ସଫଳତାର ସହ ସ୍ଥାପନ କରାଯାଇଛି । ଏହାର ବ୍ୟବହାର ଦ୍ୱାରା ବାତ୍ୟା 'ଦାନା' ସମୟରେ ଡଙ୍ଗା/ଭେସଲର ସ୍ଥିତିକୁ ପ୍ରଭାବଶାଳୀ ଟ୍ରାକିଙ୍ଗ କରାଯାଇପାରିଥିଲା ।



## 'ଓଡ଼ିଶା ଏମ୍‌ଏଫ୍‌ଆର୍‌ଏ'ର କାର୍ଯ୍ୟକାରିତା

ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଆଇନ, ୧୯୮୧ରେ ସଂଶୋଧନ ପାଇଁ ୨୦୨୪-୨୫ରେ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି । ମାଛଧରା ଡଙ୍ଗା ପଞ୍ଜୀକରଣ, ଲାଇସେନ୍ସ ଏବଂ ନବୀକରଣ ପ୍ରବର୍ତ୍ତନ ଏବଂ ବିଚାର ମାଛଧରା କଟକଣା ଆଇନ ଏହି ନିୟମ ଅନୁଯାୟୀ ନିୟନ୍ତ୍ରିତ ହୋଇଥାଏ ।

## ଏ-ହେଲ୍‌ପ

ଏ-ହେଲ୍‌ପ ପ୍ରାଣୀ ସ୍ୱାସ୍ଥ୍ୟ ଓ ସମ୍ପ୍ରସାରଣ ମାଧ୍ୟମରେ ପ୍ରାଣିଜ ଉତ୍ପାଦନ ପାଇଁ ସ୍ୱୀକୃତୀପ୍ରାପ୍ତ ଏଜେଣ୍ଟଙ୍କର ଏକ ଦଳ । ଗାଁଗୁଡ଼ିକରେ ପ୍ରାଣୀସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେ କୌଣସି କାର୍ଯ୍ୟ ପାଇଁ ଏହାର କର୍ମୀମାନେ ପ୍ରଥମେ କଲ୍ ପାଇବେ । ପ୍ରାରମ୍ଭିକ ଭାବରେ ୨୦୦୦ ଏ-ହେଲ୍‌ପ କର୍ମୀଙ୍କୁ ନିୟୋଜନ କରାଯିବାର ଯୋଜନା ରହିଛି ।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ.କେ.ୟୁ.ୱାଇ)ରେ ବାଣିଜ୍ୟିକ କୃଷି ଉଦ୍ୟୋଗ ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ/ସଂଶୋଧନକରିଛନ୍ତି । ରାଜ୍ୟରେ କୃଷକ ଏବଂ କୃଷି ଉଦ୍ୟୋଗୀମାନଙ୍କର ଅଭିବୃଦ୍ଧି ଓ ଲାଭ ଉଦ୍ଦେଶରେ ଏହି ଯୋଜନାର ସମସ୍ତ ପର୍ଯ୍ୟାୟ ଏକ ସ୍ୱଚ୍ଛ ଏବଂ ସମୟ ଅବଧି ମଧ୍ୟରେ ଅନଲାଇନ୍ ମାଧ୍ୟମରେ ହେଉଛି ।

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନୂତନ ବୃହତ୍ ଯୋଜନା 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ହୋଇଛି । ଏହି ଯୋଜନା ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏଥିଲାଗି ବଜେଟ୍ ରହିଛି ୧୪୩୨.୪୭କୋଟି ଟଙ୍କା । ଏହି ଯୋଜନା ଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୫,୪୭,୮୩୭ ଚାଷୀଙ୍କୁ ଲାଭ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି ।

## ନୂଆ ପ୍ରଜାତିର ମାଛ ଠାବ

ମଣିପୁର କାମ୍‌ଜୋଙ୍ଗ ଜିଲାର ତାରେତଲୋକ ନଦୀରେ ନୂତନ ପ୍ରଜାତିର ଏକ ମଧୁର ଜଳ ମାଛ ଆବିଷ୍କାର କରାଯାଇଛି । ପିଅର ରିଭ୍ୟୁଡ ସାଇଣ୍ଟିଫିକ୍ ଜର୍ନାଲ 'ଜୁଟାକ୍ସାରେ ଏ ବିଷୟରେ ଏକ ସନ୍ଦର୍ଭ ପ୍ରକାଶ ପାଇଛି । ଲାବୋନିନ୍ ମାଛର ନୂତନ ପ୍ରଜାତି 'ଗାରା ନାମ୍ବାସିଏନ୍‌ସିସ'କୁ ସ୍ଥାନୀୟ କାମୋସ ଖୁଲ୍ଲେନ ନିକଟସ୍ଥ ନାମ୍ବାଶି ଉପତ୍ୟକାର ତାରେତଲୋକ ନଦୀରେ ଏକ ମାଛ ଠାବ ହୋଇଛି । ମଣିପୁରର ଧନମଞ୍ଜୁରୀ ୟୁନିଭର୍ସିଟିର ଆସୋସିଏଟ୍ ପ୍ରଫେସର ବୁକ୍‌ଡନ୍ ସାଙ୍ଗନିକମଙ୍କ ନେତୃତ୍ୱରେ ଗବେଷକମାନେ ଏହି ନୂତନ ପ୍ରଜାତିର ମାଛକୁ ଆବିଷ୍କାର କରିଛନ୍ତି ।



## ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା

ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ରାଜ୍ୟ କ୍ୟାବିନେଟ ଦ୍ୱାରା ଅନୁମୋଦିତ ହୋଇଛି । ଏହି ଯୋଜନାରେ ଦୁଇଟି ଉପ-ଯୋଜନା (କୁକ୍କୁଟ ବିକାଶ ଏବଂ କ୍ଷୁଦ୍ର ପ୍ରାଣୀ ବିକାଶ) ରହିଛି । କୁକ୍କୁଟ ଉନ୍ନୟନ ଯୋଜନା ରାଜ୍ୟରେ ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ କରାଯିବ । ଏଥିପାଇଁ ୧୦୩୧.୧୯ କୋଟି ବଜେଟ ରଖାଯାଇଛି । ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟତୀତ ରାଜ୍ୟର ଲକ୍ଷାଧିକ ଚାଷୀ ଉପକୃତ ହେବେ । ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ପ୍ରତିବର୍ଷ ପ୍ରାୟ ୯୫.୫୮ ହଜାର ମେଟ୍ରିକ ଟନ୍ ମାଂସ ଏବଂ ପ୍ରତିଦିନ ପ୍ରାୟ ୫.୫ ଲକ୍ଷ ଅଣ୍ଡା ଅତିରିକ୍ତ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ।

## କୃଷି ଓଡ଼ିଶା-୨୦୨୫

ଚଳିତ ବର୍ଷ ରାଜ୍ୟସ୍ତରୀୟ କୃଷି ମେଳା-୨୦୨୫ରେ ପ୍ରାଣୀ ସମ୍ପଦ ବିକାଶ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏଥିରେ ୭ଟି ଇଣ୍ଡୋର ଷ୍ଟଲ୍ ଏବଂ ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ପକ୍ଷୀ ଏବଂ ସବୁଜ ଗୋଖାଦ୍ୟ ସହିତ ଜୀବନ୍ତ ପ୍ରାଣୀମାନଙ୍କୁ ପ୍ରଦର୍ଶନ କରାଯାଇଥିଲା ।



କୃଷି ଓଡ଼ିଶା-୨୦୨୫ରେ (ବାମରୁ) ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଛେଳିଙ୍କ କୃତ୍ରିମ ପ୍ରଜନନ

ବ୍ଲାକ୍ ବେଙ୍ଗଲ ଏବଂ ଗଞ୍ଜାମ ଭଳି ଦେଶୀ ପ୍ରଜାତିର ଶୁକ୍ର ବ୍ୟବହାର କରି ଛେଳିଙ୍କ ରାଜ୍ୟବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଆରମ୍ଭ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି । ଏହାର ଲକ୍ଷ୍ୟ ହେଉଛି ଛେଳି ପ୍ରଜାତିଗୁଡିକର ଉତ୍ପାଦକତା ଏବଂ ଗୁଣବତ୍ତା ବୃଦ୍ଧି କରିବା ।



ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୩୧/୨୦୨୫ Bhubaneswar, Wednesday, December 31/ 2025

# ସିରିଜ୍ କ୍ଲିନ୍ ସୁଇପ୍ କଲା ଭାରତ

ଥିରୁଭାନନ୍ତପୁରମ,୩୦।୧୨

ଅଧିନାୟିକା ହରମନପ୍ରୀତ କୌରଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍‌କୁ ଭାରତ ୧୫ ରନରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୫-୦ରେ ସୁଇପ୍ କରିଛି। ଏହି ମ୍ୟାଚ୍ ଜରିଆରେ ଜି. କମଳିନୀ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ବେଳେ ଦୀପ୍ତି ଶର୍ମା ଅନ୍ତର୍ଜାତୀୟ ଟି୨୦ରେ ସର୍ବାଧିକ ସଂଖ୍ୟକ ଉଇକେଟ ନେବାର ରେକର୍ଡର ଅଧିକାରୀ ହୋଇଛନ୍ତି।

ଆମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଭାରତ ପାଇଁ ଗତ ୩ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶେଫାଳି ବର୍ମା (୫) ବିଫଳ ହୋଇଥିବା ବେଳେ ପଦାର୍ପଣ ମ୍ୟାଚ୍‌ରେ କମଳିନୀ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ। ଏପରିକି ୧୦.୪ ଓଭର ସୁଦ୍ଧା ଭାରତ ୭୭ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅଧିନାୟିକା ହରମନପ୍ରୀତ ଓ ଅମନଜୋତ କୌର ଷଷ୍ଠ ଉଇକେଟରେ ୬୧ ରନ ଯୋଡ଼ିଥିଲେ। ଅମନଜୋତ ୨୧ (୧ ଲେଖାଏ ଚୌକା ଓ ଛକା) ରନ କରି ପାଭିଲିଅନ ଫେରିଥିବା ବେଳେ ହରମନପ୍ରୀତ ୪୩ ବଲରେ ୯ ଚୌକା ଓ ୧ ଛକା ସହିତ ୬୮ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅରୁନ୍ଧତୀ ରେଡ୍ଡୀ ୧୧ ବଲରେ ୨୭ (୪ ଚୌକା ଓ ୧ ଛକା) ଓ ସ୍ନେହ ରାଣା ୮ (୧ ଚୌକା) ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିପାରିଥିଲା। ଜବାବରେ ଶ୍ରୀଲଙ୍କା ଆରମ୍ଭରୁ ଅଧିନାୟିକା ଚମାରି ଆଥାପାଥୁ (୨)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ହସିନୀ ପେରେରା ଓ ଇମେଶ ଦୁଲାନି ଦ୍ୱିତୀୟ ଉଇକେଟରେ ୭୯ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଦୁଲାନି (୫୦ ରନ୍, ୮ ଚୌକା) ଓ ହସିନୀ ୬୫ (୮ ଚୌକା ଓ ୧ ଛକା) ରନ କରି ଆଉଟ୍ ହେବା ପରେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଫଳରେ ଶ୍ରୀଲଙ୍କା ୨୦ ଓଭରରେ ୭ ଉଇକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୧୭୫/୭ (ହରମନପ୍ରୀତ କୌର-୬୮, ଅରୁନ୍ଧତୀ ରେଡ୍ଡୀ-୨୭*, କଭିଶା ଦିଲହାରୀ-୨/୧୧, ଚମାରି ଆଥାପାଥୁ-୨/୨୧)। ଶ୍ରୀଲଙ୍କା: ୨୦ ଓଭରରେ ୧୬୦/୭ (ହସିନୀ ପେରେରା-୬୫, ଇମେଶା ଦୁଲାନି-୫୦, ଅରୁନ୍ଧତୀ ରେଡ୍ଡୀ-୧/୧୬ , ଅମନଜୋତ କୌର-୧/୧୭)।


ପଦାର୍ପଣକାରୀ ଜି. କମଳିନୀଙ୍କୁ ଟିମ୍ ଇଣ୍ଡିଆ କ୍ୟାପ୍ ପ୍ରଦାନ କରୁଛନ୍ତି ଅଧିନାୟିକା ହରମନପ୍ରୀତ୍ କୌର୍।

## ଭାରତର କ୍ରୀଡ଼ା ପ୍ରଶାସନର ତ୍ରୁଟି ଦର୍ଶାଇଲେ ବିନ୍ଦ୍ରା

ନୂଆଦିଲ୍ଲୀ,୩୦।୧୨: କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଅଭିନବ ବିନ୍ଦ୍ରାଙ୍କ ନେତୃତ୍ୱରେ ଗଠିତ ଟାସ୍କ ଫୋର୍ସ ଭାରତର କ୍ରୀଡ଼ା ପ୍ରଶାସନରେ ରହିଥିବା ବ୍ୟବସ୍ଥାଗତ ତ୍ରୁଟିକୁ ପ୍ରଦର୍ଶିତ କରିବା ସହ ଆଇଏଏସ୍ ଅଧିକାରୀଙ୍କ ସମେତ ବିଶେଷଜ୍ଞ କ୍ୟାଡରଙ୍କ ଟ୍ରେନିଂ ଲାଗି ସ୍ୱୟଂଶାସିତ ସଂସ୍ଥା ଗଠନ କରିବାକୁ ପରାମର୍ଶ ଦେଇଛନ୍ତି। ଟାସ୍କ ଫୋର୍ସ ପକ୍ଷରୁ ମଙ୍ଗଳବାର ୧୭୦ ପୃଷ୍ଠା ବିଶିଷ୍ଟ ରିପୋର୍ଟ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ନିକଟରେ ଦାଖଲ କରାଯାଇଛି। ଏ ରିପୋର୍ଟରେ ଦିଆଯାଇଥିବା ସମସ୍ତ ପରାମର୍ଶ କାର୍ଯ୍ୟକାରୀ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଭାରତୀୟ କ୍ରୀଡା ପାଇଁ ଏକ ସ୍ଥାୟୀ ଓ ପେସାଦାର ଶାସନ ବ୍ୟବସ୍ଥା ପ୍ରସ୍ତୁତ ଲାଗି ଟାସ୍କ ଫୋର୍ସର ଗଠନ କରାଯାଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ), ଜାତୀୟ କ୍ରୀଡ଼ା ଫେଡେରେଶନ ଓ ରାଜ୍ୟ ବିଭାଗ ମଧ୍ୟରେ ଥିବା ଖାଲି ସ୍ଥାନକୁ ପୂରା କରିବା ପାଇଁ ନ୍ୟାଶନାଲ କାଉନ୍‌ସିଲ ଫର୍ ସ୍ପୋର୍ଟ୍ସ ଏଜୁକେଶନ ଆଣ୍ଡ କାପାସିଟି ବିଲ୍ଡିଂ (ଏନ୍‌ସିଏସ୍‌ଇସିବି) ପ୍ରତିଷ୍ଠା କରିବାକୁ ଟାସ୍କ ଫୋର୍ସ ପକ୍ଷରୁ ସୁପାରିସ କରାଯାଇଛି। ଏହି ୯ ଜଣିଆ ଟାସ୍କ ଫୋର୍ସକୁ ଅଗଷ୍ଟରେ ଗଠନ କରାଯାଇଥିଲା। ଏଥିରେ ଆଦିଲ ସୁମରିୱାଲା ଓ ପୂର୍ବତନ ଟାଗେର୍ଟ ଅଲିମ୍ପିକ୍ ପୋଡିୟମ ଯୋଜନା ସିଇଓ କ୍ୟାଡର ରାଜେଶ ରାଜାଗୋପାଳନ ଆଦି ରହିଛନ୍ତି। ଆମେ କ୍ରୀଡ଼ା ଇକୋ ସିଷ୍ଟମ ସହିତ ଜଡ଼ିତ ହୋଇଥିଲୁ। ଆମେ ଆଥଲେଟ୍ସ, ସରକାରୀ ଅଧିକାରୀ, ସାଇ ପ୍ରଶାସକ, ଏନ୍‌ଏସ୍‌ଏଫ୍ ପ୍ରତିନିଧି, ରାଜ୍ୟ ପ୍ରଶାସକ, ଏକାଡେମୀ ଏକ୍ସର୍ଟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନ ସହ ପରାମର୍ଶ କରିଥିଲୁ। ସାଇ, ସମସ୍ତ ଜାତୀୟ କ୍ରୀଡ଼ା ଫେଡେରେଶନ ଓ ରାଜ୍ୟ ବିଭାଗ ମଧ୍ୟରେ ରହିଥିବା ଗ୍ୟାପ ଜାତୀୟ ନୀତିକୁ ଉଚିତ ଭାବେ କାର୍ଯ୍ୟକାରୀ କରିବାରେ ବାଧା ଦେବା ସହିତ ଫେଡେରେଶନ ଓ ଅନ୍ୟ ଅଂଶୀଦାର ମଧ୍ୟରେ ଥିବା ସହଯୋଗକୁ ଦୁର୍ବଳ କରୁଛି।




## ନୂଆ ରେକର୍ଡ ପ୍ରତିଷ୍ଠା କଲେ ଅଂଶିକା

ଭୁବନେଶ୍ୱର,୩୦।୧୨ (ଅନାଦି କର)

କଟକର ପୋଲିସ ଗ୍ରାଉଣ୍ଡରେ ଚାଲିଥିବା ୭୧ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ ପ୍ରତିଯୋଗିତାରେ ଅଂଶିକା ରାଉତରାୟ ନୂଆ ରାଜ୍ୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। କିଟ୍ ୟୁନିଭରସିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଂଶିକା ୨୩ ବର୍ଷରୁ କମ୍ ବାଳିକା ବର୍ଗର ଶଟ୍‌ପୁଟ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଏଥିସହିତ ସେ ନିଜ ବୟସ ବର୍ଗର ଡିସ୍କସ ଥ୍ରୋ ଇଭେଣ୍ଟରେ ରୌପ୍ୟ ପଦକ ମଧ୍ୟ ଜିତିଛନ୍ତି।


ଅଂଶିକା ରାଉତରାୟ

# ଦୀପ ରଞ୍ଜନଙ୍କୁ ଦ୍ୱୈତ ସଫଳତା


ପଦକ ବିଜେତା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଓ ଅନ୍ୟମାନେ।

**ଓଡ଼ିଶା ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର,୩୦।୧୨ (ଅନାଦି କର)

ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ର ଦୀପ ରଞ୍ଜନ ବିଷୋଇ ଦ୍ୱୈତ ସଫଳତା ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ଏସ୍‌ଏଲ୍ ୩, ଏସ୍‌ୟୁ-୩ କାଟେଗୋରୀ ଫାଇନାଲରେ ସୁନ୍ଦରଗଡ଼ର ଦୀପ ରଞ୍ଜନ ବିଷୋଇ ଓ ସମ୍ବଲପୁରର କୁଲଦୀପ ମହାକୁଳ ୨୧-୮, ୨୧-୮ ଗେମ୍‌ରେ ଖୋର୍ଦ୍ଧାର ଜି ଦିଲାଶ୍ୱର ରାଓ ଓ ଅଭିଜିତ ପ୍ରଧାନଙ୍କୁ ହରାଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୪ କାଟେଗୋରୀରେ ଦୀପ ରଞ୍ଜନ ୧୯-୨୧, ୨୧-୧୬, ୨୧-୧୧ ଗେମ୍‌ରେ ସମ୍ବଲପୁରର କୁଲଦୀପ ମହାକୁଲଙ୍କୁ, ଏସ୍‌ୟୁ-୫ କାଟେଗୋରୀରେ ନୂଆପଡ଼ାର ବିଶ୍ୱାସ ରଞ୍ଜନ ପଣ୍ଡା ୧୮-୨୧, ୨୧-୧୮, ୨୧-୧୩ ଗେମ୍‌ରେ ଖୋର୍ଦ୍ଧାର ଶେକ ଆସିଫ ଜମାଲଙ୍କୁ ଓ ଏସ୍‌ଏଚ୍-୬ କାଟେଗୋରୀ ଫାଇନାଲରେ କେନ୍ଦୁଝରର ବାଦଲ ମୁଣ୍ଡା ୨୧-୭, ୨୧-୬ ଗେମ୍‌ରେ ସୁନ୍ଦରଗଡ଼ର ଗିରିଜା ଶଙ୍କର ସ୍ୱାଇଁଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୧ କାଟେଗୋରୀରେ କୋରାପୁଟର ସୁଦର୍ଶନ ନାଗ ୨୧-୩, ୨୧-୭ ଗେମ୍‌ରେ କେନ୍ଦୁଝରର ଅଭୟ କୁମାର ଜେନାଙ୍କୁ ଓ ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୨ କାଟେଗୋରୀରେ ଅନୁଗୁଳର ନୁରୁଲ ଖାନ ୨୧-୩, ୨୧-୫ ଗେମ୍‌ରେ କୋରାପୁଟର ସନ୍ତୋଷ କୁମାର ବେହେରାଙ୍କୁ ହରାଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ-୩ କାଟେଗୋରୀରେ କଳାହାଣ୍ଡିର ଆକାଶ ରଞ୍ଜନ ମୁଣ୍ଡା ୨୨-୨୦, ୨୦-୨୨, ୨୨-୨୦ ଗେମ୍‌ରେ କେନ୍ଦୁଝରର ପୁଜ୍ୟମ ମିଶ୍ରଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୧ ଓ ଡବ୍ଲ୍ୟୁଏଚ୍-୨ କମ୍ବାଇଣ୍ଡ କାଟେଗୋରୀରେ କେନ୍ଦୁଝରର ଭାନୁମତି ବେହେରା ୨୧-୪, ୨୧-୭ ଗେମ୍‌ରେ ସମ୍ବଲପୁରର ଅନିତା ମୁଣ୍ଡାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ଡବଲ୍ସ ଏସ୍‌ୟୁ-୫ କାଟେଗୋରୀରେ ସମ୍ବଲପୁରର ରାଣୀ ଗାର୍ଡିଆ ୨୧-୩, ୨୧-୪ ଗେମ୍‌ରେ ଖୋର୍ଦ୍ଧାର ସଂଗୀତା ଘାଡାଙ୍କୁ ପରାସ୍ତ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ଉପ ସଚିବ ଅମିତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରାଲିମ୍ପିଆନ ମାର୍କାଣ୍ଡ ରେଡ୍ଡୀ, ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଅମରେନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## ଓଡ଼ିଶାର ହ୍ୟାଟ୍ରିକ ବିଜୟ

ଭୁବନେଶ୍ୱର,୩୦।୧୨ (ଅନାଦି କର): ଜମ୍ମୁସ୍ଥିତ ଏମ୍ ଏ ଷ୍ଟାଡିୟମ ସ୍କେଟିଂ ରିଙ୍ଗ ଜମ୍ମୁଠାରେ ଚାଲିଥିବା ୧୭ତମ ଜାତୀୟ ଜୁନିୟର ରୋଲ ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ଜବରଦସ୍ତ ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬-୩ ବ୍ୟବଧାନରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୬-୨ ବ୍ୟବଧାନରେ ତାମିଲନାଡୁକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଓଡ଼ିଶା ୨୮-୨ ପଏଣ୍ଟର ବଡ଼ ବ୍ୟବଧାନରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି।

## ଆଘାତପ୍ରାପ୍ତ ସତ୍ତ୍ୱେ ଇଂଲଣ୍ଡ ସମ୍ଭାବ୍ୟ ଦଳରେ ଆର୍ଚର

ଲଣ୍ଡନ, ୩୦।୧୨ (ପି.ଟି.): ଫେବୃଆରୀରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଇଂଲଣ୍ଡ ଘୋଷଣା କରିଥିବା ଏହାର ସମ୍ଭାବ୍ୟ ୧୫ ଜଣିଆ ତାଲିକାରେ ଆଘାତପ୍ରାପ୍ତ ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କୁ ସ୍ଥାନ ମିଳିଛି। ଆଡିଲେଡ୍‌ଠାରେ ତୃତୀୟ ଆଶେସ ଟେଷ୍ଟ ବେଳେ ତାଙ୍କ ବାମ ପାର୍ଶ୍ୱରେ ଆଘାତ ଲାଗିଛି। ହ୍ୟାରୀ ବ୍ରୁକ୍‌ଙ୍କୁ ଦଳର ଅଧିନାୟକ କରାଯାଇଥିବା ବେଳେ ସୀମିତ ଓଭର କ୍ରିକେଟ ଖେଳି ନ ଥିବା ପେସ୍ ବୋଲର ଜୋଶୁଆ ଟଙ୍ଗ୍‌ଙ୍କୁ ଦଳରେ ନିଆଯାଇଛି। ଆର୍ଚର ଜାନୁଆରୀ ୨୨ରୁ ଆରମ୍ଭ ହେବାକୁଥିବା ଶ୍ରୀଲଙ୍କା ହ୍ୱାଇଟ୍ ବଲ୍ ଟୁରରେ ମଧ୍ୟ ଆର୍ଚର ଖେଳିବେନି।

# ଦୀପ୍ତି ନମ୍ବର ୱାନ୍: ଶେଫାଳୀ, ରେଣୁକାଙ୍କ ଉନ୍ନତି

ଦୁବାଇ, ୩୦।୧୨ (ପି.ଟି.)

ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ଟି୨୦ ପ୍ଲେୟର୍ସ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ବିସ୍ଫୋରକ ଓପନର ଶେଫାଳୀ ବର୍ମା ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହି ୨୧ ବର୍ଷୀୟା ପୂର୍ବତନ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ବ୍ୟାଟର ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ରେ ୩୪ ବଲ୍‌ରେ ଅପରାଜିତ ୬୯ ରନ କରିଥିଲେ। ସେ ପରେ ତୃତୀୟ ଓ ଚତୁର୍ଥ ମ୍ୟାଚରେ ଯଥାକ୍ରମେ ୪୨ ବଲ୍‌ରୁ ୭୯ ଓ ୪୬ ବଲ୍‌ରୁ ୭୯ ରନ କରିବା ଦ୍ୱାରା ତାଙ୍କର ୪ ସ୍ଥାନ ପଦୋନ୍ନତି ଘଟିଛି। ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ରେ ଆକର୍ଷଣୀୟ ୮୮ ରନ ଯୋଗୁ ଉପ-ଅଧିନାୟିକା ସ୍ମୃତି ମନ୍ଧାନା ତୃତୀୟ ସ୍ଥାନ ବଜାୟ ରଖିଥିବା ବେଳେ ଜେମିମା ରୋଡ୍ରିଗ୍ସ ଗୋଟିଏ ସ୍ଥାନ ତଳକୁ ଖସି ୧୦ମ ସ୍ଥାନକୁ ଚାଲି ଆସିଛନ୍ତି। ପୁରୁଖା ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ବୋଲର ତାଲିକାରେ ନମ୍ବର-୧ ସ୍ଥାନ ବଜାୟ ରଖିଥିବା ବେଳେ ରେଣୁକା ସିଂ ଠାକୁର ଟପ୍ ୧୦ରେ ଯୋଗ ଦେଇଛନ୍ତି। ବୋଲିଂ ର୍‍ୟାଙ୍କିଙ୍ଗରେ ଏକଦା କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୩ୟ ସ୍ଥାନରେ ପହଞ୍ଚି ପାରିଥିବା ଠାକୁର ୮ ସ୍ଥାନ ଉପରକୁ ଉଠି ମିଳିତ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ତୃତୀୟ ମ୍ୟାଚରେ ମ୍ୟାଚ୍ ବିଜୟୀ ବୋଲିଂ କରି ସେ ୨୧ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ, ଯାହାଫଳରେ ଭାରତ ୮ ଉଇକେଟରେ ବିଜୟ ଲାଭ କରିବା ସହ ସିରିଜ ଜିତି ନେଇଥିଲା। ସଦ୍ୟ ପ୍ରକାଶିତ ସାପ୍ତାହିକ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ଦୁଇ ବାମହାତୀ ସ୍ପିନର ଶ୍ରୀ ଚାରାନି ଓ ବୈଷ୍ଣବ ଶର୍ମାଙ୍କର ମଧ୍ୟ ଅଗ୍ରଗତି ଘଟିଛି। ବୋଲିଂ ର୍‍ୟାଙ୍କିଙ୍ଗରେ ଚାରାନି ୧୭ ସ୍ଥାନ ଉପରକୁ ଉଠି ୫୨ତମ ସ୍ଥାନରେ ପହଞ୍ଚିଥିବା ବେଳେ ବୈଷ୍ଣବୀ ଶର୍ମା ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ସିରିଜରେ ୩୯୦ ସ୍ଥାନ ଉପରକୁ ଉଠି ୧୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡ ଓ ୱେଲ୍ସରେ ହେବାକୁଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ଦଳରେ ସ୍ଥାନ ପାଇବା ଲାଗି ସେ ସମ୍ଭାବନା ସୃଷ୍ଟି କରିଛି।

**ଆଇସିସି ମହିଳା ର୍‍ୟାଙ୍କିଙ୍ଗ**


ଦୀପ୍ତି ଶର୍ମା

# ଫେଡେରେଶନ କପ୍ ଉଷୁ: ଓଡ଼ିଶାକୁ ୨୯ ପଦକ


ପଦକ ଜିତିଥିବା ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୩୦।୧୨(ଅନାଦି କର)

ଛତିଶଗଡ଼ର ରାଜନନ୍ଦାଗାଓଁସ୍ଥିତ ସଂସ୍କାର ସିଟି ଇଣ୍ଟରନ୍ୟାଶନାଲ ସ୍କୁଲରେ ଚାଲିଥିବା ନବମ ଫେଡେରେଶନ କପ୍ ଉଷୁ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଆଥଲେଟମାନେ ୫ ସ୍ୱର୍ଣ୍ଣ, ୩ ରୌପ୍ୟ ସହ ମୋଟ ୨୯ ପଦକ ଜିତିଛନ୍ତି। ସବ୍-ଜୁନିୟର ବର୍ଗରେ କ୍ରିଷ୍ଟା ମୁଣ୍ଡା, ମଞ୍ଜୁ ମୁଣ୍ଡା, ସାବିତ୍ରୀ ମୁଣ୍ଡା ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅଙ୍କିତା ମାଝୀ ରୌପ୍ୟ ଏବଂ ଓମ୍ ମହାକୁଡ, ସିଓନ ମହାନ୍ତ, ଦିବ୍ୟଜ୍ୟୋତି ସିତାରି, ରଶ୍ମିୟା ମୁଣ୍ଡା, ଅନିକେତ ମାଝୀ, ଆରାଧନା ମାଝୀ, ଦିବ୍ୟଜ୍ୟୋତି ବେହେରା, ଆଶା ବେହେରା, ବିଷ୍ଣୁ ପ୍ରିୟା ସାହୁ, ତ୍ରିଷ୍ଟା ସେଠୀ ଏବଂ ହିପସିତା ପ୍ରଧାନ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଜୁନିୟର ବିଭାଗରେ ରମେଶ ମୁଣ୍ଡା ଓ ସମ୍ରିଧି ଜିଆଂଶୁ ରୌପ୍ୟ ଏବଂ ଶ୍ୱେତାରାନୀ ମହାନ୍ତ, ଉନ୍ନତି ପ୍ରସାଦ, ସମ୍ରାଧି, ସାଧାନା ମାଝୀ, ନୟନ ରୟ, ଇଶାରୟ ନିଶା, ସଫିଆ ଏଜାଜ ବ୍ରୋଞ୍ଜ ପଦକ ଜିତିଛନ୍ତି। ସିନିୟର ବିଭାଗରେ ରାଜକୁମାର ମୁଣ୍ଡା ଓ ଆୟୁଷ ଅଂଶୁମାନ ସାହୁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଆଲୋକ ନାଏକ ଓ ପ୍ରିୟଙ୍କା ବେହେରା ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ୫୩ ଖେଳାଳିଙ୍କ ସମେତ ୫୮ ଜଣିଆ ଓଡ଼ିଶା ଦଳ ଭାଗ ନେଇଥିଲା। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ବିଚାରପତି ଭାବେ, ସୁଶାନ୍ତ ନାଏକ (ସାଣ୍ଡା) ଓ ଟିକା ବାହାଦୁର (ତାଓଲୁ) ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ପଙ୍କଜ ମହାନ୍ତ ଓ ସୁଜନା ରଥ ଟିମ କୋଚ୍ ଭାବେ ଦଳ ସହ ଯାତ୍ରା କରିଥିଲେ।

# ୧୦ରୁ ପୂର୍ବାଞ୍ଚଳ ବଡି ବିଲ୍ଡିଂ ଚାମ୍ପିୟନଶିପ୍

ଭୁବନେଶ୍ୱର,୩୦।୧୨(ଅନାଦି କର)

ଆସନ୍ତା ୧୦ରୁ ଇଷ୍ଟର୍ନ ଇଣ୍ଡିଆ ବଡି ବିଲ୍ଡର୍ସ ଆସୋସିଏଶନ ଆନୁକୂଲ୍ୟରେ ବଉଳଗଡ଼ କ୍ଲବ ଓ ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ୍ ଫିଟନେସ ଆସୋସିଏଶନର ମିଳିତ ଉଦ୍ୟମରେ ୧୨ତମ ପୂର୍ବାଞ୍ଚଳ ଭାରତ ପୁରୁଷ ଓ ମହିଳା ବଡି ବିଲ୍ଡିଂ ଓ ଫିଜିକ ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ଅରୁଣାଞ୍ଚଳ ପ୍ରଦେଶ, ଆସାମ, ବିହାର, ଝାଡଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ସିକିମ, ତ୍ରିପୁରା, ୱେଷ୍ଟବେଙ୍ଗଲ ଆଦି ୧୨ ରାଜ୍ୟରୁ ୪୪୦ ଆଥ୍‌ଲେଟ୍ସ ଓ ୧୦୦ ଅଫିସିଆଲ ଭାଗ ନେବେ। ଓଡ଼ିଶାରୁ ୨୫ ପୁରୁଷ ଓ ୫ ମହିଳା ଭାଗ ନେବେ। ୧୪ କାଟେଗୋରୀରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ମୋଟ ୪.୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏ ନେଇ ଭୁବନେଶ୍ୱରସ୍ଥିତ କେଦାର ଗୌରୀ ରିଜର୍ଟରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବଉଳଗଡ଼ କ୍ଲବ ଚେୟାରମ୍ୟାନ ତଥା ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସୂଚନା ଦେଇଛନ୍ତି। ତାଙ୍କ ସହିତ କ୍ଲବର ସମ୍ପାଦକ ରାଧାମାଧବ ମହାପାତ୍ର, ଇଷ୍ଟର୍ନ ଇଣ୍ଡିଆ ବଡି ବିଲ୍ଡର୍ସ ଆସୋସିଏଶନ ଏବଂ ଓଡ଼ିଶା ବଡି ବିଲ୍ଡିଂ ଆଣ୍ଡ ଫିଟ୍‌ନେସ ଆସୋସିଏଶନ (ଓବିବିଏଫ୍‌ଏ) ସାଧାରଣ ସମ୍ପାଦକ ପ୍ରଶନ୍ନ କୁମାର ମହାସୁଆର, ସହାୟକ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବଡି ବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ନଭେମ୍ବରରେ ଇଣ୍ଡୋନେସିଆରେ ୱାର୍ଲ୍ଡ ବଡି ବିଲ୍ଡିଂ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ଜିତିଥିଲେ।



ବଡିବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ